ଧରିତ୍ରୀ
DHARITRI
51 Years
ଭୁବନେଶ୍ୱର, ଗୁରୁବାର, ସେପ୍ଟେମ୍ବର ୧୧/୨୦୨୫ (୧୪ ପୃଷ୍ଠା) | Bhubaneswar, Thursday, September 11/2025 | Page 14 | ₹ 7.00 | RAYAGADA
୫୧ଶ ଭାଗ ୨୮୭ ସଂଖ୍ୟା | www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul | VOLUME 51 ISSUE 287 | ମୂଲ୍ୟ ₹୭/-



## ସାତ୍ ଖୁନ୍ ମାଫ୍ ଦେଖି ନ ଥିଲେ...

ଅଭିନେତ୍ରୀ ପରିଣୀତି ଚୋପ୍ରା 'ସାତ୍ ଖୁନ୍ ମାଫ୍' ଫିଲ୍ମ ଦେଖିବା ପରେ ଅଭିନୟ ପ୍ରତି ମନ ବଳାଇଥିଲେ। ବୋଧହୁଏ ଏହା ନ ଦେଖିଥିଲେ ତାଙ୍କ ଜୀବନରେ ଭିନ୍ନ କିଛି ଘଟିଥାନ୍ତା।

୧୩

୧୪

## ପଦକ ନିଶ୍ଚିତ କଲେ ନୂପୁର

ଲିଭରପୁଲରେ ଅନୁଷ୍ଠିତ ବିଶ୍ୱ ବକ୍ସିଂ ଚାମ୍ପିୟନଶିପ୍‌ରେ ଭାରତ ପାଇଁ ପ୍ରଥମ ପଦକ ନିଶ୍ଚିତ କରିଛନ୍ତି ହେଭିୱେଟ ବକ୍ସର ନୂପୁର ଶେଓରାନ।



# ସାର ପାଇଁ 'ଆଧାର' ଧାଡ଼ି



**ୟୁରିଆ ସାର ଅଭାବ ଚିନ୍ତା ବଢ଼ାଇଛି**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଗୌରଗୋଠ ପାକ୍ସ ସମ୍ମୁଖରେ ୟୁରିଆ ସାର ନେବା ପାଇଁ ଚାଷୀମାନେ ବୁଧବାର ଭୋରରୁ ସେମାନଙ୍କର ଆଧାର କାର୍ଡକୁ ଲମ୍ବାଧାଡ଼ିରେ ରଖି ଅପେକ୍ଷା କରିଛନ୍ତି।

ଦେଓଗାଁ,୧୦।୯ (କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକରେ ଏବେ ଧାନ ଚାଷ ପାଇଁ ୟୁରିଆ ସାରର ଘୋର ଅଭାବ ଦେଖାଦେଇଛି। ଚଳିତ ବର୍ଷ ଠିକ୍ ସମୟରେ ଚାଷୀଙ୍କୁ ୟୁରିଆ ସାର ଯୋଗାଇବାରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି। ଦେଓଗାଁ ବ୍ଲକର ଗୌରଗୋଠ ବ୍ଲକରେ ବୁଧବାର ସାର ନେବା ପାଇଁ ଆଧାର କାର୍ଡ ରଖି ଚାଷୀଙ୍କ ଲମ୍ବା ଲାଇନ ଏହାର ଏକ ଉଦାହରଣ ହୋଇଛି। ବ୍ଲକରେ ୧୨ଟି କୃଷି ସେବା ସମବାୟ ସମିତି ରହିଛି। ଏହି ସେବା ସମବାୟ ସମିତିଗୁଡ଼ିକୁ ୟୁରିଆ ସାର ଆସିବା ଜଣା ପଡିବା କ୍ଷଣି ଚାଷୀମାନଙ୍କ ଅସମ୍ଭାଳ ଭିଡ ପରିଲକ୍ଷିତ ହେଉଛି। ବ୍ଲକର ଗୌରଗୋଠ ପାକ୍ସରେ ୭୬୦ ଜଣ ଚାଷୀ ଧାନ ବିକ୍ରୟ କରିବା ପାଇଁ ପଞ୍ଜୀକୃତ ହୋଇଥିବା ବେଳେ ୩୧୫ ବସ୍ତା ୟୁରିଆ ସାର ବଣ୍ଟନ ପାଇଁ ଆସିଛି। ସାର ଆସିବା ଖବର ପ୍ରଚାରିତ ହେବା ପରେ ବୁଧବାର ଭୋର ସମୟରୁ ଉକ୍ତ ପାକ୍ସ ସମ୍ମୁଖରେ ପ୍ରାୟ ୭ ଶହରୁ ଊର୍ଦ୍ଧ୍ୱ ଚାଷୀ ଆଧାର କାର୍ଡଗୁଡିକୁ ଧାଡିରେ ରଖି ଲମ୍ବା ଲାଇନରେ ସାର ପାଇବା ଆଶାରେ ଅପେକ୍ଷାରେ ଥିବା ଦେଖିବାକୁ ମିଳିଥିଲା। ତେବେ ମାତ୍ର ୩୧୫ ପ୍ୟାକେଟ ସାର ଆସିଥିବାରୁ ପାକ୍ସ କର୍ତ୍ତୃପକ୍ଷ ପ୍ରଥମେ ଋଣୀ ଚାଷୀମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ଚାଷୀ ପ୍ରତି ଗୋଟିଏ ପ୍ୟାକେଟ ଲେଖାଏ ସାର ଦେବାର ନିଷ୍ପତ୍ତି ନେଇଥିଲେ। ଫଳରେ ଅପେକ୍ଷାରେ ଥିବା ଅନେକ ଚାଷୀ ସାର ପାଇବାରୁ ବଞ୍ଚିତ ହୋଇଥିଲେ। ଏହାକୁ ନେଇ ସାର ପାଇ ପାରିନଥିବା ଚାଷୀମାନଙ୍କ ମଧ୍ୟରେ ଉତ୍ତେଜନା ଦେଖା ଦେଖା ଦେଇଥିଲା। ଅନେକ ଚାଷୀ ରାଜ୍ୟ ସରକାରଙ୍କ ବିଫଳତାକୁ ନେଇ ପାକ୍ସ ସମ୍ମୁଖରେ ବିଭିନ୍ନ ନାରା ଦେଇ ବିକ୍ଷୋଦ୍‌ଗାର କରିଥିଲେ। ଚାଷୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ତୁରନ୍ତ ୟୁରିଆ ସାର ଯୋଗାଇବା ପାଇଁ ଚାଷୀ ସଂଗଠନ ପକ୍ଷରୁ ଦାବି ହୋଇଛି। ଏ ଦିଗରେ ପ୍ରଶାସନ ତଥା ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଚାଷୀ ମହଲରେ ଦାବି ହେଉଛି।

# ତେଜିଲା ମାକ୍ରଁ ବିରୋଧୀ ଆନ୍ଦୋଳନ

**'ବ୍ଲକ୍ ଏଭ୍ରିଥିଙ୍ଗ୍': ୩୦୦ ଆନ୍ଦୋଳନକାରୀ ଗିରଫ**

## ସେବାସ୍ତିଆନ୍ ଲେକୋର୍ନୁ ୧୨ ମାସରେ ଫ୍ରାନ୍ସର ୪ର୍ଥ ପ୍ରଧାନମନ୍ତ୍ରୀ

**ସୋସିଆଲ ମିଡିଆ ନିଷିଦ୍ଧ ଭଳି କେତେକ ଜନବିରୋଧୀ ସରକାରୀ ପଦକ୍ଷେପ ପାଇଁ ନେପାଳରେ ଯୁବ, ଛାତ୍ର ଗୋଷ୍ଠୀ ଯେଭଳି ବ୍ୟାପକ ହିଂସା ଘଟାଇ ଶାସନ ପରିବର୍ତ୍ତନ ନିମନ୍ତେ ପରିବେଶ ସୃଷ୍ଟି କରିଛନ୍ତି, ସେଭଳି ସ୍ଥିତି ବୁଧବାର ୟୁରୋପୀୟ ଦେଶ ଫ୍ରାନ୍ସରେ ଘଟିଛି। ରାଜନୈତିକ ଅସ୍ଥିରତା ଏବଂ ଅର୍ଥନୀତି ଦୁଃସ୍ଥିତିରେ ଅତିଷ୍ଠ ଫ୍ରାନ୍ସବାସୀ ରାଷ୍ଟ୍ରପତି ଇମାନୁଏଲ ମାକ୍ରଁଙ୍କ ବିରୋଧରେ ରାସ୍ତାକୁ ଓହ୍ଲାଇ ହିଂସା ଘଟାଇଛନ୍ତି। 'ବ୍ଲକ୍ ଏଭ୍ରିଥିଙ୍ଗ୍' ମୁଭ୍‌ମେଣ୍ଟ ଚଳାଇ ଫ୍ରାନ୍ସ ନାଗରିକମାନେ ବ୍ୟାପକ ପୋଡ଼ାଜଳା କରିଛନ୍ତି। ସରକାରଙ୍କ ପକ୍ଷରୁ ଆନ୍ଦୋଳନକାରୀଙ୍କୁ ଦମନ ପାଇଁ ବଳପ୍ରୟୋଗ ହୋଇଥିଲେ ମଧ୍ୟ ସ୍ଥିତି ନିୟନ୍ତ୍ରଣକୁ ଆସିପାରିନାହିଁ। ଏହି ଆନ୍ଦୋଳନ ପ୍ରତି ସ୍ୱତଃପ୍ରବୃତ୍ତ ଜନସମର୍ଥନ ଥିବାରୁ ମାକ୍ରଁ ସରକାର ପାଇଁ ବିପଦ ଘନେଇଛି।**

ପ୍ୟାରିସ୍,୧୦।୯

ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରଁଙ୍କ ବିରୋଧରେ ଦେଶରେ ପୁଣି ମୁଣ୍ଡ ଟେକିଛି ଆନ୍ଦୋଳନ। ମାକ୍ରଁ ନିଜ ଅନୁଗତ ତଥା ପ୍ରତିରକ୍ଷା ମନ୍ତ୍ରୀ ସେବାସ୍ତିଆନ୍ ଲେକୋର୍ନୁ(୩୯)ଙ୍କୁ ମଙ୍ଗଳବାର ପ୍ରଧାନମନ୍ତ୍ରୀ ନିଯୁକ୍ତ କରିଛନ୍ତି। ବର୍ଷକ ମଧ୍ୟରେ ଦେଶରେ ଚତୁର୍ଥ ଥର ପ୍ରଧାନମନ୍ତ୍ରୀ ନିଯୁକ୍ତି, ରାଜନୈତିକ ଅସ୍ଥିରତା ଓ ଆର୍ଥିକ ନିଅଣ୍ଟ ସ୍ଥିତିକୁ ନେଇ କ୍ଷୁବ୍ଧ ଫରାସୀ ନାଗରିକମାନେ ବୁଧବାର ମାକ୍ରଁ ଏବଂ ତାଙ୍କ ସରକାର ବିରୋଧରେ ବଡ଼ଧରଣର ବିକ୍ଷୋଭ କରିଛନ୍ତି। 'ବ୍ଲକ୍ ଏଭ୍ରିଥିଙ୍ଗ୍ ମୁଭ୍‌ମେଣ୍ଟ' ବ୍ୟାନରରେ ରାଜଧାନୀ ପ୍ୟାରିସ୍ ସମେତ ଦେଶର ବିଭିନ୍ନ ଭାଗରେ ରାସ୍ତା ଅବରୋଧ କରି ଯାନବାହନଗୁଡ଼ିକୁ ଜଳାପୋଡ଼ା କରିଛନ୍ତି। ଆନ୍ଦୋଳନକାରୀଙ୍କ ଜଳାପୋଡ଼ା ଓ ଭଙ୍ଗାରୁଜା ଭିତରେ ଏହି ୟୁରୋପୀୟ ରାଷ୍ଟ୍ର ଅଶାନ୍ତ ହୋଇପଡ଼ିଛି। ପରିବହନ ଓ ସାଧାରଣ ଜୀବନଯାତ୍ରା ବ୍ୟାହତ ହୋଇଛି। ବିକ୍ଷୋଭକାରୀମାନେ ବିଦ୍ରୋହର ପରିବେଶ ସୃଷ୍ଟି କରୁଥିବା ଦର୍ଶାଇ ପ୍ରାୟ ୩୦୦ ଜଣଙ୍କୁ ଗିରଫ କରାଯାଇଥିବା ଗୃହମନ୍ତ୍ରୀ ବ୍ରୁନୋ ରିଟାଇଲ୍ଲେଉ କହିଛନ୍ତି। ସ୍ଥିତି ନିୟନ୍ତ୍ରଣକୁ ଆଣିବା ପାଇଁ ଅଭୂତପୂର୍ବ ସୁରକ୍ଷା ବନ୍ଦୋବସ୍ତ କରାଯାଇଛି। ସାରା ଦେଶରେ ୮୦,୦୦୦ ପୋଲିସ ଅଧିକାରୀଙ୍କୁ ମୁତୟନ କରାଯାଇଛି। ଏହାସତ୍ତ୍ୱେ ବିକ୍ଷୋଭକାରୀମାନେ ବ୍ୟାରିକେଡ୍ ଭାଙ୍ଗି, ଟାୟାର ଜାଳି ବିଭିନ୍ନ ଅଞ୍ଚଳରେ ଆନ୍ଦୋଳନ ଜାରି ରଖିଛନ୍ତି। ପ୍ୟାରିସ୍‌ରେ ଅଳିଆଗଦାଗୁଡ଼ିକରେ ସେମାନେ ନିଆଁ ଲଗାଇଦେବାରୁ ରାଜଧାନୀର ପ୍ରମୁଖ ଅଞ୍ଚଳରେ ଲୋକେ ଯାତାୟାତ କରିପାରିନାହାନ୍ତି।

ଫ୍ରାନ୍ସ ପ୍ରଧାନମନ୍ତ୍ରୀ ଫ୍ରାଙ୍କୋଇସ୍ ବେରୌ ସୋମବାର ପାର୍ଲାମେଣ୍ଟରେ ଆସ୍ଥା ହରାଇବା ପରେ ନିଜ ପଦରୁ ବିଦା ହୋଇଛନ୍ତି। ମାତ୍ର ୯ ମାସ ପ୍ରଧାନମନ୍ତ୍ରୀ ରହିଥିବା ୭୪ ବର୍ଷୀୟ ବେରୌଙ୍କ ପ୍ରତି ଏମ୍‌ପିମାନେ ଅନାସ୍ଥା ପ୍ରକଟ କରିବା ପରେ ସମ୍ବିଧାନର ଅନୁଚ୍ଛେଦ ୫୦ ଅନୁଯାୟୀ ସେ ଇସ୍ତଫା ଦେବାକୁ ବାଧ୍ୟ ହୋଇଥିଲେ। ଏହି ଘଟଣାକ୍ରମ ୟୁରୋପର ଦ୍ୱିତୀୟ ସର୍ବବୃହତ୍ ଅର୍ଥନୀତି ପାଇଁ ନୂଆ ସଙ୍କଟକୁ ଡାକିଆଣିଛି। ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରଁ କାଳବିଳମ୍ବ ନ କରି ମଙ୍ଗଳବାର ପ୍ରତିରକ୍ଷାମନ୍ତ୍ରୀ ସେବାସ୍ତିଆନ୍ ଲେକୋର୍ନୁଙ୍କୁ ବେରୌଙ୍କ ନୂଆ ଉତ୍ତରାଧିକାରୀ ଚୟନ କରିଛନ୍ତି। ୧୨ ମାସ ମଧ୍ୟରେ ଚତୁର୍ଥ ଥର ପ୍ରଧାନମନ୍ତ୍ରୀ ପରିବର୍ତ୍ତନକୁ ଦେଶବାସୀ ଗ୍ରହଣ କରିପାରି ନାହାନ୍ତି। ଦେଶରେ ରାଜନୈତିକ ଅସ୍ଥିରତା ସୃଷ୍ଟି ହୋଇ ଅର୍ଥନୀତି ଖରାପ ଆଡ଼କୁ ଗତି କରୁଥିବାବେଳେ ମାକ୍ରଁ ସେଥିପ୍ରତି ଅଣଦେଖା କରୁଥିବାରୁ ଦେଶରେ ଅସନ୍ତୋଷ ☞ପୃଷ୍ଠା-୪



ଫ୍ରାନ୍ସର ମାର୍ସିଲେରେ 'ବ୍ଲକ୍ ଏଭ୍ରିଥିଙ୍ଗ୍ ମୁଭ୍‌ମେଣ୍ଟ'ରେ ସାମିଲ ଆନ୍ଦୋଳନକାରୀ ବୁଧବାର ବିକ୍ଷୋଭ ଶୋଭାଯାତ୍ରା କରୁଛନ୍ତି। (ଫଟୋ ସୌଜନ୍ୟ: ଏ.ପି.)

# ଭୁବନେଶ୍ୱର 'ନ୍ୟୁ ସିଟି' ଯୋଜନାକୁ ଅନୁମୋଦନ

**ଭୁବନେଶ୍ୱରରେ 'ନ୍ୟୁ ସିଟି' ଉନ୍ନୟନ ଯୋଜନାକୁ ଅନୁମୋଦନ ସାଙ୍ଗକୁ ରାଜ୍ୟରେ ପଞ୍ଚାୟତିରାଜ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା, ଆମ୍ବୁଲାନ୍ସ ସେବାକୁ ଅଧିକ ଗତିଶୀଳ କରିବା ଆଦି ୫ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଉପରେ ରାଜ୍ୟ କ୍ୟାବିନେଟ୍ ବୁଧବାର ମୋହର ମାରିଛି।**

ଭୁବନେଶ୍ୱର,୧୦।୯ (ରବିନାରାୟଣ ଜେନା)

**ରାଜ୍ୟ କ୍ୟାବିନେଟ୍‌ରେ ୫ ପ୍ରସ୍ତାବକୁ ମୋହର**

ରାଜଧାନୀ ଭୁବନେଶ୍ୱରରେ ଗଢ଼ିଉଠିବ ଆଉ ଏକ ନୂଆ ସହର। ଏନେଇ ରାଜ୍ୟ ସରକାରଙ୍କ ପକ୍ଷରୁ କିଛିଦିନ ତଳୁ ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ବୁଧବାର ରାଜ୍ୟ କ୍ୟାବିନେଟ୍‌ର ମୋହର ବାଜିଛି। ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକ ପରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଗଣମାଧ୍ୟମକୁ କହିଥିଲେ, ଭୁବନେଶ୍ୱର ପାଇଁ 'ନୂଆ ସହର ଉନ୍ନୟନ'(ନ୍ୟୁ ସିଟି) ଯୋଜନାକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ ଦେଇଛି। ଏହି ପ୍ରକଳ୍ପ ☞ପୃଷ୍ଠା-୪

## ବିଡିଓ, ଯନ୍ତ୍ରୀଙ୍କ ଆର୍ଥିକ, ପ୍ରଶାସନିକ କ୍ଷମତା ବଢ଼ିଲା

ଭୁବନେଶ୍ୱର,୧୦।୯(ରବିନାରାୟଣ ଜେନା)

ରାଜ୍ୟ କ୍ୟାବିନେଟ୍ ବୈଠକ ପରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ଗ୍ରାମ ପଞ୍ଚାୟତ ସମିତିସ୍ତରରେ ବୃଦ୍ଧି ପାଇଥିବା ପାଣ୍ଠିର ପ୍ରବାହ ଓ ବିକାଶମୂଳକ କାର୍ଯ୍ୟର ପରିମାଣକୁ ଦୃଷ୍ଟିରେ ରଖି ଓଡ଼ିଶା ପଞ୍ଚାୟତ ସମିତି ହିସାବ ପ୍ରଣାଳୀ ନିୟମାବଳୀ-୨୦୦୨ ଅଧୀନରେ ନିର୍ଦ୍ଧାରିତ ବୈଷୟିକ ମଞ୍ଜୁରୀ ଓ ପ୍ରଶାସନିକ ଅନୁମୋଦନ କ୍ଷମତାକୁ ବୃଦ୍ଧି କରାଯାଇଛି। ଏଣିକି ବ୍ଲକ ଉନ୍ନୟନ ଅଧିକାରୀ(ବିଡିଓ)ମାନଙ୍କର ପଞ୍ଚାୟତ ସମିତି କାର୍ଯ୍ୟର ବିଲ୍ ପାସ୍ କରିବା ପାଇଁ ଆର୍ଥିକ କ୍ଷମତା ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି। ଏହାଦ୍ୱାରା ପଞ୍ଚାୟତସ୍ତରରେ ବିକାଶମୂଳକ ଯୋଜନାଗୁଡ଼ିକର ସୁଗମ କାର୍ଯ୍ୟାନ୍ୱୟନ ହୋଇପାରିବ। ସେହିପରି ପଞ୍ଚାୟତ ସମିତି ପ୍ରକଳ୍ପଗୁଡ଼ିକର ☞ପୃଷ୍ଠା-୪

# ଶିଳ୍ପ, ବ୍ୟବସାୟିକ ପ୍ରତିଷ୍ଠାନ ଉପରେ ୫୩୩.୬୨ କୋଟି ଜଳକର ବାକି

ବ୍ରହ୍ମପୁର,୧୦।୯(ଅଶୋକ କୁମାର ସାହୁ)

ଚଳିତ ଆର୍ଥିକ ବର୍ଷ ଜୁନ୍ ସୁଦ୍ଧା ଗଞ୍ଜାମ, ଗଜପତି ଓ ରାୟଗଡା ଜିଲାର ବିଭିନ୍ନ ଶିଳ୍ପ ଓ ବ୍ୟବସାୟିକ ସଂସ୍ଥା ନିକଟରେ ଜଳକର ବାବଦକୁ ୫୩୩.୬୨କୋଟି ଟଙ୍କା ବାକି ପଡିଛି। ୨ମାସ ଭିତରେ ଏହା ଆଦାୟ କରିବାକୁ ରାଜ୍ୟ ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏ ସଂକ୍ରାନ୍ତରେ ରାଜ୍ୟ ଜଳସମ୍ପଦ ବିଭାଗ ପକ୍ଷରୁ ଗତ ୧ ତାରିଖ ଚିଠି ନଂ. ୨୫୭୩୬ରେ ବ୍ରହ୍ମପୁର ଜଳସେଚନ ବିଭାଜନ, ଭଞ୍ଜନଗର ଜଳସେଚନ ବିଭାଜନ ଓ ହରଭଙ୍ଗୀ ଜଳସେଚନ ବିଭାଜନ ନଂ.୩କୁ ଜଣାଇ ଦିଆଯାଇଛି। ଉପରୋକ୍ତ ୩ ଜିଲାର ୧୧୯ ଶିଳ୍ପ ଓ ବ୍ୟବସାୟିକ ସଂସ୍ଥା ଉପରେ ଉପରୋକ୍ତ ପରିମାଣର ଜଳକର ଦେବାକୁ ଅଛି। ସମ୍ପୃକ୍ତ ଶିଳ୍ପ ସଂସ୍ଥାଗୁଡିକ ଏକକାଳୀନ ସମାଧାନ ବା ୱାନ ଟାଇମ୍ ସେଟେଲମେଣ୍ଟ(ଓଟିଏସ୍) କରିନାହାନ୍ତି କି କର ପୈଠ କରିନାହାନ୍ତି। ତେଣୁ ସମ୍ପୃକ୍ତ ସଂସ୍ଥାଗୁଡିକୁ ତୁରନ୍ତ କର ପୈଠ କରିବା ପାଇଁ ନୋଟିସ ଦେବାକୁ ଜଳ ସମ୍ପଦ ବିଭାଗର ଇଞ୍ଜିନିୟର-ଇନ୍-ଚିଫ୍ ପ୍ଲାନିଂ ଆଣ୍ଡ ଡିଜାଇନଙ୍କ ପକ୍ଷରୁ କୁହାଯାଇଛି। ହରିଭଙ୍ଗୀ ଜଳସେଚନ ବିଭାଜନ ଅଧୀନରେ ଅଧିକ ଜଳକର ବାକି ପଡିଥିବାବେଳେ ଦ୍ୱିତୀୟରେ ବ୍ରହ୍ମପୁର ଓ ତୃତୀୟରେ ଭଞ୍ଜନଗର ରହିଛି। ବିଶେଷକରି ମଦ ଓ ଇଟା ତିଆରି ଶିଳ୍ପ ଉପରେ ଅଧିକ କର ବାକି ପଡିଛି। ଚାଷ ଜମିକୁ ଜଳସେଚନ ବ୍ୟବସ୍ଥା ନୈରାଶ୍ୟଜନକ ଥିବାବେଳେ ଶିଳ୍ପ ସଂସ୍ଥାକୁ ପାଣି ଦେବାରେ ସରକାର ଆଗଭର ବୋଲି ଚର୍ଚ୍ଚା ହେଉଛି। ରାଜ୍ୟର ବିଭିନ୍ନ ନଦୀନାଳରୁ ଉଚ୍ଚ କ୍ଷମତା ସମ୍ପନ୍ନ ପମ୍ପ ମାଧ୍ୟମରେ ଶିଳ୍ପ ସଂସ୍ଥାଗୁଡିକ ପରିଚାଳନା ପାଇଁ ହଜାର ହଜାର କ୍ୟୁସେକ ପାଣି ଉତ୍ତୋଳନ କରୁଛନ୍ତି। ଦୀର୍ଘଦିନରୁ ଏତେ ଟଙ୍କା ବାକି ଥିଲେ ବି ଶିଳ୍ପ ଓ ବ୍ୟବସାୟିକ ପ୍ରତିଷ୍ଠାନମାନେ କର ପୈଠ କରିବାକୁ କାହିଁକି ପଛଘୁଞ୍ଚା ଦେଉଛନ୍ତି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ରିପୋର୍ଟ ଅନୁସାରେ ବ୍ରହ୍ମପୁର ଜଳସେଚନ ବିଭାଜନରୁ ଜଳ ଶୋଷୁଥିବା ପ୍ରାୟ ୬୮ଟି ଛୋଟ ଶିଳ୍ପ ଓ ବ୍ୟବସାୟିକ ପ୍ରତିଷ୍ଠାନ ୧୧୨୨.୮୮ ଲକ୍ଷ ଟଙ୍କା କର ପୈଠ କରିବାକୁ ଅଛନ୍ତି। ସେଥିମଧ୍ୟରେ ବ୍ରହ୍ମପୁର ୱାଟ୍‌କୋ ୧୮.୯୫୯ ଲକ୍ଷ, ଆଇଆରଇଏଲକୁ ଜଳ ଯୋଗାଉଥିବା ବ୍ରହ୍ମପୁର ଜନସ୍ୱାସ୍ଥ୍ୟ ବିଭାଗ ୨୭୫.୭୧୩ ଲକ୍ଷ, ପୂର୍ବତଟ ରେଲୱେ ☞ପୃଷ୍ଠା-୪

## ଅକ୍ଟୋବରରୁ ହୋଇପାରେ ଦେଶବ୍ୟାପୀ ଏସ୍‌ଆଇଆର୍

ନୂଆଦିଲ୍ଲୀ,୧୦।୯

ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ଦେଶବ୍ୟାପୀ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ଆରମ୍ଭ ହୋଇପାରେ ବୋଲି ନିର୍ବାଚନ କମିଶନ (ଇସି)ଙ୍କ ସୂତ୍ରରୁ ଜଣାପଡ଼ିଛି। ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ମାନଙ୍କ ସହ ବୁଧବାର ଏସ୍‌ଆଇଆର୍ ପ୍ରକ୍ରିୟାର ପ୍ରସ୍ତୁତି ଆଲୋଚନା ବେଳେ ଏହି ପ୍ରସ୍ତାବକୁ କମିଶନ ସବୁଜ ସଙ୍କେତ ଦେଇଛନ୍ତି। ନିକଟରେ ନିର୍ବାଚନ କମିଶନ ବିହାର ବିଧାନସଭା ଭୋଟକୁ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**
ମଇଁଷିର ସାଂସ୍କୃତିକ ମହତ୍ତ୍ୱ



ଭୁବନେଶ୍ୱର ଲୋକସେବା ଭବନରେ ବୁଧବାର ଅନୁଷ୍ଠିତ ୨୬ ତମ ରାଜ୍ୟ କ୍ୟାବିନେଟ୍ ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅଧ୍ୟକ୍ଷତା କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଗତ ୨୫ଟି କ୍ୟାବିନେଟ୍ ବୈଠକରେ ନିଆଯାଇଥିବା ୩୪ଟି ବିଭାଗର ୧୪୯ଟି ନିଷ୍ପତ୍ତିର ଅନୁପାଳନ ରିପୋର୍ଟକୁ ଉନ୍ମୋଚନ କରୁଛନ୍ତି। ନିକଟରେ ଅଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ କନକବର୍ଦ୍ଧନ ସିଂଦେଓଙ୍କ ସମେତ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା।



କାଠମାଣ୍ଡୁର ଏକ ଜେଲରୁ ଖସିଯାଇଥିବା କଏଦୀମାନଙ୍କୁ ଧରି ଜଣେ ସେନା କର୍ମଚାରୀ ଯାଉଛନ୍ତି।

# ଜେଲରୁ ୭ ହଜାର କଏଦୀ ଫେରାର

## ଭାରତ ସୀମାରେ ୫ କଏଦୀଙ୍କୁ ଗିରଫକଲା ଏସ୍ଏସ୍ବି

## ଦେଶବ୍ୟାପୀ ନେପାଳ ସେନାର କର୍ଫ୍ୟୁ

କାଠମାଣ୍ଡୁ, ୧୦।୯ (ପି.ଟି.)

ନେପାଳରେ ଜେଡ୍ଜେଡ୍ ପକ୍ଷରୁ କରାଯାଉଥିବା ଆନ୍ଦୋଳନ ମଙ୍ଗଳବାର ହିଂସ୍ର ରୂପ ଧାରଣ କରିବା ପରେ ସ୍ଥିତିକୁ ନିୟନ୍ତ୍ରଣକୁ ଆଣିବା ପାଇଁ ନେପାଳ ସେନା ପକ୍ଷରୁ ଦେଶବ୍ୟାପୀ କର୍ଫ୍ୟୁ ଏବଂ ବିଭିନ୍ନ କଟକଣା ଜାରି କରାଯାଇଛି। ବୁଧବାର ନେପାଳ ସେନା ପକ୍ଷରୁ ବୟାନ ଜାରି କରି କୁହାଯାଇଛି, ଆନ୍ଦୋଳନ ହିଂସ୍ର ରୂପ ନେବାର ସୁଯୋଗ ନେଇ ବିଭିନ୍ନ ଅସାମାଜିକ ସଙ୍ଗଠନ ଏବଂ ବ୍ୟକ୍ତି ବିଭିନ୍ନ ସ୍ଥାନରେ ପୋଡ଼ାଜଳା, ଲୁଟପାଟ୍, ମହିଳାଙ୍କୁ ନିର୍ଯାତନା ଆଦି କ୍ଷେତ୍ରରେ ଲିପ୍ତ ରହୁଛନ୍ତି। ନେପାଳ ସେନାର ଏହା ଉପରେ କଡ଼ା ନଜର ରହିଛି। ଏହି ଘଟଣାଗୁଡ଼ିକୁ ରୋକିବା ପାଇଁ ଦେଶର ନାଗରିକମାନଙ୍କ ସହଯୋଗ ଆବଶ୍ୟକ। ତେଣୁ ଶାନ୍ତି ଏବଂ ସୁରକ୍ଷା ଦୃଷ୍ଟିରେ ରଖି ଦେଶର ବିଭିନ୍ନ ସ୍ଥାନରେ କର୍ଫ୍ୟୁ ଜାରି କରାଯାଇଛି। ସ୍ଥିତିର ଆକଳନକରି ବିଭିନ୍ନ କର୍ଫ୍ୟୁ ହଟାଯିବା ନିଷ୍ପତ୍ତି ନିଆଯିବ ବୋଲି ସେନା କହିଛି। ସ୍ଥାନୀୟ ପ୍ରଶାସନ ସହ ମିଶି ଶାନ୍ତି ବଜାୟ ରଖିବା ଓ ଆଇନଶୃଙ୍ଖଳା ସ୍ଥିତିକୁ ଫେରାଇ ଆଣିବା ପାଇଁ ଯଥେଷ୍ଟ ପ୍ରୟାସ କରାଯାଉଛି। ଯେଉଁ ବ୍ୟକ୍ତିମାନେ ହିଂସା ସମୟରେ ବିଭିନ୍ନ ଅସ୍ତ୍ରଶସ୍ତ୍ର, ଗୁଳିଗୋଳା ଆଦି ଲୁଟ୍ କରିଥିଲେ, ସେମାନେ ସେଗୁଡ଼ିକୁ ତୁରନ୍ତ ନିକଟସ୍ଥ ସୁରକ୍ଷା ସଂସ୍ଥାକୁ ହସ୍ତାନ୍ତର କରନ୍ତୁ। ସେହିପରି ସୁରକ୍ଷା ବଳର ପୋଷାକ ନ ପିନ୍ଧିବାକୁ ନାଗରିକମାନଙ୍କୁ ସେନା ଅନୁରୋଧ କରିଛି। ତେବେ ମଙ୍ଗଳବାର ନେପାଳରେ ହିଂସା ସମୟରେ ୭ ହଜାରରୁ ଅଧିକ କଏଦୀ ଦେଶର ବିଭିନ୍ନ ଜେଲରୁ ଖସିଯାଇଥିବା ନେଇ ସ୍ଥାନୀୟ ଗଣମାଧ୍ୟମ ପ୍ରକାଶ କରିଛି। ସେହିପରି ପଶ୍ଚିମ ନେପାଳର ଏକ ଜେଲରେ ସୁରକ୍ଷା କର୍ମୀଙ୍କ ସହ କଏଦୀଙ୍କ ସଂଘର୍ଷ ବେଳେ ୫ ଜଣ ନାବାଳକ କଏଦୀଙ୍କ ମୃତ୍ୟୁ ଘଟିଛି। ସେହିପରି ନେପାଳର ବିଭିନ୍ନ ଜେଲରୁ ଖସିଆସି ଭାରତରେ ପ୍ରବେଶ କରିବାକୁ ଚେଷ୍ଟା କରୁଥିବା ବେଳେ ସଶସ୍ତ୍ର ସୀମା ବଳ (ଏସ୍ଏସ୍ବି) ୫ ଜଣ କଏଦୀଙ୍କୁ ଗିରଫ କରିଛି।

## ସୁଶୀଳା କାର୍କିଙ୍କୁ ଅନ୍ତରୀଣ ପ୍ରଧାନମନ୍ତ୍ରୀ କରିବା ପାଇଁ ଜେନ୍-ଜେଡ୍ର ପ୍ରସ୍ତାବ

**ନେ**ପାଳରେ ରାଜନୈତିକ ଅସ୍ଥିରତା ମଧ୍ୟରେ ବୁଧବାର ଜେନ୍-ଜେଡ୍ ବିକ୍ଷୋଭକାରୀଙ୍କ ପକ୍ଷରୁ ଏକ ଭର୍ଚୁଆଲ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ୫ ହଜାରରୁ ଅଧିକ ଯୁବତୀଯୁବକ ଯୋଗଦେଇଥିଲେ। ସାମ୍ପ୍ରତିକ ସ୍ଥିତି ଓ ଚ୍ୟାଲେଞ୍ଜଗୁଡ଼ିକ ବିଷୟରେ ବୈଠକରେ ଚର୍ଚ୍ଚା ହୋଇଥିଲା। ଦେଶର ଅନ୍ତରୀଣ ପ୍ରଧାନମନ୍ତ୍ରୀ ପଦ ପାଇଁ ନେପାଳ ସୁପ୍ରିମକୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ସୁଶୀଳା କାର୍କି(୭୩)ଙ୍କୁ ଏହି ବୈଠକରେ ସର୍ବାଧିକ ସମର୍ଥନ ମିଳିଛି। କାଠମାଣ୍ଡୁର ମେୟର ବାଲେନ୍ ଶାହଙ୍କ ନାମକୁ ନେଇ ମଧ୍ୟ ଏହି ବୈଠକରେ ଆଲୋଚନା ହୋଇଥିଲା। ତେବେ ସେ ଜେନ୍-ଜେଡ୍ ପକ୍ଷରୁ କରାଯାଇଥିବା କଲ୍କୁ ନ ଉଠାଇବାରୁ ଅନ୍ତରୀଣ ପ୍ରଧାନମନ୍ତ୍ରୀ ପଦ ପାଇଁ ସୁଶୀଳାଙ୍କୁ ସର୍ବାଧିକ ସମର୍ଥନ ରହିଥିବା



ନେପାଳ ସୁପ୍ରିମକୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ସୁଶୀଳା କାର୍କି।

ଜଣାପଡ଼ିଛି। ସ୍ଥାନୀୟ ଗଣମାଧ୍ୟମର ସୂଚନା ମୁତାବକ, ସୁଶୀଳାଙ୍କୁ ଅନ୍ତରୀଣ ପ୍ରଧାନମନ୍ତ୍ରୀ କରିବା ପାଇଁ ଜେନ୍-ଜେଡ୍ର ସମର୍ଥନ ପତ୍ରରେ ୨,୫୦୦ରୁ ଅଧିକ ଯୁବପିଢ଼ି ସ୍ୱାକ୍ଷର କରିସାରିଲେଣି। ଖୁବ୍ଶୀଘ୍ର ଜେନ୍-ଜେଡ୍ର ଏକ ଦଳ ଅନ୍ତରୀଣ ପ୍ରଧାନମନ୍ତ୍ରୀ ପଦ ପାଇଁ ସୁଶୀଳାଙ୍କ ନାମର ପ୍ରସ୍ତାବ ନେଇ ନେପାଳର ସେନାମୁଖ୍ୟଙ୍କ ସହ ଆଲୋଚନା କରିବ ବୋଲି ଜଣାପଡ଼ିଛି।

ଅନ୍ତରୀଣ ପ୍ରଧାନମନ୍ତ୍ରୀ ପାଇଁ ଜେନ୍ଜେଡ୍ର ଏହି ପ୍ରସ୍ତାବକୁ ସୁଶୀଳା ସ୍ୱୀକାର କରିଛନ୍ତି। ଏକ ଗଣମାଧ୍ୟମକୁ ସାକ୍ଷାତ୍କାର ଦେଇ ସେ କହିଛନ୍ତି, ଅନ୍ତରୀଣ ସରକାରର ନେତୃତ୍ୱ ନେବା ପାଇଁ ଦେଶର ଯୁବପିଢ଼ି ତାଙ୍କ ଉପରେ ବିଶ୍ୱାସ କରିଛନ୍ତି। ଏହି ଦାୟିତ୍ୱ ନିଭାଇବା ପାଇଁ ସେ ପ୍ରସ୍ତୁତ। ବିକ୍ଷୋଭରେ ପ୍ରଭାବିତ ପରିବାରକୁ ସହଯୋଗ ଯୋଗାଇବା ଏବେ ନେପାଳରେ ଶାନ୍ତି ଫେରାଇ ଆଣିବା ତାଙ୍କର ପ୍ରଥମ ପ୍ରାଥମିକତା ହେବ ବୋଲି ସେ କହିଛନ୍ତି। ପ୍ରକାଶ ଯେ, ସୁଶୀଳା ହେଉଛନ୍ତି ନେପାଳର ପ୍ରଥମ ମହିଳା ପ୍ରଧାନ ବିଚାରପତି। ସେ ୨୦୧୬ରେ ନେପାଳ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଭାବେ ଶପଥ ନେଇଥିଲେ।

# ବିଜେଡିକୁ ମିଳିଛି ୨୯୭.୮୧ କୋଟି ଚାନ୍ଦା

## ୨୦୨୩-୨୪ରେ ୪୦ ଆଞ୍ଚଳିକ ଦଳର ଆୟ ୨,୫୩୨ କୋଟି

ନୂଆଦିଲ୍ଲୀ,୧୦।୯(ପି.ଟି.)

୨୦୨୩-୨୪ ଆର୍ଥିକବର୍ଷରେ ପ୍ରାୟ ୪୦ଟି ଆଞ୍ଚଳିକ ଦଳକୁ ୨,୫୩୨.୦୯ କୋଟି ଟଙ୍କାର ଚାନ୍ଦା ମିଳିଛି। ସେଥିରୁ ଓଡ଼ିଶାର ବିଜୁ ଜନତା ଦଳ (ବିଜେଡି)ର ଆୟ ହେଉଛି ୨୯୭.୮୧ କୋଟି ଟଙ୍କା। ନିର୍ବାଚନୀ ସଂସ୍କାର କ୍ଷେତ୍ରରେ କାର୍ଯ୍ୟରତ ଏନ୍ଜିଓ ଆସୋସିଏଶନ୍ ଫର୍ ଡେମୋକ୍ରାଟିକ୍ ରିଫର୍ମ୍ସ (ଏଡିଆର୍) ପକ୍ଷରୁ କରାଯାଇଥିବା ଏକ ବିଶ୍ଳେଷଣରୁ ବୁଧବାର ଏହି ବିଷୟ ଜଣାପଡ଼ିଛି।

ଏଡିଆର୍ ଉକ୍ତ ରିପୋର୍ଟରେ ଦର୍ଶାଇଛି ଯେ, ୪୦ ଅଞ୍ଚଳିକ ଦଳ ୨୦୨୩-୨୪ ଆର୍ଥିକବର୍ଷରେ କରିଥିବା ନିଜ ଆୟ ସମ୍ପର୍କରେ ଘୋଷଣା କରିଛନ୍ତି। ଆଲୋଚ୍ୟ ବର୍ଷରେ ଏହି ଦଳଗୁଡ଼ିକ ମୋଟ ୨,୫୩୨.୦୯ କୋଟି ଟଙ୍କା ଚାନ୍ଦା ପାଇଛନ୍ତି, ଯହିଁରୁ ୭୦%ରୁ ଅଧିକ ପାଣ୍ଠି ଇଲେକ୍ଟୋରାଲ ବଣ୍ଡ୍ ଜରିଆରେ ମିଳିଥିଲା। କେ. ଚନ୍ଦ୍ରଶେଖର ରାଓଙ୍କ ଦଳ ଭାରତ ରାଷ୍ଟ୍ର ସମିତି (ବିଆର୍ଏସ୍) ସର୍ବାଧିକ ୬୮୫.୫୧ କୋଟି ଟଙ୍କା ପାଇଥିବାବେଳେ ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ତୃଣମୂଳ କଂଗ୍ରେସ (ଟିଏମ୍ସି) ୬୪୬.୩୯ କୋଟି, ନବୀନ ପଟ୍ଟନାୟକଙ୍କ ବିଜେଡି ୨୯୭.୮୧ କୋଟି, ଏନ୍. ଚନ୍ଦ୍ରବାବୁ ନାଇଡୁଙ୍କ ତେଲୁଗୁ ଦେଶମ୍ ପାର୍ଟି (ଟିଡିପି) ୧୮୫.୦୭ କୋଟି ଏବଂ ଜଗନ୍ମୋହନ୍ ରେଡ୍ଡୀଙ୍କ ନେତୃତ୍ୱାଧୀନ ୱାଇଏସ୍ଆର୍ କଂଗ୍ରେସ ୧୯୧.୦୪ କୋଟି ଟଙ୍କା ଚାନ୍ଦା ପାଇଥିଲା। ଏହି ଶୀର୍ଷ ୫ ଦଳର ଆୟ ହେଉଛି ୪୦ ଆଞ୍ଚଳିକ ଦଳ ପାଇଥିବା ଚାନ୍ଦାର ୮୩.୧୭ ପ୍ରତିଶତ। ମୋଟ ଆୟର ୭୦%ରୁ ଅଧିକ ଇଲେକ୍ଟୋରାଲ ବଣ୍ଡ୍ ଜରିଆରେ ଆସିଥିଲା। ଅନ୍ୟପକ୍ଷେ ଆୟ ସମ୍ପର୍କିତ ରିପୋର୍ଟ ଦାଖଲ ପାଇଁ ରହିଥିବା ଶେଷ ତାରିଖର ୩୧୩ ଦିନ ପରେ ମଧ୍ୟ ୨୦ଟି ଆଞ୍ଚଳିକ ଦଳର ଅଡିଟ୍ ରିପୋର୍ଟ ଭାରତର ନିର୍ବାଚନ କମିଶନ (ଇସିଆଇ)ଙ୍କ ୱେବ୍ସାଇଟ୍ରେ ଉପଲବ୍ଧ ହୋଇନାହିଁ।

୨୭ ଆଞ୍ଚଳିକ ଦଳ ସେମାନଙ୍କ ଆୟର ଏକ ଅଂଶ ଖର୍ଚ୍ଚ ହୋଇ ନ ଥିବା ଦର୍ଶାଇଥିବାବେଳେ ୧୨ ରାଜନୈତିକ ଦଳ ଆଲୋଚ୍ୟ ବର୍ଷରେ ପାଇଥିବା ଟଙ୍କାରୁ ଅଧିକ ଖର୍ଚ୍ଚ କରିଥିବା ଜଣାଇଛନ୍ତି। ବିଆର୍ଏସ୍ ନିଜ ଆୟରୁ ୪୩୦.୬୦ କୋଟି ଟଙ୍କା ଖର୍ଚ୍ଚ କରିଥିବାବେଳେ ଟିଏମ୍ସି ୪୧୪.୯୨ କୋଟି ଏବଂ ବିଜେଡି ୨୫୩.୭୯ କୋଟି ଟଙ୍କା ପାଇଥିବା ଦର୍ଶାଇଛି। ଅନ୍ୟପକ୍ଷେ ୱାଇଏସ୍ଆର୍ କଂଗ୍ରେସ, ଦ୍ରାବିଡ ମୁନ୍ନେତ୍ରା କାଝାଗାମ୍ (ଡିଏମ୍କେ), ସମାଜବାଦୀ ପାର୍ଟି (ଏସ୍ପି) ଓ ସଂଯୁକ୍ତ ଜନତା ଦଳ (ଜେଡିୟୁ) ସେମାନଙ୍କ ଆୟରୁ ଅଧିକ ଖର୍ଚ୍ଚ କରିଥିବା ଜଣାଇଛନ୍ତି।

# ରୁଷିଆ ଛାଡ଼ିଲା ଡ୍ରୋନ୍, ଖସାଇଲା ପୋଲାଣ୍ଡ

ୱାର୍ସ,୧୦।୯(ଏ.ପି./ରଏଟର୍ସ)

୨୦୨୨ରୁ ୟୁକ୍ରେନ୍ ସହ ଯୁଦ୍ଧରତ ରୁଷିଆ ବୁଧବାର ପୋଲାଣ୍ଡ ବାୟୁସୀମା ଉଲ୍ଲଂଘନ କରି ସେଠାକୁ ଡ୍ରୋନ୍ ଛାଡ଼ିଛି। ତେବେ ସେଥିରୁ ଅଧିକାଂଶ ଡ୍ରୋନ୍କୁ ନର୍ଥ ଆଟ୍ଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେନ୍ (ନାଟୋ) ସହଯୋଗୀ ପୋଲାଣ୍ଡ ଖସାଇଦେଇଥିବା କହିଛି। ପୋଲାଣ୍ଡ ପ୍ରଧାନମନ୍ତ୍ରୀ ଡୋନାଲ୍ଡ ଟସ୍କ ସୋସିଆଲ ମିଡିଆରେ ଉଲ୍ଲେଖ କରିଛନ୍ତି, ମଙ୍ଗଳବାର ବିଳମ୍ବିତ ରାତି ଓ ବୁଧବାର ଭୋର ସମୟ ମଧ୍ୟରେ ବହୁସଂଖ୍ୟକ ରୁଷୀୟ ଡ୍ରୋନ୍ ତାଙ୍କ ଦେଶର ବାୟୁସୀମା ଉଲ୍ଲଂଘନ କରିଥିଲା। ପୋଲାଣ୍ଡ ନାଗରିକଙ୍କ ନିରାପତ୍ତା ପ୍ରତି ପ୍ରତ୍ୟକ୍ଷ ଭାବେ ବିପଦ ସୃଷ୍ଟିକାରୀ ଡ୍ରୋନ୍ଗୁଡ଼ିକୁ ସେନା ଖସାଇଦେଇଛି। ଏନେଇ ସେ ପାର୍ଲାମେଣ୍ଟକୁ ମଧ୍ୟ ଅବଗତ କରାଇଛନ୍ତି।

ପୋଲାଣ୍ଡ ଉପରେ ଏହା ହେଉଛି ରୁଷିଆର ପ୍ରଥମ ଡ୍ରୋନ୍ ମାଡ଼। ଏହା ପରେ ପୋଲାଣ୍ଡ ସଶସ୍ତ୍ର ବଳକୁ ହାଇଆଲର୍ଟରେ ରଖାଯାଇଛି। ସାମରିକ ଅପରେଶନ୍ ଯୋଗୁ ଏୟାରସ୍ପେସ୍କୁ ବନ୍ଦ କରାଯାଇଥିବାରୁ ୱାର୍ସ'ର ଚୋପିନ୍ ଏୟାରପୋର୍ଟରେ ବିମାନ ଚଳାଚଳକୁ ଅନେକ ଘଣ୍ଟା ପାଇଁ ସ୍ଥଗିତ କରାଯାଇଛି। ରୁଷୀୟ ସୈନ୍ୟଙ୍କ ଏହି କାର୍ଯ୍ୟକୁ ପୋଲାଣ୍ଡ ସେନା ଏକ ଅତିକ୍ରମଣ ବୋଲି ଅଭିହିତ କରିଛି।



ଡ୍ରୋନ୍ ଆକ୍ରମଣରେ କ୍ଷତିଗ୍ରସ୍ତ ପୋଲାଣ୍ଡର ୱିରିକି୍ସ୍ଥିତ ଏକ ଘର।

# ଖବରଦାତା ସମ୍ମିଳନୀରେ ବେହୋସ୍ ହେଲେ ସ୍ୱାସ୍ଥ୍ୟମନ୍ତ୍ରୀ

ଷ୍ଟକ୍ହୋମ୍, ୧୦।୯

ସୁଇଡେନ୍ ସ୍ୱାସ୍ଥ୍ୟମନ୍ତ୍ରୀ ଏଲିସାବେଥ୍ ଲାନ୍ (୪୮) ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀ କରୁଥିବା ବେଳେ ଅଚାନକ ବେହୋସ୍ ହୋଇ ତଳେ ପଡ଼ିଯାଇଥିଲେ। ସୁଇଡେନ୍ର ନୂତନ ସ୍ୱାସ୍ଥ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବାର କିଛି ଘଣ୍ଟା ପରେ ସେ ଏହି ଖବରଦାତା ସମ୍ମିଳନୀ କରୁଥିଲେ। ଏହି ସମୟରେ ତାଙ୍କ ସହ ସୁଇଡେନ୍ ପ୍ରଧାନମନ୍ତ୍ରୀ ଉଲଫ୍ କ୍ରିଷ୍ଟର୍ସସନ୍ ଉପସ୍ଥିତ ଥିଲେ। ଖବରଦାତାମାନଙ୍କ ପ୍ରଶ୍ନର ଉତ୍ତର ଦେଉଥିବା ବେଳେ ସେ ହଠାତ୍ ତଳେ ପଡ଼ିଯାଇଥିଲେ। ସେଠାରେ ଥିବା ଅଧିକାରୀ ଓ ଖବରଦାତାମାନେ ତାଙ୍କୁ ତୁରନ୍ତ ହସ୍ପିଟାଲ ନେଇଥିଲେ। ଏଲିସାବେଥ୍ଙ୍କୁ ଚେକ୍ଅପ୍ କରିବା ପରେ ତାଙ୍କ ଅବସ୍ଥା ସ୍ଥିର ଥିବା ଡାକ୍ତର କହିଛନ୍ତି। ରକ୍ତ ଶର୍କରା ସ୍ତରରେ ହ୍ରାସ ଯୋଗୁ ସେ ଅଚେତ ହୋଇ ପଡ଼ିଥିଲେ ବୋଲି ବୁଧବାର ସୁସ୍ଥ ହେବା ପରେ ଏଲିସାବେଥ୍ କହିଛନ୍ତି। ଖବରଦାତା ସମ୍ମିଳନୀରେ ସେ ବୋହୋସ୍ ହୋଇ ତଳେ ପଡ଼ିଯିବାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।



ସୁଇଡେନ୍ ସ୍ୱାସ୍ଥ୍ୟମନ୍ତ୍ରୀ ଏଲିସାବେଥ୍ ଲାନ୍

# ନବଜାତକକୁ ଫ୍ରିଜ୍ରେ ରଖି ଶୋଇପଡ଼ିଲେ ମା'

## ପୋଷ୍ଟପାର୍ଟମ ସାଇକୋସିସ୍ ରୋଗରେ ପୀଡ଼ିତ ଥିଲେ

ମୋରାଦାବାଦ, ୧୦।୯

ଉତ୍ତରପ୍ରଦେଶର ମୋରାଦାବାଦ ଜିଲା କରୁଲା ଅଞ୍ଚଳରେ ପୋଷ୍ଟପାର୍ଟମ ସାଇକୋସିସ୍ ନାମକ ଏକ ମାନସିକ ରୋଗରେ ପୀଡ଼ିତ ଥିବା ଜଣେ ମହିଳା (୨୩) ନିଜ ୧୫ ଦିନର ଶିଶୁକୁ ଫ୍ରିଜ୍ରେ ରଖି ଶୋଇପଡ଼ିଥିବାର ଖବର ସାମ୍ନାକୁ ଆସିଛି। ଗତ ୫ ତାରିଖରେ ଶିଶୁଟି ଦୀର୍ଘ ସମୟ ଧରି ଶୋଉ ନ ଥିବାରୁ ମହିଳା ଜଣକ ତାକୁ ଫ୍ରିଜ୍ ମଧ୍ୟରେ ରଖି ନିଜ ରୁମ୍କୁ ଯାଇ ଶୋଇ ପଡ଼ିଥିଲେ। ତେବେ କିଛି ସମୟ ପରେ ଘରେ ଥିବା ତାଙ୍କ ଶାଶୁଙ୍କୁ ଫ୍ରିଜ୍ ମଧ୍ୟରୁ ଶିଶୁର କାନ୍ଦ ଶୁଣାଯାଇଥିଲା। ସେ ଫ୍ରିଜ୍ ଖୋଲି ନିଜ ନାତିକୁ ଉଦ୍ଧାର କରିଥିଲେ। ତୁରନ୍ତ ଶିଶୁଟିକୁ ହସ୍ପିଟାଲ ନିଆଯାଇଥିଲା। ଠିକ୍ ସମୟରେ ଶିଶୁଟିକୁ ଫ୍ରିଜ୍ରୁ ବାହାର କରାଯାଇଥିବାରୁ ସେ ସୁରକ୍ଷିତ ରହିଛି ବୋଲି ଡାକ୍ତର କହିଛନ୍ତି। ଶିଶୁଟିର ଜେଜେମା' କହିଛନ୍ତି, ଗର୍ଭଧାରଣ ପରେ ତାଙ୍କ ବୋହୂଙ୍କ ଉପରେ ଖରାପ ଶକ୍ତିର ପ୍ରଭାବ ପଡ଼ିଥିବା ନେଇ ସେମାନେ ସନ୍ଦେହ କରିଥିଲେ। ତେଣୁ ବିଭିନ୍ନ ପାରମ୍ପରିକ ଉପାୟରେ ସେମାନେ ତାଙ୍କ ବୋହୂଙ୍କୁ ଠିକ୍ କରିବାକୁ ଚେଷ୍ଟା କରିଥିଲେ। ତେବେ ସ୍ଥିତିରେ ସୁଧାର ନ ଆସିବାରୁ ସେମାନେ ତାଙ୍କୁ ଏକ ମାନସିକ ଏବଂ ନିଶାମୁକ୍ତି କେନ୍ଦ୍ରକୁ ନେଇଥିଲେ। ସେ ପୋଷ୍ଟପାର୍ଟମ ସାଇକୋସିସ୍ ରୋଗରେ ପୀଡ଼ିତ ଥିବା ନେଇ ସେଠାରେ ମନସ୍ତତ୍ତ୍ୱବିତ୍ ଡାକ୍ତର କାର୍ତ୍ତିକେୟ ଗୁପ୍ତା କହିଥିଲେ। ସମ୍ପ୍ରତି ମହିଳା ଜଣକ ଚିକିତ୍ସାଧୀନ ଥିବା ସହ ତାଙ୍କ କାଉନ୍ସେଲିଂ ପ୍ରକ୍ରିୟା ଜାରି ରହିଛି। ପ୍ରସବ ପରେ ମହିଳାମାନଙ୍କୁ ଅବହେଳା କରାଗଲେ କିମ୍ବା ପାରିବାରିକ ସମର୍ଥନ ନ ମିଳିଲେ ଏହି ମାନସିକ ରୋଗ ସୃଷ୍ଟି ହୋଇପାରେ ବୋଲି ଡାକ୍ତର କାର୍ତ୍ତିକେୟ କହିଛନ୍ତି।

## ଫୁରସତ୍

# ନିଯୁକ୍ତି ଆଶାୟୀଙ୍କ ପାଇଁ ଘରେ ଲାଇବ୍ରେରି

ହାଇଦ୍ରାବାଦ

ସାଧାରଣତଃ ଗ୍ରାମୀଣ ଅଞ୍ଚଳର ଅନେକ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତା ମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି କରିଥାନ୍ତି। ସେମାନଙ୍କୁ ଏହି ପ୍ରସ୍ତୁତିରେ ସାହାଯ୍ୟ କରିବା ପାଇଁ ତେଲଙ୍ଗାନାର ଖମ୍ମମ ଜିଲାରେ ରହୁଥିବା ଏକ ଦମ୍ପତି ନିଜ ଘରେ ପାଠାଗାର ସ୍ଥାପନ କରିବା ସହ ଗତ ୬ ବର୍ଷ ହେବ ଏହାକୁ ଚଳାଉଛନ୍ତି। ପାରୁପଲ୍ଲୀ ସତ୍ୟନାରାୟଣ ପୁସ୍ତକାଳୟମ ନାମରେ ନାମିତ ଏହି ପାଠାଗାରଟି ୨୦୧୯ ଜୁନ୍ ୩୦ରେ ଅବସରପ୍ରାପ୍ତ ଶିକ୍ଷକ ପାରୁପଲ୍ଲୀ ଅଜୟ କୁମାର ଓ ତାଙ୍କ ସ୍ତ୍ରୀ ତଥା ଖମ୍ମମ ଏନ୍ଏନ୍ଏସ୍ପିଆଇ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଚାଭା ଦୁର୍ଗା ଭବାନୀଙ୍କ ଘରେ ଆରମ୍ଭ ହୋଇଥିଲା। ଅଜୟଙ୍କ ବାପା ପାରୁପଲ୍ଲୀ ସତ୍ୟନାରାୟଣଙ୍କ ସ୍ମୃତିରେ ଏହି



ଲାଇବ୍ରେରିକୁ ପ୍ରତିଷ୍ଠା କରାଯାଇଥିଲା। ବିଭିନ୍ନ ସରକାରୀ ନିଯୁକ୍ତି ପାଇବା ପାଇଁ ଗ୍ରାମୀଣ ଅଞ୍ଚଳର ଛାତ୍ରୀଛାତ୍ରଙ୍କୁ ସହାୟତା କରିବା ଉଦ୍ଦେଶ୍ୟରେ ସେ ଓ ତାଙ୍କ ସ୍ତ୍ରୀ ଏହି ଲାଇବ୍ରେରିକୁ ସ୍ଥାପନ କରିଥିବା ଅଜୟ କହିଛନ୍ତି।

ଅଜୟ ଓ ଦୁର୍ଗା ଏହି ଲାଇବ୍ରେରିକୁ ଗତ ୬ ବର୍ଷ ଧରି ଚଳାଉଥିବା ସହ ଏଥିପାଇଁ ସେମାନେ ଅନେକ ଲକ୍ଷ ଟଙ୍କା ନିବେଶ କରିଛନ୍ତି। ଏହି ପାଠାଗାରରେ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ଆବଶ୍ୟକ ବିଷୟଗୁଡ଼ିକର ମୋଟ ୬୭ ହଜାର ପୁସ୍ତକ ରହିଛି। ପାଠ୍ୟକ୍ରମରେ ହେଉଥିବା ବିଭିନ୍ନ ପରିବର୍ତ୍ତନ ସହ ଏହି ଦମ୍ପତି ନିୟମିତ ଭାବେ ନିଜ ଲାଇବ୍ରେରିର ପୁସ୍ତକ ସଂଗ୍ରହକୁ ଅପଡେଟ୍ କରିଥାନ୍ତି, ଯାହାଫଳରେ ଛାତ୍ରୀଛାତ୍ରମାନଙ୍କ ପଢ଼ାରେ କୌଣସି ବାଧା ଉପୁଜି ନ ଥାଏ। ନିଯୁକ୍ତି ଆଶାୟୀମାନଙ୍କ ସୁବିଧା ପାଇଁ ଅଜୟ ଓ ଦୁର୍ଗା ଉକ୍ତ ଲାଇବ୍ରେରିରେ ପାନୀୟ ଜଳ, ପଙ୍ଖା, ୱାଇଫାଇ ଏବଂ ଶୌଚାଳୟର ବ୍ୟବସ୍ଥା ମଧ୍ୟ କରିଛନ୍ତି। ପାଠାଗାରର ଏହିସବୁ ରକ୍ଷଣାବେକ୍ଷଣ ପାଇଁ ମାସିକ ପ୍ରାୟ ୨୦ ହଜାର ଟଙ୍କା ଖର୍ଚ୍ଚ ହେଉଛି, ଯାହାକୁ ଉଭୟେ ମିଶି ବହନ କରୁଛନ୍ତି। ପ୍ରତିଦିନ ଶତାଧିକ ସଂଖ୍ୟାରେ ଖମ୍ମମ, ଭଦ୍ରାଦ୍ରି କୋଠାଗୁଡେମ୍, ସୂର୍ଯ୍ୟପେଟ୍ ଏବଂ ମହବୁବାବାଦ୍ ଆଦି ଜିଲାର ସରକାରୀ ନିଯୁକ୍ତି ଆଶାୟୀମାନେ ଏହି ପାଠାଗାରକୁ ଆସି ନିଜ ପ୍ରସ୍ତୁତିକୁ ଜୋର୍ଦାର କରିଥାନ୍ତି। ବର୍ତ୍ତମାନ ସୁଦ୍ଧା ଏହି ପାଠାଗାରରେ ପଢ଼ିଥିବା ପ୍ରାୟ ୭୦ ଜଣ ଛାତ୍ରୀଛାତ୍ର ସରକାରୀ କ୍ଷେତ୍ରରେ ଶିକ୍ଷକ, ସହକାରୀ ଇଞ୍ଜିନିୟର, କନ୍ଷ୍ଟେବଲ ଏବଂ ଗ୍ରୁପ୍-୪ କର୍ମଚାରୀ ଭାବେ ନିଯୁକ୍ତି ପାଇପାରିଛନ୍ତି ବୋଲି ଅଜୟ କହିଛନ୍ତି।

# କୋର୍ଟରେ ଅର୍ଶଦ, ଅକ୍ଷୟ ଲଢ଼େଇ

ମୁମ୍ବାଇ

ଚଳିତ ବର୍ଷର ବହୁ ପ୍ରତୀକ୍ଷିତ କୋର୍ଟରୁମ୍ କମେଡି ଡ୍ରାମା ଫିଲ୍ମ 'ଜଲି ଏଲ୍ଏଲ୍ବି ୩'ର ଟ୍ରେଲରକୁ ବୁଧବାର ରିଲିଜ୍ କରାଯାଇଛି। ଟ୍ରେଲରରେ ଅଭିନେତା ଅକ୍ଷୟ କୁମାର ଓ ଅର୍ଶଦ ୱାର୍ସିଙ୍କୁ ପୁଣିଥରେ ଜଲି ଅବତାରରେ ଦେଖିବାକୁ ମିଳିଛି। ଏଥିରେ ହାସ୍ୟରସ ସହ ଚାଷ ଜମିକୁ ନେଇ ଚାଷୀଙ୍କ ଯନ୍ତ୍ରଣାକୁ ପ୍ରଦର୍ଶିତ କରାଯାଇଛି। ଚାଷୀଙ୍କୁ ସେମାନଙ୍କ ଜମି ଫେରାଇବା ପାଇଁ କୋର୍ଟରୁମ୍ରେ ଅକ୍ଷୟ ଏବଂ ଅର୍ଶଦ ପରସ୍ପର ବିରୋଧରେ ଲଢୁଥିବା ନେଇ ଏହି ଟ୍ରେଲରରେ ଦେଖିବାକୁ ମିଳିଛି। ସେହିପରି ବିଭିନ୍ନ ସାମାଜିକ ପ୍ରସଙ୍ଗକୁ ନେଇ ଅକ୍ଷୟ ଓ ଅର୍ଶଦ କୋର୍ଟରେ କିପରି ପରସ୍ପର ସହ ମୁକାବିଲା କରୁଛନ୍ତି, ତାହାକୁ ନେଇ ଫିଲ୍ମର କାହାଣୀ ପର୍ଯ୍ୟବେସିତ। ୩ ମିନିଟ୍ ୫ ସେକେଣ୍ଡ୍ର ଏହି ଟ୍ରେଲରଟି ଚାଷୀଙ୍କ ଜମି ହଡ଼ପ କାହାଣୀ ସହ ଆରମ୍ଭ ହୋଇଛି। ଅର୍ଶଦ ଚାଷୀଙ୍କ ପକ୍ଷରୁ କୋର୍ଟରେ ଲଢୁଥିବା ବେଳେ ଅକ୍ଷୟ ଚାଷୀଙ୍କ ଜମିକୁ ହଡ଼ପ କରିଥିବା ବ୍ୟବସାୟୀଙ୍କ ପାଇଁ ମାମଲା ଲଢୁଛନ୍ତି। ଭାରତୀୟ ନ୍ୟାୟିକ ବ୍ୟବସ୍ଥାର ବିଭିନ୍ନ ତ୍ରୁଟିକୁ ଏହି ଟ୍ରେଲରରେ ଭଲ ଭାବେ ଚିତ୍ରଣ କରାଯାଇଛି। ସେହିପରି ଏହି ଟ୍ରେଲରରେ ଅଭିନେତ୍ରୀ ହୁମା କୁରେଶୀଙ୍କୁ ଅକ୍ଷୟଙ୍କ ସ୍ତ୍ରୀ ଭୂମିକାରେ ଏବଂ ଅଭିନେତ୍ରୀ ଅମ୍ରିତା ରାଓଙ୍କୁ ଅର୍ଶଦଙ୍କ ସ୍ତ୍ରୀ ଭୂମିକାରେ ଦେଖିବାକୁ ମିଳିଛି।

## 'ଜଲି ଏଲ୍ଏଲ୍ବି ୩' ଟ୍ରେଲର ଆଉଟ୍



ଅର୍ଶଦ ୱାର୍ସି




# ବୃଦ୍ଧଙ୍କୁ ଦଳିଦେଲା ଦନ୍ତା

**ବାଲିଶଙ୍କରା,୧୦।୯(ସତ୍ ସେଠ)**

ସୁନ୍ଦରଗଡ଼ ଜିଲା ଉଜ୍ଜଳପୁର ରେଞ୍ଜ ଅନ୍ତର୍ଗତ କିଞ୍ଜିରକେଲା ସେକ୍ସନ ବେହେରାଡିହି ଗ୍ରାମରେ ବୁଧବାର ଦନ୍ତା ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବୃଷଭ ଗଞ୍ଜୁ(୬୫)। କିଞ୍ଜିରକେଲା ପୋଲିସ ଓ ବନ ବିଭାଗ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ସୁନ୍ଦରଗଡ଼ ଡାକ୍ତରଖାନାକୁ ପଠାଇଛନ୍ତି। ଗୁରୁବାର ବ୍ୟବଚ୍ଛେଦ କରାଯିବ। ମୃତକଙ୍କ ପରିବାର ଲୋକେ ତୁରନ୍ତ ସରକାରୀ ସହାୟତା ପାଇଁ କ୍ଷତିପୂରଣ ଦାବି କରିଛନ୍ତି।

ସୂଚନା ଅନୁଯାୟୀ, ବୃଷଭ ଗୋରୁ ଚରାଇବାକୁ ନିକଟସ୍ଥ ଜଙ୍ଗଲକୁ ଯାଇଥିଲେ। ହଠାତ୍ ସେ ଦନ୍ତା ହାବୁଡରେ ପଡିଯାଇଥିଲେ। ଦନ୍ତା ତାଙ୍କୁ ଗୋଡାଇ ଗୋଡାଇ ପାଦରେ ଦଳି ଦେଇଥିଲା। ଘଟଣା ସ୍ଥଳରେ ହିଁ ବୃଷଭଙ୍କ ମୃତ୍ୟୁ ଘଟିଥିଲା। ଏହା ଦେଖି ଗୋରୁ ଚରାଇବାକୁ ଯାଇଥିବା ଅନ୍ୟ ସାଥୀମାନେ ଦୌଡି ପଳାଇଥିଲେ। ସନ୍ଧ୍ୟା ହେବାରୁ ଗୋରୁ ଘରକୁ ଫେରିଆସିଥିବାବେଳେ ବୃଷଭ ଘରକୁ ଆସିନଥିଲେ। ପରେ ପରିବାରବର୍ଗ ତାଙ୍କୁ ଖୋଜାଖୋଜି କରିବା ପରେ ହାତୀ ଦଳି ଦେଇଥିବା ଜାଣିବାକୁ ପାଇଥିଲେ। ଉଲ୍ଲେଖଯୋଗ୍ୟ ଯେ, ଏହି ଦନ୍ତା ଛତିଶଗଡ ରାଜ୍ୟରୁ ଆସି ୧୫ ଦିନ ହେଲା ଅଞ୍ଚଳରେ ଘୁରି ବୁଲୁଛି। କିଞ୍ଜିରକେଲା ବନ ବିଭାଗ ଦନ୍ତାକୁ ଘଉଡାଇବାକୁ ଚେଷ୍ଟା କରୁଥିଲେ ହେଁ ବିଫଳ ହେଉଛି। ଗତ ୮ ଦିନ ତଳେ ଦନ୍ତା ଓଡ଼ିଶା ସୀମାନ୍ତବର୍ତ୍ତୀ ବାମନମରା ଅଞ୍ଚଳରେ ଜଣେ ବୃଦ୍ଧାଙ୍କୁ ଦଳି ମାରି ଦେଇଥିଲା।




# ବଞ୍ଚିତ ସୁଭଦ୍ରା ହିତାଧିକାରୀଙ୍କ ପାଇଁ ୨ ଦିନ ଭିତରେ ଖୋଲିବ ପୋର୍ଟାଲ

**ଭୁବନେଶ୍ୱର, ୧୦।୯(ସୁନିତ୍ ମିଶ୍ର)**

- ୨ ଲକ୍ଷ ୮୫ ହଜାର ହିତାଧିକାରୀଙ୍କୁ ସାମିଲ ପାଇଁ ହେବ ସର୍ଭେ
- ୩ ବିଭାଗର ରିପୋର୍ଟ ଆସିବା ପରେ ହେବ ଯାଞ୍ଚ

ସୁଭଦ୍ରା ଯୋଜନାର ୩ୟ ପର୍ଯ୍ୟାୟରୁ ବଞ୍ଚିତ ହୋଇଥିବା ୨ ଲକ୍ଷ ୮୫ ହଜାର ହିତାଧିକାରୀଙ୍କୁ ସାମିଲ ପାଇଁ ଡୋର୍ ଟୁ ଡୋର୍ ସର୍ଭେ ହେବ। ଅଧିକାରୀମାନେ ଆଗାମୀ ୧୫ ଦିନ ଭିତରେ ଫିଲ୍ଡ ଭିଜିଟକରି ତଦନ୍ତ ରିପୋର୍ଟ ପ୍ରଦାନ କରିବେ। ଏଥିପାଇଁ ୨ ଦିନ ଭିତରେ ଅଭିଯୋଗ ପୋର୍ଟାଲ ଖୋଲିବ। ବାଦ୍ ପଡ଼ିଥିବା ହିତାଧିକାରୀମାନେ ପୋର୍ଟାଲରେ ଅଭିଯୋଗକରି ଆଉ ଥରେ ସାମିଲ ପାଇଁ ଆବେଦନ କରିପାରିବେ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ଉପମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବୁଧବାର ସୁଭଦ୍ରା ଯୋଜନାର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ୧୫ ହଜାର ୯୮୪ ହିତାଧିକାରୀ ବାଦ୍ ପଡ଼ିଛନ୍ତି। ସେଥିରେ ମୃତ ହିତାଧିକାରୀ ବାଦ୍ ପଡ଼ିଛନ୍ତି। ସେଥିରେ ୧୮୦୫ ଜଣ ଜୀବିତ ଅଛନ୍ତି। ସେମାନଙ୍କୁ ମଧ୍ୟ ସାମିଲ କରାଯିବ। ଅନ୍ୟପଟେ ୩୬ ହଜାର ୭୦୨ ହିତାଧିକାରୀ ଗାଡ଼ି କିଣିଥିବା ଯୋଗୁ ବାଦ୍ ପଡ଼ିଛନ୍ତି। ୨୧ ହଜାର ୩୫ ହିତାଧିକାରୀ ଆୟକର ଦେବାରୁ ବାଦ୍ ପଡ଼ିଥିବା ବେଳେ ୧ ଲକ୍ଷ ୩୩ ହଜାର ୬୯୧ ଜଣ ଧାନ ବିକ୍ରି ପଞ୍ଜୀକରଣ ଏବଂ କୃଷକ ଭାବେ ପଞ୍ଜୀକରଣ କରି ବାଦ୍ ପଡ଼ିଛନ୍ତି। ସେ ବାବଦରେ ତଥ୍ୟ ଆସିବା ପରେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରାଯିବ। ସୁଭଦ୍ରା ଯୋଜନାରୁ ବଞ୍ଚିତ ଯୋଗ୍ୟ ହିତାଧିକାରୀଙ୍କୁ ଟଙ୍କା ମିଳିବ। ଅନେକ ଯୋଗ୍ୟ ହିତାଧିକାରୀ ମହିଳା ସୁଭଦ୍ରା ଟଙ୍କା ପାଇବାରୁ ବଞ୍ଚିତ ହୋଇଛନ୍ତି। ସେମାନେ କାହିଁକି ବଞ୍ଚିତ ହେଲେ, ରାଶନ କାର୍ଡ ଅଛି କି ନାହିଁ, କେୱାଇସି ଅପଡେଟ୍ ହୋଇଛି ନା ନାହିଁ ଏଭଳି ଅନେକ ତର୍ଜମା କରାଯିବ ବୋଲି ସେ କହିଛନ୍ତି। ବୈଠକ ପୂର୍ବରୁ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ପକ୍ଷରୁ ପରିବହନ, ଖାଦ୍ୟ ଯୋଗାଣ ଏବଂ ସ୍ୱାସ୍ଥ୍ୟ ବିଭାଗକୁ ତଥ୍ୟ ମଗାଯାଇଥିଲା। ବାଣିଜ୍ୟ ଏବଂ ପରିବହନ ବିଭାଗକୁ ଚାରିଚକିଆ ଥିବା ମହିଳାଙ୍କ ତଥ୍ୟ ମଗାଯାଇଥିବା ବେଳେ ସ୍ୱାସ୍ଥ୍ୟ ବିଭାଗକୁ ମୃତ ହିତାଧିକାରୀଙ୍କ ତାଲିକା ଯାଞ୍ଚ କରିବାକୁ କୁହାଯାଇଥିଲା। ସେହିପରି ଧାନ ବିକ୍ରି କରିଥିବା ମହିଳାଙ୍କ ନାଁରେ କେତେ ଜମି ପଞ୍ଜୀକରଣ ହୋଇଛି ତା'ର ରିପୋର୍ଟ ଖାଦ୍ୟ ଯୋଗାଣ ବିଭାଗକୁ ମଗାଯାଇଥିଲା। ଜମି ବାବଦୀୟ ହିତାଧିକାରୀଙ୍କ ତାଲିକାକୁ କ୍ଷେତ୍ର ଅନୁଧ୍ୟାନ କରାଯିବା ନେଇ ବୈଠକରେ ମତ ପ୍ରକାଶ ପାଇଛି। ବୟସାଧିକ ହିତାଧିକାରୀଙ୍କ ଆଧାରକୁ ପୁନର୍ବାର ଯାଞ୍ଚ କରିବା ପରେ ବାଦ୍ ପଡ଼ିଥିବା ଯୋଗ୍ୟ ମହିଳାଙ୍କୁ ସୁଭଦ୍ରା ଯୋଜନାରେ ସାମିଲ କରାଯିବ। ୩ ବିଭାଗର ରିପୋର୍ଟ ଆଧାରରେ ସୁଭଦ୍ରା ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ୩ ବିଭାଗର ଦେଇଥିବା ରିପୋର୍ଟରେ ଯାଞ୍ଚ ହେବା ପରେ ବଞ୍ଚିତ ହୋଇଥିବା ହିତାଧିକାରୀଙ୍କୁ ସୁଭଦ୍ରା ଯୋଜନାରେ ଯୋଡ଼ାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପରିଡ଼ା କହିଛନ୍ତି।


# ରାଜ୍ୟ ସରକାରଙ୍କୁ ୨ଲକ୍ଷ ଟଙ୍କା ଜରିମାନା ନିର୍ଦ୍ଦେଶ

**ଡିକ୍ରି ହୋଲ୍ଡରଙ୍କ ସପକ୍ଷରେ କୋର୍ଟଙ୍କ ଆଦେଶକୁ ଅବମାନନା ମାମଲା**

**କଟକ,୧୦।୯(କାର୍ତ୍ତିକ ସାହୁ)**

ପ୍ରାୟ ୩ ଦଶନ୍ଧି ତଳର ଏକ ଦେୱାନି ମାମଲାରେ କୋର୍ଟ ଦେଇଥିବା ନିର୍ଦ୍ଦେଶକୁ ଅନୁପାଳନରୁ କରିବାରେ ସରକାରୀ ଅଧିକାରୀଙ୍କ ଖାମଖିଆଲ ନୀତି ଯୋଗୁ ଏବେ ସରକାରଙ୍କୁ ଦଣ୍ଡିତ ହେବାକୁ ପଡ଼ିଛି। ଓଡ଼ିଶା ହାଇକୋର୍ଟ ରାଜ୍ୟ ସରକାରଙ୍କୁ ୨ଲକ୍ଷ ଟଙ୍କାର ଦୃଷ୍ଟାନ୍ତମୂଳକ ଜରିମାନା କରିଛନ୍ତି। ଏହି ଜରିମାନା ଅର୍ଥ ମାମଲାର ଡିକ୍ରି ହୋଲ୍ଡର(ଧାରକ)ଙ୍କୁ ପ୍ରଦାନ କରାଯିବାକୁ କୁହାଯାଇଛି। ଏପରି କି ଅଦାଲତଙ୍କ ଆଦେଶ ଅନୁପାଳନ କରିବାରେ ବିଳମ୍ବ କରିଥିବା ଅଧିକାରୀଙ୍କଠାରୁ ଏହି ଜରିମାନା ଅର୍ଥ ସଂଗ୍ରହ କରିବାକୁ ବିଚାରପତି ଦୀକ୍ଷିତ କ୍ରୀଷ୍ଣା ଶ୍ରୀପଦ ୧୯୯୭ ମସିହାର ଏକ ଏକ୍‌ଜିକ୍ୟୁଶନ ମାମଲାର ରାୟରେ ଉଲ୍ଲେଖ କରିଛନ୍ତି। ଗୋଟେ ଛୋଟ ବିବାଦ ସମାଧାନ କରିବାରେ ଅଧିକାରୀଙ୍କ ଖାମଖିଆଲ ନୀତି ପାଇଁ ଆବେଦନକାରୀଙ୍କୁ ୩ ଦଶନ୍ଧି ଧରି ମାମଲାର ଜାଲରେ ଛନ୍ଦି ହୋଇ ରହିବାକୁ ପଡ଼ିଲା ବୋଲି ଅଦାଲତ କହିଛନ୍ତି।

ମିଳିଥିବା ସୂଚନା ଅନୁସାରେ, ୧୯୭୦ ମସିହାରେ ଉଦୟ ନାଥ ସାହୁ ଏବଂ ଆର୍.ଏସ୍ ଭାଟିଆଙ୍କ ମଧ୍ୟରେ ଏକ ଜଙ୍ଗଲ ଜମି ଚୁକ୍ତିକୁ ନେଇ ବିବାଦ ହୋଇଥିଲା। ସୁପ୍ରିମ୍‌କୋର୍ଟ ୧୯୯୦ ମସିହାରେ ଉକ୍ତ ମାମଲାର ବିଚାର କରି ୨ପକ୍ଷଙ୍କ ମଧ୍ୟରେ ଥିବା ବିବାଦ ସମାଧାନ କରିଥିଲେ। ଏଥିସହିତ ଉକ୍ତ ଜଙ୍ଗଲ ଜମି ଉପରେ ଥିବା ଗଛଗୁଡ଼ିକୁ ଚିହ୍ନଟ କରି ଉଭୟ ପକ୍ଷଙ୍କ ମଧ୍ୟରେ ସମାନ ଭାବେ ବାଣ୍ଟି ଦେବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ସର୍ବୋଚ୍ଚ ରାୟଙ୍କ ଉକ୍ତ ଆଦେଶକୁ କାର୍ଯ୍ୟକାରୀ କରାଯାଇ ନ ଥିଲା।




# ତୀର୍ଥଯାତ୍ରା ମଙ୍ଗଳମୟ ହେଉ: ପ୍ରଭାତୀ

## ପ୍ରଥମ ଟ୍ରେନ୍‌ରେ ଅଯୋଧ୍ୟା- ବାରାଣସୀକୁ ଯାତ୍ରା କଲେ ୭୭୫ ବରିଷ୍ଠ ନାଗରିକ

**ଭୁବନେଶ୍ୱର,୧୦।୯ (ସୁଚିସ୍ମିତା ସାହୁ)**

ରାଜ୍ୟ ପର୍ଯ୍ୟଟନ ବିଭାଗ, ଇଣ୍ଡିଆନ୍ ରେଲୱେ କ୍ୟାଟରିଂ ଆଣ୍ଡ୍ ଟୁରିଜମ୍ କର୍ପୋରେଶନ ଓ ଖୋର୍ଦ୍ଧା ଜିଲା ପ୍ରଶାସନର ସହଭାଗିତାରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାର ପ୍ରଥମ ଟ୍ରେନ୍ ବୁଧବାର ଭୁବନେଶ୍ୱର ରେଳ ଷ୍ଟେଶନରୁ ଅଯୋଧ୍ୟା, ବାରାଣସୀ ଅଭିମୁଖେ ଯାତ୍ରା ଆରମ୍ଭ କରିଛି। ଏହି ଯାତ୍ରାରେ ଖୋର୍ଦ୍ଧା ଜିଲାରୁ ୧୬୯ଜଣ, ପୁରୀରୁ ୧୨୭, କଟକରୁ ୧୯୭, ଜଗତ୍‌ସିଂହପୁରରୁ ୮୫, କେନ୍ଦ୍ରାପଡ଼ାରୁ ୮୯, ଢେଙ୍କାନାଳରୁ ୧୦୮ଜଣ ବରିଷ୍ଠ ନାଗରିକଙ୍କ ସହ ୨୫ଜଣ ସହାୟକ (ଏସ୍କର୍ଟ) ଅଧିକାରୀ ରହିଛନ୍ତି। ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ବିଭାଗ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଏହାର ଶୁଭାରମ୍ଭ କରିବା ସହ ତୀର୍ଥଯାତ୍ରୀମାନଙ୍କୁ ଟ୍ରେନ୍ ଟିକେଟ ଦେଇ ଶୁଭେଚ୍ଛା ଜଣାଇଛନ୍ତି। ସେ କହିଛନ୍ତି, ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ କ୍ଷେତ୍ରରୁ କାଶୀ ବିଶ୍ୱନାଥ ଧାମକୁ ପ୍ରଥମ ଟ୍ରେନ୍‌ରେ ଯାଉଥିବା ତୀର୍ଥଯାତ୍ରୀଙ୍କ ଯାତ୍ରା ମଙ୍ଗଳମୟ ହେଉ। ଏହି ତୀର୍ଥଯାତ୍ରାରେ ୬ ଜିଲାରୁ ୭୭୫ ଜଣ ବରିଷ୍ଠ ନାଗରିକମାନେ ଅଯୋଧ୍ୟାରେ ଥିବା ପ୍ରଭୁ ଶ୍ରୀ ରାମଲାଲଙ୍କୁ ଦର୍ଶନ କରିବାର ସୁଯୋଗ ପାଇପାରିବେ। ଏହାସହ ଭାରତର ପ୍ରସିଦ୍ଧ ଶୈବପୀଠ କାଶୀ ବିଶ୍ୱନାଥ ମନ୍ଦିର ସହ ପବିତ୍ର ଗଙ୍ଗା ଆଳତି ଓ ଗଙ୍ଗା ଘାଟରେ ଥିବା ମନ୍ଦିରଗୁଡ଼ିକୁ ପରିଦର୍ଶନ କରିପାରିବେ। ଏବର୍ଷ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଅଧୀନରେ ୧୦ଟି ପର୍ଯ୍ୟାୟରେ ପ୍ରାୟ ୮ହଜାର ବରିଷ୍ଠ ନାଗରିକଙ୍କୁ ଭାରତର ବିଭିନ୍ନ ତୀର୍ଥସ୍ଥାନ ଭ୍ରମଣ କରିବାର ସୁଯୋଗ ଦେବା ପାଇଁ ଲକ୍ଷ୍ୟ ରଖାଯାଇଛି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ କହିଛନ୍ତି। ସେହିପରି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଯୋଗଦେଇ ସମସ୍ତ ନାଗରିକଙ୍କୁ ଶୁଭକାମନା ଜଣାଇଛନ୍ତି। ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ମାଧ୍ୟମରେ ଭାରତର ବିଭିନ୍ନ ସଂସ୍କୃତିକୁ ଯୋଡିବାର ପ୍ରୟାସକୁ ସେ ପ୍ରଶଂସା କରିଛନ୍ତି।



ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, କନକ ବର୍ଦ୍ଧନ ସିଂଦେଓଙ୍କ ସହ ଅନ୍ୟମାନେ ଭୁବନେଶ୍ୱର ରେଳ ଷ୍ଟେଶନରେ ତୀର୍ଥଯାତ୍ରୀ ଟ୍ରେନ୍‌ର ଶୁଭାରମ୍ଭ ଅବସରରେ ଜଣେ ବରିଷ୍ଠ ନାଗରିକ ତୀର୍ଥଯାତ୍ରୀଙ୍କୁ ଟିକେଟ ପ୍ରଦାନ କରୁଛନ୍ତି।

ଶୁଭାରମ୍ଭ କାର୍ଯ୍ୟକ୍ରମରେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ, ଭୁବନେଶ୍ୱର-ଏକାମ୍ର ବିଧାୟକ ବାବୁ ସିଂ, ପୁରୀ ବିଧାୟକ ସୁନୀଲ ମହାନ୍ତି, କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ, ଖୋର୍ଦ୍ଧା ଜିଲାପାଳ ଅମୃତ ଋତୁରାଜ ପ୍ରମୁଖ ଯୋଗଦେଇ ପ୍ରଥମ ଟ୍ରେନ୍ ଯାତ୍ରା ପାଇଁ ବରିଷ୍ଠ ନାଗରିକଙ୍କୁ ଶୁଭକାମନା ଜଣାଇଥିଲେ। ପର୍ଯ୍ୟଟନ ବିଭାଗର ଅତିରିକ୍ତ ସଚିବ ରୁଦ୍ରନାରାୟଣ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଆଇଆଇଏମ୍‌ସି ଛାତ୍ରୀ ଅସ୍ମିତା କାନ୍ସ ଯିବା ପାଇଁ ମନୋନୀତ

**ସୂଚନା ପ୍ରସାରଣ ମନ୍ତ୍ରଣାଳୟର ପ୍ରତିନିଧି ଦଳରେ ସାମିଲ**


ଅସ୍ମିତା ଅଧିକାରୀ।

**ଢେଙ୍କାନାଳ,୧୦।୯ (ରତନ ନାୟାର)**

ଢେଙ୍କାନାଳ ଭାରତୀୟ ଜନସଞ୍ଚାର ସଂସ୍ଥାନ (ଆଇଆଇଏମ୍‌ସି)ର ଇଂରାଜୀ ବିଭାଗର ଛାତ୍ରୀ ଅସ୍ମିତା ଅଧିକାରୀ ଫ୍ରାନ୍ସର କାନ୍ସରେ ଅନୁଷ୍ଠିତ ହେଉଥିବା ଏମ୍‌ଆଇପିସିଓଏମ୍ କାର୍ଯ୍ୟକ୍ରମରେ ଯୋଗ ଦେବେ। ଏହି କାର୍ଯ୍ୟକ୍ରମ ଆସନ୍ତା ୧୩ ତାରିଖରୁ ୧୬ ତାରିଖ ପର୍ଯ୍ୟନ୍ତ କାନ୍ସରେ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମ ପାଇଁ ସେ ଭାରତ ସରକାରଙ୍କର ସୂଚନା ପ୍ରସାରଣ ମନ୍ତ୍ରଣାଳୟର ସରକାରୀ ସ୍ତରର ପ୍ରତିନିଧି ଦଳରେ ସାମିଲ ହୋଇଛନ୍ତି। ୱେଭ୍ସ ବଜାର ଗ୍ଲୋବାଲ ଆଉଟରିଚ୍ କାର୍ଯ୍ୟକ୍ରମ ମାଧ୍ୟମରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଏଥିପାଇଁ ତାଙ୍କୁ ଭାରତୀୟ ଜନସଂଚାର ସଂସ୍ଥାନ ବିଶ୍ୱବିଦ୍ୟାଳୟ ନୂଆଦିଲ୍ଲୀ ତରଫରୁ ପତ୍ର ମାଧ୍ୟମରେ ଅବଗତ କରାଯାଇଛି। ଏହି ଗସ୍ତ ପାଇଁ ମନୋନୀତ ହେବାପରେ ଅସ୍ମିତା ଖୁସିରେ ବିଭୋର ହୋଇପଡିଛନ୍ତି। ନିଜ ପ୍ରତିକ୍ରିୟାରେ ଅସ୍ମିତା କହିଛନ୍ତି, ମା', ବାପାଙ୍କୁ ଛାଡ଼ି ମୁଁ କେବେ ବାହାରକୁ ଯାଇନି। ପ୍ରଥମଥର ପାଇଁ ଏହି ସୁଯୋଗ ମିଳିଛି। ଏଥିପାଇଁ ମୁଁ ବହୁତ ଆନନ୍ଦିତ। ଅସ୍ମିତା କଲିକତାର ଉର୍ମିଳା ଅଧିକାରୀ ଓ ପଲାସ ଅଧିକାରୀଙ୍କ କନ୍ୟା ବୋଲି ଜଣାପଡ଼ିଛି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ହିନ୍ଦୀ ଶିକ୍ଷକ ସଂଘ ଏବଂ ଉତ୍କଳ ପ୍ରଶିକ୍ଷିତ ସଂସ୍କୃତ ଶିକ୍ଷକ ସଂଘ ପକ୍ଷରୁ ଗଣଧାରଣା, ସ୍ଥାନ: ଲୋୟର୍ ପିଏମ୍‌ଜି, ସମୟ: ପୂର୍ବାହ୍ନ ୧୧ଟା।
- ଜୟକିରଣ ସମ୍ମାନ ସମାରୋହ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ
- କଟକ ସତସଙ୍ଗ ବିହାର ଆନୁକୂଲ୍ୟରେ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ଭାଦ୍ର ପରିକ୍ରମା ସତସଙ୍ଗ, ସ୍ଥାନ: ଗୋପବନ୍ଧୁ ଶିକ୍ଷା ମନ୍ଦିର ଲେନ୍, ଜଗତପୁର, ସମୟ: ସନ୍ଧ୍ୟା ୭ଟା ୩୦।

## ପୁରୀ
- ଇଣ୍ଡିଆ ଟି –ଟେନ୍ ଟେନିସ୍ ବଲ୍ କ୍ରିକେଟ୍ ଚାମ୍ପିୟନ୍‌ସିପ୍, ସ୍ଥାନ: ଶ୍ରୀଜଗନ୍ନାଥ ଷ୍ଟାଡିୟମ୍, ପେଣ୍ଠକଟା, ପୁରୀ, ସମୟ: ଅପରାହ୍ନ ୫ଟା।

## ବାଲେଶ୍ୱର
- ଜିଲାସ୍ତରୀୟ ସାମାଜିକ–ଆର୍ଥିକ ଓ ଜୀବିକା ସର୍ଭେ କାର୍ଯ୍ୟକ୍ରମର ତୃତୀୟ ଦିବସ, ସ୍ଥାନ: ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱ ଆତ୍ମହତ୍ୟା ପ୍ରତିରୋଧ ସପ୍ତାହ, ସ୍ଥାନ: ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।

## ଭଦ୍ରକ
- ବାବା ଗଜାନନ କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ:ନାୟକ କଲୋନୀ, କଦମବେଡ଼ା,ଭଦ୍ରକ, ସମୟ: ସନ୍ଧ୍ୟା ୭ଟା।

## ମୟୂରଭଞ୍ଜ
- କଳା ପରିଷଦ ଢେଙ୍କାନାଳ ପକ୍ଷରୁ ମଞ୍ଚସ୍ଥ ହେବ ନାଟକ 'ଯାହା କହିବି ସତ କହିବି',ସ୍ଥାନ:ଶହୀଦ ସ୍ମୃତି ଭବନ, ବାରିପଦା,ସମୟ: ସନ୍ଧ୍ୟା ୬ଟା ୩୦।
- ନାଟ୍ୟଶ୍ରୀ ବରହମପୁର ପକ୍ଷରୁ ମଞ୍ଚସ୍ଥ ହେବ ନାଟକ 'ଜରାୟୁ', ସ୍ଥାନ:ସ୍ମୃତି ଭବନ, ବାରିପଦା,ସମୟ: ରାତି ୮ଟା ୩୦।

## ବ୍ରହ୍ମପୁର
- ଜିଲାସ୍ତରୀୟ ସ୍କେଟିଂ ଚାମ୍ପିୟନସିପ୍, ସ୍ଥାନ: ମହାତ୍ମାଗାନ୍ଧୀ ଷ୍ଟାଡିୟମ, ସମୟ: ସକାଳ ୭ଟା ୩୦।

## ଜଗତସିଂହପୁର
- ମାସିକିଆ ରାଜସ୍ୱ ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହ, ଜଗତ୍‌ସିଂହପୁର, ସମୟ: ପୂର୍ବାହ୍ନ ୧୧ଟା।
- ଜଗତ୍‌ସିଂହପୁର ଜିଲା ଟ୍ରକ୍ ମାଲିକ ସଂଘର ସାଧାରଣ ବୈଠକ ଓ ଖବରଦାତା ସମ୍ମିଳନୀ, ସ୍ଥାନ: ଜିରୋ ପଏଣ୍ଟ, ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।
- ଜଗତ୍‌ସିଂହପୁର ଜିଲା ପ୍ରଶାସନ ତଥା କଳିଙ୍ଗ ବାଲିଯାତ୍ରା କମିଟିର ପ୍ରସ୍ତୁତି ବୈଠକ, ସ୍ଥାନ: ଅଫିସର୍ସ କ୍ଲବ, ମଧୁବନ, ପାରାଦୀପ, ସମୟ: ଅପରାହ୍ନ ୪ଟା।

## କେନ୍ଦ୍ରାପଡ଼ା
- ମା' ପାଇଁ ଗଛଟିଏ, ସ୍ଥାନ: ସୁନାଇଲୋ, କେନ୍ଦ୍ରାପଡ଼ା ସହର, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ପ୍ରଶାସନ ପକ୍ଷରୁ ଗଜଲକ୍ଷ୍ମୀ ପୂଜା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଟାଉନ ହଲ, କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ନ ୩ଟା।

## ଯାଜପୁର
- ଗୋ–ଗ୍ରାମଶକ୍ତି ପରିବାରର ସ୍ୱଦେଶୀ ଉତ୍ସବ, ସ୍ଥାନ: ବରୀ ବ୍ଲକ୍ ଅଧୀନ ରତଳାଙ୍ଗ ରତ୍ନେଶ୍ୱର ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୬ଟା।
- ଏନର୍ଜି କନ୍‌ଜର୍‌ଭେସନ ଆଣ୍ଡ ସଷ୍ଟେନେବୁଲ ବିଲ୍ଡିଂ କୋଡ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଯାଜପୁର ଡିଆରଡିଏ କନଫରେନ୍ସ ହଲ, ସମୟ: ସକାଳ ୯ଟା୩୦।
- ବ୍ୟାସନଗର ସ୍ୱୟଂଶାସିତ କଲେଜ ପକ୍ଷରୁ ବ୍ୟାସ ଲେକ୍‌ଚର ସିରିଜ, ସ୍ଥାନ : କଲେଜ ପରିସର, ସମୟ : ପୂର୍ବାହ୍ନ ୧୦ଟା।

## ନୟାଗଡ଼
- ସାରର ଅଭାବ ପ୍ରତିବାଦରେ କଂଗ୍ରେସର ଚାଷୀ ଆନ୍ଦୋଳନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ନୟାଗଡ଼, ସମୟ: ଅପରାହ୍ନ ୩ଟା।
- ବିଶ୍ୱଶାନ୍ତି ମହାଯଜ୍ଞ ଅବସରରେ ବାଦିପାଲାର ତୃତୀୟ ଦିବସ,ସ୍ଥାନ: ନୟାଗଡ଼ ବ୍ଲକ ବଡପଣ୍ଡୁସର ଗଡ ଭିତରସାହି, ସମୟ: ସନ୍ଧ୍ୟା ୬ଟା।

## ରାୟଗଡ଼ା
- ବ୍ଲକସ୍ତରୀୟ କ୍ରୀଡା ପ୍ରତିଯୋଗିତା, ସ୍ଥାନ: ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ ଗୁଣପୁର, ସମୟ: ସକାଳ ୭ ଟା।
- ବ୍ଲକସ୍ତରୀୟ କ୍ରୀଡା ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଚନ୍ଦ୍ରପୁର, ସମୟ: ଅପରାହ୍ନ ୪ ଟା ।

## ନବରଙ୍ଗପୁର
- ଜିଲା ପରିଷଦ ଉନ୍ନୟନ କାର୍ଯ୍ୟର ସମୀକ୍ଷା, ସ୍ଥାନ: ନବରଙ୍ଗପୁର, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ
- ଜିଲାସ୍ତରୀୟ ଭିଜିଲାନ୍ସ ମନିଟରିଙ୍ଗ କମିଟି ବୈଠକ, ସ୍ଥାନ : ସଦ୍‌ଭାବନା ସଭାଗୃହ, କୋରାପୁଟ
- ସମୟ : ଅପରାହ୍ନ ୪ଟା।

## ମାଲକାନଗିରି
- ଏମ୍‌ଜିଏନ୍‌ଆରଇଜିଏସ୍ ଜନଶୁଣାଣି, ସ୍ଥାନ: କାଲିକେଲା ବ୍ଲକ ସମ୍ମିଳନୀ କକ୍ଷ,ସମୟ: ପୂର୍ବାହ୍ନ ୧୦ଟା ।

## ସମ୍ବଲପୁର
- ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରେ ଅଭିଭାବକ ଓ ଶିକ୍ଷକ ସଂଘ ବୈଠକ, ସ୍ଥାନ : ବୁର୍ଲା ବିଦ୍ୟାଳୟ ପରିସରସ୍ଥ ସଭାକକ୍ଷ, ସକାଳ : ସକାଳ ୫ଟା ୩୦ ।
- ୨୪ତମ ସୈରେନ୍ଦ୍ରି ନାୟକ ଟ୍ରଫି ଫୁଟ୍‌ବଲ ମ୍ୟାଚ, ସ୍ଥାନ : ସିଂହପାଲି–କାଇଁଶିର ଫୁଟ୍‌ବଲ ପଡିଆ, ସମୟ : ଅପରାହ୍ନ ୩ଟା ।
- .ଓଡ଼ଶା ସାଂସ୍କୃତିକ ସମାଜ ପକ୍ଷରୁ ପଞ୍ଚସଖା ଦିବସ, ସ୍ଥାନ : ଶାସନ ପାବପାଲି, ସମୟ : ଅପରାହ୍ନ ୩ଟା ।

## ରାଉରକେଲା
- ଜୟହିନ୍ଦ କ୍ଲବ ପକ୍ଷରୁ ଶିକ୍ଷା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ସୁବାସପାଲୀ, ସମୟ: ପୂର୍ବାହ୍ନ ୧୦ଟା।
- ଘରୋଇକରଣ ବିରୋଧରେ ଶ୍ରମିକ ସଙ୍ଗଠନର ବୈଠକ, ସ୍ଥାନ: ସେକ୍ଟର– –୧୮, ସମୟ: ସନ୍ଧ୍ୟା ୬ଟା।

## ସୁନ୍ଦରଗଡ଼
- ସୁନ୍ଦରଗଡ କ୍ଲବ ପକ୍ଷରୁ ନୂଆଁଖାଇ ଭେଟଘାଟ,ସ୍ଥାନ: ସଂସ୍କୃତି ଭବନ, ସୁନ୍ଦରଗଡ, ସମୟ: ପୂର୍ବାହ୍ନ ୧୦ଟା।

## ବରଗଡ଼
- ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ:ଅଞ୍ଚଳ ଉଚ୍ଚ ବିଦ୍ୟାଳୟ ଗୌଡ଼ମାଲ, ଝାରବନ୍ଧ,ସମୟ : ପୂର୍ବାହ୍ନ ୧୦ଟା।

## କଳାହାଣ୍ଡି
- ଆଦି କର୍ମଯୋଗୀ ଅଭିଯାନ ଉପରେ ଜିଲାସ୍ତରୀୟ ତାଲିମ ଶିବିର ଉଦ୍‌ଯାପନ, ସ୍ଥାନ: ଭବାନୀପାଟଣା ଭାରତ ପ୍ୟାଲେସ, ସମୟ: ପୂର୍ବାହ୍ନ ୧୦ଟା।
- କୃଷି, ଉଦ୍ୟାନ ଓ ପ୍ରାଣୀଧନ ବିଭାଗର ସମୀକ୍ଷା ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼
- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ଭଜନ ଓ ଆଳତି, ସ୍ଥାନ: ଶ୍ରୀ ସତ୍ୟସାଇ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ କ୍ଷୀରି ଭୋଗ ବଣ୍ଟନ, ସ୍ଥାନ: ଶିରିଡ଼ି ସାଇ ମନ୍ଦିର, ପ୍ରଧାନପାଟ, ସମୟ: ସନ୍ଧ୍ୟା ୭ଟା ୩୦।

## ସୁବର୍ଣ୍ଣପୁର
- ତରଭା ବ୍ଲକ ଚୂଡାଖାଇ ଡଙ୍ଗର ମହୋତ୍ସବ ୨୦୨୫ ପାଳନ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଡଙ୍ଗର ମହୋତ୍ସବ ମଞ୍ଚ, ସମୟ: ଅପରାହ୍ନ ୪ଟା ୩୦।

## ନୂଆପଡ଼ା
- ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ଉଦ୍ଦେଶ୍ୟରେ ସ୍ମୃତିସଭା, ସ୍ଥାନ: ଜୈନ ଭବନ ଖରିଆର ରୋଡ, ସମୟ: ଅପରାହ୍ନ ୩ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି କର୍ମାରମ୍ଭ, ଯାତ୍ରା, ବାଣିଜ୍ୟ, ଶେୟାର ବଜାର, ପାଇଁ ଅନୁକୂଳ ରହିବ। ସାଧାରଣ ବ୍ୟତିକ୍ରମକୁ ବାଦ୍ ଦେଲେ ପାରିବାରିକ ଓ ପାରିପାର୍ଶ୍ୱିକ ପରିସ୍ଥିତି ଉନ୍ନତ ହେବ। ଅବୁଝା ବନ୍ଧୁଙ୍କୁ ମନ ବୁଝିଲା ଭଳି କଥା କହି ପରିସ୍ଥିତିକୁ ସୁଧାରି ନେଇପାରନ୍ତି। ସାହିତ୍ୟ, କଳା, କ୍ରୀଡ଼ା, ସଙ୍ଗୀତ, ଚଳଚ୍ଚିତ୍ର ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ।

**ବୃଷ** ସତର୍କତା ଅଭାବରୁ ଧନହାନି, ଧାରକରଜ, ଆଇନ ଅଦାଲତ, ସ୍ଥଗିତ କାର୍ଯ୍ୟ ସକାଶେ ଚିନ୍ତିତ କରାଇବ। କର୍ମକ୍ଷେତ୍ରରେ ବିଶିଷ୍ଟବ୍ୟକ୍ତିଙ୍କ ସାହାଯ୍ୟ ଲାଭକରି ଅଭିଳାଷ ପୂରଣ ପାଇଁ ଆଶା କରିପାରନ୍ତି। ଆନୁଷ୍ଠାନିକ କାମରେ ବନ୍ଧୁଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିପାରନ୍ତି।

**ମିଥୁନ** ପରିବାରରେ ଅର୍ଥ ସମ୍ବନ୍ଧୀୟ ଆଲୋଚନାକୁ କେନ୍ଦ୍ରକରି ଅଶାନ୍ତ ପରିସ୍ଥିତି ସୃଷ୍ଟି ହେବ। ପ୍ରତ୍ୟେକ କ୍ଷେତ୍ରରେ ସମସ୍ତ ସୁବିଧା ଥିଲେ ମଧ୍ୟ ଖର୍ଚ୍ଚାନ୍ତ ହୋଇ କାମ ହାସଲ କରିବେ। ଆଜି ଭାବୁଥିବେ ଗୋଟିଏ କଥା କିନ୍ତୁ କଲା ବେଳକୁ ଆଉ ଗୋଟିଏ କାମ କରିବାକୁ ବାଧ୍ୟ ହେବେ। ସମ୍ପର୍କୀୟଙ୍କ ଦ୍ୱାରା ଭୋଗ ବିଳାସର ମଉକା ପାଇବେ।

**କର୍କଟ** ଯେ କୌଣସି ପରିସ୍ଥିତି ହେଉନା କାହିଁକି, ପ୍ରତ୍ୟେକ ଦିଗରୁ ଅନୁକୂଳ ବାତାବରଣ ସୃଷ୍ଟି ହେବ। ଦୂରରେ ରହୁଥିବା ବନ୍ଧୁଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହେବାର ସୂଚନା ରହିଛି। ବନ୍ଧୁମିଳନ ସାଙ୍ଗକୁ କର୍ମସାଫଲ୍ୟର ପ୍ରଶଂସା ଓ ଆର୍ଥିକ ଅନୁଦାନ ପ୍ରାପ୍ତିର ଆଶା କରାଯାଇପାରେ। ତଥାପି ଈର୍ଷାପରାୟଣ ଗୁପ୍ତ ଶତ୍ରୁମାନଙ୍କ ପ୍ରତି ସତର୍କତାର ଆବଶ୍ୟକତା ରହିଛି।

**ସିଂହ** ଆପଣଙ୍କ ବଳିଷ୍ଠ ବ୍ୟକ୍ତିତ୍ୱ ସାଙ୍ଗକୁ ଯୁକ୍ତିସଙ୍ଗତ ମଧୁର କଥା ପ୍ରତ୍ୟେକ ପରିସ୍ଥିତିକୁ ସାବଲୀଳ କରିଦେବ। ଆର୍ଥିକ ସ୍ଥିତିରେ ଉନ୍ନତି ସାଙ୍ଗକୁ ବନ୍ଧୁଙ୍କ ସହ ସୁସମ୍ପର୍କରୁ ପ୍ରଶଂସିତ ମଧ୍ୟ ହେବେ। ପାରିବାରିକ ଜୀବନରେ ସମସ୍ୟା ଆସିଲେ ମଧ୍ୟ ଉପସ୍ଥିତବୁଦ୍ଧି ପ୍ରୟୋଗ କରି ସୁଧାରି ନେଇପାରିବେ। ବହୁତ ଦିନରୁ ଖୋଜୁଥିବା ଜିନିଷ ହଠାତ୍ ପାଇଯିବେ।

**କନ୍ୟା** ଆଜି ଯାହାକୁ ଯାହା କହିବେ କିମ୍ବା କରିବାକୁ ଯିବେ ତାହାର ପୁନର୍ବିଚାର କରିବା ଭଲ ହେବ। ଜମିଜମା, ଯାନ୍ତ୍ରିକ ଜିନିଷ, ଯାନବାହନ ସମ୍ପର୍କିତ କାମକୁ ସତର୍କତାର ସହ କରନ୍ତୁ। ସନ୍ତାନ ହେତୁକ କିଛି ନିଷ୍ପତ୍ତି ନେବା କ୍ଷେତ୍ରରେ ସମସ୍ୟା ସୃଷ୍ଟିର ଆଶଙ୍କା ରହିଛି। ପାରିବାରିକ ସ୍ନେହ, ଶ୍ରଦ୍ଧା ଓ ଆଦରର ଅଭାବ ଅନୁଭବ କରିବେ।

**ତୁଳା** ଆଜି କର୍ମକ୍ଷେତ୍ରରେ ବିଜାତୀୟବ୍ୟକ୍ତିଙ୍କ ହସ୍ତକ୍ଷେପ ସମସ୍ୟାର କାରଣ ହେବ। ପଛ କଥା ମନକୁ ନ ଆଣି ଯାହା କରିବା କଥା ଶୀଘ୍ର କରିବା ମନ୍ଦ ହେବନି। କେତେକ କ୍ଷେତ୍ରରେ ବନ୍ଧୁଙ୍କ ସମ୍ମୁଖରେ ମନର ଭାବ ପ୍ରକାଶ କରିବାକୁ ପଛେଇ ଯିବେ। ସାଧାରଣ କଥାରେ ପାରିବାରିକ ଅଶାନ୍ତି ହେତୁକ ଅବସାଦ ଦେଖାଦେଇପାରେ।

**ବିଛା** ଅତୀତ ଘଟଣା କିମ୍ବା ବିଭିନ୍ନ ସମସ୍ୟା ଚିନ୍ତାକରି ମନ ଭାରାକ୍ରାନ୍ତ ରହିବ। ନୀଚ ସଂସର୍ଗରୁ ଦୂରେଇ ରହିବା ଭଲ, ଅନ୍ୟଥା କଳହର ସମ୍ଭାବନା ରହିଛି। ବନ୍ଧୁଙ୍କୁ ଅନୁନୟ ବିନୟ ହୋଇ ଧାର କରଜ କରି ଆବଶ୍ୟକତା ଚଳାଇ ନେଇପାରନ୍ତି। କଳା, ସଙ୍ଗୀତ, ଚଳଚ୍ଚିତ୍ର, କ୍ରୀଡ଼ା, ପ୍ରତିଯୋଗିତା କ୍ଷେତ୍ରରେ ସଫଳତା ମିଳିପାରେ।

**ଧନୁ** ପାରସ୍ପରିକ ଆଲୋଚନା ମାଧ୍ୟମରେ ପାରିବାରିକ ଶାନ୍ତି ଫେରି ଆସିବ ଓ ସମସ୍ୟା ସମାଧାନ ହେବ। ସାହିତ୍ୟ, ସାମ୍ବାଦିକତା, ପ୍ରକାଶନ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ବୈଦ୍ୟୁତିକ ଗଣମାଧ୍ୟମ, ଚଳଚ୍ଚିତ୍ର ପାଇଁ ସ୍ୱତନ୍ତ୍ର ଗୌରବ ଆଣିଦେବ। କଠୋର କଥା କହିବାରୁ ଅଶାନ୍ତି ଦେଖାଦେଇପାରେ।

**ମକର** ସ୍ୱାସ୍ଥ୍ୟସମସ୍ୟା ନିମ୍ନାଭିମୁଖୀ ହେଉଥିବାରୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ପରିସ୍ଥିତିବଶତଃ ଘରର କେତେକ ଅତ୍ୟାବଶ୍ୟକ ଜିନିଷ ଆଣିବାକୁ ବାଧ୍ୟ ହେବେ। କର୍ମକ୍ଷେତ୍ରରେ ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବାର ସୌଭାଗ୍ୟ ପ୍ରାପ୍ତ ହେବ। ମାତ୍ର ରାଜନୈତିକ କ୍ଷେତ୍ରରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହେବାକୁ ପଡ଼ିପାରେ।

**କୁମ୍ଭ** ଶାରୀରିକ ସ୍ୱାସ୍ଥ୍ୟ ସମସ୍ୟା ପୂର୍ଣ୍ଣ ମାତ୍ରାରେ ଉପଶମ ନ ହେଲେ ମଧ୍ୟ ପୂର୍ବାପେକ୍ଷା ନିୟନ୍ତ୍ରଣରେ ରହିବ। ଆର୍ଥିକ ସ୍ଥିତି ଦୁର୍ବଳ ରହିବା କାରଣରୁ ଚିନ୍ତା କରିବାକୁ ପଡିବ। ବନ୍ଧୁଙ୍କ ସହାୟତାରେ ଆଜି ସହଜ ଓ ସୁବିଧାରେ ହାତକୁ ନେଇଥିବା କାମ ସମ୍ପନ୍ନ ହୋଇଯିବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ।

**ମୀନ** କେଉଁ କାମ ଅଟକିବ ନାହିଁ ସିନା ସହଜ ଓ ସୁବିଧାରେ ସମ୍ପନ୍ନ ବି ହେବ ନାହିଁ। ସମ୍ପର୍କୀୟା ମହିଳାଙ୍କ କଦର୍ଯ୍ୟ ବ୍ୟବହାରରେ ଅସନ୍ତୁଷ୍ଟ ହୋଇପାରନ୍ତି। ବାଣିଜ୍ୟ, ବ୍ୟବସାୟରେ ସଫଳତା ହାସଲ କରିବେ କିନ୍ତୁ ଜିଦ୍‌ଖୋର ପ୍ରବୃତ୍ତି ଯୋଗୁ ହଇରାଣ ହୋଇପାରନ୍ତି। ଆଜିର ଯାତ୍ରା, ବ୍ୟବସାୟ ଓ ବନ୍ଧୁଙ୍କ ଆଲୋଚନାରୁ ଖୁସି ରହିବେ।

ଆଜି ସେପ୍ଟେମ୍ବର ୧୧ ତାରିଖ, ବିଶ୍ୱ ଭ୍ରାତୃତ୍ୱ ଦିବସ, (ସ୍ୱାମୀ ବିବେକାନନ୍ଦଙ୍କ ଚିକାଗୋ ଭାଷଣ, ୧୧।୦୯।୧୮୯୩), ଆଶ୍ୱିନ କୃଷ୍ଣପକ୍ଷର ଚତୁର୍ଥୀ ଯୁକ୍ତ ଅଶ୍ୱ ପଞ୍ଚମୀ ଗୁରୁବାର, ଚାତୁର୍ମାସ୍ୟା ଗୁରୁବାର ବ୍ରତ, ରାଶିନକ୍ଷତ୍ର– ଦିବା ଘ. ୦୧.୫୮ ମି. ପର୍ଯ୍ୟନ୍ତ ଅଶ୍ୱିନୀ/ମେଷ, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ ମହାଳୟା ବିଧିରେ କରାଯିବ। ସକାଳ ଘ.୦୫.୩୬ ଗତେ, ଘ.୦୭.୧୪ ମଧ୍ୟେ, ଘ.୧୦.୨୯ ଗତେ ଘ.୧୨.୫୬ ମଧ୍ୟେ ଶୁଦ୍ଧ ଶୁଭ ବେଳା । ଅପରାହ୍ନ ଘ.୦୧.୧୪ ଗତେ ଘ.୦୨.୪୬ ମଧ୍ୟେ ରାହୁ କାଳ ।

# ଚଳିତ ମାସରେ ଆସିବ ନୂଆ ଅବକାରୀ ନୀତି: ମନ୍ତ୍ରୀ

ଭୁବନେଶ୍ୱର, ୧୦।୯(ସୁନିତ୍ ମିଶ୍ର)

ଚଳିତ ମାସରେ ରାଜ୍ୟ ସରକାର ନୂଆ ଅବକାରୀ ନୀତି ଆଣିବେ। ନୂଆ ଅବକାରୀ ନୀତି ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ଦିନେ କିମ୍ବା ଦୁଇଦିନ ମଧ୍ୟରେ ଆଲୋଚନା ହେବ ବୋଲି ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ପୃଥ୍ୱୀରାଜ କହିଛନ୍ତି, ନୂଆ ଅବକାରୀ ନୀତି ଲାଗୁ କରିବା ଲାଗି ରାଜ୍ୟ ସରକାର ସବୁ ପ୍ରକାର ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ବିଭାଗର ପ୍ରତିନିଧି ଦଳରେ କେତେଜଣ ଅଧିକାରୀ ଦୁଇଟି ରାଜ୍ୟକୁ ଯାଇ ସେମାନଙ୍କ ରାଜ୍ୟରେ ଲାଗୁ ହୋଇଥିବା ଅବକାରୀ ନୀତିକୁ ଅନୁଧ୍ୟାନକରି ଫେରିଛନ୍ତି। ଚଳିତ ମାସରେ ନୂଆ ଅବକାରୀ ନୀତି କାର୍ଯ୍ୟ ଶେଷ ହୋଇଯିବ। ନୂଆ ଅବକାରୀ ନୀତିରେ ଚୋରା ମାଦକ ଦ୍ରବ୍ୟର ବିକ୍ରି ଉପରେ ରୋକ୍ ଲଗାଯିବ। ଚୋରା ମାଦକଦ୍ରବ୍ୟ ବିକ୍ରି ଉପରେ ଚଢ଼ାଉ ଜୋର୍‌ଦାର କରାଯାଉଛି। ଯେଉଁମାନେ ଏଥିରେ ଦୋଷୀ ହୋଇଥିବେ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ମଧ୍ୟ ନିଆଯିବ। ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରୁ ସଚେତନତା କାର୍ଯ୍ୟକ୍ରମ କରାଯିବ। ମାସବ୍ୟାପୀ 'ନିଶା ନୁହେଁ ଜୀବନ' କାର୍ଯ୍ୟକ୍ରମ ହେବ ବୋଲି ମନ୍ତ୍ରୀ ହରିଚନ୍ଦନ କହିଛନ୍ତି। ସୂଚନାଯୋଗ୍ୟ, ରାଜ୍ୟ ସରକାର ନୂଆ ଅବକାରୀ ନୀତି ଆଣିବାରେ ବହୁ ଦିନ ବିଳମ୍ବ କରିସାରିଲେଣି। ୨୦୨୫ ଜାନୁଆରୀରୁ ନୂଆ ଅବକାରୀ ନୀତି ଆଣିବେ ବୋଲି ବିଭିନ୍ନ ସମୟରେ ଅନେକ ତାରିଖ ଦିଆଯାଇଥିଲା। ହେଲେ ସରକାର ଏହା ଆଣିବାରେ ସମୟ ଗଡ଼ାଇ ଚାଲିଛନ୍ତି। ପରବର୍ତ୍ତୀ ସମୟରେ ନୂଆ ଅବକାରୀ ନୀତି ଆଣିବା ଆଗରୁ ଦେଶର ଅନ୍ୟ କେତେକ ରାଜ୍ୟ କେଉଁ ନିୟମ ରଖିଛନ୍ତି ତାକୁ ଦେଖିବା ପରେ ପ୍ରସ୍ତୁତ କରିବାକୁ ସରକାର ନିଷ୍ପତ୍ତି ନେଇଥିଲେ। ସେହି କ୍ରମରେ ୨ଟି ରାଜ୍ୟରୁ ତଥ୍ୟ ସଂଗ୍ରହ ପରେ ସରକାର ନୂଆ ଅବକାରୀ ନୀତି ଆଣିବାକୁ ଯାଉଛନ୍ତି ବୋଲି ସୂଚନା ଦିଆଯାଇଛି। ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା ପରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ଜଣାପଡ଼ିଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ବାଟରେ ଦେଖିଲେ କମାର**
**ଲୁହା ପକେଇଦେ ଆମର ।**

ଯାହାଠାରୁ କିଛି ସାହାଯ୍ୟ ପାଇବାର ଆଶାଥାଏ ତାଙ୍କୁ ଦେଖିବା ମାତ୍ରେ କେତେଜଣ ବ୍ୟକ୍ତି ନିଜର ଫାଇଦା କଥା ଭାବି ଉତ୍‌ଫୁଲିତ ହୋଇଉଠନ୍ତି। ସ୍ଥାନ କାଳ ପାତ୍ର ଭୁଲି ନିଜର ଈପ୍‌ସିତ କାର୍ଯ୍ୟ କରାଇଦେବା ଲାଗି ଜିଗର କରିଥାନ୍ତି। କରିବା ଲୋକ ତ ହାବୁଡ଼େ ପଡିଗଲା, କାମଟା କରେଇନେବା ଚକ୍କରରେ ରହିଥାନ୍ତି। ସୁବିଧାବାଦୀ ଲୋକଙ୍କ ଏତାଦୃଶ ପ୍ରକୃତି ବା ଚରିତ୍ର ରହିଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ବାଳ ପାଚିଲେ ବୋଲନ୍ତି ମଉସା**
**ପଙ୍କ ଚିପିଲେ ମିଳନ୍ତି ଗଡ଼ିଶା ।**

ବୟସ ବଢ଼ିଗଲେ ଏହାର ପ୍ରଭାବ ଶରୀର ଉପରେ ପଡ଼ିଥାଏ। ଦେହ ହାତ ଶିଥିଳ ପଡ଼ିଯିବା ସହ ଆଖିକୁ ଭଲ ଦିଶି ନ ଥାଏ ଓ କେଶ ମଧ୍ୟ ପାଚିଯାଇଥାଏ। ଏପରି କେଶ ପାଚିଯାଇଥିବା ବ୍ୟକ୍ତିଙ୍କୁ ପିତୃସ୍ଥାନୀୟ ମାନ୍ୟତା ଦିଆଯାଇଥାଏ। ସେହିପରି ଗଡ଼ିଶା ମାଛ ପଙ୍କ ମଧ୍ୟରେ ରହିଥାଏ। ତାକୁ ଧରିବାକୁ ହେଲେ ପଙ୍କ ଘାଣ୍ଟିବାକୁ ପଡୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଭୁବନେଶ୍ୱର 'ନ୍ୟୁ ସିଟି' ...

ଗୋଠପାଟଣା, ମଳିପଡ଼ା ଓ ଦାଶପୁର ଅଞ୍ଚଳର ପ୍ରାୟ ୮୦୦ ଏକର ଜମିକୁ ନେଇ ହେବ। ଏହା ରାଜ୍ୟର ଦୀର୍ଘକାଳୀନ ବିକାଶ ଯୋଜନା 'ବିକଶିତ ଓଡ଼ିଶା–୨୦୩୬' ସହ ଜଡ଼ିତ ଏକ ବହୁ–ଅର୍ଥନୀତି ବୃଦ୍ଧି ଅଞ୍ଚଳ ରୂପେ ତିଆରିହେବ। 'ନୂଆ ସହର'(ନିୟୁ ସିଟି) ଏକ ପରିବହନ–କେନ୍ଦ୍ରିକ ଯୋଜନା, ଯାହା ସହଜ ସାର୍ବଜନୀନ ପରିବହନ, କମ୍ ଯାତ୍ରା ଦୂରତା ଓ ବିଭିନ୍ନ ଜମି ବ୍ୟବହାରର ସୁଗମ ସଂଯୋଗ ଉପରେ ଧ୍ୟାନ ଦେଇଛି। ଏହା ସହରବାସୀଙ୍କ ପାଇଁ ଘର ଯୋଗାଇବା ଲକ୍ଷ୍ୟ ରଖୁଛି, ଯେଉଁଥିରେ ସମସ୍ତ ଆୟ ଶ୍ରେଣୀ ପାଇଁ ସାମର୍ଥ୍ୟ ଓ ଆବଶ୍ୟକତା ଅନୁସାରେ ବିଭିନ୍ନ ପ୍ରକାରର ଘର ଉପଲବ୍ଧ ହେବ। ଏହି ସହର ଆଧୁନିକ ସୁବିଧା ସୁଯୋଗ ସହ ତିଆରିହେବ, ଯେପରିକି ବୈଠକ, ପ୍ରୋତ୍ସାହନ, ସମ୍ମିଳନୀ ଓ ପ୍ରଦର୍ଶନୀ ପାଇଁ ସୁବିଧା, ନୂଆ ଆଇଡିଆ–ଆଧାରିତ କାର୍ଯ୍ୟକ୍ଷେତ୍ର ଓ ଡାଟା ପରିଚାଳନା କେନ୍ଦ୍ର। ଲୋକଙ୍କ ସାମାଜିକ ଆବଶ୍ୟକତା ପୂରଣ ଓ ସମୁଦାୟରେ ମିଳାମିଶା ବୃଦ୍ଧି ପାଇଁ ସେଣ୍ଟ୍ରାଲ ଫରେଷ୍ଟ ପାର୍କ, ଗେଟ୍‌ୱେ ପ୍ଲାଜା ଓ ଅନେକ ଖୋଲା ସାର୍ବଜନୀନ ସ୍ଥାନ ତିଆରି ଉପରେ ବିଶେଷ ଗୁରୁତ୍ୱ ଦିଆଯିବ। ଏହି ପ୍ରକଳ୍ପ ଜଳବାୟୁ ସହନଶୀଳତା, ପରିବେଶ ସୁରକ୍ଷା ଓ ନାଗରିକଙ୍କ ସମଗ୍ର କଲ୍ୟାଣ ପାଇଁ ସ୍ମାର୍ଟ ଓ ସବୁଜ ଭିତ୍ତିଭୂମି ସମାଧାନକୁ ମଧ୍ୟ ଅନ୍ତର୍ଭୁକ୍ତ କରିବ। ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଏହି ଯୋଜନା କାର୍ଯ୍ୟକାରୀ କରିବା ପାଇଁ ନୋଡାଲ ଏଜେନ୍ସି ଭାବେ ନିଯୁକ୍ତ ହୋଇଛି, ଯାହା ବର୍ତ୍ତମାନ ବିଭିନ୍ନ ପର୍ଯ୍ୟାୟରେ ଯୋଜନା ଏବଂ ପ୍ରାରମ୍ଭିକ କାର୍ଯ୍ୟକାରିତା ପର୍ଯ୍ୟାୟରେ ରହିଛି।

ମୁଖ୍ୟ ଶାସନ ସଚିବ ପୁଣି କହିଥିଲେ, ୨୦୨୫ ଜାନୁଆରୀ ୧୭ରେ ସିଙ୍ଗାପୁର ରାଷ୍ଟ୍ରପତି ଓ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ) ଓ ସିଙ୍ଗାପୁରର ସୁର୍ବାନା ଜୁରୋଙ୍ଗ ସଂସ୍ଥା (ଏସ୍‌ଜେଆଇ) ମଧ୍ୟରେ ଏକ ଚୁକ୍ତି(ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଛି। ଏହି ଚୁକ୍ତି ଅନୁଯାୟୀ, ଏସ୍‌ଜେଆଇ ନୂଆ ସହର ବା 'ନିୟୁ ସିଟି' ପାଇଁ ମାଷ୍ଟର ପ୍ଲାନ୍ ତିଆରି ଓ ଭିତ୍ତିଭୂମି ବିକାଶ ଲାଗି ପରାମର୍ଶ ଦେବ। ପୂରା ପ୍ରକଳ୍ପ ଲାଗି ବିଡିଏ ଆଗାମୀ ୧୫ ବର୍ଷରେ ୮,୧୭୯ କୋଟି ଟଙ୍କା ଖର୍ଚ୍ଚ କରିବାର ଯୋଜନା ରଖିଛି, ଯେଉଁଥିରେ ସରକାରୀ ଓ ଘରୋଇ ଅର୍ଥ ମିଶିବ। ପ୍ରଥମ ୫ ବର୍ଷ(୨୦୨୫–୨୬ ରୁ ୨୦୨୯–୩୦)ରେ ରାଜ୍ୟ ବଜେଟ୍‌ରୁ ୧,୩୪୨ କୋଟି ଟଙ୍କା ଦେବାକୁ ପ୍ରସ୍ତାବ ରହିଛି, ଯେଉଁ ଅର୍ଥ ଜମିକିଣା ସହିତ ରାସ୍ତା ତିଆରି, ମୌଳିକ ସୁବିଧା, ସାର୍ବଜନୀନ ସୁବିଧା ଓ ପ୍ରଶାସନିକ ଖର୍ଚ୍ଚ ପାଇଁ ବ୍ୟବହୃତ ହେବ ବୋଲି ମୁଖ୍ୟ ଶାସନ ସଚିବ ଆହୁଜା କହିଥିଲେ।

## ବିଡିଓ, ଯନ୍ତ୍ରୀଙ୍କ ଆର୍ଥିକ, ...

ଯୋଜନା ଏବଂ ଆକଳନର ପ୍ରଶାସନିକ ଅନୁମୋଦନ ପ୍ରଦାନ କରିବାର କ୍ଷମତା ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀଙ୍କୁ ମଧ୍ୟ ନ୍ୟସ୍ତ କରାଯାଇଛି।

ମୁଖ୍ୟ ସଚିବ କହିଛନ୍ତି, ସାଧାରଣ ବିକାଶମୂଳକ କାର୍ଯ୍ୟଗୁଡ଼ିକ ପାଇଁ ବୈଷୟିକ ମଞ୍ଜୁରୀ ଏବଂ ପ୍ରଶାସନିକ ଅନୁମୋଦନ ପୂର୍ବରୁ ଯାହା ଥିଲା ତାକୁ ବୃଦ୍ଧି କରାଯାଇଛି। କନିଷ୍ଠ ତଥା ସହକାରୀ ଯନ୍ତ୍ରୀମାନେ ଏବେ ୫ ଲକ୍ଷ ପର୍ଯ୍ୟନ୍ତ ବୈଷୟିକ ମଞ୍ଜୁରୀ ପ୍ରଦାନ କରିପାରିବେ। ସହକାରୀ ନିର୍ବାହୀ ଯନ୍ତ୍ରୀମାନଙ୍କୁ ୫ ଲକ୍ଷରୁ ୨୦ ଲକ୍ଷ ପର୍ଯ୍ୟନ୍ତ କ୍ଷମତା ମିଳିଥିବାବେଳେ ନିର୍ବାହୀ ଯନ୍ତ୍ରୀମାନେ ୨୦ ଲକ୍ଷରୁ ୧ କୋଟି, ଅଧୀକ୍ଷଣ ଯନ୍ତ୍ରୀମାନେ ୧ କୋଟିରୁ ୪ କୋଟି ପର୍ଯ୍ୟନ୍ତ ଏବଂ ୪ କୋଟିରୁ ଅଧିକ ପ୍ରକଳ୍ପ ମୁଖ୍ୟ ଯନ୍ତ୍ରୀଙ୍କ ଦ୍ୱାରା ବୈଷୟିକ ମଞ୍ଜୁରୀ ପ୍ରଦାନ କରାଯିବ।

ଅନ୍ୟପକ୍ଷେ ଏମ୍‌ଜିଏନ୍‌ଆର୍‌ଇଜିଏସ୍

## ପ୍ରଥମ ପୃଷ୍ଠାରୁ...

ଯୋଜନା ଅଧୀନରେ ବିକାଶମୂଳକ କାର୍ଯ୍ୟ ପାଇଁ କନିଷ୍ଠ/ସହାୟକ ଯନ୍ତ୍ରୀ/ଗ୍ରାମ ପଞ୍ଚାୟତ ବୈଷୟିକ ସହାୟକମାନେ ଏବେ ୫ ଲକ୍ଷ ପର୍ଯ୍ୟନ୍ତ ବୈଷୟିକ ମଞ୍ଜୁରୀ ପ୍ରଦାନ କରିପାରିବେ। ଯେତେବେଳେ କି ସହକାରୀ ନିର୍ବାହୀ ଯନ୍ତ୍ରୀମାନଙ୍କୁ ୫ ଲକ୍ଷରୁ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କ୍ଷମତା ଦିଆଯାଇଛି। ଅନୁରୂପ ଭାବେ ନିର୍ବାହୀ ଯନ୍ତ୍ରୀ/ଅତିରିକ୍ତ ନିର୍ବାହୀ ଅଧିକାରୀ(ବୈଷୟିକ)ମାନେ ୨୦ ଲକ୍ଷରୁ ୧ କୋଟି, ଅଧୀକ୍ଷଣ ଯନ୍ତ୍ରୀମାନେ ୧ କୋଟିରୁ ୪ କୋଟି ଏବଂ ୪ କୋଟି ଟଙ୍କାରୁ ଅଧିକ ପ୍ରକଳ୍ପ ମୁଖ୍ୟ ଯନ୍ତ୍ରୀଙ୍କ ଦ୍ୱାରା ବୈଷୟିକ ମଞ୍ଜୁରୀ ପ୍ରଦାନ କରାଯାଇପାରିବ।

ସେହିପରି ସାଧାରଣ ବିକାଶମୂଳକ ଯୋଜନା(ଏମ୍‌ଜିଏନ୍‌ଆରଇଜିଏସ୍ ବ୍ୟତୀତ)ରେ ପ୍ରଶାସନିକ ଅନୁମୋଦନ କ୍ଷମତା ମଧ୍ୟ ବୃଦ୍ଧି କରାଯାଇଛି। ବ୍ଲକ ଉନ୍ନୟନ ଅଧିକାରୀ ୨୦ ଲକ୍ଷ ପର୍ଯ୍ୟନ୍ତ, ପଞ୍ଚାୟତ ସମିତି ଅଧ୍ୟକ୍ଷ ୨୦ ଲକ୍ଷରୁ ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଏବଂ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ–ତଥା–ନିର୍ବାହୀ ଅଧିକାରୀ ୫୦ ଲକ୍ଷରୁ ଅଧିକ ଟଙ୍କାର ପ୍ରକଳ୍ପରେ ଅନୁମୋଦନ ପ୍ରଦାନ କରିପାରିବେ। ସେହିପରି ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନା ଅଧୀନରେ ବିକାଶମୂଳକ କାର୍ଯ୍ୟ ପାଇଁ ପ୍ରଶାସନିକ ଅନୁମୋଦନ କ୍ଷମତା ମଧ୍ୟ ବୃଦ୍ଧି କରାଯାଇଛି। ବିଡିଓମାନେ ୨୦ ଲକ୍ଷ ପର୍ଯ୍ୟନ୍ତ, ପଞ୍ଚାୟତ ସମିତି ଅଧ୍ୟକ୍ଷ ୨୦ ଲକ୍ଷରୁ ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଏବଂ ଜିଲାପାଳ ୫୦ ଲକ୍ଷ ଟଙ୍କାରୁ ଅଧିକ ପ୍ରକଳ୍ପ ନିମନ୍ତେ ଅନୁମୋଦନ ପ୍ରଦାନ କରିପାରିବେ। ଏହି ସଂଶୋଧନଗୁଡ଼ିକ ବିଲ୍ ପାସ୍ କରିବା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବ ଏବଂ ସମସ୍ତ ପଞ୍ଚାୟତ ସମିତିରେ ବିକାଶମୂଳକ କାର୍ଯ୍ୟକ୍ରମଗୁଡ଼ିକର ସଫଳ ରୂପାୟନ ଦିଗରେ ସହାୟକ ହେବ ବୋଲି ମୁଖ୍ୟ ଶାସନ ସଚିବ କହିଥିଲେ।

## ଡେଜିଲା ମାକ୍ରଁ ...

ବଢ଼ିବାରେ ଲାଗିଛି। ଦେଖିବାକୁ ଗଲେ ଫ୍ରାନ୍ସରେ ରାଜନୈତିକ ସ୍ତରରେ ଭୁଲ୍ ପଦକ୍ଷେପ ଯୋଗୁ ସଙ୍କଟ ସୃଷ୍ଟି ହୋଇଛି। ୟୁରୋପୀୟ ପାର୍ଲାମେଣ୍ଟରେ ମାକ୍ରଁଙ୍କ ଦଳର ଦୁର୍ବଳ ପ୍ରଦର୍ଶନ ପରେ ସାନି ନିର୍ବାଚନ କରାଇବା ନେଇ

ନିଷ୍ପତ୍ତି ତାଙ୍କ ସରକାରକୁ ଆହୁରି ଅସ୍ଥିର କରିଦେଇଥିଲା। ନୂଆ ନ୍ୟାଶନାଲ ଆସେମ୍ବ୍ଲି ବାମପନ୍ଥୀ ବ୍ଲକ୍, ମାରିନ୍ ଲି ପେନ୍‌ଙ୍କ ନ୍ୟାଶନାଲ ପାର୍ଟି ଓ ସେଣ୍ଟ୍ରିଷ୍ଟଙ୍କୁ ନେଇ ଭାଗଭାଗ ହୋଇଯାଇଛି। ଏଥିଯୋଗୁ ପୂର୍ବରୁ ୩ ଜଣ ପ୍ରଧାନମନ୍ତ୍ରୀ ଗାବ୍ରିଏଲ୍ ଅଟାଲ, ମିଶେଲ ବର୍ନିଏ ଓ ଫ୍ରାଙ୍କୋଇସ୍ ବେରୌଙ୍କୁ ପଦ ହରାଇବାକୁ ପଡ଼ିଛି। ଅର୍ଥନୀତିଜ୍ଞମାନେ କହିଛନ୍ତି, ଫ୍ରାନ୍ସରେ ସ୍ଥିରତା ଆଣିବାକୁ ହେଲେ ଟିକସ ବୃଦ୍ଧି ଓ ମୋଟ ଘରୋଇ ଉତ୍ପାଦ (ଜିଡିପି)ର ୫% ଖର୍ଚ୍ଚ କାଟ୍ ପାଇଁ ପଦକ୍ଷେପ ନେବାକୁ ପଡ଼ିବ। ଏହି ସବୁ ପ୍ରସଙ୍ଗରେ ମାକ୍ରଁଙ୍କ ଉଦାସୀନତାକୁ ଦେଶବାସୀ ନାପସନ୍ଦ କରି 'ବ୍ଲକ୍ ଏଭ୍ରିଥିଙ୍ଗ୍ ମୁଭ୍‌ମେଣ୍ଟ' ଚଳାଇଛନ୍ତି। ବିଶେଷକରି ଟିକ୍‌ଟକ୍, X ଓ ଏନ୍‌କ୍ରିପ୍ଟେଡ୍ ମେସେଜିଂ ଚ୍ୟାନେଲଗୁଡ଼ିକରେ ଆରମ୍ଭ ହୋଇଥିବା ଏହି ଆନ୍ଦୋଳନ ସମ୍ପ୍ରତି ଦାନା ବାନ୍ଧିବାରେ ଲାଗିଛି। ଷ୍ଟ୍ରାଇକ୍, ବର୍ଜନ, ରାସ୍ତାରେ ବିକ୍ଷୋଭ ସହ ଶ୍ରମିକ, ଛାତ୍ରୀଛାତ୍ର ଓ ଅଧିକାର କର୍ମୀମାନେ ମାକ୍ରଁଙ୍କ ଅସମାନତା ନୀତିକୁ ଜୋର୍‌ଦାର ବିରୋଧ କରୁଛନ୍ତି। ଏହି ଆନ୍ଦୋଳନର କେହି କେନ୍ଦ୍ରୀୟ ନେତୃତ୍ୱ ନାହାନ୍ତି। ଏହାସତ୍ତ୍ୱେ ରାସ୍ତା ଅବରୋଧ, ବ୍ୟାଙ୍କରୁ ଅର୍ଥ ଉଠାଣ ଓ ବଡ଼ ସଂସ୍ଥାଗୁଡ଼ିକୁ ବର୍ଜନ କରିବା ୨୦୧୮–୧୯ର 'ୟେଲୋ ଭେଷ୍ଟ' ପ୍ରୋଟେଷ୍ଟର ସ୍ମୃତିକୁ ଉଜ୍ଜୀବିତ କରିଛି। ପୋଲିସ ବୁଧବାର ସକାଳେ ୭୫ ଜଣଙ୍କୁ ଅଟକ ରଖିଥିବାବେଳେ ଅପରାହ୍ନ ହେଲାବେଳକୁ ଗିରଫ ଆନ୍ଦୋଳନକାରୀଙ୍କ ସଂଖ୍ୟା ୩୦୦ ଛୁଇଁଛି। ବେସାମରିକ ବିମାନ ଚଳାଚଳ କର୍ତ୍ତୃପକ୍ଷ ନିସ୍, ମାର୍ସିଲେ, ବସ୍ତିଆ, ଆଜାକ୍କିଓ ଓ ଅନ୍ୟ ସହରଗୁଡ଼ିକରେ ବିମାନବନ୍ଦର ପାଇ ସତର୍କତା ଜାରି କରିଛନ୍ତି। ଯାତ୍ରୀମାନେ ସେମାନଙ୍କ ବିମାନ ଚଳାଚଳରେ ବିଳମ୍ବ ଓ ରଦ୍ଦ ନେଇ ଯାଞ୍ଚ କରିନିଅନ୍ତୁ ବୋଲି ପରାମର୍ଶ ଦିଆଯାଇଛି। ଏସବୁ ଭିତରେ ନୂତନ ପ୍ରଧାନମନ୍ତ୍ରୀ ନିଯୁକ୍ତି ସହ ମାକ୍ରଁଙ୍କ ପାଇଁ ନୂଆ ଚ୍ୟାଲେଞ୍ଜ ଉଭା ହୋଇଛି। ରାଷ୍ଟ୍ରପତି ଭୋଟରଙ୍କ ନୈରାଶ୍ୟକୁ ଅଣଦେଖା କରି ନିଜ ଅନୁଗତଙ୍କୁ ଥଇଥାନ କରିବାକୁ ଉଦ୍ୟମ କରିଥିବା ସୋସିଆଲିଷ୍ଟ ପାର୍ଟି ସମେତ ଅନ୍ୟ ବିରୋଧୀ ଦଳଗୁଡ଼ିକ ଅଭିଯୋଗ ଆଣିଛନ୍ତି।

## ଶିଳ୍ପ, ବ୍ୟବସାୟିକ ...

ବାଲୁଗାଁ ଓ ବ୍ରହ୍ମପୁର ୬୯.୨୪୧ ଲକ୍ଷ, ପୂର୍ବତଟ ରେଲୱେ ଛତ୍ରପୁର, ଜଗନ୍ନାଥପୁର ଓ ବ୍ରହ୍ମପୁର ୬୭୨.୭୫୮ ଲକ୍ଷ ଟଙ୍କା ପୈଠ କରିନାହିଁ। ସେହିପରି ଭଞ୍ଜନଗର ଜଳସେଚନ ବିଭାଜନରୁ ପାଣି ନେଉଥିବା ୨ଟି ସଂସ୍ଥା ୧୮୮.୨୩୦ ଲକ୍ଷ ଟଙ୍କା ବାକି ରଖିଥିବା ବେଳେ ହରଭଙ୍ଗୀ ଜଳସେଚନ ବିଭାଜନରୁ ପାଣି ନେଉଥିବା ୪୯ ଶିଳ୍ପ, ଅନୁଷ୍ଠାନ ଓ ବ୍ୟବସାୟିକ ସଂସ୍ଥା ପାଖରେ ୫୨୦୫୧.୪୯ ଲକ୍ଷ ଟଙ୍କା ବାକି ପଡିଛି। ତେବେ ଏମାନଙ୍କ ମଧ୍ୟରେ ରାୟଗଡାର ଜେ.କେ.ପେପର ଲିମିଟେଡ ସିଂହଭାଗ ବାକି ରଖିଛି। ସେ ୫୧୯୦୬.୯୬୭୧୧ ଲକ୍ଷ ଟଙ୍କା କର ଦେବାକୁ ଅଛି। ସେହିପରି ଜେ.କେ.ଆକ୍ୱା ପ୍ରଡକ୍ଟ ୨.୧୬୪୩୧ ଲକ୍ଷ ଟଙ୍କା, ରାୟଗଡାର ତେଜସ୍ୱୀ ହୋଟେଲ ୫.୫୧୦୯୭ ଲକ୍ଷ, ରାୟଗଡା ବାସୁଦେବ ଲଜ୍ ୨.୨୩୫୭୨ ଲକ୍ଷ, ପାରଳାଖେମୁଣ୍ଡି ସହରକୁ ଜଳଯୋଗାଣ କରୁଥିବା ବ୍ରହ୍ମପୁର ଜନସ୍ୱାସ୍ଥ୍ୟ ବିଭାଗ ୧୦.୪୧୨୪ ଲକ୍ଷ, ରାୟଗଡା ଜନସ୍ୱାସ୍ଥ୍ୟ ବିଭାଗ ୬.୨୮ ଲକ୍ଷ, ରାୟଗଡା ରେଲୱେ ବିଭାଗ ୫୮.୫୨୬୨୯ ଲକ୍ଷ, ମିଟସ୍ ଇଞ୍ଜିନିୟରିଂ କଲେଜ ୧୨.୩୨ ଲକ୍ଷ ଟଙ୍କା ବାକି ରଖିଥିବା ରିପୋର୍ଟରେ ଉଲ୍ଲେଖ ରହିଛି। ବିଭିନ୍ନ ନଦୀ, ନାଳ ଜରିଆରେ ପମ୍ପ ସାହାଯ୍ୟରେ ଏମାନେ ପାଣି ନେଉଥିବାବେଳେ ଜଳକର ଦେବାକୁ ପଛଘୁଞ୍ଚା ଦେଉଥିବାରୁ ସରକାରଙ୍କ ରାଜସ୍ୱ ହାନୀ ହେଉଥିବା ଚର୍ଚ୍ଚା ହେଉଛି। ଏ ସଂକ୍ରାନ୍ତରେ ବ୍ରହ୍ମପୁର ଜଳ ସମ୍ପଦ ବିଭାଗ ଋଷିକୁଲ୍ୟା, ବାହୁଦା, ବଂଶଧାରା ଓ ନାଗାବଳୀ ଅବବାହିକାର ମୁଖ୍ୟଯନ୍ତ୍ରୀ ନିର୍ବିଘ୍ନ ଭୋଇଙ୍କୁ ପଚାରିବାରୁ ସେ କହିଛନ୍ତି, ବର୍ତ୍ତମାନ ସୁଦ୍ଧା ଚିଠି ଆସିନାହିଁ। ଚିଠି ଆସିଲେ ତୁରନ୍ତ ପଦକ୍ଷେପ ନିଆଯିବ।

## ଅକ୍ଟୋବରରୁ ହୋଇପାରେ...

ଦୃଷ୍ଟିରେ ରଖି ଭୋଟର ତାଲିକାର ଏସ୍‌ଆଇଆର୍ ଆରମ୍ଭ କରିଥିଲେ। ସୂତ୍ରରୁ ଜଣାପଡ଼ିଛି, ବୁଧବାର ଅନୁଷ୍ଠିତ ସମ୍ମିଳନୀ–କର୍ମଶାଳାରେ ସିଇଓମାନଙ୍କୁ କେତେଶୀଘ୍ର ସେମାନେ ରିଭିଜନ୍ ପାଇଁ ପ୍ରସ୍ତୁତ ହୋଇପାରିବେ ବୋଲି ପ୍ରଶ୍ନ କରାଯାଇଥିଲା। ଅଧିକାଂଶ ଅଧିକାରୀ କହିଥିଲେ, ସେପ୍ଟେମ୍ବର ସୁଦ୍ଧା ମୌଳିକ କାର୍ଯ୍ୟ ସମ୍ପନ୍ନ ହେଲେ ଅକ୍ଟୋବରରେ ଏସ୍‌ଆଇଆର୍ ପାଇଁ ବାଟ ଫିଟିପାରେ। ସାଢ଼େ ୩ ଘଣ୍ଟା ଧରି ଚାଲିଥିବା ଆଲୋଚନା ବେଳେ ଏସ୍‌ଆଇଆର୍ ପାଇଁ ଲଜିଷ୍ଟିକ୍ ଓ ପ୍ରସ୍ତୁତି ଉପରେ ଗୁରୁତ୍ୱ ଦିଆଯାଇଥିଲା। ରିଭିଜନ୍ ବେଳେ ମତଦାତାଙ୍କ କେଉଁସବୁ ଦସ୍ତାବିଜକୁ ଯାଞ୍ଚ ପାଇଁ ଗ୍ରହଣ କରାଯାଇପାରିବ ସେନେଇ ଏକ ତାଲିକା ପ୍ରସ୍ତୁତ କରିବାକୁ ସିଇଓମାନଙ୍କୁ ଇସି ନିର୍ଦ୍ଦେଶ ଦେଇଛନ୍ତି। ଭୋଟର ତାଲିକାରେ ସଂଶୋଧନ କରି ମୃତ ବ୍ୟକ୍ତି, ସ୍ଥାୟୀ ଭାବେ ସ୍ଥାନାନ୍ତରିତ, ନକଲି ଭୋଟର, ଅଣନାଗରିକମାନଙ୍କ ନାମ ହଟାଇବା ଏବଂ ଯୋଗ୍ୟ ଭୋଟରଙ୍କୁ ତାଲିକାରେ ଯୋଡ଼ିବା ଏହି ପ୍ରକ୍ରିୟାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଇସି କହିଛନ୍ତି।

# ଦଳରେ କୌଣସି ପ୍ରଭାବ ପଡ଼ିବ ନାହିଁ: ଜଗନ୍ନାଥ ସାରକା

## ଭାସ୍କର, ହିମିରିକାଙ୍କ ଇସ୍ତଫାକୁ କାଉଣ୍ଟରକଲା ଜିଲା ବିଜେଡି



ଖବରଦାତା ସମ୍ମିଳନୀରେ ଉପସ୍ଥିତ ବିଜେଡି ନେତା।

**ରାୟଗଡ଼ା,୧୦।୯(ଆଶିଷ ରଞ୍ଜନ ପଣ୍ଡା)**

ରାଜ୍ୟ ସଭାର ପୂର୍ବତନ ସଦସ୍ୟ ଏନ୍. ଭାସ୍କର ରାଓ, ପୂର୍ବତନ ମନ୍ତ୍ରୀ ଲାଲବିହାରୀ ହିମିରିକା ଓ ଜିଲା ପରିଷଦ ପୂର୍ବତନ ଅଧ୍ୟକ୍ଷ ଗଙ୍ଗାଧର ପୁଆଲା ମଙ୍ଗଳବାର ବିଜେଡିରୁ ଇସ୍ତଫା ଦେବା ପରେ ବୁଧବାର ରାୟଗଡ଼ା ଜିଲା ବିଜେଡି ଖବରଦାତା ସମ୍ମିଳନୀକରି ସେମାନଙ୍କୁ କାଉଣ୍ଟର କରିଛି । ସେମାନଙ୍କ ଇସ୍ତଫା ପରେ ଦଳ ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ, ବରଂ ଦଳ ଆହୁରି ସୁଦୃଢ଼ ହେବ ବୋଲି ରାୟଗଡ଼ା ଜିଲା ବିଜେଡି ସଭାପତି ଜଗନ୍ନାଥ ସାରକା କହିଛନ୍ତି। ସେମାନେ ଦଳ ଛାଡ଼ିବା ରାୟଗଡ଼ା ଜିଲାବାସୀ ଓ ବିଜେଡି ପାଇଁ ମଙ୍ଗଳକାରୀ । ଯେଉଁ ଦଳ ତାଙ୍କୁ ସର୍ବସ୍ୱ ଦେଲା, ନିଜ ସ୍ୱାର୍ଥ ପାଇଁ ତାକୁ ତ୍ୟାଗକଲେ ବୋଲି ଜଗନ୍ନାଥ କହିଛନ୍ତି ।

ସ୍ଥାନୀୟ ଏକ ହୋଟେଲରେ ଜିଲା ସଭାପତି ସାରକାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପୂର୍ବତନ ଜିଲା ସଭାପତି ସୁଧୀର ଦାସ, ପୂର୍ବତନ ବିଧାୟକ ରଘୁନାଥ ଗମାଙ୍ଗ, ଅନସୂୟା ମାଝି, ପି.ଗୌରୀଶଙ୍କର, ଜିଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝି, ଉପାଧ୍ୟକ୍ଷ ସନ୍ତୋଷ ସୁନା, ପୌର ଉପାଧ୍ୟକ୍ଷା ଶୁଭ୍ରା ପଣ୍ଡା, ସତ୍ୟ ପାଢ଼ୀ, ଦେବାଶିଷ ଖାଡ଼ଙ୍ଗା ପ୍ରମୁଖ ଉପସ୍ଥିତ ଥିଲେ । ଭାସ୍କର, ହିମିରିକାଙ୍କ ସହ ବହୁ ନେତା ଓ କର୍ମୀ ବିଜେଡି ଛାଡ଼ିବା ଘଟଣାକୁ ବିଜେଡି ନେତା ବିରୋଧ କରିବା ସହ ମିଳିତ ଭାବେ ଭାସ୍କରଙ୍କୁ ଟାର୍ଗେଟ କରିଥିଲେ। ବିଜେଡି ଛାଡ଼ି ଭାସ୍କର ଓ ଅନ୍ୟମାନେ ଯେଉଁ ବିଜୁ ସ୍ୱାଭିମାନ ମଞ୍ଚ ଗଠନ କରିଛନ୍ତି ତାହା ବେପାରୀ ସ୍ୱାଭିମାନ ମଞ୍ଚ। ନିଜ ବ୍ୟବସାୟର ସୁରକ୍ଷା ପାଇଁ ଭାସ୍କର ଏହାର ଗଠନ କରିଛନ୍ତି। ଗତ କିଛିଦିନ ଧରି ଦଳରେ ଯେଉଁ ଗୋଷ୍ଠୀକନ୍ଦଳ ଚାଲିଥିଲା ତାହାର ଅନ୍ତ ଘଟିଛି ଏବଂ ଧର୍ମର ଜୟ ହୋଇଛି ବୋଲି ସୁଧୀର କହିଛନ୍ତି । ୨୦୦୦ ମସିହା ପୂର୍ବରୁ ଭାସ୍କରଙ୍କ ଅସ୍ତିତ୍ୱ କ'ଣ ଥିଲା, ସେତେବେଳେ ତାଙ୍କର କେତେ ସମ୍ପତ୍ତି ରହିଥିଲା ଏବଂ ଏବେ ତାଙ୍କ ନିକଟରେ କ'ଣ ଅଛି ସେ ନିଜେ ସାଧାରଣରେ ପ୍ରକାଶ କରନ୍ତୁ ବୋଲି ସୁଧୀର ଓ ଗୌରୀଶଙ୍କର କହିଛନ୍ତି । ଗତ ୩୦ବର୍ଷ ହେବ ତାଙ୍କୁ ଅନ୍ଧ ଭଳି ବିଶ୍ୱାସ କରିଥିବାରୁ ଭାସ୍କର କ୍ଷମତା ଉପଭୋଗ କରୁଥିଲେ। ଦଳ ଭିତରେ ଅନ୍ତର୍ଘାତୀ କାମ କରିବା ଯୋଗୁ ବିଜେଡି ନିର୍ବାଚନରେ ହାରିଲା। ସେହିପରି ଭାସ୍କର ସ୍ୱର୍ଗତ କୃଷ୍ଣଚନ୍ଦ୍ର ବକ୍ସିପାତ୍ରଙ୍କ ପ୍ରତି ଗୁରୁଦ୍ରୋହ କରିଛନ୍ତି ବୋଲି ସୁଧୀର ଆକ୍ଷେପ କରିଛନ୍ତି । ଅପରପକ୍ଷରେ ଆସନ୍ତା ୧୯ ରୁ ୨୧ତାରିଖ ଭିତରେ ବିଜେଡି ପକ୍ଷରୁ ବିରାଟ ସମାବେଶ ହେବ ଏବଂ ଭାସ୍କରଙ୍କ ବିନା ଦଳ କେତେ ସଶକ୍ତ ତାହା ସେହିଦିନ ଭାସ୍କର ଜାଣିବେ ବୋଲି କହିଛନ୍ତି ସୁଧୀର । ଏହି ଅବସରରେ ବୁଧବାର ବିଜେଡି ତରଫରୁ ବିଭିନ୍ନ ବ୍ଲକ୍ ଓ ସହରର ନେତାଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା। ସେଠାରେ ଜଗନ୍ନାଥଙ୍କୁ ନୂତନ ସଭାପତି ଭାବେ ସ୍ୱାଗତ ସମ୍ବର୍ଦ୍ଧନା ସହ ଆଗାମୀ ରଣନୀତି ପ୍ରସ୍ତୁତ କରାଯାଇଥିଲା।

## ଜିଲା ବିଜେଡି ମନ୍ତବ୍ୟର ପ୍ରତ୍ୟୁତ୍ତର ଦେଲେ ତିରୁପତି

### ହିମିରିକାଙ୍କ ସ୍ଥାନରେ ପକ୍ଷପାତ କରାଯାଇ ଜଗନ୍ନାଥଙ୍କୁ ଚୟନ ଅଭିଯୋଗ

**ରାୟଗଡ଼ା,୧୦।୯(ଆଶିଷ ରଞ୍ଜନ ପଣ୍ଡା)**

ରାୟଗଡ଼ା ଜିଲା ବିଜେଡି ସଭାପତି ଘୋଷଣା ପରେ ରାଜ୍ୟ ସଭା ପୂର୍ବତନ ସଦସ୍ୟ ଏନ୍.ଭାସ୍କର ରାଓ, ପୂର୍ବତନ ମନ୍ତ୍ରୀ ଲାଲବିହାରୀ ହିମିରିକା, ଜିଲା ପରିଷଦ ପୂର୍ବତନ ଅଧ୍ୟକ୍ଷ ଗଙ୍ଗାଧର ପୁଆଲାଙ୍କ ସମେତ ଦଳର ବରିଷ୍ଠ ନେତା ବାନାଗାଡ଼ି ତିରୁପତି ଓ ଅନ୍ୟମାନେ ବିଜେଡି ଛାଡ଼ିଛନ୍ତି । ତେବେ ଏହାକୁ ନେଇ ବୁଧବାର ଜିଲା ବିଜେଡି ସଭାପତି ଜଗନ୍ନାଥ ସାରକା ଓ ଅନ୍ୟ ନେତାମାନେ ମିଳିତ ଭାବେ ଏକ ଖବରଦାତା ସମ୍ମିଳନୀ କରି କାଉଣ୍ଟର କରି ଦଳ ଉପରେ କୌଣସି ପ୍ରଭାବ ନ ପଡ଼ିବା ନେଇ ମନ୍ତବ୍ୟ ରଖିଛନ୍ତି। ତେବେ ଭାସ୍କରଙ୍କ ରାଜନୀତିକୁ ନେଇ କରିଥିବା କଟାକ୍ଷର ପ୍ରତ୍ୟୁତ୍ତର ଦେଇଛନ୍ତି ତିରୁପତି। ଜିଲାରେ ଲାଗି ରହିଥିବା ବିବାଦକୁ ନେଇ ଜିଲା ସଭାପତି ଘୋଷଣା ସ୍ଥଗିତ ରହିଥିଲା । ହେଲେ ପରବର୍ତ୍ତୀ ସମୟରେ ବିଜେଡି ରାଜ୍ୟ ସଭାପତି ଜଣେ ବରିଷ୍ଠ ନେତ୍ରୀ ପ୍ରମିଳା ମଲ୍ଲିକ ଓ ପଦ୍ମନାଭ ବେହେରାଙ୍କୁ ତୃଣମୂଳସ୍ତରରେ କର୍ମୀ ଓ ନେତାଙ୍କ ସହିତ ଏ ନେଇ ଏକ ଆଲୋଚନା କରି ମତାମତ ସଂଗ୍ରହ କରି ରିପୋର୍ଟ ଦେବାକୁ ରାୟଗଡ଼ା ଜିଲା ଗସ୍ତରେ ପଠାଇଥିଲେ । ଉକ୍ତ ଗସ୍ତ ସମୟରେ ପ୍ରମିଳା ଓ ପଦ୍ମନାଭ ତିନୋଟି ଯାକ ନିର୍ବାଚନମଣ୍ଡଳୀ ରାୟଗଡ଼ା, ଗୁଣପୁର ଓ ବିଷମକଟକରେ ପୃଥକ୍ ପୃଥକ୍ ବୈଠକ କରି ନେତା ଓ କର୍ମୀଙ୍କ ସହ ଆଲୋଚନା କରିଥିଲେ।

ଯେଉଁଠିରେ କି ପୂର୍ବତନ ମନ୍ତ୍ରୀ ଲାଲବିହାରୀ ହିମିରିକା ଜଣେ ନିରପେକ୍ଷ ଓ ବରିଷ୍ଠ ନେତା ହୋଇଥିବା କାରଣରୁ ତାଙ୍କୁ ଜିଲା ସଭାପତି ଦାୟିତ୍ୱ ଦେବା ପାଇଁ ଦାବି ହୋଇଥିଲା । ଉକ୍ତ ମତାମତ ସଂଗ୍ରହ କରି ବରିଷ୍ଠ ନେତ୍ରୀ ତଥା ପର୍ଯ୍ୟବେକ୍ଷକ ପ୍ରମିଳା ମଲ୍ଲିକ ରାଜ୍ୟ ସଭାପତିଙ୍କୁ ରିପୋର୍ଟ ପ୍ରଦାନ କରିବା ପରେ ମଧ ଜିଲା ସଭାପତି ଚୟନରେ କାହିଁକି ପକ୍ଷପାତିତା କରାଯାଇଛି ବୋଲି କହିଛନ୍ତି ତିରୁପତି ।



ସେହିଭଳି ୧୯୯୭ ମସିହାରେ ଭାସ୍କର ରାଓଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ଯୋଗୁ ସେ ରାୟଗଡ଼ା ଛାଡ଼ି ଆନ୍ଧ୍ରପ୍ରଦେଶ ଚାଲିଯାଇଥିଲେ ବୋଲି ତିରୁପତି କହିଛନ୍ତି । ଏହାବ୍ୟତୀତ ଯଦି ସୁଧୀର ଦାସ ଜନତା ଦଳ ଓ ବିଜେଡିର ଜଣେ ଟାଣୁଆ ନେତା ଥିଲେ ତେବେ ଉକ୍ତ ସମୟରେ ବିଷମକଟକ ବ୍ଲକ୍‌ରେ କଂଗ୍ରେସ କିଭଳି ବାଜିମାତ୍ କରିଥିଲା ଏବଂ କୋଲନରା ବ୍ଲକ୍‌ରେ ତିରୁପତି କିଭଳି ଭଲ ପ୍ରଦର୍ଶନ କରିପାରିଥିଲେ ବୋଲି ପ୍ରଶ୍ନ କରିଛନ୍ତି। ଭାସ୍କର ରାଓ ବିଜୁ ପଟ୍ଟନାୟକଙ୍କ ସହ ରାଜନୀତିରେ ଜଡ଼ିତ ହୋଇ ଅଣକଂଗ୍ରେସ ଗଡ଼ରେ ଜନତା ଦଳ ଓ ପରବର୍ତ୍ତୀ ସମୟରେ ବିଜୁ ଜନତା ଦଳର ହାତମୁଠାକୁ ଟାଣକରି କୋରାପୁଟ ଏମ୍‌ପି ସମେତ ଜିଲାର ତିନୋଟି ନିର୍ବାଚନମଣ୍ଡଳୀରେ ଦଳକୁ ମଜଭୁତ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଭାସ୍କର ଓ ଅନ୍ୟମାନେ ଦଳ ଛାଡ଼ି ବର୍ତ୍ତମାନ ସମାଜସେବା ପାଇଁ ଆରମ୍ଭ କରିଥିବା ବିଜୁ ସ୍ୱାଭିମାନ ମଞ୍ଚକୁ ନେଇ ସୁଧୀର ଦାସ ଓ ଜିଲା ସଭାପତି ଏତେ ଭୟଭୀତ କାହିଁକି ବୋଲି ତିରୁପତି ପ୍ରଶ୍ନ କରିଛନ୍ତି। ସେମାନେ ବିଜେଡି ସଂଗଠନର ଜିଲା ଦାୟିତ୍ୱରେ ରହିଛନ୍ତି ଏବଂ ଆଗାମୀ ପଞ୍ଚାୟତ ନିର୍ବାଚନରେ ଜନସାଧାରଣ କିଭଳି ପ୍ରତ୍ୟାଖ୍ୟାନ କରିବେ ତାହା ସମୟ କହିବ ବୋଲି କହିଛନ୍ତି ତିରୁପତି।

## ଲିଙ୍ଗଗତ ଭେଦଭାବ କମ୍ କରିବାକୁ ଆହ୍ୱାନ



କର୍ମଶାଳାରେ ଯୋଗଦେଇଥିବା ଅତିଥି ଏବଂ ଯୁବତୀ ଯୁବକ।

### ଲିଙ୍ଗଗତ ବିଷମତାକୁ ନେଇ କର୍ମଶାଳା

**ଟିକିରି,୧୦।୯ (ପ୍ରଫୁଲ୍ଲ କୁମାର ବେହେରା)**

ରାୟଗଡ଼ା ଜିଲା କାଶୀପୁର ବ୍ଲକ୍‌ରେ ଲିଙ୍ଗଗତ ବିଷମତାକୁ ନେଇ ଦୁଇଦିନିଆ କର୍ମଶାଳା ସୋମବାର ଉଦ୍‌ଯାପିତ ହୋଇଯାଇଛି। ଲିଭିଂ ଫାର୍ମସ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଏହି କର୍ମଶାଳାରେ ଗୋରଖପୁର ଓ ଦୁଦୁକାବାହଲ ପଞ୍ଚାୟତର ପ୍ରାୟ ୫୦ ଜଣ କିଶୋରୀ ଓ ଯୁବକ ଯୋଗଦେଇଥିଲେ। ଲିଙ୍ଗଗତ ବିଷମତା ସାଂପ୍ରତିକ ସମୟର ଏକ ବହୁତ ବଡ ସମସ୍ୟା। ସମାଜର ପ୍ରତ୍ୟେକ ସ୍ତରରେ ଲିଙ୍ଗଗତ ବିଷମତା ଯୋଗୁ ନାରୀମାନେ ବିଭିନ୍ନ ଅଧିକାରରୁ ବଞ୍ଚିତ ହେଉଛନ୍ତି ଏହାର ପ୍ରଭାବ ସେମାନଙ୍କ ଜୀବନରେ ସଫଳତାକୁ ସଙ୍କୁଚିତ କରୁଛି ବୋଲି ଆଲୋଚନା କରାଯାଇଥିଲା। ବ୍ଲକ ସଂଯୋଜକ ସୁକାନ୍ତ ନାଏକ କର୍ମଶାଳା ପରିଚାଳନା କରିଥିବାବେଳେ କିଶୋରୀ ସାଥୀ ଦିଶାନି ଓ ଚଞ୍ଚଳା ନାଏକ ସହଯୋଗ କରିଥିଲେ। ଲିଙ୍ଗଗତ ଭେଦଭାବକୁ କମ୍ କରିବା ପାଇଁ ଅଂଶଗ୍ରହଣକାରୀ ଯୋଜନା ପ୍ରସ୍ତୁତ କରିଥିଲେ। ଏହିପରି କର୍ମଶାଳା ଆହୁରି ଅଧିକ ଆବଶ୍ୟକ ଅଛି ବୋଲି ଉପସ୍ଥିତ ବାଳିକା ଓ ଯୁବକମାନେ ମତ ପୋଷଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୁଷ୍ପା ମାଝୀ, ଅର୍ଚ୍ଚନା ଝୋଡ଼ିଆ, ନମିତା ମାଝୀ, ଜଗନ୍ନାଥ ମାଝୀ, ସମୀର ନାଏକ ଆଦି ଅଂଶ ଗ୍ରହଣ କରି ନିଜର ଭାବନା ବ୍ୟକ୍ତ କରିଥିଲେ।

## ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ

### ହତ୍ୟା ଅଭିଯୋଗ ଆଣିଲେ ବାପଘର ଲୋକେ

**ଟିକିରି,୧୦।୯(ପ୍ରଫୁଲ୍ଲ କୁମାର ବେହେରା)**

ରାୟଗଡ଼ା ଜିଲା କାଶୀପୁର ଥାନା ଅନ୍ତର୍ଗତ ଯୁଗବସା କେବଡି ଗ୍ରାମରେ ଘର ଭିତରୁ ବୁଧବାର ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଜବତ କରିଛି। ମୃତା ହେଲେ ଯୁଗବସା କେବଡି ଗ୍ରାମର କୁମଚନ୍ଦ୍ର ନାଏକଙ୍କ ସ୍ତ୍ରୀ ଭଗବତୀ ନାଏକ । ଭଗବତୀ ଆତ୍ମହତ୍ୟା କରିଥିବା ଶାଶୁଘର ଲୋକ କହୁଥିବା ବେଳେ ତାଙ୍କୁ ହତ୍ୟା କରାଯାଇଥିବା ବାପଘର ଲୋକେ କାଶୀପୁର ଥାନାରେ ଅଭିଯୋଗ କରିଛନ୍ତି। ପୂର୍ବରୁ କୌଣସି କାରଣକୁ ନେଇ ପାରିବାରିକ କଳହ ଲାଗି ମୋ ଝିଅକୁ ହତ୍ୟା କରାଯାଇ ଆତ୍ମହତ୍ୟାର ରୂପ ଦେବାକୁ ଉଦ୍ୟମ କରାଯାଇଥିବା ମୃତ ମହିଳାଙ୍କ ବାପା ଥାନାରେ ଅଭିଯୋଗ କରିଛନ୍ତି। ଉଭୟ ପକ୍ଷର କଥାକୁ ବିଚାରକୁ ନେଇ କାଶୀପୁର ଥାନା ଅଧିକାରୀ ଦେବଦତ୍ତ ମଲ୍ଲିକଙ୍କ ନେତୃତ୍ୱରେ କାଶୀପୁର ପୋଲିସ ସହ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। କାଶୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ସମ୍ପର୍କରେ କାଶୀପୁର ପୋଲିସକୁ ଯୋଗାଯୋଗ କରିବାରୁ ଏ ନେଇ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଚାଲିଛି। ବ୍ୟବଚ୍ଛେଦ ରିପୋର୍ଟ ଏବଂ ସାଇଣ୍ଟିଫିକ ଟିମ୍‌ର ରିପୋଟ ଆଧାରରେ ଘଟଣାର ଅଧିକ ଛାନ୍‌ଭିନ୍ କରାଯାଉଥିବା ସୂଚନା ଦେଇଛନ୍ତି।

## ରାମନାଗୁଡ଼ା ବ୍ଲକ୍‌ରେ ୬ ହଜାର ଚାରାରୋପଣ ଲକ୍ଷ୍ୟ

**ରାମନାଗୁଡ଼ା,୧୦।୯ (ସଞ୍ଜୟ ପ୍ରଧାନ)**

ରାୟଗଡ଼ା ବନଖଣ୍ଡ ଏବଂ ଗୁଣପୁର ବନାଞ୍ଚଳ ତରଫରୁ ରାମନାଗୁଡ଼ାରେ ମଙ୍ଗଳବାର ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବ୍ଲକର ବିଭିନ୍ନ ସ୍ଥାନରେ ଚାରାରୋପଣ କରାଯାଇଥିଲା । ରାମନାଗୁଡା ବନ ବିଭାଗର ଫାର୍ମ ହାଉସଠାରୁ ବାଜା ବଜାଇ ୨ଟି ଟ୍ରାକ୍ଟରରେ ୫୦୦ଲେଖାଏ ଚାରା ନେଇ ବନାଞ୍ଚଳ ଅଧିକାରୀ ଗଙ୍ଗାଧର ମିଶ୍ର ଏବଂ ବନପାଳ ଅଧିକାରୀ ଜୟଦେବ ଶବର ବ୍ଲକ୍ ଅଞ୍ଚଳକୁ ଯାଇଥିଲେ। ସେଠାରେ ବ୍ଲକ୍ ଅଧ୍ୟକ୍ଷ ରବିଶଙ୍କର ଗମାଙ୍ଗ, ବିଡିଓ ପ୍ରଦ୍ୟୁମ୍ନ ମଣ୍ଡଳ ଏବଂ ରାମନାଗୁଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଛାତ୍ର ବିଭିନ୍ନ ସ୍ଥାନରେ ପ୍ରାୟ ୫୦୦ ଚାରାରୋପଣ କରିଥିଲେ। ପରେ କୁଜିନ୍ଦ୍ରୀ ଗ୍ରାମପଞ୍ଚାୟତକୁ ଆଉ ୫୦୦ ଚାରା ପଠାଯାଇଥିଲା। ସେଠାରେ ସରପଞ୍ଚ ରମେଶ ଶବର ଏବଂ କୁଜିନ୍ଦ୍ରୀ ବିଦ୍ୟାଳୟର ଛାତ୍ରୀଛାତ୍ର ଚାରାରୋପଣ କରିଥିଲେ। ବନରକ୍ଷୀ ରଞ୍ଜିତା ଗୌଡ଼ ଓ କଳ୍ପନା ନାୟକ ଏବଂ ପାରା ଫରେଷ୍ଟ ଗାର୍ଡ ଲୋକନାଥ ଗୌଡ ସହଯୋଗ କରିଥିଲେ। ରାମନାଗୁଡା ବ୍ଲକ୍‌ର ୧୨ଟି ପଞ୍ଚାୟତରେ ୬ ହଜାର ଚାରାରୋପଣ କରିବାକୁ ସ୍ଥିର କରାଯାଇଛି ବୋଲି ବନପାଳ ଜୟଦେବ ଶବର କହିଛନ୍ତି । ଶୁଭାରମ୍ଭ କାର୍ଯ୍ୟକ୍ରମକୁ ରାମନାଗୁଡା ବନ ବିଭାଗ ବନପାଳ ଜୟଦେବ ଶବର ପରିଚାଳନା କରିଥିଲେ।


ଚାରା ରୋପଣ ନେଇ ସଚେତନତା ଶୋଭାଯାତ୍ରା।

## ବ୍ଲକସ୍ତରୀୟ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

# ଭାଗନେଲେ ୧୬ କ୍ଲଷ୍ଟର ୪୦୦ ଛାତ୍ରୀଛାତ୍ର


କ୍ରୀଡା ଉତ୍ସବରେ ଉପସ୍ଥିତ ଅତିଥି ଓ କୃତୀ ପ୍ରତିଯୋଗୀ।

**ମୁନିଗୁଡ଼ା, ୧୦।୯ (ନନ୍ଦ କିଶୋର ପଟ୍ଟନାୟକ)**

ମୁନିଗୁଡାର ମହାବିଦ୍ୟାଳୟ ଖେଳ ପଡିଆରେ ବ୍ଲକ୍‌ସ୍ତରୀୟ କ୍ରୀଡା ଉତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି । ମୁନିଗୁଡା ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ସୁବାଷ କୁମାର ସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ଗଣେଶ ଶବର, ସମ୍ମାନିତ ଅତିଥି ଭାବେ ସ୍ନାତକ ମହାବିଦ୍ୟାଳୟର ଅଧ୍ୟକ୍ଷ ହୃଷିକେଶ ଜାଲି ପ୍ରମୁଖ ଉପସ୍ଥିତ ରହି କ୍ରୀଡା ପତାକା ଉତ୍ତୋଳନ କରି ଉତ୍ସବକୁ ଉଦ୍‌ଘାଟନ କରିଥିଲେ । କ୍ରୀଡାର ବିକାଶ ତଥା ତୃଣମୂଳସ୍ତରରେ ଥିବା ଲୁକ୍କାୟିତ କ୍ରୀଡା ପ୍ରତିଭାକୁ ବିକଶିତ କରି ସେମାନଙ୍କୁ ରାଜ୍ୟ ଓ ଜାତୀୟସ୍ତରରେ ପହଞ୍ଚାଇବା କ୍ରୀଡା ଉତ୍ସବର ମୁଖ୍ୟ ଉଦ୍ଦେଶ୍ୟ । ତେଣୁ ସମସ୍ତେ ଭାଇଚାରା ସହ ଖେଳାଳି ମନୋଭାବ ନେଇ ଖେଳିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଏଥିରେ ବ୍ଲକର ୧୬ କ୍ଲଷ୍ଟର ୪୦୦ ଛାତ୍ରୀଛାତ୍ର ଭାଗନେଇଥିଲେ। ଦୌଡ, ଲମ୍ବ ଡିଆଁ, ଉଚ୍ଚା ଡିଆଁ, ସଟ୍‌ପୁଟ, ଡିସକସ ଥ୍ରୋ ଏବଂ ଗୋଷ୍ଠୀଗତ କ୍ରୀଡ଼ାରେ କବାଡି, ଖୋକୋ, ବ୍ୟାଡମିଟନ, ଭଲି, କ୍ରିକେଟ ଆଦି ଖେଳ ଅନୁଷ୍ଠିତ ହୋଇଥିଲା। ବୁଧବାର ଉଦ୍‌ଯାପନୀ ଉତ୍ସବରେ ସମସ୍ତ କ୍ରୀଡାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରଙ୍କୁ ଅତିଥି ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ଏହି ସମୟରେ ପ୍ରେସ କ୍ଲବ୍ ସମ୍ପାଦକ ନନ୍ଦ କିଶୋର ପଟ୍ଟନାୟକ, ସିଆରସିସି ବାଲାଜୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ର ବିଷମକଟକଠାରେ ଅନୁଷ୍ଠିତ ଜିଲାସ୍ତରୀୟ କ୍ରୀଡା ଉତ୍ସବରେ ଭାଗନେବେ ବୋଲି ଜଣାପଡିଛି । ଉତ୍ସବକୁ କ୍ରୀଡା ଶିକ୍ଷକ କୃଷ୍ଣ ପ୍ରସାଦ ଗୌଡ଼, ସଞ୍ଜୀବ କାଡ୍ରାକା, ଶୁଭେନ୍ଦୁ ଦାସ, ପୁଷ୍ପ କୁନାକା ପ୍ରମୁଖ ପରିଚାଳନା କରିଥିଲେ।

## ପଦ୍ମପୁର ପିଏଚ୍‌ସି ଫାର୍ମାସିଷ୍ଟ, ବିପିଓ ସମ୍ମାନିତ

**ପଦ୍ମପୁର, ୧୦।୯ (ପ୍ରଶାନ୍ତ କୁମାର କର)**



ରାୟଗଡ଼ା ଜିଲା ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଫାର୍ମାସିଷ୍ଟ ମନୋଜ କୁମାର ସୁବୁଦ୍ଧି ଏବଂ ବିପିଓ ମନୋଜ କୁମାର ପଣ୍ଡାଙ୍କୁ ଦାୟିତ୍ୱବାନ ସ୍ୱାସ୍ଥ୍ୟ କର୍ମଚାରୀ ହିସାବରେ ରାୟଗଡ଼ା ଜିଲା ସାସ୍ଥ୍ୟ ବିଭାଗ ତରଫରୁ ସମ୍ମାନିତ କରାଯାଇଛି। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଭି . ସରୋଜିନୀ ଦେବୀ ବୁଧବାର ମାନପତ୍ର ପ୍ରଦାନ କରି ଉଭୟଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ପ୍ରକାଶ ଥାଉକି, ପଦ୍ମପୁର ପିଏଚ୍‌ସି ଅଧୀନରେ ଥିବା ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ସିଏଚ୍‌ସିଙ୍କୁ ଠିକ ସମୟରେ ଓ ସଠିକ ଭାବେ ପରିବାର ନିୟୋଜନ ସାମଗ୍ରୀ ପ୍ରଦାନ କରିଥିବା ଯୋଗୁ ୨୦୨୪-୨୫ ର ଦାୟିତ୍ୱବାନ ଫାର୍ମାସିଷ୍ଟ ଅଫିସର ଭାବେ ମନୋଜ କୁମାର ସୁବୁଦ୍ଧି ଓ ବିପିଓ ମନୋଜ କୁମାର ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଉଭୟ ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ସମସ୍ତେ ଶୁଭେଚ୍ଛା ଜଣାଇଛନ୍ତି ।

## ବ୍ଲକ୍‌ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ

**ଚନ୍ଦ୍ରପୁର,୧୦।୯ ( ବିଜୟ ପ୍ରସାଦ ଉଲାକା)**

ଚନ୍ଦ୍ରପୁର ବ୍ଲକ ସଦର ମହକୁମାରେ ଥିବା ସରକାରୀ ନୋଡାଲ ହାଇସ୍କୁଲ ଖେଳପଡିଆରେ ବୁଧବାର ବ୍ଲକ୍‌ସ୍ତରୀୟ କ୍ରୀଡା ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ସିଡିପିଓ ଗୀତା ରାଣୀ ସାହୁ କ୍ରୀଡା ପତାକା ଉତ୍ତୋଳନକରି ଏହାର ଶୁଭାରମ୍ଭ କରିଥଲେ। ଉତ୍ସବରେ ଚନ୍ଦ୍ରପୁର ବ୍ଲକର ୧୧ଟି ଉଚ୍ଚ ବିଦ୍ୟାଳୟ, ୨୮ ୟୁପି ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ଦୌଡ, ଉଚ୍ଚ ଡିଆଁ, ଲମ୍ବ ଡିଆଁ, ଡିସ୍‌କସ ଥ୍ରୋ, ଶର୍ଟପୁଟ୍ ଥ୍ରୋ, କବାଡି, ଖୋକୋ, ଭଲିବଲ ଇତ୍ୟାଦି ପ୍ରତିଯୋଗିତା କରାଯାଇଥିଲା। ଯେଉଁମାନେ ପ୍ରଥମ ସ୍ଥାନ ଅଧିକାର କରିବେ ସେମାନେ ଜିଲାସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନିତ ହେବେ ବୋଲି ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ଉମାକାନ୍ତ ମିଶାଲ ସୂଚନା ଦେଇଛନ୍ତ। ଏଥିରେ ସମ୍ମାନିତ ଅତିଥି ଭାବେ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗଣେଶ ଶବର, ଗୋଷ୍ଠୀ ସାଧନା କେନ୍ଦ୍ର ସଂଯୋଜକ ସୀଙ୍ଗାନା ତାଡିଙ୍ଗି, ବୁଢ଼ିବାଲି ସରପଞ୍ଚ ଭିମ ଗୋଗେରେଙ୍ଗା, ଶିକ୍ଷକ ଜଗଦୀଶ ନାୟକ, ଭୟରାମ ନାୟକ, ସିଆର୍‌ସିସି ପ୍ରଦୀପ ଚୌଧୁରୀ, ଜୟରାମ ନାୟକ, ସାମାଜିକ କର୍ମୀ ବିଜୟ ଉଲାକା, ହାଡ଼ିପା ଗୌଡ, ସମସ୍ତ ସ୍କୁଲର କ୍ରୀଡା ଶିକ୍ଷକ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଏବିଇଓ ଉମାକାନ୍ତ ମିସାଲ ପରିଚାଳନା କରିଥିଲେ।


କ୍ରୀଡା ଉତ୍ସବ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

# ରାୟଗଡ଼ା ଜିଲାରେ ପୁଣି ଜନନୀ ଯନ୍ତ୍ରଣା

## ୪କି.ମି. ଖଟିଆରେ ବୁହାହେଲେ ଗର୍ଭବତୀ

**ଟିକିରି,୧୦।୯ (ପ୍ରଫୁଲ୍ଲ କୁମାର ବେହେରା)**

ରାୟଗଡ଼ା ଜିଲା କାଶୀପୁର ବ୍ଲକ୍ ଡଙ୍ଗାସିଲ ପଞ୍ଚାୟତ ଅନ୍ତର୍ଗତ ଖମ୍ବପଦର ଗାଁରେ ପୁଣି ଜନନୀ ଯନ୍ତ୍ରଣାର ଚିତ୍ର ସାମ୍ନାକୁ ଆସିଛି। ଗାଁର ଜଣେ ଗର୍ଭବତୀ ଅଲି ମାଝୀଙ୍କର ବୁଧବାର ସକାଳେ ପ୍ରସବ ଯନ୍ତ୍ରଣା ହେବାରୁ ତାଙ୍କୁ ମେଡିକାଲ ନେବାକୁ ପରିବାର ଲୋକେ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ। କିନ୍ତୁ ଗାଁକୁ ଭଲ ରାସ୍ତା ନ ଥିବାରୁ ଆମ୍ବୁଲାନ୍ସ ଆସିପାରି ନ ପାରି ଅଧାବାଟରେ ଅଟକି ରହିଥିଲା। ଫଳରେ ଆଶାଦିଦିଙ୍କ ସହାୟତାରେ ଆମ୍ବୁଲାନ୍ସ କର୍ମଚାରୀ ଏବଂ ପରିବାର ଲୋକେ ଗର୍ଭବତୀଙ୍କୁ ଖଟିଆରେ ବୋହି ପ୍ରାୟ ୪ କିଲୋମିଟର ପାହାଡିଆ ରାସ୍ତାରେ ଆମ୍ବୁଲାନ୍ସ ନିକଟକୁ ଆଣିଥିଲେ। ଏହାପରେ ଆମ୍ବୁଲାନ୍ସରେ ଗର୍ଭବତୀଙ୍କୁ କାଶୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା।

ସୂଚନା ଥାଉକି, ଗାଁକୁ ପକ୍କା ରାସ୍ତା ନିର୍ମାଣ ପାଇଁ ଗ୍ରାମବାସୀ ଜନପ୍ରତିନିଧିଙ୍କଠାରୁ ଆରମ୍ଭକରି ପ୍ରଶାସନକୁ ବାରମ୍ବାର ଅନୁରୋଧ କରୁଥିଲେ ମଧ କିଛି ସୁଫଳ ମିଳୁ ନ ଥିବା ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ ଦୀର୍ଘଦିନ ଧରି କାଶୀପୁର ୧୦୮ ଆମ୍ବୁଲାନ୍ସ ଦୁର୍ଘଟଣାଗ୍ରସ୍ତ ହୋଇ ପଡ଼ିଥିବାବେଳେ ଏବେ ସୁଦ୍ଧା କାଶୀପୁରକୁ ଅନ୍ୟ ଏକ ୧୦୮ ଆମ୍ବୁଲାନ୍ସ ଯୋଗାଇଦିଆ ଯାଉ ନ ଥିବାରୁ ବିଭିନ୍ନ ସମୟରେ ରୋଗୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ କାଶୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ୧୦୮ ଆମ୍ବୁଲାନ୍ସ ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।


ଗର୍ଭବତୀଙ୍କୁ ଖଟିଆରେ ବୋହି ଆମ୍ବୁଲାନ୍ସ ପାଖକୁ ନେଉଛନ୍ତି।

## ଚାଲିକି ଆସିବାବେଳେ ଅଧାବାଟରେ ପ୍ରସବ

**କଲ୍ୟାଣସିଂହପୁର ୧୦।୯ (ଦୀପକ କୁମାର ପରିଡ଼ା )**

କଲ୍ୟାଣସିଂହପୁର ବ୍ଲକ୍ ସଦରରେ ପୁଣି ଏକ ଜନନୀ ଯନ୍ତ୍ରଣା ଦେଖିବାକୁ ମିଳିଛି । ବ୍ଲକ ସଦରର ଚଞ୍ଚଡା ସାହିକୁ ସଂଯୋଗ କରିଥିବା ଖରାପ ରାସ୍ତା ଯୋଗୁ ଆସିପାରିଲାନି ଆମ୍ବୁଲାନ୍ସ। ଫଳରେ ଜଣେ ଗର୍ଭବତୀ ବନିତା କାଡ୍ରାକା ଚାଲିକି ଆମ୍ବୁଲାନ୍ସ ନିକଟକୁ ଆସିବା ସମୟରେ ଅଧାବାଟରେ ପ୍ରସବକରି ଏକ କନ୍ୟାସନ୍ତାନ ଜନ୍ମ କରିଥିବା ଆଶା ଦିଦି ନବୀନା ଦ୍ୱୀପ ପ୍ରକାଶ କରିଛନ୍ତି। ଏହାପରେ ଉଭୟ ମା' ଓ ନବଜାତକଙ୍କୁ କଲ୍ୟାଣସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା । ବର୍ତ୍ତମାନ ଉଭୟ ସୁସ୍ଥ ଥିବା ଜଣାପଡ଼ିଛି । ସୂଚନାଯୋଗ୍ୟ, କଲ୍ୟାଣସିଂହପୁର ବ୍ଲକ ସଦର ଚଞ୍ଚଡା ସାହି ସୁନେଲ ପ୍ରସ୍କାଙ୍କ ସ୍ତ୍ରୀ ବନିତାଙ୍କର ବୁଧବାର ଭୋର ୩ଟା ୧୫ ପ୍ରସବ ଯନ୍ତ୍ରଣା ଆରମ୍ଭ ହୋଇଥିଲା। ପରିବାର ଲୋକେ ଆମ୍ବୁଲାନ୍ସକୁ ସଙ୍ଗେ ସଙ୍ଗେ ଯୋଗାଯୋଗ କରିଥିଲେ ମଧ ରାସ୍ତା ଖରାପ ଯୋଗୁ ଆମ୍ବୁଲାନ୍ସ ଆସି ପାରି ନ ଥିଲା। ଆଶା ଦିଦି ଓ ପରିବାର ଲୋକେ ଗର୍ଭବତୀଙ୍କୁ ଚଲାଇ ଚଲାଇ ଆମ୍ବୁଲାନ୍ସ ନିକଟକୁ ଆଣିବା ସମୟରେ ଅଧାବାଟରେ ସେ ଏକ କନ୍ୟା ସନ୍ତାନକୁ ଜନ୍ମ ଦେଇଥିଲେ।


କଲ୍ୟାଣସିଂପୁରରେ ଗର୍ଭବତୀଙ୍କୁ ଚଲାଇକି ମେଡିକାଲକୁ ନିଆଯାଉଛି।

କୌଣସି କୌଣସି ଯୁଗରେ ଆମର ଏହି ପୃଥିବୀର ଜୀବନ ଅଲୌକିକ ଭାବେ ଅନେକ ସୋପାନ ପାରି ହୋଇ ଅଳ୍ପସମୟରେ ବହୁ ଊର୍ଦ୍ଧ୍ୱକୁ ଉଠିଯାଏ। କିନ୍ତୁ ଅନ୍ୟ ସବୁ ସମୟରେ ସେତିକି ପଥ ଯିବାକୁ ତାକୁ ହଜାର ହଜାର ବର୍ଷ ଲାଗିଯାଏ। -ଶ୍ରୀମା



# ମଇଁଷିର ସାଂସ୍କୃତିକ ମହତ୍ତ୍ୱ



ଦେବଦତ୍ତ ପଟ୍ଟନାୟକ

ମଇଁଷି ନଦୀ, ନାଳ, ପୋଖରୀ, ପଙ୍କୁଆ ଜାଗା ଓ ଆର୍ଦ୍ରଭୂମିରେ ଦେଖିବାକୁ ମିଳନ୍ତି। ଅନ୍ୟପଟେ ଗୋରୁ ଶୁଷ୍କ ବନାଞ୍ଚଳକୁ ବେଶି ପସନ୍ଦ କରନ୍ତି। ଭାରତରେ ଉଭୟ ଶୁଷ୍କ ଜଙ୍ଗଲ ଓ ନଦୀ ଅବବାହିକାର ଆର୍ଦ୍ରାଞ୍ଚଳ ରହିଛି। ଶୁଷ୍କ ଅଞ୍ଚଳରେ ଗହମ ଓ ବାଜରା ଜାତୀୟ ଶସ୍ୟ ଚାଷ କରାଯାଉଥିବାବେଳେ ଆର୍ଦ୍ରାଞ୍ଚଳ ଧାନଚାଷ ପାଇଁ ଉପଯୋଗୀ। ଏଣୁ ଦେଖିବାକୁ ଗଲେ ମଇଁଷି ଓ ଗୋସମ୍ପଦ ଭାରତର ଦୁଇଟି ପରିବେଶ (ଆର୍ଦ୍ର ଓ ଶୁଷ୍କ ଅଞ୍ଚଳ)ର ପ୍ରତୀକ। ତେବେ ଅଧିକାଂଶ ଭାରତୀୟ ଗୋସମ୍ପଦ ଉପରେ ଧ୍ୟାନଦେଉଥିବା ବେଳେ ଭାରତର ଆର୍ଥିକ ବ୍ୟବସ୍ଥାରେ ମଇଁଷିର ଗୁରୁତ୍ୱକୁ ବହୁ ସମୟରେ ଅଣଦେଖା କରାଯାଇଥାଏ। ସେମାନଙ୍କର କଳା, ସଂସ୍କୃତି ଓ ରୀତିନୀତିରେ କେତେ ମହତ୍ତ୍ୱ ରହିଛି ତାହା ଉପରେ ଧ୍ୟାନ ଦିଆଯାଏ ନାହିଁ।

ହରପ୍ପା ସଭ୍ୟତାର ପ୍ରାଚୀନ ସିଲ୍‌ବା ମୋହରରେ ମଇଁଷି ଛବି ରହିଛି। ଏହା ସୂଚିତ କରୁଛି, ସେତେବେଳେ ମଇଁଷି ପାଳନ କରାଯାଉଥିଲା। ୪,୫୦୦ ବର୍ଷ ପୂର୍ବେ ହରପ୍ପା ସଭ୍ୟତାର ସହ ମଇଁଷି ଯୋଡ଼ିହୋଇ ରହିଥିଲା। ସେତେବେଳେ ଲୋକେ ମଇଁଷି ମାଂସ ଖାଉଥିଲେ (ଏବେ ଭାରତ ହେଉଛି ମଇଁଷି ମାଂସ ରପ୍ତାନିର ଏକ ପ୍ରମୁଖ ଦେଶ) ଏବଂ ସେମାନଙ୍କ ହାଡ଼ରୁ ବିଭିନ୍ନ ଜିନିଷ ତିଆରି କରାଯାଉଥିଲା। ମଇଁଷି ମଧ୍ୟ ପଶୁପତି ସିଲ୍‌ରେ ଦେଖିବାକୁ ମିଳେ, ଯେଉଁଥିରେ ଜଣେ ସନ୍ନ୍ୟାସୀ ମଇଁଷି ଶିଙ୍ଗର ମୁକୁଟ ପିନ୍ଧିଥିବା ଦେଖାଯାଏ। ମଇଁଷି ଶିଙ୍ଗ ମଧ୍ୟ ଅନ୍ୟ କେତେକ ସିଲ୍‌ରେ ଦେଖିବାକୁ ମିଳେ, ଯାହା ଶକ୍ତି ଏବଂ ପୌରୁଷକୁ ସୂଚିତକରେ।

ପ୍ରାୟ ୩,୫୦୦ ବର୍ଷ ପୂର୍ବେ, ଋଗ୍‌ବେଦ (୪.୧୮.୧୩)ରେ ବର୍ଣ୍ଣନା ରହିଛି ଯେ, ପରାକ୍ରମୀ ଇନ୍ଦ୍ର ଶକ୍ତି ବୃଦ୍ଧି କରିବା ସକାଶେ ସୋମରସ ପାନ କରୁଥିଲେ ଏବଂ ତାହା ଗୋଟିଏ ହିଂସ୍ର ମଇଁଷିର ଶକ୍ତି ସହ ସମାନ ଥିଲା। ପ୍ରାୟ ୨୦୦୦ ବର୍ଷ ପୂର୍ବେ ତାମିଲ ସଙ୍ଗମ କାବ୍ୟ



କୁରୁଣ୍ଟୋକାଇ ୬୫ରେ ବର୍ଣ୍ଣନା ରହିଛି, ଏକ ପଦ୍ମ ପୁଷ୍କରିଣୀରେ ଥିବା ମଇଁଷି ଜଣେ ଅସଭ୍ୟ ବ୍ୟକ୍ତି ସହ ସମାନ । ଭାରତର ଉତ୍ତରରୁ ଆରମ୍ଭକରି ଦକ୍ଷିଣ ଯାଏ, ସାଂସ୍କୃତିକ ଭାବନା ସହ ମଇଁଷି କିଭଳି ଜଡ଼ିତ ରହିଥିଲା ତାହା ଏଥିରୁ ଜଣାପଡ଼େ। ଅଜନ୍ତାର କାନ୍ଥରେ ଥିବା ବୌଦ୍ଧଧର୍ମର ମହିଷା ଜାଟକାରେ ମଇଁଷି ସମ୍ପର୍କରେ ବର୍ଣ୍ଣନା ରହିଛି। ଗୋଟିଏ ଶାନ୍ତ ସ୍ୱଭାବର ମଇଁଷି ଗୋଟିଏ ମାଙ୍କଡ଼ର ଥଟ୍ଟା ପରିହାସକୁ କିଭଳି ସହିଛି ସେସମ୍ପର୍କରେ ସେଥିରେ ଦର୍ଶାଯାଇଛି। ଚିଡ଼େଇବା ଓ ଖରାପ ପ୍ରକୃତି ପାଇଁ ମାଙ୍କଡ଼କୁ ଦଣ୍ଡଦେବା ଲାଗି ମଇଁଷି ମନା କରିଦେଇଛି। ଅଲୌକିକ ବୃକ୍ଷଦେବୀ କିମ୍ବା ଯକ୍ଷ ମଇଁଷିକୁ ଏଭଳି କରିବା ସକାଶେ ପରାମର୍ଶ ଦେଇଛନ୍ତି। ଦିନେ ଶାନ୍ତ ମଇଁଷିଟିଏ ଦୂରକୁ ପଳାଇଯାଇଛି ଓ ତା' ସ୍ଥାନରେ ଆଉ ଏକ ମଇଁଷି ରହିଯାଇଛି। ନୂଆ ମଇଁଷିଟିକୁ ମାଙ୍କଡ଼ ଜାଣିପାରିନାହିଁ ଏବଂ ତା' ସହ ମଧ୍ୟ ପୂର୍ବଭଳି ବ୍ୟବହାର କଲା ଏବଂ ଶେଷରେ ମଇଁଷିଟି ତାକୁ ଖୁରାରେ ଦଳି ମାରିଦେଲା।

ଜୈନ ପୁରାଣରେ ମଧ୍ୟ ଦ୍ୱାଦଶ ତୀର୍ଥଙ୍କର ବସୁପୂଜ୍ୟଙ୍କର ପ୍ରତୀକ ହେଉଛି ମଇଁଷି। ଜୈନ ଯକ୍ଷୀ ଜ୍ୱାଳାମାଳିନୀ ମଇଁଷି ଉପରେ ବସିଥିବା ଦେଖାଯାଏ। ଅନ୍ୟ ଏକ କାହାଣୀରେ କୁହାଯାଇଛି, ଯକ୍ଷୀ ତାଙ୍କ ପୂର୍ବଜନ୍ମରେ ଜଣେ ଜୈନ ଭକ୍ତ ଥିଲେ ଓ ଜୈନ ସନ୍ନ୍ୟାସୀଙ୍କୁ ଖାଇବାକୁ ଦେଉଥିଲେ ଏବଂ ତାଙ୍କ ସ୍ୱାମୀ ତାଙ୍କୁ ନିର୍ଯାତନା ଦେଇଥିଲେ। ଏଣୁ ସେ ଯକ୍ଷୀ ଭାବେ ଓ ତାଙ୍କ ସ୍ୱାମୀ ମଇଁଷି ରୂପରେ ପୁନର୍ଜନ୍ମ ଲାଭ କରିଥିଲେ, ଯାହା ଉପରେ ଯକ୍ଷୀ ବସି ବୁଲୁଥିଲେ।

ହିନ୍ଦୁ ପୁରାଣରେ ମଇଁଷିର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ବର୍ଣ୍ଣନା କରାଯାଇଛି। ଏହା ମୃତ୍ୟୁଦେବ ଯମଙ୍କ ବାହନ। ମା' ଦୁର୍ଗା ବଧକରିଥିବା ମହିଷାସୁରଙ୍କ ମଇଁଷି ଅତି ପ୍ରିୟ ଥିଲା। ଦେବୀ ମହିଷାସୁରକୁ ବଧ କରୁଥିବା ପୁରାତନ ମୂର୍ତ୍ତି (ଖ୍ରୀଷ୍ଟପୂର୍ବ ୧୦୦ର) ରାଜସ୍ଥାନରେ ଦେଖାଯାଏ। କୁଶାଣ ଶାସନ ସମୟର ଦେବୀ ଖାଲି ହାତରେ ମଇଁଷିକୁ ହତ୍ୟା କରୁଥିବା ମୂର୍ତ୍ତି ବି ଦେଖିବାକୁ ମିଳେ। ପରେ ମୂର୍ତ୍ତିକୁ ଅଧିକ ପରିବର୍ତ୍ତନ କରାଯାଇଛି। ଦେବୀଙ୍କ ସିଂହ ଉପରେ ବସିଥିବା ଏବଂ ତାଙ୍କ ପାଦରେ ମଇଁଷିକୁ ଚାପି ମାରିଦେଇଥିବା ମୂର୍ତ୍ତି ସାମ୍ନାକୁ ଆସିଛି। ଏଭଳି ସବୁ ମୂର୍ତ୍ତି ଗୁପ୍ତ, ଚାଲୁକ୍ୟ ଓ ପଲ୍ଲବ ଶାସନ ସମୟର ମନ୍ଦିରଗୁଡ଼ିକରେ ଦେଖାଯାଏ । ସେସବୁ ଏବେ ସାରା ଭାରତରେ ନବରାତ୍ର ଉତ୍ସବର ଅଂଶ ପାଲଟିଯାଇଛି।

ଡେକାନ୍ ବା ଗୋଦାବରୀ ଅବବାହିକା ଅଞ୍ଚଳରେ ସ୍ଥାନୀୟ ପର୍ବଗୁଡ଼ିକରେ ଦେବୀଙ୍କୁ ସନ୍ତୁଷ୍ଟ କରିବାକୁ ଏକ ଅଣ୍ଡିରା ମଇଁଷିକୁ ବଳି ଦିଆଯାଏ। ଏହାଦ୍ୱାରା ସେମାନଙ୍କ ପିଲାମାନେ ବାଘ ଆକ୍ରମଣରୁ ରକ୍ଷାପାଇବେ ବୋଲି ବିଶ୍ୱାସ ରହିଛି। ଏହି ପ୍ରକାର ପରମ୍ପରା ନେପାଳରେ ମଧ୍ୟ ରହିଛି। ଗୋଟିଏ ନୂଆ ଅଣ୍ଡିରା ମଇଁଷି ଛୁଆକୁ ପୂରା ଗୋଟିଏ ବର୍ଷ ପାଳିପୋଷି ବଡ଼ କରାଯାଇ ପର ବର୍ଷରେ ବଳି ଦିଆଯାଏ। ଏହିସବୁ ପରମ୍ପରା ବୟସ୍କ ବଦଳରେ ନୂଆ ଜୀବନକୁ ସମର୍ପଣକରି ପୃଥିବୀର ଉର୍ବରତାକୁ ନିଶ୍ଚିତ କରିଥାଏ।

କେରଳରେ ହର ଏବଂ ହରି(ବିଷ୍ଣୁଙ୍କ ମୋହିନୀ ଅବତାର)ଙ୍କ ପୁତ୍ର ଆୟାପ୍ପା ମହିଷାଙ୍କ ଭଉଣୀ ମହିଷୀକୁ ପରାସ୍ତ କରିଥିବା ବର୍ଣ୍ଣନା ରହିଛି। ମହାରାଷ୍ଟ୍ରରେ, ଗ୍ରାମଦେବୀଙ୍କ ସ୍ୱାମୀ ମହାସୋବା (ମଇଁଷି ଦେବତା)ଙ୍କୁ ପୂଜା କରାଯାଏ। ଏଥିରୁ ମନେହେଉଛି, ଦେବୀଙ୍କ ପ୍ରିୟ ମଇଁଷିଦେବଙ୍କୁ ହତ୍ୟା କରାଯିବା ହେତୁ ସେ ଷଣ୍ଢବାହାନ ଥିବା ଶିବଙ୍କୁ ସ୍ୱାମୀ ରୂପରେ ବାଛିଥିଲେ। ଡେକାନ୍ ଅଞ୍ଚଳରେ ବହୁ ସ୍ଥାନୀୟ ଦେବୀଙ୍କର ଅନେକ ଯୁବ ପୂଜକ ରହିଛନ୍ତି, ଯାହାଙ୍କୁ ପଟରାଜ ବା ମଇଁଷି ରାଜା କୁହାଯାଏ। ସେମାନେ ଆଗରେ ରହି ଦେବୀଙ୍କ ଶୋଭାଯାତ୍ରାକୁ ପରିଚାଳନା କରିଥାନ୍ତି। ଭୟଙ୍କର ଦେଖାଯାଉଥିବା ପୋଷାକ ପିନ୍ଧିଥିବା ଜଣେ ବ୍ୟକ୍ତି ଚାବୁକ ଧରି ଆଗରେ ଚାଲନ୍ତି। ଏହା ତେଲଙ୍ଗାନା ଅଞ୍ଚଳରେ ପାଳନ କରାଯାଉଥିବା ବୋନାଉଲ ଶୋଭାଯାତ୍ରାରେ ଦେଖିବାକୁ ମିଳେ। ଏଭଳି ରୂପକୁ ବହୁ ସମୟରେ କାଳୀଙ୍କ ପୁତ୍ର ବୋଲି କୁହାଯାଏ ଏବଂ ବେଳେବେଳେ ମଧ୍ୟ ତାଙ୍କ ସ୍ୱାମୀ ଭାବେ ଦର୍ଶାଯାଏ, କିନ୍ତୁ ସେ କହନ୍ତି, ମୁଁ ହେଉଛି ଦେବୀଙ୍କ ସେବକ।

-devduttofficial@gmail.com

# ମୋହନ ଭାଗବତ ଜୀଙ୍କୁ ଅଭିନନ୍ଦନ



ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ


ଆଜି ସେପ୍ଟେମ୍ବର ୧୧। ଏହି ଦିନ ଦୁଇଟି ବିପରୀତ ସ୍ମୃତିକୁ ମନେପକାଏ। ପ୍ରଥମଟି ହେଉଛି ୧୮୯୩ ମସିହାର, ଯେତେବେଳେ ସ୍ୱାମୀ ବିବେକାନନ୍ଦ ଚିକାଗୋର ବିଶ୍ୱ ଧର୍ମ ସମ୍ମିଳନୀରେ ତାଙ୍କର ପ୍ରତୀକାତ୍ମକ ଭାଷଣ ଦେଇଥିଲେ। 'ଆମେରିକାର ଭଉଣୀ ଓ ଭାଇମାନେ...' ଏହି କିଛି ଶବ୍ଦରେ ସେ ପ୍ରେକ୍ଷାଳୟର ହଜାର ହଜାର ଶ୍ରୋତାଙ୍କ ହୃଦୟକୁ ଜିତି, ଭାରତର ଆଧ୍ୟାତ୍ମିକ ଐତିହ୍ୟ ଏବଂ ବିଶ୍ୱ ଭ୍ରାତୃତ୍ୱର ସନ୍ଦେଶକୁ ବିଶ୍ୱସ୍ତରରେ ପରିଚିତ କରାଇଥିଲେ। ଦ୍ୱିତୀୟଟି ହେଉଛି ୯/୧୧ ଆତଙ୍କବାଦୀ ଆକ୍ରମଣ, ଯେତେବେଳେ ମୌଳବାଦ ଓ ଆତଙ୍କବାଦର ବିପଦ ଯୋଗୁ ଏହି ନୀତି ଆକ୍ରମଣର ଶିକାର ହୋଇଥିଲା।

ଆଜିର ଦିନଟି ଆଉ ଏକ ବିଶେଷ ସ୍ମୃତି ସହ ମଧ୍ୟ ଜଡିତ। ଏହା ହେଉଛି ଶ୍ରୀ ମୋହନ ଭାଗବତ ଜୀଙ୍କ ୭୫ତମ ଜନ୍ମଦିନ। 'ବସୁଧୈବ କୁଟୁମ୍ବକମ୍'ର ଆଦର୍ଶରୁ ଅନୁପ୍ରାଣିତ ହୋଇ ସେ ସାମାଜିକ ପରିବର୍ତ୍ତନ, ସଦ୍ଭାବ ଏବଂ ଭାଇଚାରାର ଭାବନାକୁ ମଜଭୁତ କରିବା ପାଇଁ ସମଗ୍ର ଜୀବନକୁ ଉତ୍ସର୍ଗ କରିଛନ୍ତି। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ସହ ଜଡ଼ିତ ଲକ୍ଷ ଲକ୍ଷ ସଦସ୍ୟଙ୍କ ପାଇଁ ସେ 'ପରମପୂଜ୍ୟ ସରସଂଘଚାଳକ' ଭାବେ ସମ୍ମାନିତ। ତାଙ୍କ ୭୫ତମ ଜନ୍ମଦିନ, ଆକସ୍ମିକ ଭାବରେ, ସେହି ବର୍ଷ ପଡୁଛି, ଯେତେବେଳେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ତା'ର ଶତବାର୍ଷିକୀ ପାଳନ କରୁଛି। ଏହି ଅବସରରେ ମୁଁ ତାଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛି ଏବଂ ତାଙ୍କ ଦୀର୍ଘ, ସୁସ୍ଥ ଓ ସକ୍ରିୟ ଜୀବନ ପାଇଁ ପ୍ରାର୍ଥନା କରୁଛି।

ମୋହନ ଜୀଙ୍କ ପରିବାର ସହିତ ମୋର ସମ୍ପର୍କ ଗଭୀର। ମୁଁ ତାଙ୍କ ପିତା ସ୍ୱର୍ଗତ ମଧୁକରରାଓ ଭାଗବତ ଜୀଙ୍କ ସହ କାମ କରିବାର ସୌଭାଗ୍ୟ ପାଇଛି ଏବଂ ମୋର ପୁସ୍ତକ 'ଜ୍ୟୋତିପୁଞ୍ଜ'ରେ ମଧ୍ୟ ତାଙ୍କର ଜୀବନ ଏବଂ କାର୍ଯ୍ୟ ବିସ୍ତୃତ ଭାବେ ଉଲ୍ଲେଖ କରିଛି। ଆଇନ ଜଗତରେ ତାଙ୍କର ଯୋଗଦାନ ସହିତ ରାଷ୍ଟ୍ର ନିର୍ମାଣ ପ୍ରତି ତାଙ୍କର ଉତ୍ସର୍ଗ ଅସାଧାରଣ। ସମଗ୍ର ଗୁଜରାଟରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘକୁ ଶକ୍ତିଶାଳୀ କରିବାରେ ସେ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ରାଷ୍ଟ୍ର ପ୍ରତି ଏହି ଅଗାଧ ସମର୍ପଣ ତାଙ୍କ ପୁଅ ମୋହନରାଓଙ୍କୁ ମଧ୍ୟ ପ୍ରେରଣା ଦେଇଥିଲା, ଯାହା ତାଙ୍କୁ ଭାରତର ପୁନର୍ଜନ୍ମ ପାଇଁ ନିଷ୍ଠାପୂର୍ଣ୍ଣ ଭାବରେ କାର୍ଯ୍ୟ କରିବାକୁ ଅନୁପ୍ରାଣିତ କଲା। ଜଣେ ପରସମଣି ମଧୁକରରାଓ, ମୋହନରାଓଙ୍କ ମାଧ୍ୟମରେ ଆଉ ଏକ ପରସମଣିଙ୍କୁ ପ୍ରସ୍ତୁତ କରିଥିଲେ।

ମୋହନ ଜୀ ୧୯୭୦ ଦଶକର ମଧ୍ୟଭାଗରେ ଆର୍‌ଏସ୍‌ଏସ୍‌ର ଜଣେ ପ୍ରଚାରକ ହୋଇଥିଲେ । 'ପ୍ରଚାରକ' ଶବ୍ଦଟି ଶୁଣିବା ପରେ କେହି ଭୁଲ୍‌ରେ ଭାବିପାରନ୍ତି ଯେ, ଏହା ଏପରି ବ୍ୟକ୍ତିଙ୍କୁ ବୁଝାଏ, ଯିଏ କେବଳ ପ୍ରଚାର କରନ୍ତି କିମ୍ବା ପ୍ରଚାର କରୁଛନ୍ତି। କିନ୍ତୁ ଯେଉଁମାନେ ଆର୍‌ଏସ୍‌ଏସ୍‌ର କାର୍ଯ୍ୟ ସହିତ ଉତ୍ତମରୂପେ ପରିଚିତ ସେମାନେ ଅବଶ୍ୟ ବୁଝନ୍ତି ଯେ, ପ୍ରଚାରକ ପରମ୍ପରା ସଙ୍ଗଠନର କାର୍ଯ୍ୟର ମୂଳଦୁଆରେ ରହିଛି। ଗତ ଶହେବର୍ଷ ଧରି ଦେଶପ୍ରେମ ଉତ୍ସାହରେ ଅନୁପ୍ରାଣିତ ହଜାର ହଜାର ଯୁବକ 'ଭାରତ ପ୍ରଥମ'ର ଚିନ୍ତାଧାରା ଓ ଆଦର୍ଶକୁ ସାକାର କରିବା ନିମନ୍ତେ ନିଜର ଜୀବନ ଉତ୍ସର୍ଗ କରିବା ପାଇଁ ନିଜର ଘର ଏବଂ ପରିବାର ଛାଡ଼ିଛନ୍ତି ।

ଆର୍‌ଏସ୍‌ଏସ୍‌ରେ ତାଙ୍କର ପ୍ରାରମ୍ଭିକ ବର୍ଷଗୁଡ଼ିକ ଭାରତୀୟ ଇତିହାସର ଏକ ଅତ୍ୟନ୍ତ ଅନ୍ଧକାର ସମୟ ସହିତ ସମାନ ଭାବରେ ରହିଥିଲା। ଏହି ସେହି ସମୟ ଥିଲା, ଯେତେବେଳେ ତତ୍କାଳୀନ କଂଗ୍ରେସ ସରକାର ଦ୍ୱାରା ଦେଶରେ କଠୋର ଜରୁରିକାଳୀନ ପରିସ୍ଥିତି ଲାଗୁ କରାଯାଇଥିଲା । ପ୍ରତ୍ୟେକ ବ୍ୟକ୍ତି, ଯେଉଁମାନେ ଗଣତାନ୍ତ୍ରିକ ନୀତିକୁ ଆଦର କରୁଥିଲେ ଏବଂ ଭାରତକୁ ସମୃଦ୍ଧ କରିବାକୁ ଚାହୁଁଥିଲେ, ସେମାନଙ୍କ ପାଇଁ ଜରୁରିକାଳୀନ ବିରୋଧୀ ଆନ୍ଦୋଳନକୁ ମଜଭୁତ କରିବା ସ୍ୱାଭାବିକ ଥିଲା। ମୋହନ ଜୀ ଏବଂ ଅଗଣିତ ଆର୍‌ଏସ୍‌ଏସ୍ ସ୍ୱୟଂସେବକମାନେ ଏହା ହିଁ କରିଥିଲେ। ସେ ମହାରାଷ୍ଟ୍ରର ଗ୍ରାମୀଣ ଏବଂ ପଛୁଆ ଅଞ୍ଚଳ,



ବିଶେଷକରି ବିଦର୍ଭରେ ବ୍ୟାପକ ଭାବରେ କାର୍ଯ୍ୟ କରିଥିଲେ। ଏହା ଗରିବ ଏବଂ ଦଳିତ ଲୋକଙ୍କ ଦ୍ୱାରା ସମ୍ମୁଖୀନ ହେଉଥିବା ଆହ୍ୱାନ ବିଷୟରେ ତାଙ୍କର ବୁଝାମଣାକୁ ଆକାର ପ୍ରଦାନ କରିଥିଲା।

ବର୍ଷ ବର୍ଷ ଧରି ଭାଗବତ ଜୀ ଆର୍‌ଏସ୍‌ଏସ୍‌ର ବିଭିନ୍ନ ପଦବୀରେ ରହିଥିଲେ। ସେ ପ୍ରତ୍ୟେକ କର୍ତ୍ତବ୍ୟକୁ ଅତ୍ୟନ୍ତ ଦକ୍ଷତାର ସହ ସମ୍ପାଦନ କରିଥିଲେ। ୧୯୯୦ ଦଶକରେ ଅଖିଳ ଭାରତୀୟ ଶାରୀରିକ ବ୍ୟାୟାମ ପ୍ରମୁଖର ମୁଖ୍ୟ ଭାବରେ ମୋହନ ଜୀଙ୍କ ବର୍ଷଗୁଡ଼ିକୁ ଏବେ ବି ଅନେକ ସ୍ୱୟଂସେବକ ସ୍ମରଣ କରନ୍ତି। ଏହି ସମୟ ମଧ୍ୟରେ ସେ ବିହାରର ଅସଂଖ୍ୟ ଗ୍ରାମରେ କାର୍ଯ୍ୟକରି ସମୟ ବିତାଇଥିଲେ । ଏହି ଅଭିଜ୍ଞତା ତୃଣମୂଳ ସ୍ତରର ସମସ୍ୟାଗୁଡ଼ିକ ସହିତ ତାଙ୍କର ସମ୍ପର୍କକୁ ଆହୁରି ଗଭୀର କରିଥିଲା। ୨୦୦୦ ମସିହାରେ ସେ ସାଧାରଣ ସମ୍ପାଦକ ହୋଇଥିଲେ ଏବଂ ସେଥିରେ ମଧ୍ୟ ସେ ତାଙ୍କର ଅନନ୍ୟ କାର୍ଯ୍ୟଦକ୍ଷତା ପ୍ରଦର୍ଶନ କରିଥିଲେ । ଅନେକ ଜଟିଳ ପରିସ୍ଥିତିକୁ ସହଜ ଏବଂ ସଠିକତାର ସହିତ ପରିଚାଳନା କରୁଥିଲେ। ୨୦୦୯ ମସିହାରେ ସେ ସରସଂଘଚାଳକ ହୋଇଥିଲେ ଏବଂ ଅତ୍ୟନ୍ତ ଦକ୍ଷତାର ସହ କାମ କରିଚାଲିଥିଲେ।

ସରସଂଘଚାଳକ ହେବା ଏକ ସାଂଗଠନିକ ଦାୟିତ୍ୱ ଅପେକ୍ଷା ଅଧିକ। ଅସାଧାରଣ ବ୍ୟକ୍ତିବିଶେଷ ବ୍ୟକ୍ତିଗତ ତ୍ୟାଗ, ଉଦ୍ଦେଶ୍ୟର ସ୍ୱଷ୍ଟତା ଏବଂ ମା' ଭାରତୀଙ୍କ ପ୍ରତି ଅଟଳ ପ୍ରତିବଦ୍ଧତା ମାଧ୍ୟମରେ ଏହି ଭୂମିକାକୁ ପରିଭାଷିତ କରିଛନ୍ତି। ମୋହନ ଜୀ ଦାୟିତ୍ୱର ବିଶାଳତାକୁ ପୂର୍ଣ୍ଣ ନ୍ୟାୟ ଦେବା ସହିତ ଏଥିରେ ନିଜର ଶକ୍ତି, ବୌଦ୍ଧିକ ଗଭୀରତା ଏବଂ ସହାନୁଭୂତିଶୀଳ ନେତୃତ୍ୱକୁ ମଧ୍ୟ ଆଣିଥିଲେ, ଯାହା ରାଷ୍ଟ୍ର ସର୍ବୋପରି ନୀତି ଦ୍ୱାରା ଅନୁପ୍ରାଣିତ ।

ମୁଁ ମୋହନ ଜୀଙ୍କ ବ୍ୟକ୍ତିତ୍ୱକୁ ଯେତିକି ନିକଟରୁ ଜାଣିଛି, ତାଙ୍କ କାର୍ଯ୍ୟଶୈଳୀର ମୂଳରେ ଥିବା ଦୁଇଟି ଗୁଣକୁ ମୁଁ ଚିହ୍ନଟ କରିପାରେ, ତାହା ହେଉଛି – ନିରନ୍ତରତା ଏବଂ ଅନୁକୂଳନ। ସେ ସଦାସର୍ବଦା ସଂଗଠନକୁ ସବୁଠୁ କଠିନ ପରିସ୍ଥିତି ମଧ୍ୟରେ ଅଗ୍ରସର କରାଇଛନ୍ତି, କିନ୍ତୁ ମୂଳ ବିଚାରଧାରା ସହ କେବେ ମଧ୍ୟ ସାଲିସ୍ କରିନାହାନ୍ତି। ଅନୁରୂପ ଭାବରେ ସେ ସମାଜର ବିକଶିତ ଆବଶ୍ୟକତାକୁ ପୂରଣ କରୁଛନ୍ତି। ଯୁବପିଢ଼ି ସହିତ ତାଙ୍କର ସ୍ୱାଭାବିକ ଏବଂ ନିବିଡ଼ ସମ୍ପର୍କ, ସର୍ବଦା ନୂଆ ପିଢ଼ିକୁ ସଂଘ ପରିବାର ସହିତ ଯୋଡ଼ିବା ପ୍ରତି ତାଙ୍କର ପ୍ରଚେଷ୍ଟା ଆଜିର ଗତିଶୀଳ ଏବଂ ଡିଜିଟାଲ ବିଶ୍ୱରେ ଅଧିକ ଲାଭଦାୟକ ହୋଇଛି। ସାଧାରଣ ଆଲୋଚନା, ସମ୍ବାଦ ଓ ପାରସ୍ପରିକ କାର୍ଯ୍ୟରେ ସେ ଯେଉଁଭଳି ନିୟମିତ ଭାବେ ଯୋଡ଼ିହୁଅନ୍ତି, ତାହା ତାଙ୍କୁ ସର୍ବଦା ପ୍ରେରଣାଦାୟୀ ନେତୃତ୍ୱ ଭାବରେ ପ୍ରତିଷ୍ଠିତ କରେ।

ସାମଗ୍ରିକ ଭାବରେ କହିବାକୁ ଗଲେ, ଭାଗବତ ଜୀଙ୍କ କାର୍ଯ୍ୟକାଳକୁ ଆର୍‌ଏସ୍‌ଏସ୍‌ର ୧୦୦ ବର୍ଷର ଯାତ୍ରାରେ ସବୁଠାରୁ ପରିବର୍ତ୍ତନକାରୀ ଅବଧି ଭାବରେ ବିବେଚନା କରାଯିବ। ୟୁନିଫର୍ମ ପରିବର୍ତ୍ତନଠାରୁ ଆରମ୍ଭକରି ଶିକ୍ଷା ବର୍ଗ(ପ୍ରଶିକ୍ଷଣ ଶିବିର)ରେ ସଂସ୍କାର ପର୍ଯ୍ୟନ୍ତ ତାଙ୍କ ନେତୃତ୍ୱରେ ଅନେକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଘଟିଛି।

ମୁଁ ବିଶେଷ ଭାବରେ କୋଭିଡ୍ ସମୟରେ ମୋହନ ଜୀଙ୍କ ପ୍ରୟାସକୁ ସ୍ମରଣ ରଖିଛି, ଯେତେବେଳେ ମାନବଜାତି ଜୀବଦ୍ଦଶାରେ ଥରେ ଦେଖାଦେଇଥିବା ଭୟଙ୍କର ମହାମାରୀ ସହିତ ଲଢୁଥିଲା । ସେହି ସମୟରେ ପାରମ୍ପରିକ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ କାର୍ଯ୍ୟକଳାପ ଜାରି ରଖିବା ସବୁଠୁ ବଡ଼ ଆହ୍ୱାନ ସାଜିଥିଲା। ମୋହନ ଜୀଙ୍କ ପରାମର୍ଶ ଥିଲା ଯେ, ପ୍ରଯୁକ୍ତିର ବ୍ୟବହାର ବୃଦ୍ଧି କରାଯାଉ। ବିଶ୍ୱସ୍ତରୀୟ ଆହ୍ୱାନ ପରିପ୍ରେକ୍ଷୀରେ ସେ ସଂସ୍ଥାଗତ ଢାଞ୍ଚାର ବିକାଶ କରିବା ସହିତ ବିଶ୍ୱସ୍ତରୀୟ ଦୃଷ୍ଟିକୋଣ ସହ ଜଡ଼ିତ ରହିଥିଲେ।

ସେହି ସମୟରେ ସମସ୍ତ ସ୍ୱୟଂସେବକ ନିଜର ଏବଂ ଅନ୍ୟମାନଙ୍କର ସୁରକ୍ଷା ସୁନିଶ୍ଚିତ କରିବା ସହିତ ଦୁର୍ଦ୍ଦଶା ମଧ୍ୟରେ ଥିବା ଲୋକଙ୍କ ନିକଟରେ ପହଞ୍ଚିବା ପାଇଁ ଯଥାସମ୍ଭବ ପ୍ରୟାସ କରିଥିଲେ। ଅନେକ ସ୍ଥାନରେ ଚିକିତ୍ସା ଶିବିରର ଆୟୋଜନ କରାଯାଇଥିଲା। ଆମେ ଆମର ଅନେକ ଶ୍ରମନିଷ୍ଠ ସ୍ୱୟଂସେବକଙ୍କୁ ମଧ୍ୟ ହରାଇଥିଲୁ, କିନ୍ତୁ ମୋହନ ଜୀଙ୍କ ପ୍ରେରଣା ଏପରି ଥିଲା ଯେ ସେମାନଙ୍କର ଦୃଢ଼ ନିଷ୍ପତ୍ତି କେବେ ବି ବିଚଳିତ ହୋଇ ନ ଥିଲା।

ଚଳିତ ବର୍ଷ ଆରମ୍ଭରେ ନାଗପୁରରେ ମାଧବ ନେତ୍ର ଚିକିତ୍ସାଳୟର ଉଦ୍‌ଘାଟନ ସମୟରେ ମୁଁ ମତ ଦେଇଥିଲି ଯେ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଏକ ଅକ୍ଷୟବଟ ସଦୃଶ। ଏହା ଏକ ଅନନ୍ତ ବଟବୃକ୍ଷ, ଯାହା ଆମ ଦେଶର ଜାତୀୟ ସଂସ୍କୃତି ଏବଂ ସାମୂହିକ ଚେତନାକୁ ଶକ୍ତି ପ୍ରଦାନ କରେ। ଏହି ଅକ୍ଷୟବଟର ମୂଳ ଗଭୀର ଏବଂ ଦୃଢ଼; କାରଣ ସେଗୁଡ଼ିକ ମୂଲ୍ୟବୋଧରେ ପରିପୂର୍ଣ୍ଣ। ମୋହନ ଭାଗବତ ଜୀ ଏହି ମୂଲ୍ୟବୋଧଗୁଡ଼ିକୁ ପୋଷଣ ଯୋଗାଇଛନ୍ତି ଏବଂ ଆଗକୁ ବଢ଼ାଇବା ପାଇଁ ଯେଉଁ ସମର୍ପଣ ସହିତ ନିଜକୁ ପ୍ରତିବଦ୍ଧ କରିଛନ୍ତି, ତାହା ବାସ୍ତବରେ ପ୍ରେରଣାଦାୟକ।

ମୋହନ ଜୀଙ୍କ ବ୍ୟକ୍ତିତ୍ୱର ଅତ୍ୟନ୍ତ ପ୍ରଶଂସନୀୟ ଗୁଣ ହେଉଛି ତାଙ୍କର ମୃଦୁଭାଷୀ ସ୍ୱଭାବ। ସେ କେବଳ କହିବାରେ ନୁହେଁ, ଶୁଣିବାରେ ମଧ୍ୟ ଅସାଧାରଣ। ଏହି ଗୁଣ ଏକ ଗଭୀର ଦୃଷ୍ଟିକୋଣ ସୁନିଶ୍ଚିତ କରେ ଏବଂ ତାଙ୍କ ବ୍ୟକ୍ତିତ୍ୱ ଓ ନେତୃତ୍ୱ ପାଇଁ ସମ୍ବେଦନଶୀଳତା ଏବଂ ମର୍ଯ୍ୟାଦାର ଭାବନା ମଧ୍ୟ ଜାଗ୍ରତ କରେ।


ଏଠାରେ ମୁଁ ବିଭିନ୍ନ ଜନ ଆନ୍ଦୋଳନ ପ୍ରତି ତାଙ୍କର ସର୍ବଦା ଦେଖାଯାଇଥିବା ଆଗ୍ରହ ବିଷୟରେ ମଧ୍ୟ ଉଲ୍ଲେଖ କରିବାକୁ ଚାହୁଁଛି। 'ସ୍ୱଚ୍ଛ ଭାରତ ମିଶନ'ଠାରୁ 'ବେଟୀ ବଚାଓ ବେଟୀ ପଢ଼ାଓ' ପର୍ଯ୍ୟନ୍ତ ମୋହନ ଜୀ ସର୍ବଦା ସମଗ୍ର ଆର୍‌ଏସ୍‌ଏସ୍ ପରିବାରକୁ ଏହି ଆନ୍ଦୋଳନଗୁଡ଼ିକ ମାଧ୍ୟମରେ ଶକ୍ତି ସଂଯୋଗ କରିବାକୁ ଅନୁରୋଧ କରିଥାଆନ୍ତି। ସାମାଜିକ କଲ୍ୟାଣ କାର୍ଯ୍ୟକ୍ରମକୁ ଆହୁରି ଆଗକୁ ଆଗେଇନେବା ନିମନ୍ତେ ମୋହନ ଜୀ 'ପଞ୍ଚ ପରିବର୍ତ୍ତନ' ପରାମର୍ଶ ଦେଇଛନ୍ତି, ଯେଉଁଥିରେ ସାମାଜିକ ସମନ୍ୱୟ, ପାରିବାରିକ ମୂଲ୍ୟବୋଧ, ପରିବେଶଗତ ସଚେତନତା, ଜାତୀୟ ସ୍ୱାଭିମାନ ଏବଂ ନାଗରିକ କର୍ତ୍ତବ୍ୟ ଅନ୍ତର୍ଭୁକ୍ତ। ଏହା ଜୀବନର ସମସ୍ତ କ୍ଷେତ୍ରର ଭାରତୀୟମାନଙ୍କୁ ପ୍ରେରଣା ଯୋଗାଇପାରିବ। ପ୍ରତ୍ୟେକ ସ୍ୱୟଂସେବକ ଏକ ଶକ୍ତିଶାଳୀ ଏବଂ ସମୃଦ୍ଧ ରାଷ୍ଟ୍ର ଗଢ଼ିବାର ସ୍ୱପ୍ନ ଦେଖନ୍ତି। ଏହି ସ୍ୱପ୍ନକୁ ସାକାର କରିବା ନିମନ୍ତେ ସ୍ପଷ୍ଟ ଦୃଷ୍ଟିକୋଣ ଏବଂ ନିର୍ଣ୍ଣାୟକ କାର୍ଯ୍ୟ ଉଭୟ ଆବଶ୍ୟକ। ମୋହନ ଜୀ ଏହି ଦୁଇଟି ଗୁଣକୁ ବିପୁଳ ମାତ୍ରାରେ ପ୍ରତିପାଦନ କରନ୍ତି।

ଭାଗବତ ଜୀ ସଦାସର୍ବଦା 'ଏକ୍ ଭାରତ ଶ୍ରେଷ୍ଠ ଭାରତ'ର ଜଣେ ଦୃଢ଼ ଅନୁଗାମୀ। ଭାରତର ବିବିଧତା ଏବଂ ଆମ ଭୂମିର ଏକ ଅଂଶ ଥିବା ଅସଂଖ୍ୟ ଭିନ୍ନ ସଂସ୍କୃତି ଏବଂ ପରମ୍ପରା ପାଳନରେ ଦୃଢ଼ବିଶ୍ୱାସୀ।

ତାଙ୍କର ବ୍ୟସ୍ତବହୁଳ କାର୍ଯ୍ୟସୂଚୀ ବ୍ୟତୀତ ମୋହନ ଜୀ ସର୍ବଦା ସଙ୍ଗୀତ ଏବଂ ଗୀତ ଗାଇବା ଭଳି ଆଗ୍ରହକୁ ଅନୁସରଣ କରିବା ପାଇଁ ସମୟ ପାଇଛନ୍ତି। ବହୁତ କମ୍ ଲୋକ ଜାଣନ୍ତି ଯେ, ସେ ବିଭିନ୍ନ ଭାରତୀୟ ବାଦ୍ୟଯନ୍ତ୍ରରେ ମଧ୍ୟ ପାରଙ୍ଗମ। ପାଠପଢ଼ା ପ୍ରତି ଆଗ୍ରହ ତାଙ୍କର ଅନେକ ଭାଷଣ ଏବଂ ଆଲୋଚନାରେ ଦେଖାଯାଇପାରେ ।

ଚଳିତ ବର୍ଷ ଆଉ ମାତ୍ର ଅଳ୍ପଦିନ ପରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ତା'ର ୧୦୦ ବର୍ଷ ପୂରଣ କରିବାକୁ ଯାଉଛି । ଏହା ମଧ୍ୟ ଏକ ସୁଖଦ ସଂଯୋଗ ଯେ ଚଳିତ ବର୍ଷ ବିଜୟାଦଶମୀ, ଗାନ୍ଧୀ ଜୟନ୍ତୀ, ଲାଲ୍ ବାହାଦୁର ଶାସ୍ତ୍ରୀ ଜୟନ୍ତୀ ଏବଂ ଆର୍‌ଏସ୍‌ଏସ୍ ଶତବାର୍ଷିକୀ ପାଳନ ଗୋଟିଏ ଦିନରେ ହେଉଛି । ଏହା ଭାରତ ଏବଂ ବିଶ୍ୱରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ସହ ଜଡ଼ିତ ଲକ୍ଷ ଲକ୍ଷ ଲୋକଙ୍କ ପାଇଁ ଏକ ଐତିହାସିକ ମାଇଲଖୁଣ୍ଟ ହେବ। ମୋହନ ଜୀଙ୍କ ରୂପରେ ଆମର ଜଣେ ଅତ୍ୟନ୍ତ ଜ୍ଞାନୀ ଏବଂ ପରିଶ୍ରମୀ ସରସଂଘଚାଳକ ଅଛନ୍ତି, ଯିଏ ବର୍ତ୍ତମାନ ସମୟରେ ସଂଗଠନକୁ ପରିଚାଳନା କରୁଛନ୍ତି। ମୁଁ ଏହା କହି ଶେଷ କରିବି ଯେ, ମୋହନ ଜୀ ହେଉଛନ୍ତି 'ବସୁଧୈବ କୁଟୁମ୍ବକମ୍'ର ଏକ ଜୀବନ୍ତ ଉଦାହରଣ, ଯାହା ଦର୍ଶାଏ ଯେ ଯେତେବେଳେ ଆମେ ସ୍ୱାର୍ଥର ସୀମାରୁ ଉପରକୁ ଉଠି ସମସ୍ତଙ୍କୁ ନିଜର ବୋଲି ବିବେଚନା କରୁ; ଏହା ସମାଜରେ ବିଶ୍ୱାସ, ଭ୍ରାତୃତ୍ୱ ଏବଂ ସମାନତାକୁ ଦୃଢ଼ କରେ। ମୁଁ ପୁଣି ଥରେ ମା' ଭାରତୀଙ୍କ ସେବାରେ ମୋହନ ଜୀଙ୍କ ଦୀର୍ଘ ଏବଂ ସୁସ୍ଥ ଜୀବନ କାମନା କରୁଛି।

# ଅନନ୍ୟ ଭୂମିରୂପ ପାହାଡ଼-ପର୍ବତ



ଡ. ଅଜୟ କୁମାର ପାତ୍ର

ପାହାଡ଼-ପର୍ବତ ହିମବାହଠାରୁ ଆରମ୍ଭ କରି ଝରଣା, ଔଷଧୀୟ ଗୁଳ୍ମ, ବିବିଧ ପ୍ରକାର ଜୀବଜନ୍ତୁଙ୍କ ଜୈବ ବିବିଧତା ଧାରଣ କରି ଆଦିମ ଯୁଗରୁ ଜୀବ ସେବା କରିଆସୁଅଛି । ମାତ୍ର ପର୍ଯ୍ୟଟକଙ୍କ ନକାରାତ୍ମକ ପ୍ରଭାବ ସହ ପ୍ଲାଷ୍ଟିକ ଉତ୍ପୀଡ଼ନ ସୁନ୍ଦର ଶୈଳ ପରିବେଶକୁ ଦିନକୁ ଦିନ କଳୁଷିତ କରିବାରେ ଲାଗିଛି। ପୃଥିବୀରେ ପ୍ରାୟ ୨୨ ପ୍ରତିଶତ ଭାଗରେ ପାହାଡ଼-ପର୍ବତ ରହିଛି । ୧୯୯୨ରେ ହୋଇଥିବା ଜାତିସଂଘ ସମ୍ମିଳନୀରେ ପରିବେଶ ସହ ପର୍ବତର ବିକାଶ ଓ ସଂରକ୍ଷଣ ଦିଗରେ ସମଗ୍ର ବିଶ୍ୱର ଦୃଷ୍ଟିଆକର୍ଷଣ କରାଯାଇଥିଲା। ପାହାଡ଼-ପର୍ବତରୁ ଜଳ, ଖାଦ୍ୟ, ଚିକିତ୍ସା, ଶକ୍ତି ରୂପରେ ବହୁ ଗୁରୁତ୍ୱପୂର୍ଣ୍ଣ ଉପାଦାନ ମିଳିଥାଏ । ତେବେ ବର୍ଦ୍ଧିଷ୍ଣୁ ପର୍ଯ୍ୟଟନ ଏବଂ ବିକାଶଧାରା ପଥୁରିଆ ପରିବେଶର ପବିତ୍ରଧାରାରେ ଘୋର ବ୍ୟାଘାତ ସୃଷ୍ଟିକରୁଛି । ପାହାଡ଼-ପର୍ବତର ସଂରକ୍ଷଣ କେବଳ ମଣିଷ ପାଇଁ ନୁହେଁ, ସମଗ୍ର ବିଶ୍ୱର ପରିବେଶ ଚକ୍ର ଲାଗି ବିଶେଷ ଗୁରୁତ୍ୱପୂର୍ଣ୍ଣ । ଚଳିତବର୍ଷ ପାହାଡ଼ ଓ ପର୍ବତରୁ ସଂଗୃହୀତ ପ୍ଲାଷ୍ଟିକର ୮୪.୨ ପ୍ରତିଶତ ଖାଦ୍ୟ ପ୍ୟାକେଜିଂରୁ ଆସିଥିଲା ଏବଂ ଏଥିରୁ ପ୍ରାୟ ୭୧ ପ୍ରତିଶତ ପୁନଃଚକ୍ରଣଯୁକ୍ତ ନ ଥିଲା । ପୁନଶ୍ଚ ପର୍ବତାରୋହୀମାନେ ସାଙ୍ଗରେ ନେଇଯାଉଥିବା ବିଭିନ୍ନ ସାମଗ୍ରୀର ଆବର୍ଜନା ଯଥା: ତମ୍ବୁ, ଅମ୍ଳଜାନ ଟାଙ୍କି, ଦଉଡ଼ି, ବିଭିନ୍ନ ମାନବୀୟ ଅବଶେଷ ମଧ୍ୟ ଛାଡ଼ିଦେଇ ଆସୁଛନ୍ତି । ଆକଳନ କରାଯାଇଛି ଯେ ଜଣେ ପର୍ବତାରୋହୀ ଅତି କମ୍‌ରେ ଆଠରୁ ଦଶକିଲୋ ଓଜନର ଆବର୍ଜନା ଛାଡ଼ି ଆସନ୍ତି । ଏପରି ସ୍ଥିତିରେ ହିମାଳୟ ଭଳି ପର୍ବତଶ୍ରେଣୀ ଓ ତା' ସହିତ ପାହାଡ଼ିଆ ଅଞ୍ଚଳକୁ ଆବର୍ଜନାମୁକ୍ତ କରିବା ଲାଗି ସରକାର ତଥା ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ



ତୁରନ୍ତ ପଦକ୍ଷେପ ନେବା ଉଚିତ । ସେହିପରି କ୍ଷୁଦ୍ର ଓ ବୃହତ୍ ପର୍ଯ୍ୟଟନ ସ୍ଥଳ ପର୍ଯ୍ୟଟକଙ୍କ ଖାମଖିଆଲ ମନୋଭାବ ଯୋଗୁ ଯେପରିକି ବଣଭୋଜି ପରେ ଫିଙ୍ଗା ଯାଇଥିବା ପଲିଥିନ୍, ବଳକା ଖାଦ୍ୟ, ପ୍ଲାଷ୍ଟିକ ଖାଦ୍ୟ ଥାଳି, ପ୍ଲାଷ୍ଟିକ ବୋତଲ, ଦରପୋଡ଼ା ବିଡ଼ି, ସିଗାରେଟ ଏପରିକି ଖାଲି ମଦବୋତଲ ପ୍ରଦୂଷଣର ମୁଖ୍ୟ କାରଣ ପାଲଟିଛି । ପ୍ଲାଷ୍ଟିକ୍‌ର ମନମୁଖି ବ୍ୟବହାର ଫଳରେ ବିଶ୍ୱ ତାପମାତ୍ରା ଓ ରୋଗ ବଢ଼ିବା ସହିତ ବିଭିନ୍ନ ପ୍ରକାରର ପ୍ରାକୃତିକ ଦୁର୍ବିପାକ ଦେଖିବାକୁ ମିଳୁଛି । ଏପରି ଅବସ୍ଥା ହେଲାଣି ଯେ ନାନୋ ପ୍ଲାଷ୍ଟିକର ସୂକ୍ଷ୍ମ କଣିକା ବାଦଲରେ ଦେଖିବାକୁ ମିଳିଲାଣି । ଏମିତି ଦିନ ଆସିପାରେ ଯେ ଏହା ଚନ୍ଦ୍ରପୃଷ୍ଠରେ ବି ମିଳିପାରେ।

ପାହାଡ଼-ପର୍ବତକୁ ପ୍ରଦୂଷଣମୁକ୍ତ କରିବା ପାଇଁ ହିମାଳୟ ପାଦଦେଶରେ ଧୀରେ ଧୀରେ ଏକ ଆନ୍ଦୋଳନ ମୁଣ୍ଡ ଟେକିଛି । ୨୦୧୮ ରୁ ପ୍ରତିବର୍ଷ ହିମାଳୟ କ୍ଲିନ୍‌ଅପ୍‌ର ଆହ୍ୱାନରେ ପାର୍ବତୀୟ ରାଜ୍ୟଗୁଡ଼ିକର ସ୍ୱେଚ୍ଛାସେବୀମାନେ ଶତାଧିକ ସ୍ଥାନରେ ସଫେଇ କାର୍ଯ୍ୟ ଲାଗି ଏକଜୁଟ ହେଉଛନ୍ତି। ଏଥିରେ ସିକିମ ଏବଂ ଦାର୍ଜିଲିଂ ହିମାଳୟରେ ସର୍ବାଧିକ ସ୍ଥାନରେ ସଫେଇ କରାଯାଇଛି। ପାହାଡ଼ିଆ ଅଞ୍ଚଳରେ ବ୍ୟାପୁଥିବା ଆବର୍ଜନାର ସୁପରିଚାଳନା ପାଇଁ ଜନଜାଗରଣ ବିଶେଷଭାବରେ ସଚେତନ ବୁଦ୍ଧିଜୀବୀ ଆପଣା ସ୍ୱାର୍ଥର ଊର୍ଦ୍ଧ୍ୱକୁ ଉଠି ପରିବର୍ତ୍ତନର ସ୍ୱର ଉତ୍ତୋଳନ କରିବାର ସମୟ ଉପନୀତ । ଏହି ସମସ୍ୟା କେବଳ ଭାରତରେ ନୁହେଁ, ବିଶ୍ୱର ବିଭିନ୍ନ ପର୍ବତାଞ୍ଚଳରେ ଦେଖାଯାଉଛି। ପାହାଡ଼-ପର୍ବତ ପର୍ଯ୍ୟଟନ ଯେପରି ଆନନ୍ଦଦାୟକ ହେଉଛି, ସେହିପରି ପ୍ରକୃତି ଅନୁକୂଳ ହେବା ଉଚିତ।

**ପରିବେଶ ବିଜ୍ଞାନୀ**
**ମୋ:୯୪୩୮୬୨୧୩୯୧**

## su | do | ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | 7 | 9 | 5 | | | | | |
| 6 | 2 | | 3 | | | | | 1 |
| | | | | | | | | |
| 4 | | 1 | | 5 | | | | 9 |
| | | 8 | 4 | | | | 7 | 5 |
| 9 | | | | | | | | 8 |
| | | | | 3 | | | | |
| | | 4 | 6 | | | | 8 | |
| | | | | 9 | | 2 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 6 | 4 | 3 | 1 | 7 | 8 | 2 | 5 |
| 7 | 5 | 8 | 4 | 6 | 2 | 3 | 1 | 9 |
| 3 | 1 | 2 | 8 | 5 | 9 | 4 | 7 | 6 |
| 8 | 2 | 6 | 1 | 4 | 3 | 5 | 9 | 7 |
| 1 | 9 | 3 | 5 | 7 | 6 | 2 | 8 | 4 |
| 5 | 4 | 7 | 9 | 2 | 8 | 6 | 3 | 1 |
| 2 | 7 | 9 | 6 | 8 | 4 | 1 | 5 | 3 |
| 4 | 8 | 5 | 7 | 3 | 1 | 9 | 6 | 2 |
| 6 | 3 | 1 | 2 | 9 | 5 | 7 | 4 | 8 |

ଗତକାଲିର ଉତ୍ତର

## ଏଇ ଭାରତରେ

ପଞ୍ଜାବର ଜଣେ କୃଷକ ଫୁମାନ୍ ସିଂ କାଉରା ଗାଜର ଚାଷକରି ବର୍ଷକୁ ୧ କୋଟି ଟଙ୍କା ରୋଜଗାର କରୁଛନ୍ତି। ୩୦ ବର୍ଷ ପୂର୍ବେ ସେ ଏହି ଚାଷ ଆରମ୍ଭ କରିଥିଲେ। ଏବେ କପୁରତାଲାର ପରମ୍‌ଜିତପୁର ଗାଁରେ ସେ ୮୦ ଏକର ଜମିରେ ଏହି ଚାଷ କରୁଛନ୍ତି। ଏହାବ୍ୟତୀତ ସେ ଏକ ସିଡ୍ ବ୍ୟାଙ୍କ ଖୋଲିଛନ୍ତି। ସେ ଅନ୍ୟ ଚାଷୀଙ୍କୁ ରିହାତି ମୂଲ୍ୟରେ ବିହନ ଯୋଗାଉଛନ୍ତି। ପ୍ରଥମେ ସେ ଗହମ, ଧାନ ଚାଷ କରୁଥିଲେ ଏବଂ ପରେ ୪ ଏକର ଜମିରେ ଗାଜର ଚାଷ ଆରମ୍ଭ କଲେ। ଏବେ ତାହାକୁ ସେ ୮୦ ଏକରରେ ପହଞ୍ଚାଇପାରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

### ୧୧ ସେପ୍ଟେମ୍ବର ୧୯୭୬

- କେନ୍ଦ୍ର ସରକାର ୧୧ଟି ପାନ୍ତିକ କମ୍ପୋଷ୍ଟ କାରଖାନା ସ୍ଥାପନ ପାଇଁ ୧୦୦ ନିୟୁତ ଟଙ୍କା ମଞ୍ଜୁର କରିଛନ୍ତି।
- ଭିଏତ୍‌ନାମରୁ ଦୁଇଟି ଦଳରେ ମୋଟ ୪୪୭ ଜଣ ଭାରତୀୟ ଆନ୍ତର୍ଜାତିକ ରେଡକ୍ରସ ସଂସ୍ଥାର ବିମାନ ଯୋଗେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଛନ୍ତି।

## ଚିରନ୍ତନୀ

ସବୁ ଜୀବ-ଗ୍ରାମ
ପଥ ଛାଡ଼ି ଗୃହେ ଏବେ ଲୋଡ଼ଇ ବିଶ୍ରାମ
କ୍ଷୀଣସ୍ରୋତେ ଶୁଭ୍ର ବାଲି ପରେ
ସୁକୋମଳ ସାନ୍ଧ୍ୟ ଛାୟା ମୃଦୁ ମୃଦୁ ଝରେ ।
-(ଚକ୍ରବାକ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ରାସ୍ତାର ପୁନଃ ନାମିତ ହେଉ

ମହାଶୟ,

ବିଗତ ବିଜେଡି ସରକାର ଶାସନ ସମୟରେ ଭୁବନେଶ୍ୱରର ଏକ ପ୍ରମୁଖ ରାସ୍ତାକୁ କବି ଅଭିମନ୍ୟୁ ସାମନ୍ତସିଂହାରଙ୍କ ନାମରେ ନାମିତ କରାଯାଇଥିଲା । ମାତ୍ର ଦୁଃଖର ବିଷୟ, କିଛିଦିନ ପରେ ଏହି ରାସ୍ତାର ନାମ ବଦଳାଯାଇ ଜଣେ ବିଦେଶିନୀଙ୍କ ନାମରେ ନାମିତ କରାଗଲା । ଏଥିପାଇଁ ବହୁ ପ୍ରତିବାଦ କରାଯାଇଥିଲେ ମଧ୍ୟ ସରକାର କର୍ଣ୍ଣପାତ କରି ନ ଥିଲେ । ବର୍ତ୍ତମାନର ସରକାର ଏଥିପ୍ରତି ଦୃଷ୍ଟି ଦେବା ଦରକାର। ସରକାର ଏ ଦିଗରେ ବିହିତ ପଦକ୍ଷେପସ୍ୱରୂପ ପୂର୍ବରୁ ଅଭିମନ୍ୟୁଙ୍କ ନାମରେ ନାମିତ ହୋଇଥିବା ରାସ୍ତାକୁ ପୁନଶ୍ଚ ତାଙ୍କ ନାମରେ ନାମିତ କରି ଓଡ଼ିଆ ଅସ୍ମିତା ରକ୍ଷା କରନ୍ତୁ।

-ଡ. ନିରଞ୍ଜନ ସାହୁ, ସାହୁପଡ଼ା, ବରୀ, ଯାଜପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ୪ ପଞ୍ଚାୟତରେ ଖୋଲାଯିବ ରାଶନ ଉପକେନ୍ଦ୍ର

## ତେନ୍ତୁଳିଖୁଣ୍ଟି ପଞ୍ଚାୟତ ସମିତିର ସପ୍ତମ ସାଧାରଣ ବୈଠକ

**ତେନ୍ତୁଳିଖୁଣ୍ଟି, ୧୦।୯(ଚିଦାନନ୍ଦ ସାହୁ)**



ବୈଠକରେ ବିଧାୟକ, ବିଡିଓ ଏବଂ ଅନ୍ୟମାନେ ଆଲୋଚନା କରୁଛନ୍ତି।

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ବୁଧବାର ସପ୍ତମ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ତେନ୍ତୁଳିଖୁଣ୍ଟି ବିଡିଓ ମନୋଜ ପାଣିଗ୍ରାହୀ, ବ୍ଲକ୍ ଅଧ୍ୟକ୍ଷା ନୀଳେନ୍ଦ୍ରୀ ନାୟକ, ଉପାଧ୍ୟକ୍ଷ ରାଜେନ୍ଦ୍ର ବିଷୋୟୀ, ଏମ୍‌ପି ପ୍ରତିନିଧି ସନ୍ତୋଷ ପାତ୍ର, ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ, ଜୋନ୍-୧ ଜିଲା ପରିଷଦ ସଭ୍ୟା କ୍ରିଷ୍ଣା ମଞ୍ଜରୀ ବିଷୋୟୀ, ଜୋନ୍-୨ ସଭ୍ୟ ରତିକାନ୍ତ ପଣ୍ଡା, ସହକାରୀ ନିର୍ବାହୀ ଯନ୍ତ୍ରୀ ଗୋବିନ୍ଦ କହଁର ପ୍ରମୁଖ ମଞ୍ଚାସୀନ ଥିଲେ। ପଞ୍ଚାୟତ ଅଧିକାରୀ ରାଧାକାନ୍ତ ରଣା ପୂର୍ବ ବୈଠକର ବିବରଣୀ ପ୍ରଦାନ କରିଥିଲେ। ପ୍ରତି ୨ ମାସରେ ସମିତି ବୈଠକ କାହିଁକି ହେଉନାହିଁ ବୋଲି ସମସ୍ତ ସରପଞ୍ଚ ଓ ସମିତିସଭ୍ୟ ପ୍ରଶ୍ନ କରିଥିଲେ। ଷ୍ଟାଣ୍ଡିଂ କମିଟି କାହିଁକି ଗଠନ କରାଯାଉନାହିଁ ବୋଲି ସେମାନେ ପ୍ରଶ୍ନ କରିଥିଲେ। ସପ୍ତାହକ ମଧ୍ୟରେ ଷ୍ଟାଣ୍ଡିଂ କମିଟି ଗଠନ କରିବାକୁ ବିଡିଓ ନିର୍ଦ୍ଦେଶ ଦେଇଛନ୍ତି। ସମିତି ବୈଠକରେ ଡେରିରେ ଆସୁଥିବା ବିଭିନ୍ନ ବିଭାଗୀୟ କର୍ମଚାରୀଙ୍କୁ ତାଗିଦା ସହ କାରଣ ଦର୍ଶାଅ ନୋଟିସ ଓ ଦରମା ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ପ୍ରଥମେ ସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟ ନେଇ ଆଲୋଚନା କରାଯାଇଥିଲା। ଶବ ବ୍ୟବଚ୍ଛେଦ ଗୃହ କାହିଁକି ହୋଇପାରୁନାହିଁ ବୋଲି ବିଧାୟକ ମାଝୀ ପ୍ରଶ୍ନ କରିଥିଲେ। ବିଭାଗୀୟ ଅଧିକାରୀ କୌଣସି ସନ୍ତୋଷଜନକ ଉତ୍ତର ରଖି ନ ଥିଲେ। ଆୟୁଷ୍ମାନ୍ କାର୍ଡ ପାଇଁ ଜଣକ ପିଛା ୫୦ ଟଙ୍କା ଆଦାୟ ହେଉଥିବା ଅଭିଯୋଗ ଆସିଥିଲା। କିଏ ଏହି ଟଙ୍କା ଆଦାୟ କରୁଛନ୍ତି ତାହାର ତଦନ୍ତ ପାଇଁ ଜନପ୍ରତିନିଧି ଦାବି କରିଥିଲେ। ଯୋଗାଣ ବିଭାଗର ଆଲୋଚନାବେଳେ ପ୍ରତିନିଧିମାନେ ପ୍ରତି ପଞ୍ଚାୟତରେ କ୍ୟାମ୍ପକରି ଲୋକଙ୍କ ନୂତନ କାର୍ଡ ସେବା ଯୋଗାଇଦେବାକୁ କହିଥିଲେ। କଣ୍ଟାଗାଁ, ଅମ୍ଲାଭଟ୍ଟା, ମଞ୍ଚାଗାଁ, ଲମତାଗୁଡ଼ା ଏହି ୪ଟି ପଞ୍ଚାୟତରେ ରାଶନ ବଣ୍ଟନ ଉପକେନ୍ଦ୍ର ହେବ ବୋଲି ବିଭାଗୀୟ ଅଧିକାରୀ କହିଥିଲେ। ପ୍ରାଥମିକ ବିଦ୍ୟାଳୟରେ ଶିଶୁବାଟିକା ଆରମ୍ଭକଲେ ବହୁ ସଂଖ୍ୟକ ଶିଶୁ ବିଦ୍ୟାଳୟକୁ ଆସିବେ ବୋଲି ଶିକ୍ଷା ବିଭାଗୀୟ ଅଧିକାରୀ କହିଥିଲେ। ଜିଲାରେ ତେନ୍ତୁଳିଖୁଣ୍ଟି ବ୍ଲକ୍‌ରେ ସର୍ବାଧିକ ସଂଖ୍ୟାରେ ଉଚ୍ଚ ବିଦ୍ୟାଳୟ ଅପ୍‌ଗ୍ରେଡ୍ ହୋଇଛି। ମଧ୍ୟାହ୍ନ ଭୋଜନ ଅନିୟମିତତାକୁ ନେଇ ଜିଲା ପରିଷଦ ସଭ୍ୟ ରତିକାନ୍ତ ପଣ୍ଡା ପ୍ରଶ୍ନ କରିଥିଲେ। ଏହାପରେ ଆବାସ ଯୋଜନାରେ ଅନେକ ହିତାଧିକାରୀଙ୍କ ପ୍ରଥମ ପର୍ଯ୍ୟାୟରେ ୪୦ହଜାର ଟଙ୍କା ଆକାଉଣ୍ଟକୁ ଗଲା ପରେ ୨ୟ କିସ୍ତିର ୬୦ହଜାର ଟଙ୍କା ଉଠାଇବା ପାଇଁ ଜିଆର୍‌ଏସ୍ ସିଧାସଳଖ ୫୦୦୦ ଟଙ୍କା ନେଉଥିବା ଅଭିଯୋଗ ହୋଇଥିଲା। ଏପରିକି ମୂଳଦୁଆ ପଡ଼ିବା ପରେ କାମ ଶେଷ ନ ହୋଇ ଅନ୍ତିମ ପର୍ଯ୍ୟାୟ ଅର୍ଥ ମଧ୍ୟ ପ୍ରଦାନ କରି ଦିଆଯାଇଥିବା ସୁଧୀର ଖିରା ଅଭିଯୋଗ କରିଥିଲେ। ଆବାସ ଯୋଜନାରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ୯୫ ଦିନର ପାରିଶ୍ରମିକ ବାଟମାରଣା ହେଉଥିବା ଅଭିଯୋଗ ହୋଇଥିଲା। ଏହା ବ୍ୟତୀତ ମହିଳା ଶିଶୁ ବିକାଶ, ବିଦ୍ୟୁତ୍, କୃଷି, ଜଙ୍ଗଲ ବିଭାଗ, ଉଦ୍ୟାନ କୃଷି, ପ୍ରାଣୀ ସମ୍ପଦ, ପୋଲିସ ବିଭାଗୀୟ ଅଧିକାରୀ ଭାଗ ନେଇଥିଲେ। ୬୦ଜଣଙ୍କୁ ନୂତନ ଭାବେ ଭତ୍ତା ବଣ୍ଟନ କରାଯାଇଥିଲା। ୮୦ ବର୍ଷରୁ ଊର୍ଦ୍ଧ୍ୱଙ୍କୁ ୩୫୦୦ ଟଙ୍କା ବଣ୍ଟନ କରାଯାଇଥିଲା। ଏହି ସମୟରେ ସରପଞ୍ଚମାନଙ୍କୁ ଡକାଯାଇ ନ ଥିବାରୁ ସେମାନେ କ୍ଷୋଭ ପ୍ରକାଶ କରିଥିଲେ। ବନ୍ଦିତା ନାୟକ, ମଦନ ମୋହନ ଦଳପତି ବ୍ଲକ୍ ପ୍ରଶାସନ ପାତରଅନ୍ତର କରୁଥିବା କହି ଏହାକୁ ନିନ୍ଦା କରିଥିଲେ। ପଞ୍ଚାୟତ ଅଧିକାରୀ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତ ଗୀତାରାଣୀଙ୍କୁ ସମ୍ବର୍ଦ୍ଧନା


ଡିଇଓ ଏବଂ ଅନ୍ୟମାନେ ଶିକ୍ଷୟିତ୍ରୀ ଗୀତାରାଣୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

**ନବରଙ୍ଗପୁର, ୧୦।୯(ସଦାଶିବ ପ୍ରହରାଜ)**

ଗତ ସେପ୍ଟେମ୍ବର ୫ ଗୁରୁଦିବସରେ ରାଜ୍ୟସ୍ତରରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଥିବା ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ୍ ପୂଜାରୀଗୁଡ଼ା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ଗୀତାରାଣୀ ଦାସଙ୍କୁ ମଙ୍ଗଳବାର ନବରଙ୍ଗପୁରରେ ସମ୍ବର୍ଦ୍ଧିତ କରାଯାଇଛି। ଜିଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ ପୁଷ୍ପଗୁଚ୍ଛ ଦେଇ ତାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଏହି ସମୟରେ ଜିଲା ନୋଡାଲ ଅଧିକାରୀ ତଥା ଉପନିର୍ଦ୍ଦେଶକ ଉଚ୍ଚ ଶିକ୍ଷା ବିଭାଗ ଅବିନାଶ ଶତପଥୀ,ଏଡିଇଓ କେଶବ ମେହେର, ପ୍ରକାଶ ଚନ୍ଦ୍ର ମହାଳିକ, ବିଜ୍ଞାନ ପରିଦର୍ଶକ ଚିତ୍ତରଞ୍ଜନ ପଟ୍ଟନାୟକ, ନନ୍ଦାହାଣ୍ଡି ବିଇଓ ଶ୍ରୀକାନ୍ତ ଜାନି ଓ ଡାବୁଗାଁ ବିଇଓ ରଶ୍ମିତା ନେତାମ ଉପସ୍ଥିତ ଥିଲେ। ଆଖାପାଖର ଅଞ୍ଚଳରେ ସ୍କୁଲ ଯାଇ ନ ଥିବା ପିଲାଙ୍କୁ ଶିକ୍ଷାର ସ୍ରୋତରେ ସାମିଲକରିବାକୁ ଶିକ୍ଷୟିତ୍ରୀ ଗୀତାରାଣୀ ଚେଷ୍ଟା ଚଳାଇଛନ୍ତି। ସେ ଇଂଲିଶ, ସାହିତ୍ୟ ଓ ଭୂଗୋଳ ପଢ଼ାନ୍ତି। ପିଲାମାନଙ୍କୁ ସରଳ ଇଂଲିଶ ବ୍ୟାକରଣରେ ସିଦ୍ଧହସ୍ତ କରିବା ପାଇଁ ବିଭିନ୍ନ ପ୍ରଣାଳୀ ଶିଖାନ୍ତି। ଏଥିପାଇଁ ତାଙ୍କୁ ରାଜ୍ୟସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ମିଳିଛି।

# ରେଡକ୍ରସ ସ୍ୱେଚ୍ଛାସେବୀ ଅଧିଗ୍ରହଣ

**କୋଡ଼ିଙ୍ଗା, ୧୦।୯(ସମରେନ୍ଦ୍ର ପଟ୍ଟନାୟକ)**

ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ କୋଡ଼ିଙ୍ଗାସ୍ଥିତ ରାଜ ଚାଉଁରିଆ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁବ ରେଡ୍‌କ୍ରସ ଓ ରେଡ ରିବନ କ୍ଲବ ପକ୍ଷରୁ ନୂତନ ସ୍ୱେଚ୍ଛାସେବୀମାନଙ୍କ ଅଧିଗ୍ରହଣ କାର୍ଯ୍ୟକ୍ରମ ଆୟୋଜନ ହୋଇଯାଇଛି। ଅନୁଷ୍ଠାନର ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷା ଅମିତା ରାୟ ମୁଖ୍ୟ ଅତିଥି, ଅଧ୍ୟାପକ ବିବେକ କୁମାର ମହାଳିକ, ପଞ୍ଚାନନ ଦୁରିଆ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ରାୟ ଉପସ୍ଥିତ ସମସ୍ତ ସ୍ୱେଚ୍ଛାସେବୀ, ଛାତ୍ରୀଛାତ୍ରଙ୍କୁ ରେଡ୍‌କ୍ରସର ଶପଥ ପାଠ କରାଇଥିଲେ। ଉକ୍ତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଜିଲ୍ଲା ଯୁବ ରେଡକ୍ରସ୍ ସଂଯୋଜକ ତଥା ଯୁବ ରେଡ୍‌କ୍ରସ କାଉନସିଲର ଅଖିଳ କୁମାର ଭଟ୍ଟ ରେଡ୍‌କ୍ରସର ଲକ୍ଷ୍ୟ ଆଭିମୁଖ୍ୟ ସମ୍ପର୍କରେ ବିବରଣୀ ପ୍ରଦାନ କରିଥଲେ। ଅତିଥିମାନେ ରେଡ୍‌କ୍ରସର ଉତ୍ପତ୍ତି, ଇତିହାସ, ଆଭିମୁଖ୍ୟ ଓ ବିଭିନ୍ନ ଜନହିତକର ସେବା ସମ୍ବନ୍ଧରେ ସ୍ୱେଚ୍ଛାସେବୀମାନଙ୍କୁ ମାର୍ଗଦର୍ଶନ କରିବା ସହିତ ଅନୁଷ୍ଠାନର ଯୁବ ରେଡ୍‌କ୍ରସ ବିଭାଗର ସମସ୍ତ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସୀମାଞ୍ଚଳ ପଟ୍ଟନାୟକ, ଦେବକୀ ଦିଶାରୀ, ସସ୍ମିତା ପ୍ରଧାନ, ରାକେଶ ମଲ୍ଲିକ, ଈଶ୍ୱର ମାଝୀ, ଯାଦବ ପ୍ରସାଦ ମହାନ୍ତି, ଉଦୟ ଚନ୍ଦ୍ର ନାୟକ, ଶୈଳବାଳା ରାଉତଙ୍କ ସହ ସମସ୍ତ ଅଧ୍ୟାପକ କର୍ମଚାରୀ ଛାତ୍ରୀ ଛାତ୍ର ସ୍ୱେଚ୍ଛାସେବୀ ଯୋଗ ଦେଇଥିଲେ।

# ୩ ବର୍ଷ ହେବ ଖୋଲୁନାହିଁ ପିଜି ପାଠ୍ୟକ୍ରମ

**ନବରଙ୍ଗପୁର, ୧୦।୯ (ସଦାଶିବ ପ୍ରହରାଜ)**

## କେବଳ ନାମକୁ ମାତ୍ର ଚିଠି

ନବରଙ୍ଗପୁର ଜିଲା ଗଠନ ହୋଇ ୩୩ ବର୍ଷ ହେବ। ଏଯାଏ ଜିଲାରେ ଗୋଟିଏ ମଧ୍ୟ ମହାବିଦ୍ୟାଳୟରେ ପିଜି (ସ୍ନାତକୋତ୍ତର) ପାଠ୍ୟକ୍ରମ ଆରମ୍ଭ ହୋଇପାରିଲା ନାହିଁ। ଅନ୍ୟପକ୍ଷରେ ୫୪ ବର୍ଷ ତଳେ ସ୍ଥାପନ ହୋଇଥିବା ନବରଙ୍ଗପୁର ମହାବିଦ୍ୟାଳୟ ୩ ବର୍ଷ ତଳେ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ କରିଛି। ଜିଲାର ଏହି ସର୍ବପୁରାତନ ମହାବିଦ୍ୟାଳୟ ଏବେ ମଧ୍ୟ ଉପେକ୍ଷିତ ହୋଇ ରହିଛି। ଡ୍ରପ୍‌ଆଉଟ୍ ପାଇଁ ଅଲୋଡ଼ା କଳଙ୍କ ମୁଣ୍ଡାଇଛି ନବରଙ୍ଗପୁର ଜିଲା। କିନ୍ତୁ ଏହି ଜିଲାର ପୁରାତନ ମହାବିଦ୍ୟାଳୟ ଭାବେ ପରିଚିତ ନବରଙ୍ଗପୁର ମହାବିଦ୍ୟାଳୟ ଏ ପର୍ଯ୍ୟନ୍ତ ସରକାରୀ ହୋଇପାରିଲା ନାହିଁ।

ପୂର୍ବରୁ ବିରୋଧୀ ଦଳ ଭୂମିକା ନେଉଥିବା ଭାଜପା ଏବେ ସରକାରରେ। ଗତ ଦିନରେ ନବରଙ୍ଗପୁର କଲେଜକୁ ସରକାରୀ ମାନ୍ୟତା ଦାବି କରୁଥିବା ଓ ସ୍ୱର ଉତ୍ତୋଳନ କରୁଥିବା ଏବେକାର ଡବଲ ଇଞ୍ଜିନ ସରକାର ନବରଙ୍ଗପୁର କଲେଜ ସରକାରୀ ମାନ୍ୟତା ପାଇଁ ଆଉ କିଛି ମୁହଁ ଖୋଲୁ ନାହାନ୍ତି ବୋଲି ଜିଲାର ବୁଦ୍ଧିଜୀବୀ ମତ ଦେଉଛନ୍ତି। ତେବେ ପିଜି ପାଠ୍ୟକ୍ରମ ପାଇଁ ଜିଲାବାସୀଙ୍କୁ ୪ ବର୍ଷ ହେବ ପ୍ରତିଶ୍ରୁତି ମିଳିଛି। ଯାହାକୁ ପରବର୍ତ୍ତୀ ସମୟରେ ପାଳନ କରାଯାଇନାହିଁ। ଏହାକୁ ନେଇ ବୁଦ୍ଧିଜୀବୀ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଆଞ୍ଚଳିକ ନିର୍ଦ୍ଦେଶକଙ୍କୁ ଗୋଟିଏ ଚିଠି ଆସି ୩ ବର୍ଷ ବିତିଗଲାଣି। ଏହି ଚିଠି ସମ୍ପର୍କରେ ଅବଗତ ହେବାପରେ ଜିଲାବାସୀଙ୍କ ମଧ୍ୟରେ ଅନେକ ଆଶା ସଞ୍ଚାର ହୋଇଥିଲା। କାରଣ ଏହି ଚିଠିରେ ନବରଙ୍ଗପୁର ମହାବିଦ୍ୟାଳୟରେ ହିଁ ପିଜି ପାଠ୍ୟକ୍ରମ ଖୋଲିବା ସମ୍ପର୍କରେ ଉଲ୍ଲେଖ ହୋଇଥିଲା। ଇତିହାସ, ରାଜନୀତି, ବିଜ୍ଞାନ, ଅର୍ଥନୀତି, ଓଡ଼ିଆ ଏବଂ ଆକାଉଣ୍ଟାନ୍ସି ବିଭାଗରେ ୧୬ଟି ଲେଖାଏ ସିଟ୍ ବିଶିଷ୍ଟ ପିଜି ପାଠ୍ୟକ୍ରମ ଖୋଲିବାକୁ ପ୍ରସ୍ତାବ ଦିଆଯାଇଥିଲା। ୨୦୨୩-୨୪ ଶିକ୍ଷାବର୍ଷରୁ ପିଜି ପାଠ୍ୟକ୍ରମ ଖୋଲିବା ପାଇଁ ଅନୁମତି ମିଳିଥିବା ନେଇ ମଧ୍ୟ ପ୍ରଚାର ହୋଇଥିଲା। କିନ୍ତୁ ଏହି ଚିଠି ଜାରି ହେବା ପରେ ବି ମହାବିଦ୍ୟାଳୟରେ ପିଜି ପାଠ୍ୟକ୍ରମ ଆରମ୍ଭ ହୋଇପାରିଲା ନାହିଁ। ତେଣୁ ନବରଙ୍ଗପୁର ଜିଲାର ଗରିବ ଛାତ୍ରୀଛାତ୍ରଙ୍କ ପାଇଁ ନିଜ ଜିଲାରେ ପିଜି ପାଠ ପଢ଼ିବା ସ୍ୱପ୍ନ ଅଧାରେ ରହିଯାଉଛି। ସେହିପରି ନିଜ ଜିଲାରେ ଉଚ୍ଚଶିକ୍ଷା ନିମନ୍ତେ ବ୍ୟବସ୍ଥା ନ ଥିବାରୁ ବହୁ ମେଧାବୀ ଛାତ୍ରୀଛାତ୍ର ପାଠପଢ଼ାରୁ ବଞ୍ଚିତ ହେଉଛନ୍ତି। ଅନେକ ଛାତ୍ରୀଛାତ୍ର ଅଧିକ ଖର୍ଚ୍ଚକରି ଜିଲା ବାହାରେ ପଢ଼ିବାକୁ ବାଧ୍ୟ ହେଉଛନ୍ତି। ବିଡ଼ମ୍ବନାର ବିଷୟ ପିଜି ପାଠ୍ୟକ୍ରମ ଖୋଲିବା ପାଇଁ ମହାବିଦ୍ୟାଳୟ ପକ୍ଷରୁ ଉଦ୍ୟମ ମଧ୍ୟ କରାଯାଉନାହିଁ। କେବଳ ଗୋଟିଏ ସ୍ପଷ୍ଟୀକରଣ ଉଚ୍ଚଶିକ୍ଷା ବିଭାଗକୁ ମଗାଯାଇଥିଲା। ତା' ପରେ ଆଉ କିଛି ଆଗେଇନାହିଁ। ଏନେଇ ମହାବିଦ୍ୟାଳୟର ଅଧ୍ୟକ୍ଷ ଡି. ଗୋବିନ୍ଦା ରାଓଙ୍କୁ ପଚାରିବାରୁ ସେଲ୍ଫ ଫାଇନାନ୍ସ ମୋଡ୍‌ରେ ପିଜି ପାଠ୍ୟକ୍ରମ ଖୋଲିବା ପାଇଁ ଉଚ୍ଚଶିକ୍ଷା ବିଭାଗ କହିଲେ। ତେବେ ଉଚ୍ଚଶିକ୍ଷା ବିଭାଗରୁ ପାଠ୍ୟକ୍ରମ ଆରମ୍ଭ ପାଇଁ ଅନୁବନ୍ଧିତ ସ୍ୱୀକୃତି ପାଇବାକୁ କିଛି ଅର୍ଥ ଦେବାକୁ ପଡ଼ିବ। ପିଏଚ୍.ଡି. ପ୍ରାପ୍ତ ଅଧ୍ୟାପକ ନିଯୁକ୍ତି କରାଯିବ। ସେମାନଙ୍କ ଦରମା ଛାତ୍ରୀଛାତ୍ରଙ୍କଠାରୁ ଆଦାୟ ଅର୍ଥରୁ ଦିଆଯିବ। ତେବେ ମହାବିଦ୍ୟାଳୟ ନିକଟରେ ଏହାର ସମ୍ବଳ ନାହିଁ। ଏନେଇ ଯଦି ସରକାର ଅଧ୍ୟାପକ ନିଯୁକ୍ତି କରନ୍ତି ତେବେ ପିଜି ପାଠ୍ୟକ୍ରମ ଖୋଲିବାରେ କୌଣସି ସମସ୍ୟା ରହିବ ନାହିଁ ବୋଲି ସେ କହିଛନ୍ତି।

# ଶିବିରରେ ୧୨୪ ଦିବ୍ୟାଙ୍ଗଙ୍କ ସ୍ୱାସ୍ଥ୍ୟ ପରୀକ୍ଷା,ମିଳିବ ପ୍ରମାଣପତ୍ର


ଜଣେ ଦିବ୍ୟାଙ୍ଗଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

**ନନ୍ଦାହାଣ୍ଡି, ୧୦।୯(ପ୍ରତୀପ କୁମାର ଦାଶ)**

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ବୁଧବାର ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ଉପ ବିଭାଗର ସୌଜନ୍ୟତାରେ ବୁଧବାର ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଆୟୋଜନ କରାଯାଇଛି। ଏହି ଶିବିରରେ ବିଶେଷଜ୍ଞ ଡାକ୍ତରମାନେ ପଞ୍ଜୀକୃତ ଦିବ୍ୟାଙ୍ଗଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଅସ୍ଥିଶଲ୍ୟ ବିଭାଗରେ ୫୩ , ଇଏନ୍‌ଟିରେ ୧୩, ଚକ୍ଷୁ ବିଭାଗରେ ୧୯, ମାନସିକ ରୋଗ ବିଭାଗରେ ୩୫ ଓ ଏକାଧିକ ସ୍ୱାସ୍ଥ୍ୟଗତ ସମସ୍ୟା ଥିବା ୪ ଜଣ ପଞ୍ଜୀକରଣକରି ବିଶେଷଜ୍ଞମାନଙ୍କ ପାଖରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ପରବର୍ତ୍ତୀ ସମୟରେ ସେମାନେ ନିଜର ପ୍ରମାଣପତ୍ର ପାଇବେ ଏବଂ ସେହି ଆଧାରରେ ଭତ୍ତା ମିଳିବ। ସରକାରଙ୍କ ନୂଆ ଯୋଜନା ପ୍ରକାରେ ଯେଉଁମାନେ ୮୦ ପ୍ରତିଶତରୁ ଊର୍ଦ୍ଧ୍ୱ ଦିବ୍ୟାଙ୍ଗ ସେମାନଙ୍କୁ ୩୫୦୦ ଟଙ୍କା ଭତ୍ତା ମିଳିବ। ତେଣୁ ଯେଉଁମାନେ ପୂର୍ବରୁ କମ୍ ପ୍ରତିଶତ ଭିନ୍ନକ୍ଷମ ଥିଲେ ସମୟାନୁକ୍ରମେ ସେମାନଙ୍କର ସ୍ୱାସ୍ଥ୍ୟାବସ୍ଥାରେ ଅବନତି ହୋଇଛି। ସେମାନେ ୮୦ ପ୍ରତିଶତ କିମ୍ବା ତଦୂର୍ଦ୍ଧ୍ୱ ଭିନ୍ନକ୍ଷମ ପ୍ରମାଣପତ୍ର ପାଇଲେ ମାସିକ ୩୫୦୦ ଟଙ୍କା ଭତ୍ତା ଦିଆଯିବ। ଆୟୋଜିତ କାର୍ଯ୍ୟକ୍ରମକୁ ନନ୍ଦାହାଣ୍ଡି ବ୍ଲକ୍ ଅଧ୍ୟକ୍ଷା ରଶ୍ମିତା ମାଝୀ ଉଦ୍‌ଘାଟନ କରିଥିଲେ। ଶିବିରରେ ବ୍ଲକ୍ ଅଧ୍ୟକ୍ଷା ରଶ୍ମିତା ମାଝୀ, ଉପାଧ୍ୟକ୍ଷ ସଦନ ଗୌଡ଼, ଏମ୍‌ପିଙ୍କ ପ୍ରତିନିଧି ଜାନକୀକାନ୍ତ ବିଷୋୟୀ ଯୋଗଦେଇଥିଲେ। ନନ୍ଦାହାଣ୍ଡି ବିଡିଓ କ୍ଷୀରୋଦ ଚନ୍ଦ୍ର ସାହୁ, ଜିଲା ସାମାଜିକ ସୁରକ୍ଷା ବିଭାଗରୁ ମିଥୁନ ତ୍ରିପାଠୀ, ବ୍ଲକ୍ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ କାର୍ଯ୍ୟ ତଦାରଖ କରିଥିଲେ। ବରିଷ୍ଠ ସାମାଜିକ ସହାୟକ ମନୀଷା ରଥ ଏବଂ କାର୍ଯ୍ୟକ୍ରମ ସହାୟକ ବିଚିତ୍ର ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅସ୍ଥିଶଲ୍ୟ ବିଶେଷଜ୍ଞ ଶିବାନନ୍ଦ ବୁଦ୍ଧିଆ, ଚକ୍ଷୁ ବିଶେଷଜ୍ଞ ସାନ୍ତ୍ୱନା ସାଗ୍ନିକା ପ୍ରଧାନ ଓ ନିହାର ରଞ୍ଜନ ବେହେରା, ମାନସିକ ବିଶେଷଜ୍ଞ ଡାକ୍ତର ବିଭୁଦତ୍ତ ସେଠୀ, ଇଏନ୍‌ଟି ବିଶେଷଜ୍ଞ ସୁଦୀପ୍ତ ରାଉତ, ଶ୍ରବଣ ବିଶେଷଜ୍ଞ ଶିବପ୍ରସାଦ ସାହୁ, ଫିଜିଓଥେରାପି ପାଇଁ ଘନଶ୍ୟାମ ବେହେରା ଦିବ୍ୟାଙ୍ଗମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଶିକ୍ଷୟିତ୍ରୀ ଶାଶ୍ୱତୀ ମିଶ୍ର, ସୁଜାତା ଯାଜ୍ଞସେନୀ ଲେଙ୍କା ଓ ମଧୁସ୍ମିତା ମଲ୍ଲିକ ଏଥିରେ ସହଯୋଗ କରିଥିଲେ।

# ଧସିଲା କମାରବେଲଗାଁ ପୋଲ

**ନନ୍ଦପୁର, ୧୦।୯ (ତୁଷାର କାନ୍ତ ମହାନ୍ତି)**

କୋରାପୁଟ ଜିଲା ନନ୍ଦପୁର ବ୍ଲକ ମାଳିବେଲଗାଁ ପଞ୍ଚାୟତ ଦେଇ ଯାଇଥିବା ଗେରୁପୁଟ-ସାଉନିପୁଜାରୀପୁଟ ଆର୍‌ଡି ରାସ୍ତାର କମାର ବେଲଗାଁ ପୋଲ ଗୋଟିଏ ପାର୍ଶ୍ୱ ବୁଧବାର ଧସି ଯାଇଛି। ଲଗାଣ ବର୍ଷା ଓ ପୋଲର ଉକ୍ତ ସ୍ଥାନରେ ପ୍ରଖର ସ୍ରୋତ ପୋଲ ତଳୁ ମାଟି ଧୋଇ ମୂଳଦୁଆକୁ କମଜୋର କରିଥିବା ଅନୁମାନ କରାଯାଉଛି। ଏହି ପୋଲ ମାଳିବେଲଗାଁ ପଞ୍ଚାୟତ ତଥା ମାଛକୁଣ୍ଡ ଷ୍ଟେସନକୁ ଯାତାୟାତ ନିମନ୍ତେ ମୁଖ୍ୟ ରାସ୍ତା ହୋଇଥିବାରୁ ବିଭାଗୀୟ କର୍ତ୍ତୃପକ୍ଷ ଉକ୍ତ ପୋଲ ଓ ରାସ୍ତାର ତୁରନ୍ତ ତଦାରଖ କରି ଆବଶ୍ୟକ ମରାମତି କରିବାକୁ ଲୋକେ ନିବେଦନ କରିଛନ୍ତି। ସକାଳୁ ପୋଲ ଧସିବା ଦେଖି ଲୋକେ ଆଶଙ୍କିତ ହୋଇଥିଲେ। ଏନେଇ ପଞ୍ଚାୟତ ପ୍ରଶାସନକୁ ଅବଗତ କରାଯାଇଛି। ସରପଞ୍ଚ ପ୍ରହ୍ଲାଦ ମୁଦୁଲି, ସମିତିସଭ୍ୟ ମଙ୍ଗଲୁ ଖରା, ପିଇଓ ସୁବାସ ପଣ୍ଡା ପ୍ରମୁଖ ପୋଲର ସ୍ଥିତି ପରଖିବା ପରେ ନନ୍ଦପୁର ବିଡିଓଙ୍କୁ ଅବଗତ କରିଥିଲେ। ସୁନାବେଡ଼ା ଆରଡି ବିଭାଗ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବାରେ ଯନ୍ତ୍ରୀ ମାନସୀ ଡାକୁଆଙ୍କୁ ଧସିଥିବା ପୋଲ ନିରୀକ୍ଷଣ କରି ସର୍ବୋଚ୍ଚ ଯନ୍ତ୍ରୀଙ୍କୁ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ରିପୋର୍ଟ ମିଳିବା ପାରେ ଆବଶ୍ୟକ ନିର୍ମାଣ କାର୍ଯ୍ୟ କରାଯିବ ବୋଲି ସୂଚନା ଦେଇଛନ୍ତି।


ଧସିଯାଇଥିଲା ପୋଲ।

# ନୋଡାଲ ଅଧିକାରୀଙ୍କ ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ

**ନବରଙ୍ଗପୁର,୧୦।୯(ସଦାଶିବ ପ୍ରହରାଜ)**

ଉଚ୍ଚ ଶିକ୍ଷା ବିଭାଗ ଉପନିର୍ଦ୍ଦେଶକ ତଥା ନୋଡାଲ ଅଧିକାରୀ ଅଭିନାଶ ଶତପଥୀ ଓ ଜିଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ ବୁଧବାର ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ନୋଡାଲ ଅଧିକାରୀ ଶତପଥୀ ନବରଙ୍ଗପୁର କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ, ଡାବୁଗାଁ ଓ ନନ୍ଦାହାଣ୍ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ତେନ୍ତୁଳିଖୁଣ୍ଟି ସରକାରୀ ପ୍ରାଥମିକ ବିଦ୍ୟାଳୟ ଓ ଉମରକୋଟ ସ୍ୱାମୀ ବିବେକାନନ୍ଦ ବିଦ୍ୟାମନ୍ଦିର ପରିଦର୍ଶନ କରିଛନ୍ତି। ନୂତନଭାବେ ଖୋଲିଥିବା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ ୨ର ଆଡ୍‌ମିଶନ ଓ ଆନୁଷଙ୍ଗିକ ବ୍ୟବସ୍ଥା ସମ୍ପର୍କରେ ତଦାରଖ କରିଥିଲେ। ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ, ପରିଷ୍କାର ପରିଚ୍ଛନ୍ନତା, ପାଠପଢ଼ାର ଅଗ୍ରଗତି ସମ୍ପର୍କରେ ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କଠାରୁ ବୁଝିଥିଲେ। ମଙ୍ଗଳବାର ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଜିଲାର ବିଇଓମାନଙ୍କୁ ନେଇ ବିଦ୍ୟାଳୟ ପରିଚାଳନାର ବିଭିନ୍ନ କାର୍ଯ୍ୟକ୍ରମ ଉପରେ ସମୀକ୍ଷା କରାଯାଇଥିଲା। ଜିଲା ଶିକ୍ଷାଧିକାରୀ ସାହୁ ବିକ୍ରମପୁର ମହାଦେବ ହାଇସ୍କୁଲ, ଚଟାହାଣ୍ଡି ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ବିଦ୍ୟାଳୟ ପରିଚାଳନା, ପାଠପଢ଼ା ଆଦି ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ପଚାରି ବୁଝିଥିଲେ। ନୋଡାଲ ଅଧିକାରୀଙ୍କ ଗସ୍ତ ସମୟର ଏଡିଇଓ ପ୍ରକାଶ ଚନ୍ଦ୍ର ମହାଳିକ, ନନ୍ଦାହାଣ୍ଡି ବିଇଓ ଶ୍ରୀକାନ୍ତ ଜାନି ପ୍ରମୁଖ ଉପସ୍ଥିତ ଥିଲେ।



ନନ୍ଦାହାଣ୍ଡି ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଉଚ୍ଚ ଶିକ୍ଷା ବିଭାଗ ଉପନିର୍ଦ୍ଦେଶକ, ଜିଲା ଶିକ୍ଷା ବିଭାଗ ଅଧିକାରୀ ଓ ଅନ୍ୟମାନେ।

# କାଉନ୍‌ସିଲରଙ୍କ ଅନୁପସ୍ଥିତିରୁ କାଟ ଖାଇଲା ଅନାସ୍ଥା

## ରହିଗଲା ପୌର ଅଧ୍ୟକ୍ଷାଙ୍କ ଚୌକି

**ଉମରକୋଟ, ୧୦।୯(ସନ୍ତୋଷ ଶତପଥୀ)**


ବୈଠକରେ ଅଧିକାରୀ ଓ କେତେଜଣ କାଉନ୍‌ସିଲର।

ନବରଙ୍ଗପୁର ଜିଲା ଉମରକୋଟ ପୌରାଧ୍ୟକ୍ଷାଙ୍କ ପଦ କାଏମ ରହିଲା। ତାଙ୍କ ବିରୋଧରେ ଆସିଥିବା ଅନାସ୍ଥା ପ୍ରସ୍ତାବକୁ ନେଇ ବୁଧବାର ପୌର କାର୍ଯ୍ୟାଳୟରେ ଆଲୋଚନା ପାଇଁ ସମସ୍ତ କାଉନ୍‌ସିଲର ଉପସ୍ଥିତ ରହିବାକୁ ନବରଙ୍ଗପୁର ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଆଲୋଚନା ପରେ ନିଷ୍କର୍ଷ ନ ବାହାରିଲେ ଭୋଟିଂ ହେବାର ଥିଲା। କିନ୍ତୁ ଦୁଇତୃତୀୟାଂଶ ୱାର୍ଡ ସଭ୍ୟ ଅନୁପସ୍ଥିତ ରହିବାରୁ ଆଲୋଚନା କିମ୍ବା ଭୋଟିଂ ହୋଇପାରିଲା ନାହିଁ। ପୌର ପରିଷଦର ୧୪ କାଉନ୍‌ସିଲରଙ୍କ ମଧ୍ୟରୁ ପୌର ଉପାଧ୍ୟକ୍ଷ ସୁଧାଂଶୁ ଦାସ, ବିଜେଡିର ନେତ୍ର ହରିଜନ, କଂଗ୍ରେସର ସାଇ ନାରାୟଣ ପାଢ଼ୀ ଉପସ୍ଥିତ ଥିଲେ। ୧୦ଜଣ ବିଜେଡି କାଉନସିଲର ବୈଠକରେ ଅନୁପସ୍ଥିତ ଥିଲେ। ସେଥିମଧ୍ୟରୁ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ବିଜେଡିର ସରୋଜିନୀ ଶବର ଓ ଭାଜପାର କନକଲତା ନାୟକ ବୈଠକକୁ ଆସି ନ ଥିଲେ।

ସୂଚନାଯୋଗ୍ୟ, ଉମରକୋଟ ପୌରଧ୍ୟକ୍ଷା ରାଧା ଭତ୍ରାଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଆଣି ପୌର ପରିଷଦର ୧୨ ବିଜେଡି, ଜଣେ କଂଗ୍ରେସ ଓ ଭାଜପା କାଉନସିଲର ଅନାସ୍ଥା ପ୍ରସ୍ତାବ ଆଣିଥିଲେ। ଅନ୍ୟପଟେ ୧୨ ଜଣ କାଉନସିଲର ନିଜ ଦଳର ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ଆଣିବା ବିଜେଡିକୁ ଶକ୍ତ ଧକ୍କା ଲାଗିଥିଲା। ଅଧ୍ୟକ୍ଷାଙ୍କ ଚୌକି ବଞ୍ଚାଇବାକୁ ବିଜେଡିର ଆଗଧାଡ଼ିର ନେତା ଉଦ୍ୟମ ଆରମ୍ଭକରି ଗୁପ୍ତ ବୈଠକ କରିଥିଲେ। ଅନାସ୍ଥା ପ୍ରସ୍ତାବ ସପକ୍ଷରେ ଭୋଟ ନ ଦେବାକୁ ଅନୁରୋଧ କରାଯାଇଥିଲା। ଏହାର ୨ଦିନ ପରେ ଦଳ ବିରୋଧୀ କାର୍ଯ୍ୟ କରୁଥିବା ଅଭିଯୋଗରେ ବିଜେଡିର ପୌର ଉପାଧ୍ୟକ୍ଷ ସୁଧାଂଶୁ ଦାସଙ୍କୁ ବିଜୁ ଜନତା ଦଳରୁ ନିଲମ୍ବନ କରାଯାଇ ଥିଲା। ବୁଧବାର ହେବାକୁ ଥିବା ବୈଠକରେ ୯ଜଣ କାଉନ୍‌ସିଲର ଅନୁପସ୍ଥିତ ଥିଲେ। ସୁଧାଂଶୁ ଦାସଙ୍କ ସମର୍ଥକ ତଥା ବିଜେଡିର ୨ କାଉନସିଲର ନେତ୍ର ହରିଜନ ଓ ସରୋଜିନୀ ଶବର ଉପସ୍ଥିତ ଥିଲେ।

ଧର୍ମର କ୍ଷୟ ପାପର ଜୟ ହେଲା। ଅନେକ ଦୁର୍ନୀତି ଅଭିଯୋଗ ଆଧାରରେ ସମସ୍ତ ୧୪ କାଉନ୍‌ସିଲର ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ଆଣିଥିଲେ। ବିଜେଡିର କେତେଜଣ କାଉନ୍‌ସିଲରଙ୍କୁ ଅନାସ୍ଥା ଭୋଟରୁ ନିବୃତ ରହିବାକୁ ନବୀନ ନିବାସକୁ ନିଆଯାଇଥିବାରୁ ଅଧିକାଂଶ ଅନୁପସ୍ଥିତ ଥିଲେ। ତେଣୁ ଅଧ୍ୟକ୍ଷାଙ୍କ ଚୌକି ବଞ୍ଚିଯାଇଛି। କିନ୍ତୁ ଆଗାମୀ ଦିନରେ କେତେଜଣ କାଉନ୍‌ସିଲର ମିଶି ଯାହା ସବୁ ଦୁର୍ନୀତି ହୋଇଛି ତାହାର ପର୍ଦ୍ଦାଫାଶ କରିବେ ବୋଲି କଂଗ୍ରେସ କାଉନ୍‌ସିଲର ସାଇ ନାରାୟଣ ପାଢ଼ୀ କହିଛନ୍ତି।

ଗଣେଶପୂଜା ପୂର୍ବରୁ ପେଟି କାମର ବିଲ୍‌କୁ ନେଇ କାଉନ୍‌ସିଲରଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଥିଲା। ତେଣୁ ସମସ୍ତେ ମିଶି ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ଆଣିବାକୁ ଚିନ୍ତା କରିଥିଲେ। ବିଜେଡିର ସମସ୍ତ କାଉନ୍‌ସିଲର ଗ୍ରାମଦେବୀ ମା' ପେଣ୍ଠରାଣୀଙ୍କ ନିକଟରେ ଦୀପ ଜାଳି ଶପଥ ନେବା ପରେ ନିଜ କଥାରୁ ଓହରିଗଲେ। ବିଜେଡିର ବଡ଼ ବଡ଼ ନେତା କାଉନ୍‌ସିଲରଙ୍କୁ ଗୁପ୍ତ ସ୍ଥାନରେ ଲୁଚାଇ ରଖିଥିବାରୁ ସେମାନେ ବୈଠକକୁ ଆସି ପାରିଲେନାହିଁ। ବିଜେଡିର କୌଣସି ଅସ୍ତିତ୍ୱ ନାହିଁ। ରାଜ୍ୟ ସଭାପତି ବିଜେଡିର ଭଲମନ୍ଦ ଜାଣନ୍ତି ନାହିଁ। ବର୍ତ୍ତମାନ ବିଜେଡିର ପତନ ଆରମ୍ଭ ହେଲାଣି ବୋଲି ଦଳରୁ ନିଲମ୍ବିତ କାଉନ୍‌ସିଲର ତଥା ପୌର ଉପାଧ୍ୟକ୍ଷ ସୁଧାଂଶୁ ଦାସ କହିଛନ୍ତି।

ଉପଜିଲାପାଳ କହିଛନ୍ତି, ଆଲୋଚନା ସମୟରେ ଉପାଧ୍ୟକ୍ଷ, ବିଜେଡିର ଜଣେ, କଂଗ୍ରେସର ଜଣେ କାଉନସିଲର ଉପସ୍ଥିତ ଥିଲେ। ଆଲୋଚନା ପାଇଁ ଦୁଇ ତୃତୀୟାଂଶରୁ କମ୍ କାଉନସିଲର ଥିବାରୁ ନିଷ୍କର୍ଷ ବାହାରିଲା ନାହିଁ। ହାଇକୋର୍ଟରେ ଅନାସ୍ଥା ମାମଲା ବିଚାରାଧୀନ ଥିବାରୁ ଆଗାମୀ ଶୁଣାଣି ପର୍ଯ୍ୟନ୍ତ ରାଧା ଭତ୍ରା ଅଧ୍ୟକ୍ଷା ପଦରେ ରହିବେ। ଆଲୋଚନାରେ ଉପଜିଲାପାଳ ପ୍ରକାଶ ମିଶ୍ର, ଅତିରିକ୍ତ ତହସିଲଦାର ନୀଳାମ୍ବର ପୂଜାରୀ, ପୌର ନିର୍ବାହୀ ଅଧିକାରୀ ଆଲୋକ କୁମାର ଅନୁଗୁଳିଆ, ଉମରକୋଟ ଏସ୍‌ଡିପିଓ ଶୁଭେନ୍ଦୁ ଶବର, ଥାନାଧିକାରୀ ରମାକାନ୍ତ ସାଏ, ଝରିଗାଁ, ରାଇଘର ଥାନା ଅଧିକାରୀଙ୍କ ସହ ୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଥିଲେ।

# ଆଦିମ ବଣ୍ଡା ଜନଜାତିଙ୍କ ବିକାଶ ଉପରେ ଗୁରୁତ୍ୱ

## ବଣ୍ଡାଘାଟିରେ ରାଜ୍ୟପାଳ

ମାଲକାନଗିରି/ଖଇରପୁଟ,୧୦।୯
(ଦୁର୍ଯ୍ୟୋଧନ ପାତ୍ର/ଜଗନ୍ନାଥ ମାଝି)

ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ବୁଧବାର ମାଲକାନଗିରି ଜିଲା ଖଇରପୁଟ ବ୍ଲକ୍ ମୁଦୁଲିପଡ଼ା ପଞ୍ଚାୟତ ବଣ୍ଡାଘାଟି ପରିଦର୍ଶନ କରିଛନ୍ତି। ପ୍ରଥମେ ଗୋବିନ୍ଦପାଲ୍ଲୀଠାରେ ତାଙ୍କୁ ମାଲକାନଗିରି ବିଧାୟକ ନରସିଂହ ମାଡକାମି, ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ, ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ, ଏସ୍‌ପି ବିନୋଦ ପାଟିଲ, ଡିଏଫ୍‌ଓ ସାଇ କିରଣ ପ୍ରମୁଖ ସ୍ୱାଗତ କରିବା ସହ ବନ ବିଭାଗ ଡାକବଙ୍ଗଳାକୁ ନେଇଥିଲେ। ସେଠାରୁ ରାଜ୍ୟପାଳ ବଣ୍ଡାଘାଟିକୁ ଯାଇଥିଲେ। ଘାଟିରେ ପହଞ୍ଚିବା ପରେ ବଣ୍ଡା ମହିଳା ଓ ପୁରୁଷମାନେ ତାଙ୍କୁ ପାରମ୍ପରିକ ସଙ୍ଗୀତ ଓ ନୃତ୍ୟ ମାଧ୍ୟମରେ ସ୍ୱାଗତକରି ଫୁଲମାଳ ଦେଇ ସୀତାକୁଣ୍ଡ ଓ ଶ୍ରୀରାମମନ୍ଦିର ପର୍ଯ୍ୟନ୍ତ ନେଇଥିଲେ। ରାଜ୍ୟପାଳ ସୀତାକୁଣ୍ଡ ପରିଦର୍ଶନକରି ଓ ଆଦିମ ବଣ୍ଡା ଜନଜାତିଙ୍କ ବିକାଶ ଓ ସୀତାକୁଣ୍ଡର ପୁନରୁଦ୍ଧାର ଉପରେ ଗୁରୁତ୍ୱାରୋପ କରିଥିଲେ। ବଣ୍ଡା ଉନ୍ନୟନ ସଂସ୍ଥା ପରିଦର୍ଶନକରି ଆଦିମ ବଣ୍ଡା ଜନଜାତିଙ୍କ ପାଇଁ ସଂସ୍ଥା କ'ଣ ବିକାଶ କାର୍ଯ୍ୟକ୍ରମ ହାତକୁ ନେଇଛି ସେ ସମ୍ପର୍କରେ ବୁଝିଥିଲେ। ବଣ୍ଡା ଦକ୍ଷତା ବିକାଶ, ଟେଲରିଂ ୟୁନିଟ୍, ମଲ୍ଟି ପ୍ରୋସେସିଂ ୟୁନିଟ୍, ବଣ୍ଡା ଜନଜାତିଙ୍କ ପାରମ୍ପରିକ ବସ୍ତ୍ର, ଅଳଙ୍କାର ତିଆରି କାରୁକାର୍ଯ୍ୟ ଦେଖିଥିଲେ। ୧୫ ଆଦିମ ବଣ୍ଡା, ୧୧ ଡିଡାୟୀ ସମ୍ପ୍ରଦାୟର ହିତାଧିକାରୀଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରିଥିଲେ।

ସେହିପରି ସାମାଜିକ ସୁରକ୍ଷା ଯୋଜନାରେ ଜଣେ ହିତାଧିକାରୀଙ୍କୁ ଜାତୀୟ ପରିବାର ମଙ୍ଗଳ ଯୋଜନାରେ ୨୦ ହଜାର ଟଙ୍କାର ଆର୍ଥିକ ସହାୟତା, ଜଣେ ହିତାଧିକାରୀଙ୍କୁ ମଧୁବାବୁ ପେନ୍‌ସନ ଯୋଜନାରେ ୧ ହଜାର ଟଙ୍କା, ୮୦ବର୍ଷରୁ ଊର୍ଦ୍ଧ୍ୱ ପେନ୍‌ସନ ହିତାଧିକାରୀ, ସ୍ୱୟଂ ସହାୟକ ଗୋଷ୍ଠୀ, ଆଶା ଓ ଅଙ୍ଗନୱାଡି କର୍ମୀ, ଯୁବ ସ୍ୱେଚ୍ଛାସେବୀ, ଲକ୍ଷପତି ଦିଦିଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ପରେ ମୁଦୁଲିପଡ଼ାସ୍ଥିତ ସରକାରୀ ଏସ୍‌ଏସ୍‌ଡି ଉଚ୍ଚ ବିଦ୍ୟାଳୟକୁ ଯାଇ ଛାତ୍ରୀମାନଙ୍କ ମଧ୍ୟରେ ଦେଖାଦେଉଥିବା ରକ୍ତହୀନତା ଓ ଦୃଷ୍ଟିଜନିତ ସମସ୍ୟା ଉପରେ ସଚେତନ କରିଥିଲେ। ଏଥିରେ ଛାତ୍ରୀମାନଙ୍କ ପାଇଁ ୧୨ଟି ଦୃଷ୍ଟିଜନିତ ସମସ୍ୟା ଚିହ୍ନଟ ଯନ୍ତ୍ର ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ, ଏଲ୍‌ଭି ପ୍ରସାଦ ଆଇ ଇନ୍‌ଷ୍ଟିଚ୍ୟୁଟ୍ ଏବଂ ଜିଲା ମୁଖ୍ୟ ଚିକିତ୍ସାଳୟର ଚକ୍ଷୁ ବିଭାଗ ସହଯୋଗରେ ଏହାକୁ ପ୍ରଦାନ କରାଯାଇଛି। ଏହାସହ ୫୦ ଜଣ ଶିକ୍ଷକଙ୍କୁ ଦୃଷ୍ଟି ଜନିତ ସମସ୍ୟା ଚିହ୍ନଟ କରିବା ଯନ୍ତ୍ର ବ୍ୟବହାର ସମ୍ପର୍କରେ ତାଲିମ ଦିଆଯାଇଛି। ଏସ୍‌ଏସ୍‌ଡି ଉଚ୍ଚ ବିଦ୍ୟାଳୟରେ ଏକ କ୍ୟାମ୍ପ କରାଯାଇ ଛାତ୍ରୀମାନଙ୍କୁ ଚକ୍ଷୁ ପରୀକ୍ଷା କରାଯାଇଥିଲା। ସେହିପରି ଏହି ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରୀମାନଙ୍କୁ ୨ ମାସ ପର୍ଯ୍ୟନ୍ତ ବିଟ୍, ଗାଜର ଓ ବାଦାମ ଲଡ୍ଡୁ (ଚିକି) ପ୍ରଦାନ କରାଯିବା ବ୍ୟବସ୍ଥା ହୋଇଛି । ଉକ୍ତ ସ୍ୱତନ୍ତ୍ର ସଚେତନତା କାର୍ଯ୍ୟକ୍ରମର ଶୁଭାରମ୍ଭ ଏହି ବିଦ୍ୟାଳୟରେ ରାଜ୍ୟପାଳ ଆରମ୍ଭ କରିଛନ୍ତି। ଏହାର ସମସ୍ତ ଖର୍ଚ୍ଚ ରାଜଭବନ ପକ୍ଷରୁ ବହନ କରାଯିବ। ରାଜ୍ୟପାଳଙ୍କ ଉପସ୍ଥିତିରେ ଛାତ୍ରୀମାନେ ଗାଜର ଓ ବିଟ୍ ଜୁସ୍ ପିଇବା ସହ ବାଦାମ ଲଡ୍ଡୁ ଖାଇଥିଲେ। ପ୍ରତ୍ୟେକ ଦିନ ସକାଳ ୯ ଟାରେ ଛାତ୍ରୀମାନଙ୍କୁ ଗାଜର ଓ ବିଟ୍ ଜୁସ୍ ସହ ଗୋଟିଏ ଲେଖାଏ ବାଦାମ ଲଡ୍ଡୁ ଦିଆଯିବ । ଏହି ସ୍ୱତନ୍ତ୍ର ଶୁଭାରମ୍ଭ କାର୍ଯ୍ୟକ୍ରମରେ ମାଲକାନଗିରି ବିଧାୟକ ନରସିଂହ ମାଡକାମି, ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ, ରାଜ୍ୟପାଳଙ୍କ ସଚିବ ରୂପାରୋଶନ ସାହୁ, ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ, ଆରକ୍ଷୀ ଅଧୀକ୍ଷକ ବିନୋଦ ପାଟିଲ ଏଚ୍ ଓ ବନଖଣ୍ଡ ଅଧିକାରୀ ସାଇ କିରଣ ପ୍ରମୁଖ ଉପସ୍ଥିତ ଥିଲେ।



ମାଲକାନଗିରି ଜିଲା ଖଇରପୁଟ ବ୍ଲକ୍ ମୁଦୁଲିପଡ଼ା ପଞ୍ଚାୟତ ବଣ୍ଡାଘାଟିରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଓ ଅନ୍ୟମାନେ।

## ଏମ୍‌ଭି ୯ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନିଲମ୍ବିତ

### ଛାତ୍ରଙ୍କୁ ଶାରୀରିକ, ମାନସିକ ନିର୍ଯାତନା ଘଟଣା

ମାଲକାନଗିରି, ୧୦।୯(ଦୁର୍ଯ୍ୟୋଧନ ପାତ୍ର)

ଛାତ୍ରଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେବା ଘଟଣାରେ ପ୍ରଧାନ ଶିକ୍ଷକ ନିଲମ୍ବିତ ହୋଇଛନ୍ତି। ସେ ହେଲେ ମାଲାକନଗିରି ସଦର ବ୍ଲକ ଗୌଡଗୁଡା ପଞ୍ଚାୟତ ଏମ୍‌ଭି ୯ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ସାମନ୍ତରାୟ। ସୁଚନାଯୋଗ୍ୟ, ଅଗଷ୍ଟ ୨୧ ରେ ମାଲାକନଗିରି ସଦର ବ୍ଲକ ଗୌଡଗୁଡା ପଞ୍ଚାୟତ ଏମ୍‌ଭି.୯ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସାମନ୍ତରାୟ ଜଣେ ସପ୍ତମ ଶ୍ରେଣୀ ଛାତ୍ରଙ୍କୁ ଶାରିରୀକ ଓ ମାନସିକ ନିର୍ଯାତନା ଦେଇଥିଲେ। ଘଟଣା ସମ୍ପର୍କରେ ପରିବାର ବର୍ଗ ଓ ଗ୍ରାମବାସୀ ମାଲକାନଗିରି ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ୧୫ ଦିନ ବିତି ଯାଇଥିଲେ ମଧ୍ୟ ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା। ଏ ନେଇ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଜିଲା ଶିକ୍ଷା ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ବୁଧବାର ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ପତ୍ର ସଂଖ୍ୟା ୨୨୨୧/୨୫ରେ ସମ୍ପୃକ୍ତ ଶିକ୍ଷକଙ୍କୁ ନିଲମ୍ବିତ କରାଯାଇଥିବା ଗୋଷ୍ଠୀ ଶିକ୍ଷାଧିକାରୀ ରବୀନ୍ଦ୍ରନାଥ ଧର ସୂଚନା ଦେଇଛନ୍ତି। ତାଙ୍କ କାର୍ଯ୍ୟରେ ଅବହେଳା, ବିଦ୍ୟାଳୟକୁ ଆସୁଥିବା ଅନୁଦାନର ହେରଫେର, ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ ଦୁର୍ବ୍ୟବହାର ଅଭିଯୋଗରେ ତାଙ୍କୁ ନିଲମ୍ବନ କରାଯାାଇଥିବା ସୂଚନା ମିଳିଛି।



## ବସ୍‌ଷ୍ଟାଣ୍ଡ ଦୁର୍ଗାପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ

କୋରାପୁଟ,୧୦।୯
(ଅମିତାଭ ବେହେରା)

କୋରାପୁଟ ବସଷ୍ଟାଣ୍ଡରେ ମା ଜଗତ ଜନନୀ ଦୁର୍ଗାଙ୍କ ପୂଜା ପାଇଁ ବୁଧବାର ଘରୋଇ ବସ୍ ମାଲିକ ସଙ୍ଘ ପକ୍ଷରୁ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ପୌରାଧକ୍ଷ ଲଲାଟ ରଞ୍ଜନ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶାନ୍ତି ଓ ଶୃଙ୍ଖଳାର ଶହ ପୂଜା ଶେଷ କରିବା ନେଇ ଶୁଭକାମନା କରିଥିଲେ। ଘରୋଇ ବସ ମଲିକ ସଙ୍ଘ କୋଷାଧ୍ୟକ୍ଷ ଜି.ବି. ଏସ୍.ଏନ୍ ମୂର୍ତ୍ତି କର୍ତ୍ତା, ଘାସିରାମ ମହାପାତ୍ର ପୂଜକଭାବେ ଯୋଗଦେଇଥିଲେ। ଏହି ଅବସରରେ ସଙ୍ଘ ସଭାପତି ଶେଖ୍ କାସିମ, ସମ୍ପାଦକ ଫିରୋଜ କୁମାର ଡୁରୁକୁ ଏବଂ ଆଇନ ପରାମର୍ଶଦାତା ଅଶୋକ କୁମାର ଷଡ଼ଙ୍ଗୀ ସମସ୍ତ କାର୍ଯ୍ୟ ସମ୍ପାଦନ କରିଥିଲେ।



## କାଲିମେଳାରେ ଓମ୍‌ଫେଡ ଦୁଗ୍ଧ ଶୀତଳୀକରଣ କେନ୍ଦ୍ର ପୁନଃ କାର୍ଯ୍ୟକ୍ଷମ

କାଲିମେଳା,୧୦।୯(ଜୀବନ କୃଷ୍ଣ ଦାସ)

କାଲିମେଳା ବ୍ଲକ ପ୍ରାଣୀ ଚିକିତ୍ସାକେନ୍ଦ୍ର ନିକଟସ୍ଥ ଓମ୍‌ଫେଡ ଦୁଗ୍ଧ ଶୀତଳୀକରଣ କେନ୍ଦ୍ର ପୁନଃ କାର୍ଯ୍ୟକ୍ଷମ ପକ୍ରିୟା କରାଯାଇଛି। ଏଠାରେ ୨୦୦୨ରୁ ଦୁଗ୍ଧ ଶୀତଳୀକରଣ କେନ୍ଦ୍ର ସ୍ଥାପନ କରାଯାଇଥିଲା। ଅଞ୍ଚଳରୁ କ୍ଷୀର କେନ୍ଦ୍ରକୁ ନ ଆସିବାରୁ ତାହା ବନ୍ଦ ହୋଇଯାଇଥିଲା। ଚାଷୀଙ୍କ ଦାବି ପରେ ଏହାକୁ ପୁନଃ କାର୍ଯ୍ୟକ୍ଷମ କରାଯାଇଛି।

ସୂଚନା ଅନୁଯାଇ ଏଠାରେ ନୂତନ ୧୨୫୦ ଲିଟର କ୍ଷମତା ବିଶିଷ୍ଟ ଦୁଗ୍ଧ ଶୀତଳୀକରଣ କରାଯିବାର ବ୍ୟବସ୍ଥା କରାଯାଇଥିବା ଜଣାପଡିଛି । ଏହି ଶୀତଳୀକରଣ କେନ୍ଦ୍ରକୁ କାଲିମେଳା ବ୍ଲକ ଉପାଧକ୍ଷ ଲକ୍ଷ୍ମୀଧର ମାଡକାମି ଅତିଥି ଭାବେ ଯୋଗ ଦେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଦୁଗ୍ଧ ସଂଘ ସାଧାରଣ ପରିଚାଳିକା କୁନି ରାଉତ, ପିଏଣ୍ଡଆଇ ଅଧିକାରୀ କୃଷ୍ଣଚନ୍ଦ୍ର ସାହୁ, ମାଲକାନଗିରି ଓମ୍‌ଫେଡ ଶାଖା ପରିଚାଳିକା ମାନସୀ କର, ସିଡିଭିଓ ଗଗନ ଚରଣ ନାୟକ, ଏସଡିଭିଓ ରାଜେଶ କୁମର, ଭିଏଏସ୍ ଯଶୋବନ୍ତ କୁମାର କୁମୁଟିଙ୍କ ଉପସ୍ଥିତିରେ ଉଦ୍‌ଘାଟନ କରାଯାଇଛି । ଅତିଥିମାନେ କହିଥିଲେ, ଗ୍ରାମାଞ୍ଚଳରେ ଚାଷୀମାନେ ଦୁଗ୍ଧ ବିକ୍ରି କରିପାରୁ ନାହାନ୍ତି। ସେମାନେ ସମିତି ମାଧ୍ୟମରେ ବିକ୍ରି କରିପାରିବେ। ଫଳରେ ମହିଳାମାନେ ସ୍ୱାବଲମ୍ବୀ ହେବା ସହ ସେମାନଙ୍କର ଆର୍ଥିକ ସ୍ଥିତିରେ ସୁଧାର ଆସିବ । ସରକାର କାମଧେନୁ ଯୋଜନାରେ ଚାଷୀମାନଙ୍କ ପାଇଁ ଭଲ ଯୋଜନା ଆଣିଛନ୍ତି । ତାର ଲାଭ ଉଠାଇବାକୁ ଚାଷୀଙ୍କୁ ପରାମର୍ଶ ଦିଆଯାଇଛି । କାଲିମେଳା କେନ୍ଦ୍ରକୁ ଦୈନିକ ୧୭୦ ଲିଟର ଦୁଗ୍ଧ ଆସୁଥିବା ବେଳେ ଆଗାମୀ ଦିନରେ ଏହା ବୃଦ୍ଧି ପାଇବ ବୋଲି ଓମ୍‌ଫେଡ ପକ୍ଷରୁ ସୂଚନା ଦିଆ ଯାଇଛି । କାର୍ଯ୍ୟକ୍ରମରେ ଅଞ୍ଚଳର ୩୦ ରୁ ଅଧିକ ଚାଷୀ ଉପସ୍ଥିତ ଥିଲେ।



ଦୁଗ୍ଧ ଶୀତଳୀକରଣ କେନ୍ଦ୍ରକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

## କୋରୁକୋଣ୍ଡା ଲ୍ୟାମ୍ପସ ପରିଦର୍ଶନ କଲେ କେସିସି ବ୍ୟାଙ୍କ ଚେୟାରମ୍ୟାନ, ଅନ୍ୟ ଅଧିକାରୀ



କୋରୁକୋଣ୍ଡା ଲ୍ୟାମ୍ପସ୍ ପରିଦର୍ଶନରେ ଯାଇଥିବା କେସିସି ବ୍ୟାଙ୍କ ଚେୟାରମ୍ୟାନ ଈଶ୍ୱର ପାଣିଗ୍ରାହୀ ଓ ଅନ୍ୟମାନେ ।

କୋରୁକୋଣ୍ଡା, ୧୦।୯ (ଶିବଦତ୍ତ ସାହୁ)

କୋରୁକୋଣ୍ଡା ଲ୍ୟାମ୍ପସ୍ କାର୍ଯ୍ୟାଳୟ କେସିସି ବ୍ୟାଙ୍କ ଚେୟାରମ୍ୟାନ ଈଶ୍ୱର ପାଣିଗ୍ରାହୀ ବୁଧବାର ପରିଦର୍ଶନ କରିଛନ୍ତି । ସେ ସେଠାରେ ଆୟୋଜିତ ଏକ ବୈଠକରେ ଯୋଗ ଦେଇଥିଲେ। ଏଥିରେ ଜୟପୁର କେସିସି ବ୍ୟାଙ୍କ ସମ୍ପାଦକ ଅତୁଲ୍ୟ କୁମାର ମଲ୍ଲିକ, ଲୋନ୍ ମ୍ୟାନେଜର ମନୋଜ କୁମାର ସାହୁ, ନିର୍ଦ୍ଦେଶକ ରମା ରାଉଳ, କୋରୁକୋଣ୍ଡା ଲ୍ୟାମ୍ପସ୍ ଅଧକ୍ଷ ସାଲୁ ଖିଲ, ଉପାଧକ୍ଷା ପଦ୍ମିନୀ ଖିଲ, ରାଜେନ୍ଦ୍ର କୁମାର ପଣ୍ଡା,ଏମ୍‌ଡି ଅଭିମନ୍ୟୁ ହାଲବାଙ୍କ ସମେତ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ବୈଠକରେ ଲ୍ୟାମ୍ପସ୍‌ର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଚାଷୀମାନେ ଚେୟାରମ୍ୟାନଙ୍କୁ ଅଭିଯୋଗ ଜଣାଇଥିଲେ। ପରେ ଲ୍ୟାମ୍ପସ୍ କାର୍ଯ୍ୟାଳୟ ନିକଟରେ ଥିବା ଗୋଦାମ ଗୃହ ପରିଦର୍ଶନ କରିଥିଲେ। ଗୋଦାମ ଗୃହ ନିକଟରେ ୧ କୋଟି ୭୮ ଲକ୍ଷ ଟଙ୍କାର ନିଜସ୍ୱ ଶସ୍ୟ ଗୋଦାମ ଗୃହ ତିଆରି କରିବାକୁ ଲ୍ୟାମ୍ପସ୍ ପକ୍ଷରୁ ସ୍ଥିର କରାଯାଇଥିବା ବେଳେ ନିଜସ୍ୱ ଜାଗା ଲ୍ୟାମ୍ପସ୍ କେତେ ରହିଛି ତାର ଅନୁଧ୍ୟାନ କରିଥିଲେ। ଏଥିସହ ସାର କଳାବଜାରୀ ହେଉଥିବା ନେଇ କେତେକ ଚାଷୀ ଅଭିଯୋଗ କରିଥିଲେ। ଯେପରିକି କେତେକ ଡିଲର ନିଜ ଦୋକାନରେ ୟୁରିଆ ସାର ୬୦୦ ରୁ ୭୦୦ ଟଙ୍କାରେ ବିକ୍ରୀ କରୁଥିବା ନେଇ ସେ ଜିଲା ପ୍ରଶାସନ ଓ ଜିଲା କୃଷି ଅଧିକାରୀଙ୍କ ସହ ଆଲୋଚନାକରି ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ଚାଷୀଙ୍କୁ ପାଣିଗ୍ରାହୀ କହିଥିଲେ।

## କନ୍ୟାଶ୍ରମ ନଦୀରୁ ଗଳିତ ମୃତଦେହ ଉଦ୍ଧାର

କାଲିମେଳା, ୧୦।୯(ଜୀବନ କୃଷ୍ଣ ଦାସ)

ମାଲକାନଗିରି ଜିଲା କନ୍ୟାଶ୍ରମ ଗିରିକାନପଲ୍ଲୀ ନିକଟବର୍ତ୍ତୀ ନଦୀରେ ଭାସୁଥିବା ଜଣେ ଅଜଣା ଯୁବକଙ୍କ ଗଳିତ ମୃତହେଦ ବୁଧବାର ଉଦ୍ଧାର କରାଯାଇଛି। ଗତ ମଙ୍ଗଳବାର ରାତି ୧୦ ଟାରେ ମୃତହେଦ ଭାସୁଥିବା ନେଇ ସ୍ଥାନୀୟ ଅଞ୍ଚଳର କେତେକ ଲୋକ ଏମ୍‌ଭି ୭୯ ପୋଲିସକୁ ଖବର ଦେବା ପରେ ପୋଲିସ ରାତିସାରା ସେଠାରେ ଜଗି ରହିଥିଲା । ପରେ ବୁଧବାର ସାଇଣ୍ଟିଫିକ୍ ଟିମ୍ ଦ୍ୱାରା ତଦନ୍ତ ପରେ ରାତିରେ ମୃତଦେହ ପାଣିରୁ ବାହାର କରାଯାଇଥିବା ଜଣାପଡିଛି। ମୃତଦେହଟି ୩ ରୁ ୪ ଦିନ ହେବ ପାଣିରେ ପଡି ଫୁଲି ନଷ୍ଟ ହୋଇଯାଇଥିବା ଦେଖିବାକୁ ମିଳିଛି। ମୃତ ଯୁବକଙ୍କ ବୟସ ୩୦ ରୁ ୩୫ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ପୋଲିସ ପରିଚୟ ଜାଣିବାକୁ ଚେଷ୍ଟା ଚଳାଇ ଥିବା ଥାନା ଅଧିକାରୀ ଚନ୍ଦ୍ର କାନ୍ତ ତାଣ୍ଡି ସୂଚନା ଦେଇଛନ୍ତି ।

## ମଣ୍ଡଳସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ

ଚିତ୍ରକୋଣ୍ଡା,୧୦।୯(ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ)

ଚିତ୍ରକୋଣ୍ଡା ସଦର ବ୍ଲକ ମିନି ଷ୍ଟାଡିୟମରେ ମଣ୍ଡଳସ୍ତରୀୟ କ୍ରୀଡା ପ୍ରତିଯୋଗିତା ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଚିତ୍ରକୋଣ୍ଡା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଜାନକି ହନ୍ତାଳ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବଡପଦର ସିଆରସିସି ଲଳିତ ବେହେରା, ଚିତ୍ରକୋଣ୍ଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କ୍ରୀଡା ଶିକ୍ଷକ ହସତରାମ ପାଣ୍ଡେ, ବାହୁଦା ହଂସଦା ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବାହ୍ନରେ କ୍ରିଡା ମଶାଲ ଜାଳି ପ୍ରତିଯୋଗିତାର ଶୁଭାରମ୍ଭ କରାଯାଇଥିଲା। ପରେ ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ କ୍ରୀଡା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ କ୍ରୀଡାରେ ଉତୀର୍ଣ୍ଣ ଛାତ୍ରୀଛାତ୍ର ବ୍ଲକସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ । ଚିତ୍ରକୋଣ୍ଡା ବ୍ଲକ ଶିକ୍ଷାଧିକାରୀ ଗାୟତ୍ରୀ ଦେବୀ କ୍ରୀଡାରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରଙ୍କ ଖାଦ୍ୟପେୟ, ପରିଛନ୍ନତା ତଦାରଖ କରିଥିଲେ। ଆଗାମୀ ଦିନରେ କ୍ରୀଡା ସହ ଶିକ୍ଷା ଗ୍ରହଣ ଏବଂ ସୁନାଗରିକ ହେବାପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ।



ଉଦ୍‌ଘାଟନୀ ଉତ୍ସବରେ ଭାଗ ନେଇଥିବା ଖେଳାଳି।

## ଅମ୍ବାବାଲି ଘାଟିରେ ଲକ୍ଷ୍ମୀ ବସ୍ ଦୁର୍ଘଟଣା

### ଡ୍ରାଇଭରଙ୍କ ବୁଦ୍ଧିଯୋଗୁ ବର୍ତ୍ତିଲେ ଯାତ୍ରୀ

ପଟ୍ଟାଙ୍ଗି, ୧୦।୯
(ଶରତ କୁମାର ଧଳ)

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ ତଥା ସୁଙ୍କି ଥାନା ଅଧିନ ଅମ୍ବାବାଲି ଘାଟିରେ ଭାରସାମ୍ୟ ହରାଇ ଲକ୍ଷ୍ମୀବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ କେହି ମୃତାହତ ହୋଇନାହାନ୍ତି। ବସ୍ ନଂ. ଓଡି ୧୦ ଏକ୍ସ ୧୭୮୮ ଟି ବୁଧବାର ପଟ୍ଟାଙ୍ଗିରୁ ତଳଗଲୁର ଯାଉଥିଲା। ଏହି ସମୟରେ ବିପରିତ ଦିଗରୁ ଆସୁଥିବା ଅନ୍ୟ ଏକ ଗାଡିକୁ ସାଇଟ୍ ଦେବା ସମୟରେ ବସ୍‌ଟି ଭାରସାମ୍ୟ ହରାଇ ଘାଟି ଶେଷରେ ଥିବା ଏକ ବୁଲାଣି ତଥା ଗଡାଣିଆ ରାସ୍ତା ପାର୍ଶ୍ୱକୁ ଓଲଟି ପଡିଥିଲା। କିନ୍ତୁ ଡ୍ରାଇଭରଙ୍କ ଉପସ୍ଥିତି ବୁଦ୍ଧି ଯୋଗୁ ଯାତ୍ରୀଙ୍କ ମଧ୍ୟରେ କେହି ମୃତାହତ ହୋଇ ନ ଥିବା ବେଳେ ଦୁର୍ଘଟଣା ନିକଟରେ ଥିବା ଗ୍ରାମ ପହଞ୍ଚି ସମସ୍ତ ଯାତ୍ରୀଙ୍କୁ ଉଦ୍ଧାର କରିଥିଲେ। ବସ୍‌ରେ ଥିବା ୩୪ ଯାତ୍ରୀଙ୍କ ମଧ୍ୟରୁ ୧୩ ଆହତ ହୋଇଥିବା ବେଳେ ସେଥିରେ ଦୁଇଜଣ ପ୍ରସୂତି ଥିବା ଜଣାପଡ଼ିଛି । ସେମାନେ ହେଲେ ମାରି ବୁଜି ଓ ସାରା କାସୁଲା । ବସ୍‌ଟି ଦୁର୍ଘଟଣାଗ୍ରସ୍ତ ହେବା ସମୟରେ ଯାତ୍ରୀମାନେ ବାହାରକୁ ଡେଇଁ ପଡିବା ପାଇଁ ଉଦ୍ୟମ କରି ଆହତ ହୋଇଥିବା କିଛି ଯାତ୍ରୀଙ୍କୁ ଆମ୍ବୁଲାନ୍ସ ନିକଟସ୍ଥ ପେଦାପାଡୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବା ପାଇଁ ପ୍ରସ୍ତୁତ ହୋଇଥିବା ସେଠାରେ କେହି ରହୁ ନ ଥିବାରୁ ସମସ୍ତ ଆହତ ଯାତ୍ରୀଙ୍କୁ ପଟ୍ଟାଙ୍ଗି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ଖବର ପାଇ ସୁଙ୍କି ଥାନା ଅଧିକାରୀ ଚତୁର୍ଭୁଜ ନାୟକ ଓ ଥାନା କର୍ମଚାରୀଙ୍କୁ ନେଇ ଆହତ ଯାତ୍ରୀଙ୍କୁ ଆମ୍ବୁଲାନ୍ସ ଯୋଗେ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଥିଲେ। ବିଡିଓ ରାମକ୍ରଷ୍ଣା ନାୟକ ଓ ଭାଜପା ଜିଲା ସମ୍ପାଦକ ବଳାରାମ ବରିକ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରି ସ୍ୱାସ୍ଥ୍ୟକେନ୍ଦ୍ରରେ ଉପସ୍ଥିତ ରହି ଆହତ ଯାତ୍ରୀମାନଙ୍କ ଚିକିତ୍ସା ତଦାରଖ କରିଥିବା ଜଣାପଡ଼ିଛି ।



ଦୁର୍ଘଟଣା ପରେ ଓଲଟି ପଡିଥିବା ବସ୍ ।

## ରାୟପୁର-ବିଶାଖାପାଟଣା ଭାରତ ମାଳା ପ୍ରକଳ୍ପ ଅଗ୍ରଗତି ସମୀକ୍ଷା କଲେ ରାଜ୍ୟପାଳ

### କୋରାପୁଟ ମେଡିକାଲ, ବସ୍‌ଷ୍ଟାଣ୍ଡ ସମସ୍ୟା ନେଇ ଦାବିପତ୍ର

କୋରାପୁଟ,୧୦।୯(ଅମିତାଭ ବେହେରା) -ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଭାରତ ମାଳା ଯୋଜନାରେ ନିର୍ମାଣାଧୀନ ରାୟପୁର-ବିଶାଖାପାଟଣା ଏକ୍ସପ୍ରେସ ହାଇୱେର ଅଗ୍ରଗତି ନେଇ ସମୀକ୍ଷା କରିଥିଲେ। ରାୟପୁର-ବିଶାଖାପାଟଣା ଏକ୍ସପ୍ରେସ ହାଇୱେ (ଏନ୍‌ଏଚ-୧୩୦ ସିଡି) ଭାବରେ ପରିଚିତ ଅର୍ଥନୈତିକ କରିଡରରେ ଭାରତ ମାଳା ପରିଯୋଜନା ଅଧୀନରେ ଭାରତୀୟ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଦ୍ୱାରା କାର୍ଯ୍ୟକାରି ହେଉଥିବା ୬ ଲେନ୍ ରାଜପଥ ମାଲ ପରିବହନ ଦକ୍ଷତା ବୃଦ୍ଧି କରିବା ଏବଂ ରପ୍ତାନି ବୃଦ୍ଧି ଆଶା କରାଯାଉଛି। ରାଜ୍ୟପାଳ ପଟାଙ୍ଗି ନିକଟରେ ଏହି ଏକ୍ସପ୍ରେସ ହାଇୱେର ସୁଡ଼ଙ୍ଗ (ଓଡ଼ି ୭) ପରିଦର୍ଶନ କର କାର୍ଯ୍ୟର ସମୀକ୍ଷା କରିଥିଲେ। ଜାତୀୟ ରାଜପଥ କର୍ତ୍ତୃପକ୍ଷ ଏବଂ ଅନ୍ୟାନ୍ୟ ଅଧିକାରୀ ରାଜ୍ୟପାଳଙ୍କୁ ସ୍ଥିତି ଏବଂ ପ୍ରକଳ୍ପର ଭବିଷ୍ୟତ ବିଷୟରେ ସୂଚନା ଦେଇଥିଲେ। ସମୀକ୍ଷା ସମୟରେ କୋରାପୁଟ ବିଧାୟକ ରଘୁରାମ ମାଛ, କୋଟପାଡ ବିଧାୟକ ରୁପୁ ଭତ୍ରା, ଜିଲାପାଳ ମନୋଜ ସତ୍ୟବାନ ମହାଜନ, ଭାରତୀୟ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଆର୍. ଭେଙ୍କେଟେଶ୍ୱରଲୁ ଉପସ୍ଥିତ ଥିଲେ। ସେହିପରି କୋରାପୁଟରେ ଲାଗି ରହିଥିବା ବିଭିନ୍ନ ସମସ୍ୟାକୁ ନେଇ ସଚେତନ ନାଗରିକଙ୍କ ପକ୍ଷରୁ ବୁଧବାର ରାଜ୍ୟପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରାଯାଇଛି। କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ୍ କଲେଜରେ ପ୍ରଫେସର ରହୁନାହାନ୍ତି। ଫଳରେ କୋରାପୁଟବାସୀ ଉତ୍ତମ ଚିକିତ୍ସା ପାଇ ପାରୁନାହାନ୍ତି। ତେଣୁ ପ୍ରଫେସରମାନଙ୍କୁ କୋରାପୁଟ ମେଡିକାଲ୍ କଲେଜ୍ ଓ ହସ୍‌ପିଟାଲରେ ଅବସ୍ଥାପିତ କରାଯାଉ। ବସ୍‌ଷ୍ଟାଣ୍ଡ ଅବସ୍ଥା ଶୋଚନୀୟ ହୋଇପଡିଛି। ନୂତନ ବସ୍‌ଷ୍ଟାଣ୍ଡ ପାଇଁ ପ୍ରସ୍ତାବ ଦେଉଛନ୍ତି, କିନ୍ତୁ କାମ ଆଗେଇ ପାରୁନାହିଁ। ତେଣୁ ବସ୍‌ଷ୍ଟାଣ୍ଡକୁ ଶୀଘ୍ର କାର୍ଯ୍ୟକ୍ଷମ କରିବାକୁ ଦାବୀପତ୍ର ଦିଆଯାଇଛି। ଅତି ଖୁବ୍ ଶୀଘ୍ର ସମସ୍ୟାର ସମାଧାନ କିଭଳି ହେବ ଏ ନେଇ କୋରାପୁଟ ଜିଲାପାଳଙ୍କୁ ରାଜ୍ୟପାଳ ନିର୍ଦ୍ଦେଶ ଦେଇଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ବିଜୟ କୁମାର ମିଶ୍ର, ଦୁଷ୍ମନ୍ତ ପାଢ଼ୀ, ଅଶ୍ୱିନୀ କୁମାର ପାତ୍ର, ପ୍ରଫୁଲ୍ଲ ପାତ୍ର, ପ୍ରକାଶ କୁମାର ଗଉଡ, ସୌମ୍ୟ ରଞ୍ଜନ ସାହୁ ଓ ମନୋଜ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ସୁନାବେଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

### ଅଚଳ ନେବୁଲାଇଜେଶନ ମେଶିନ, ମୋବାଇଲରେ ରୋଗୀଙ୍କୁ ଏକ୍ସ-ରେ ଫଟୋ

ସୁନାବେଡା,୧୦।୯(କୃତ୍ତିବାସ ପ୍ରଧାନ)

ରାଜ୍ୟରେ ସ୍ୱାସ୍ଥ୍ୟସେବାକୁ ସୁନିଶ୍ଚିତ କରିବା ପାଇଁ ସରକାରୀ ଡାକ୍ତରଖାନାଗୁଡିକକୁ ଆଧୁନିକୀକରଣ କରାଯାଉଥିବା ବେଳେ ସୁନାବେଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏହାର ବୀପରିତ ଦୃଶ୍ୟ ଦେଖିବାକୁ ମିଳିଛି। ରୋଗୀଙ୍କ ପାଇଁ ଆସିଥିବା ଏକାଧିକ ଉପକରଣଗୁଡ଼ିକ ଅଚଳ ହୋଇପଡିଛି। ଫଳରେ ଘରୋଇ କ୍ଲିନିକବାଲି ଲାଭ ଉଠାଉଛନ୍ତି। ଦୀର୍ଘ ୬ ମାସରୁ ଊର୍ଦ୍ଧ୍ୱ ସମୟ ହେବ ଏଠାରେ ଥିବା ଏକମାତ୍ର ନେବୁଲାଇଜେଶନ ମେଶିନ ଅଚଳ ହୋଇପଡିଛି। ଫଳରେ ଶ୍ୱାସ ଜନିତ ଅସୁବିଧା ଭୋଗୁଥିବା ରୋଗୀ ନିରାଶ ହୋଇ ଫେରୁଥିବା ଦେଖିବାକୁ ମିଳିଛି। ଏପରିକି ଅପାତକାଳୀନ ରୋଗୀଙ୍କୁ ଚିକିତ୍ସା ପାଇଁ ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡୁଥିବା ଅଭିଯୋଗ ଆଣିଛନ୍ତି ରୋଗୀ ଓ ସେମାନଙ୍କ ସମ୍ପର୍କୀୟ। ଫଳରେ ବାଧହୋଇ ଘରୋଇ କ୍ଲିନିକ ଯାଉଥିବା କହିଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରରେ ହାଲ୍ ପକ୍ଷରୁ ପାରିପାର୍ଶ୍ୱିକ ଉନ୍ନୟନ ଯୋଜନାରେ ଏକ୍ସ-ରେ ମେସିନ ଯୋଗାଇ ଦିଆଯାଇଥିଲା। ହେଲେ ୨ ମାସରୁ ଊର୍ଦ୍ଧ୍ୱ ହେବ ଏକ୍ସ-ରେ ଫିଲ୍ମ ଅଭାବରୁ ରୋଗୀଙ୍କ ମୋବାଇଲରେ ଫୋଟ ଉଠାଇ ରିପୋର୍ଟ ଆକାରରେ ପ୍ରଦାନ କରାଯାଉଥିବା ଜଣାପଡିଛି । ସିଡିଏମ୍‌ଓ ରବୀନ୍ଦ୍ରନାଥ ମିଶ୍ରଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ରୋଷ୍ଟର୍ ଭିତ୍ତିରେ ଡାକ୍ତର ରହୁଥିବା କହିବା ସହ ନେବୁଲାଇଜେଶନ ମେସିନ ଅଚଳ ଏବଂ ଏକ୍ସ-ରେ ଫିଲ୍ମ ନ ଥିବା ବିଷୟରେ ପଚାରି ବୁଝିବା ପରେ କହି ପାରିବେ ବୋଲି କହିଛନ୍ତି। ସୂଚନାଯୋଗ୍ୟ, ସୁନାବେଡା ପୌରାଞ୍ଚଳ ସମେତ ସେମିଳିଗୁଡା ବ୍ଲକ ଅଞ୍ଚଳର ଲକ୍ଷାଧିକ ଲୋକ ସୁନାବେଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରିଥାନ୍ତି। ରୋଗୀଙ୍କ ସଂଖ୍ୟା ବଢୁଥିବା ଯୋଗୁ ଏଠାରେ ବିଶେଷଜ୍ଞ ଡାକ୍ତର ମଧ୍ୟ ନିଯୁକ୍ତ ଅଛନ୍ତି । କିନ୍ତୁ ଉପଯୁକ୍ତ ସେବାରୁ ରୋଗୀ ବଞ୍ଚିତ ହେଉଥିବା ବହୁ ସମୟରେ ଅଭିଯୋଗ ହୋଇ ଆସୁଛି। ରୋଗୀଙ୍କୁ ଅନୁଷଙ୍ଗିକ ସୁବିଧା ମିଳିପାରୁନଥିବାରୁ ଅନେକ ସମୟରେ ଅସନ୍ତୋଷ ପ୍ରକାଶ ପାଉଛି।

## ବଜ୍ରପାତରେ ୮ ଗୋରୁ ମୃତ

ଦଶମନ୍ତପୁର, (ଅରବିନ୍ଦ ନାୟକ): କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ମୁର୍କାର ପଞ୍ଚାୟତ ଅଧୀନରେ ଥିବା ଝୋଲାଗୁଡ଼ା ଗ୍ରାମରେ ବୁଧବାର ବଜ୍ରପାତରେ ୮ ଗୋରୁଙ୍କ ମୃତ୍ୟୁ ହୋଇଛି। ଝୋଲାଗୁଡ଼ା ଗ୍ରାମର ଗୋବିନ୍ଦ ହିକ୍କା ଏବଂ ଦର୍ଶନ ହିକ୍କା ନିଜ ଗୋରୁଙ୍କୁ ନେଇ ଗାଁ ଠାରୁ ଏକ କିମି ଦୂର ମାଳି ପାହାଡ଼ ଉପରକୁ ଚରାଇବାକୁ ଯାଇଥିଲେ। ଏହି ସମୟରେ ହଠାତ ଘଡ଼ଘଡ଼ି ବିଜୁଳି ମାରିବାରୁ ଗୋବିନ୍ଦଙ୍କ ୫ ଓ ଦର୍ଶନଙ୍କ ୩ ଗୋରୁଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଛି। ସେମାନେ ସରକାରୀ ସହାୟତା ପାଇଁ ନିବେଦନ କରିଛନ୍ତି।

# ରେଳ ବିକାଶ ଉପରେ ପ୍ରଶ୍ନ କରିବାକୁ ଆଇନଜୀବୀଙ୍କ ଦାବି

## ନୂତନ ରେଳପଥ, ବନ୍ଦେଭାରତ ପ୍ରସଙ୍ଗ ଉଠାଇବା ନେଇ ଡାବୁଗାଁ ବିଧାୟକଙ୍କ ପ୍ରତିଶ୍ରୁତି

ଜୟପୁର, ୧୦।୯ (ପବନ ପାଣିଗ୍ରାହୀ)

ଆଗାମୀ ବିଧାନସଭା ଅଧିବେଶନରେ ଅବିଭକ୍ତ କୋରାପୁଟ ଜିଲାର ରେଳ ବିକାଶ ଉପରେ ପ୍ରଶ୍ନ ଉଠାଇବାକୁ ବୁଧବାର ଜୟପୁରର ବରିଷ୍ଠ ଆଇନଜୀବୀମାନେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀଙ୍କୁ ଅନୁରୋଧ କରିଛନ୍ତି। ଆଇନଜୀବୀଙ୍କ ପକ୍ଷରୁ ଏକ ପତ୍ର ମାଧ୍ୟମରେ କୁହାଯାଇଛି ଯେ, ୨୦୧୬ରେ ଓଡ଼ିଶା ସରକାର ଏବଂ ରେଳ ବିଭାଗ ମଧ୍ୟରେ ଏକ ଚୁକ୍ତିନାମା ସ୍ୱାକ୍ଷର ହୋଇଥିଲା। ଉକ୍ତ ଚୁକ୍ତି ଅନୁସାରେ ରାଜ୍ୟ ସରକାର ଉଭୟ ଜୟପୁର-ନବରଙ୍ଗପୁର ଏବଂ ଜୟପୁର-ମାଲକାନଗିରି ନୂଆ ରେଳ ପଥ ନେଇ ମାଗଣାରେ ଜମି ଯୋଗାଇବା ସହ ଖର୍ଚ୍ଚର ଅଧା ଅଂଶ ଦେବାକୁ ରାଜି ହୋଇଥିଲେ। ତତ୍‌ସହିତ ରେଳ ବିଭାଗ ଉଭୟ ପ୍ରକଳ୍ପ ୨୦୨୨ ମସିହା ସୁଦ୍ଧା ସାରିବା ନେଇ ଘୋଷଣା କରି ଜୟପୁର ରେଳ ଷ୍ଟେଶନ ନିମନ୍ତେ ସୂଚନା ଫଳକ ମଧ୍ୟ ଠିଆ କରାଇଥିଲେ। କିନ୍ତୁ ଦୁର୍ଭାଗ୍ୟ ୯ ବର୍ଷ ବିତିଥିଲେ ବି ଏହା ସରିବା ତ ଦୂରକଥା କାମ ଆରମ୍ଭ ମଧ୍ୟ ହୋଇ ପାରିନାହିଁ। ତେଣୁ ଏ ସମ୍ପର୍କରେ ବିଧାନସଭାରେ ପ୍ରଶ୍ନ କରିବାକୁ ଅନୁରୋଧ କରାଯାଇଛି। ପରବ-୨୦୨୪ ଉଦ୍‌ଯାପନୀ ସନ୍ଧ୍ୟାରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଥିଲେ ଯେ, କୋରାପୁଟରୁ ଭୁବନେଶ୍ୱରକୁ ଦିନ ବେଳେ ଏକ ଟ୍ରେନ୍ କମ୍ ଦିନ ମଧ୍ୟରେ ଚଳଚଳ କରିବ। ପୁଣି ମୁଖ୍ୟମନ୍ତ୍ରୀ ଜୟପୁରରେ ସୁଭଦ୍ରା ଯୋଜନା ସହାୟତା ବଣ୍ଟନ କାର୍ଯ୍ୟକ୍ରମରେ ମୁଖ୍ୟ ଯୋଗଦେଇ ଜୟପୁରରୁ ଭୁବନେଶ୍ୱରକୁ ବନ୍ଦେ ଭାରତ ଚଳାଚଳ କରିବ ବୋଲି ଘୋଷଣା କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ୨ ଥର ପ୍ରତିଶ୍ରୁତି ପରେ ମଧ୍ୟ ରେଳ ବିଭାଗ ଆଦିବାସୀ ବହୁଳ ଏହି ଜିଲାକୁ ଗୁରୁତ୍ୱ ଦେବା ଭଳି ଲାଗୁନାହିଁ। ଏହାକୁ ନେଇ ବିଧାନସଭାରେ ପ୍ରଶ୍ନ କରିବାକୁ ବିଧାୟକଙ୍କୁ ଅନୁରୋଧ କରାଯାଇଛି। ବିଧାୟକ ଭୁବନେଶ୍ୱର ଅଭିମୁଖେ ଯାଉଥିବାବେଳେ ଜୟପୁରଠାରେ ତାଙ୍କୁ ଅନୁରୋଧ ପତ୍ର ପ୍ରଦାନ କରାଯାଇଛି। ଏହି ସମୟରେ ଜିଲା ବାର୍ ଆସୋସିଏଶନ ପୂର୍ବତନ ସଭାପତି ବିରେଶ ପଟ୍ଟନାୟକ, ରାଜ୍ୟ ବାର୍ କାଉନ୍‌ସିଲ୍ ସଦସ୍ୟ ପି.ରମେଶ ପାତ୍ର, ବାଲା ରାୟ, ସୁଧିର ତ୍ରିପାଠୀ, ରବି ପଟ୍ଟନାୟକ, ଗିରିଧର ଖରା, ରାଜେନ୍ଦ୍ର ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ।



ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ଅନୁରୋଧପତ୍ର ଗ୍ରହଣ କରୁଛନ୍ତି।

# ମରାମତି ହେଲା ଅଚଳ ନଳକୂପ

ଦଶମନ୍ତପୁର, ୧୦।୯(ଅରବିନ୍ଦ ନାୟକ)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅଧୀନ ଡୁମ୍ବାଗୁଡ଼ା ସଦର ପଞ୍ଚାୟତସ୍ଥିତ କୁମ୍ଭାର ସାହିରେ ଦୀର୍ଘ ୩ମାସ ହେବ ନଳକୂପ ସହ ସୋଲାର ପମ୍ପ ଅଚଳ ହୋଇପଡ଼ିଥିଲା। ଏ ନେଇ ଖବର ପ୍ରକାଶ ପରେ ବୁଧବାର ମରାମତି କରାଯାଇଛି। ଏହାପରେ ଗ୍ରାମବାସୀଙ୍କୁ ପାନୀୟ ଜଳ ଯୋଗାଇ ଦିଆ ଯାଇଥିବା ଜଣାପଡ଼ିଛି। ପ୍ରକାଶ ଯେ ୩ ସାହିରେ ୩ଟି ନଳକୂପ ରହିଥିବା ବେଳେ ମଝି ସାହିର ନଳକୂପଟି ସମ୍ପୂର୍ଣ୍ଣ ଅଚଳ ହୋଇ ପଡ଼ିଥିଲା। ଉପର ସାହିର ନଳକୂପରୁ କାଦୁଅ ପାଣି ବାହାରୁ ଥିବା ସହ କୁମ୍ଭାର ସାହିରେ ଥିବା ସୋଲାର ପମ୍ପଟି ମଧ୍ୟ ଦୀର୍ଘ ୩ ମାସ ହେବ ଅଚଳ ହୋଇ ପଡ଼ିଥିଲା। ସୋଲାର ପମ୍ପର ମୋଟର ମରାମତି ପାଇଁ ୩ ସାହିବାସୀ ପଞ୍ଚାୟତରୁ ଆରମ୍ଭ କରି ଜଳ ଓ ପରିମଳ ବିଭାଗ ଏବଂ ବିଡିଓଙ୍କୁ ମଧ୍ୟ ବହୁବାର ନିବେଦନ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିଲା। ଏ ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପରେ ବୁଧବାର ମରାମତି ଟିମ୍ ଉକ୍ତ ଗାଁରେ ଅଚଳ ନଳକୂପଗୁଡିକ ସଜାଡ଼ି ଥିଲେ।



# ଟ୍ରକ୍‌ରେ ସିକ୍ରେଟ ଚାମ୍ବର କରି ଗଞ୍ଜେଇ ଚାଲାଣ

## ୮୧୦ କିଲୋ ଗଞ୍ଜେଇ ଜବତ, ଚାଳକ ଗିରଫ

ନନ୍ଦପୁର / ପାଡୁଆ, ୧୦।୯
(ତୁଷାର କାନ୍ତ ମହାନ୍ତି/ଶଙ୍କର ପୂଜାରୀ)

କୋରାପୁଟ ଜିଲା ପାଡୁଆ ପୋଲିସ ବୁଧବାର ଗଞ୍ଜେଇ ନେଇ ଯାଉଥିବା ଏକ ଟ୍ରକ୍ (ଏପି-୨୯ଟିଏ-୫୯୫୯)କୁ ଜବତ କରିଛି। ଡ୍ରାଇଭର ସିଟ୍ ପଛରେ ଥିଲା ସିକ୍ରେଟ୍ ଚାମ୍ବର। ଚାମ୍ବର ଭିତରେ ଥିଲା ୪୦୫ଟି ଗଞ୍ଜେଇ ପ୍ୟାକେଟ। ପ୍ୟାକେଟକୁ ମାଜିଷ୍ଟ୍ରେଟଙ୍କ ସାମନାରେ ଓଜନ କରିବାରେ ସେଥିରେ ୮୧୦ କିଲୋ ଗଞ୍ଜେଇ ଥିବା ଜଣାପଡ଼ିଛି। ପାଡୁଆ ଥାନା କେସ୍ ନଂ ୧୦୩/୨୦୨୫ ପ୍ରକାରେ ମାମଲା ରୁଜୁ କରି ଟ୍ରକ୍ ଚାଳକ ଗୋବର୍ଦ୍ଧନ ସମାଧାନ ଇଙ୍ଗେଲଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ଅଶୋକ କୁମାର ବିଷୋୟୀ ସୂଚନା ଦେଇଛନ୍ତି।

ଗୁଇନ୍ଦା ସୂଚନା ଆଧାରରେ ଆନ୍ଧ୍ର ମୁଚିମପୁଟ ପଟୁ ଦ୍ରୁତଗତିରେ ଆସୁଥିବା ଏକ ଟ୍ରକ୍‌କୁ ପାଡୁଆ ପୋଲିସ ଅଟକାଇଥିଲା। ଟ୍ରକ୍ ଟି ନ ଅଟକି ଦ୍ରୁତ ଗତିରେ ଚାଟୁଆ ପଟକୁ ଚାଲି ଯାଉଥିଲା। ପୋଲିସ ଟ୍ରକର ପିଛା କରୁଥିବା ଦେଖି ପ୍ରାୟ ୧ କିମି ଦୂର ସିରିସମାଳ ଗ୍ରାମ ନିକଟରେ ଟ୍ରକ୍ ଚାଳକ ରାସ୍ତାରେ ଗାଡ଼ି ଜଙ୍ଗଲ ପଟକୁ ଦଉଡ଼ି ଖସି ଯିବାକୁ ଉଦ୍ୟମ କରିବାବେଳେ ପୋଲିସ ତାଙ୍କୁ କାବୁ କରିଥିଲା। ପଚରାଉଚରା ପରେ ହାଇଦ୍ରାବାଦ ଅଞ୍ଚଳର ରାଜୁ ନାମକ ଜଣେ ବ୍ୟବସାୟୀ ମୁଚିମ୍‌ପୁଟ ଅଞ୍ଚଳରୁ ଗଞ୍ଜେଇ କିଣି ଟ୍ରକର ସିକ୍ରେଟ ଚାମ୍ବରରେ ଭରି ନିଜ କାରରେ ହାଇଦ୍ରାବାଦ ଚାଲିଯାଇଥିବା ଜଣାପଡ଼ିଥିଲା। ଚଢ଼ାଉ ଦଳରେ ଥାନାଧିକାରୀଙ୍କ ସମେତ ଏସ୍‌ଆଇ ହିମାଂଶୁ ବିଷୋୟୀ, ଟୁନା ଶବର, ସୁରେନ୍ଦ୍ର ସେଠୀ ଓ ପାଡୁଆ ପୋଲିସ ଦଳ ସାମିଲ ଥିଲେ। ଏସ୍‌ଆଇ ସୁରେନ୍ଦ୍ର କୁମାର ସେଠୀ ମାମଲାର ତଦନ୍ତ କରୁଛନ୍ତି।

# ଏଟିଏମ୍ ଲୁଟ୍ ଉଦ୍ୟମ ବିଫଳ

ଦାମନଯୋଡ଼ି, ୧୦।୯
(ନରସିଂହ ବ୍ରହ୍ମା)

କୋରାପୁଟ ଜିଲା ଶିଳ୍ପାଞ୍ଚଳ ଦାମନଯୋଡ଼ିର ସେକ୍ଟର -୩ ଟାଉନସିପ ସ୍ଥିତ ଏସ୍‌ବିଆଇ ଏଟିଏମ୍‌ରୁ ଲୁଟ୍ ଉଦ୍ଦେଶ୍ୟରେ ଆସି ଦୁର୍ବୃତ୍ତମାନେ ବିଫଳ ହୋଇ ଚମ୍ପଟ ମାରିଛନ୍ତି। ଖବର ନେବାରେ ଜଣାପଡିଛି କି, ସୋମବାର ବିଳମ୍ବିତ ରାତିରେ ଦୁଇ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସିଥିଲେ। ଜଣେ ଏଟିଏମ୍ ମେସିନ ଭାଙ୍ଗିବାକୁ ଚେଷ୍ଟା କରୁଥିବାବେଳେ ଅନ୍ୟ ଜଣକ ବାହାରେ ରହି ଗତିବିଧି ଉପରେ ନଜର ରଖିଥିଲେ। ତେବେ ଟାଉନସିପ ସୁରକ୍ଷା ଦାୟିତ୍ୱରେ ଥିବା ଜଣେ କର୍ମଚାରୀ ଏହା ଦେଖି ପାଟି କରି ଏଟିଏମ୍ ନିକଟକୁ ଦୌଡ଼ି ଯାଇଥିଲେ। ତାଙ୍କୁ ଦେଖି ଦୁର୍ବୃତ୍ତମାନେ ସେଠାରୁ ପଳାଇଥିଲେ। ସୁରକ୍ଷାକର୍ମୀ ଜଣକ ତୁରନ୍ତ କଣ୍ଟ୍ରୋଲ ରୁମ୍‌କୁ ଏ ସମ୍ପର୍କରେ ସୂଚନା ଦେଇଥିଲେ। କଣ୍ଟ୍ରୋଲ ରୁମ୍ ପକ୍ଷରୁ ଦାମନଯୋଡ଼ି ଥାନାକୁ ଅବଗତ କରାଯାଇଥିଲା। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଦୁର୍ବୃତ୍ତମାନେ ଛାଡ଼ି ଯାଇଥିବା ମୋବାଇଲ, ମେସିନ କଟର ଓ ବାଇକ୍ ଜବତ କରିଛି। ମଙ୍ଗଳବାର ସକାଳେ ବ୍ୟାଙ୍କ ପକ୍ଷରୁ ଲିଖିତ ଏତଲା ପ୍ରଦାନ କରାଯାଇଛି।

# ନୂତନ ରାଜସ୍ୱ କାର୍ଯ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କଲେ ବିଧାୟକ

ସୁନାବେଡ଼ା/ସେମିଳିଗୁଡ଼ା, ୧୦।୯
(କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

କୋରାପୁଟ ଜିଲା ସେମିଳିଗୁଡ଼ା ତହସିଲ ଅଧୀନ ଦୁଧାରୀ ପଞ୍ଚାୟତରେ ନୂତନ ରାଜସ୍ୱ କାର୍ଯ୍ୟାଳୟ ନିର୍ମାଣ ପାଇଁ ପଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡ଼ାମ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ପୂର୍ବରୁ ଦୁଧାରି ପଞ୍ଚାୟତ କାର୍ଯ୍ୟାଳୟରେ ଏହା ଚାଲୁଥିବା ବେଳେ ପାକଝୋଲାକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ଏଠାରେ ଏକ ସ୍ଥାୟୀ ରାଜସ୍ୱ କାର୍ଯ୍ୟାଳୟ ପାଇଁ ବହୁ ଦିନରୁ ଦାବି ହୋଇ ଆସୁଥିଲା। ପ୍ରକାଶ ଥାଉ ଦୁଧାରୀ, ଉପରକାଣ୍ଟି, ମାତାଲପୁଟ, ପାକଝୋଲା, ମରିଚମାଳ, ଦଳେଇଗୁଡ଼ା ପଞ୍ଚାୟତବାସୀ ରାଜସ୍ୱ କାର୍ଯ୍ୟ ପାଇଁ ସେମିଳିଗୁଡ଼ା ଯିବାକୁ ପଡୁଥିଲା। ଫଳରେ ବିଭିନ୍ନ ସମୟରେ ଲୋକେ ଅସୁବିଧାର ସମ୍ମୁଖୀନ ହେଉଥିଲେ। ତେଣୁ ଏବେ ପ୍ରାୟ ୪୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା ଏହି ନୂତନ ରାଜସ୍ୱ କାର୍ଯ୍ୟାଳୟକୁ ନେଇ ପଞ୍ଚାୟତ ବାସୀ ଖୁସିବ୍ୟକ୍ତ କରିଛନ୍ତି। ତେବେ ଶିଘ୍ର ନୂତନ ଗୃହ ନିର୍ମାଣ ପାଇଁ ଠିକାସଂସ୍ଥାକୁ ବିଧାୟକ ନିର୍ଦ୍ଦେଶ ଦେଇଛନ୍ତି। ଏହି ଶିଳାନ୍ୟାସ ଉତ୍ସବରେ ଗ୍ରାମ ଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀ ଶ୍ରୀନିବାସ ଚୌଧୁରୀ,ସେମିଳିଗୁଡ଼ା ଅତିରିକ୍ତ ତହସିଲଦାର ଦେବୀପ୍ରସାଦ ନାୟକ, ସରପଞ୍ଚ ମାଧବ ନନ୍ଦିବାଲି, ସାମାଜିକ କର୍ମୀ ସୁନାମ ହନ୍ତାଳ,ପ୍ରଫୁଲ୍ଲ ନାୟକ, ଜୟରାମ କନ୍ଦପାନ, ବ୍ରଜମନ ଚୌଧୁରୀ, ଉପେନ୍ଦ୍ର କନ୍ଦପାନ, ଉପେନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ବିଧାୟକ ଓ ଅନ୍ୟମାନେ।

# ଶ୍ରୀ ଶ୍ରୀ ମଦନ ଗୋପାଳ ଜୀ ମଠରେ ଆଲୋଚନା ଚକ୍ର

ଜୟପୁର,୧୦।୯ (ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ବ୍ଲକ ଆମ୍ବାଗୁଡ଼ା ସ୍ଥିତ ଶ୍ରୀ ଶ୍ରୀ ମଦନ ଗୋପାଳ ଜୀ ମନ୍ଦିରଠାରେ ତୁଳସି ମାଳି ପିନ୍ଧିବା ନିୟମ ସମ୍ପର୍କରେ ବୁଧବାର ଆଲୋଚନା କରାଯାଇଛି। ଏହି ସତସଙ୍ଗ ସଂସ୍କାର ସମ୍ପର୍କରେ ଜୟପୁର ବ୍ଲକ ଗଙ୍ଗା ପଞ୍ଚାତ ସଲପିଆଗୁଡ଼ା ଗ୍ରାମର ଆଦିବାସୀ ସମ୍ପ୍ରଦାୟର ସଦସ୍ୟମାନଙ୍କୁ ମଠ ମହନ୍ତ କୃଷ୍ଣ ଚନ୍ଦ୍ର ପାଳି, ବ୍ରହ୍ମଣ ଦେବୀ, ସଙ୍କୀର୍ତ୍ତନ ମଣ୍ଡଳୀର ସମସ୍ତଙ୍କୁ ତୁଳସୀ ମାଳି ଧାରଣ କରାଇଥିଲେ। ଘାଟବାଗରାର ରତ୍ନାକର ନାରାଜି, ବୈଦିକ ମାଧ୍ୟମରେ ତୁଳସୀ ମାଳି ସଂସ୍କାର ବିଷୟରେ ବୁଝାଇଥିଲେ। ଆଖପାଖ ଅଞ୍ଚଳରେ ଥିବା ଭକ୍ତମାନଙ୍କର ଭିଡ଼ ଜମିଥିଲା। ସଦାଶିବ ଅମାନତ୍ୟ ଓ ତୁଷାରକାନ୍ତ ଦାସ ସମସ୍ତ କାଯ୍ୟ ପରିଚାଳନା କରିଥିଲେ।

# କୋରାପୁଟ କଳାକାର ସମ୍ମାନିତ

## ଅନ୍ତର୍ଜାତୀୟ ନୃତ୍ୟ, ସଙ୍ଗୀତ ମହୋତ୍ସବ



ଅତିଥିମାନେ କୋରାପୁଟର ଜଣେ କଳାକାରଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

କୋରାପୁଟ,୧୦।୯ (ଅମିତାଭ ବେହେରା)

ପୁରୀରେ ଆୟୋଜିତ ଆନ୍ତର୍ଜାତୀୟ ନୃତ୍ୟ ଓ ସଙ୍ଗୀତ ମହୋତ୍ସବରେ କୋରାପୁଟର କଳାକାର ସମ୍ମାନିତ ହୋଇଛନ୍ତି। ଉତ୍କଳ ଯୁବ ସାଂସ୍କୃତିକ ସଙ୍ଘ ଓଡ଼ିଶା ପକ୍ଷରୁ ପୁରୀ ଅନ୍ନପୂର୍ଣ୍ଣା ଥିଏଟର ପରିସରରେ ୫ରୁ ୯ ତାରିଖ ପର୍ଯ୍ୟନ୍ତ ଚାଲିଥିବା ୩୩ତମ ଆନ୍ତର୍ଜାତୀୟ ନୃତ୍ୟ ଓ ସଙ୍ଗୀତ ମହୋତ୍ସବରେ କୋରାପୁଟର ସୁରଭି ନୃତ୍ୟ ଅନୁଷ୍ଠାନ କଳାକାରମାନେ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ଶାଶ୍ୱତ ଖୁଣ୍ଟିଆ, ମାନସ ପ୍ରୀତମ ଖୋସଲା ଏବଂ ଆଶ୍ୱସନା ରାଉତ ଉଚ୍ଚକୋଟୀର ନୃତ୍ୟ ଓ ସଙ୍ଗୀତ ପରିବେଷଣ କରି ଦର୍ଶକ ଏବଂ ବିଚାରକଙ୍କ ମନ ଜିଣିପାରିଥିଲେ। ମଣିପୁରର ବିଶିଷ୍ଟ କଳାକାର ନିର୍ଦ୍ଦେଶକ ତଥା ଲେଖକ ପଣ୍ଡିତ ଯୁଗଳ ଚନ୍ଦ୍ର ଶର୍ମା, ବିଶିଷ୍ଟ ଶାସ୍ତ୍ରୀୟ ସଙ୍ଗୀତ ନୃତ୍ୟାଙ୍ଗନା ମଧୁଛନ୍ଦା ଦାସ ଏହି ପୁରସ୍କାର ପ୍ରଦାନ କରିଥିଲେ। ପ୍ରକାଶ ଯେ, ରାଜ୍ୟ ଓ ରାଜ୍ୟ ବାହାରୁ ପ୍ରାୟ ୪ ଶହରୁ ଊର୍ଦ୍ଧ୍ୱ କଳାକାର ଏଥିରେ ଭାଗ ନେଇଥିଲେ। ନୃତ୍ୟ ଗୁରୁ ଜଟାଧାରୀ ଦଳାଇଙ୍କ ନେତୃତ୍ୱରେ କୋରାପୁଟରୁ କଳାକାରମାନେ ଯାଇଥିଲେ।

# ବିକ୍ରମ ଦେବ ବର୍ମାଙ୍କ ସାହିତ୍ୟ କୃତିକୁ ପାଠ୍ୟକ୍ରମରେ ସ୍ଥାନିତ ଦାବି

ଜୟପୁର, ୧୦।୯(ପବନ ପାଣିଗ୍ରାହୀ)

ଜୟପୁର ସାହିତ୍ୟ ପରିଷଦ ପକ୍ଷରୁ ବିକ୍ରମଦେବ ବିଶ୍ୱ ବିଦ୍ୟାଳୟ କୁଳପତିଙ୍କୁ ବୁଧବାର ଦାବିପତ୍ର ପ୍ରଦାନ କରାଯାଇଛି। ସାହିତ୍ୟ ସମ୍ରାଟଙ୍କ ସାହିତ୍ୟ କୃତୀକୁ ବିକ୍ରମ ଦେବ ବିଶ୍ୱ ବିଦ୍ୟାଳୟ ପାଠ୍ୟ କ୍ରମରେ ସ୍ଥାନିତ କରିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ବିକ୍ରମ ଦେବ ବିଶ୍ୱ ବିଦ୍ୟାଳୟ ତଥା ଏହାକୁ ସ୍ଥାପନ କରିଥିବା ଏବଂ ଜୟପୁର ସହରକୁ ଓଡିଶା ସହ ମିଶ୍ରଣ କରାଇ ପାରିଥିବା ସାହିତ୍ୟ ସମ୍ରାଟ ରାଜର୍ଷି ବିକ୍ରମ ଦେବ ବର୍ମା ଓଡ଼ିଆ ଅସ୍ମିତା ରକ୍ଷା କରିବା ତଥା ଆଗକୁ ବଢ଼ାଇବାରେ ସଫଳ ହୋଇ ପାରିଛନ୍ତି। ସାହିତ୍ୟ ପ୍ରେମୀ ନାଟ୍ୟକାର, ଗାଳ୍ପିକ, କବି, ପ୍ରଜାବତ୍ସଳ, ଗରିବଙ୍କ ଦରଦି ବନ୍ଧୁ କଳାର ପୂଜାରି ବିକ୍ରମ ଦେବ ମହାରାଜାଙ୍କର ଶିକ୍ଷା କ୍ଷେତ୍ରରେ ଅତୁଳନୀୟ ଅବଦାନ ରହିଛି। ଯହାରି ବିକ୍ରମ ଦେବ ବିଶ୍ୱ ବିଦ୍ୟାଳୟ। ଏନେଇ ସାହିତ୍ୟ ସମ୍ରାଟଙ୍କ ଜୀବନୀ ତାଙ୍କ ସାହିତ୍ୟ କୃତି ବିଶ୍ୱ ବିଦ୍ୟାଳୟ ପାଠ୍ୟକ୍ରମରେ ସ୍ଥାନିତ କରିବାକୁ ଜୟପୁର ସାହିତ୍ୟ ପରିଷଦର ସଭାପତି ହରି ହର କରସୁଧା ପଟ୍ଟନାୟକ, ସମ୍ପାଦକ ନିରଞ୍ଜନ ପାଣିଗ୍ରାହୀ, ସଂଯୋଜକ ନବକୃଷ୍ଣ ରଥ ଦାବି କରିଛନ୍ତି।


**BERHAMPUR UNIVERSITY**
BHANJA BIHAR, BERHAMPUR-7, GANJAM, ODISHA-760007
Lt.No.350/RCoE/BU/2025 Date : 10.09.2025

**ADVERTISEMENT FOR RESEARCH POSITION**

Application in plane paper along with biodata and attested copies of the certificate are invited for the appointment of the Post of Research Assistant (02 No.) for the center of excellence in nano science and technology for the development of sensors (CoENSTds) on a temporary basis for a duration of 01 year or till the complication of the project on or before date: 24.09.2025 by speed post. The applications are to be submitted to "The Coordinator" CoENSTds, Department of Physics, Berhampur university, Bhanja Bihar, 760007, Berhampur, Odisha. Short listed candidates will be called for interview by E- mail only. No TA/DA will be provided for attending the interview.
The details of the required qualifications and experiences are available on the university website- www.buodisha.edu.in. Any modification in the advertisement will be reflected only in the University website.

Sd./- Coordinator of CoENSTds
Berhampur University



GOVERNMENT OF ODISHA No. O-727
**OFFICE OF THE SUPERINTENDING ENGINEER**
RURAL WORKS DIVISION-II, DHENKANAL, KAMAKHYANAGAR
E-Mail: rw.kamakhyanagar@yahoo.co.in
**e-Procurement Notice No. 08/ Building Work / 2025-26**

1. Name of the Work : Building Work
2. Total No. of Works : 02 (Two) Nos.
3. Tender Cost : Rs.30.34 & 12.61 Lakhs
4. Class of Contractor : D, C & B equivalent
5. Period of Completion : 2 Calendar Months
6. Availability of Tender Online for Bidding : 12.09.2025 at 11.00 A.M. to 19.09.2025 upto 5.00 P.M.
7. Last date & time of seeking tender clarification : 18.09.2025 upto 4.00 P.M.
8. Date & time of opening of tender : 20.09.2025 at 11.00 A.M.

Other details can be seen from the website: http://tendersorissa.gov.in.

Sd./- Superintending Engineer
Rural Works Division-II, Dkl
Kamakhyanagar
OIPR-25094/11/0032/2526



**GOVERNMENT OF ODISHA**
**e-Procurement Notice, Angul (R&B) Division**
**Bid Identification No. 32 of 2025-26**
No. B-502 e-mail ID: angulrbdivision@yahoo.co.in

1. Number of Works : 03 (Three) Number of road works, 01 (One) Number of building work, 02 (Two) Number of electrical works
2. Approximate Estimated Cost : Varies from 12.00 lakh to 49.00 lakh
3. Period of Completion : Varies from 02 (Two) to 06 (Six) Calendar Months
4. Date & Time of availability of bid document in the portal : Dt.12.09.2025 at 10.00 A.M.
5. Last date/time for receipt of bid in the portal : Dt.22.09.2025 upto 5.00 P.M.
6. Date of Opening Bid : Dt.23.09.2025 at 11.00 A.M.
7. Name and address of the Office Inviting Bid : Superintending Engineer, Angul (R&B) Division, Angul
8. The bidders must participate in ONLINE bidding only.

Further details can be seen from the e-procurement portal https://tendersodisha.gov.in.

OIPR-34074/11/0032/2526
Sd./- Superintending Engineer
Angul (R&B) Division



**ପୂର୍ବ ତଟ ରେଳପଥ**
ବିଜ୍ଞପ୍ତି ସଂ. eT-Central-WAT-34-2025
ତା.01.09.2025ରିଖ

**କାର୍ଯ୍ୟର ନାମ :** ବରିଷ୍ଠ ମଣ୍ଡଳ ଯନ୍ତ୍ରୀ / ସେଣ୍ଟ୍ରାଲ / ୱାଲ୍ଟିୟର ପରିସୀମା ଅଧିନସ୍ଥ KK-I ଲାଇନ୍‌ରେ (1) ବର୍ତ୍ତମାନର 1675 ସ୍ଲିପରଗୁଡ଼ିକ ନିମନ୍ତେ ଗାଲ୍ଭାନାଇଜଡ H-ବିମ୍ ସ୍ଲିପର ଯେଉଁଥିରେ ଚେକ୍ ରେଲ୍ ଓ ଗାର୍ଡ ରେଲ୍ ସହିତ 8 ଡିଗ୍ରୀ କର୍ଭରେ ବ୍ରିଜ୍‌ଗୁଡ଼ିକ ସହ H-ବିମ୍ ସ୍ଲିପରଗୁଡ଼ିକର ଡିଜାଇନ, ଡ୍ରଇଂ, ପ୍ରୁଫ୍ ଚେକିଙ୍ଗ, ଫ୍ୟାବ୍ରିକେସନ ଏବଂ ଫିକ୍ସିଙ୍ଗ ଅନ୍ତର୍ଭୁକ୍ତ। (2) ଚେକ୍ ରେଲ୍ ଓ ଗାର୍ଡ ରେଲ୍ ସହିତ 8 ଡିଗ୍ରୀ କର୍ଭରେ ବ୍ରିଜ୍ ନଂ.: 401, 481, 487 ଓ 543ରେ ଚ୍ୟାନେଲ ସ୍ଲିପରଗୁଡ଼ିକ ନିମନ୍ତେ TRF-1200 ସଂଖ୍ୟକ ଦ୍ୱାରା କୋଟଭଲସା-ମାଲିଗୁଡ଼ା ମଧ୍ୟରେ ବ୍ରିଜ୍‌ଗୁଡ଼ିକରେ ଥ୍ରୁ ବ୍ରିଜ୍ ସ୍ଲିପର ନବୀକରଣ (TBSR) ସମ୍ପାଦନ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 5,95,29,557.56, **EMD :** ₹ 4,47,700/-, କାର୍ଯ୍ୟ ଶେଷ ହେବା ଅବଧି : 12 (ବାର) ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.24.09.2025ରିଖ, 1500 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକକୋରିୟରାଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ୱାଲ୍ଟିୟର
PR-575/Q/25-26



**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ମଣ୍ଡଳ ବୈଦ୍ୟୁତିକ ଯନ୍ତ୍ରୀ (ଜି)/ଚକ୍ରଧରପୁରଙ୍କ ଦ୍ୱାରା ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରାଯାଉଛି । ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ହେବ ନାହିଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । କ୍ର.ସଂ., ଇ-ଟେଣ୍ଡର ନଂ. ଏବଂ ତାରିଖ ଓ କାର୍ଯ୍ୟର ନାମ ନିମ୍ନ ଅନୁଯାୟୀ ଅଟେ: ୧. ୪୨-ଇଏଲ୍-ଡବ୍ଲ୍ୟୁଟି-୨୦୨୫-୨୬, ତାରିଖ: ୦୯।୦୯।୨୦୨୫ । ଏଇଏନ୍/।/ଟାଟାଙ୍କ ଅଧୀନରେ ସାଲ୍‌ଗାଜୋରି-ଟାଟାନଗର ମଧ୍ୟରେ ଆରୟୁବିର ନିର୍ମାଣ ଦ୍ୱାରା ୦୧ ଗୋଟି ମ୍ୟାନ୍‌ଡ ଲେଭଲ କ୍ରସିଂ (ଏଲସି ନଂ. ୧୪୦)ର ଅପସାରଣ ସଂକ୍ରାନ୍ତରେ ବୈଦ୍ୟୁତିକ (ଜି) କାର୍ଯ୍ୟ। ଟେଣ୍ଡର ମୂଲ୍ୟ: ₹୧୧,୦୮,୫୬୮.୯୯ । ଇଏମ୍‌ଡି: ₹୨୨,୨୦୦/-। ୨. ୪୪-ଇଏଲ୍-ଡବ୍ଲ୍ୟୁଟି-୨୦୨୫-୨୬, ତାରିଖ: ୦୯।୦୯।୨୦୨୫। ଗୁଆଁଠାରେ ବିଦ୍ୟମାନ ଗୁଡ୍‌ସ ଶେଡ୍‌ର ଭିତ୍ତିଭୂମିର ଉନ୍ନୟନ/ଆଧୁନିକୀକରଣ । ଟେଣ୍ଡର ମୂଲ୍ୟ: ₹୪୯,୨୩,୭୦୬.୩୭ । ଇଏମ୍‌ଡି: ₹୯୮,୫୦୦/-। ୩. ୪୭-ଇଏଲ୍-ଡବ୍ଲ୍ୟୁଟି-୨୦୨୫-୨୬, ତାରିଖ: ୦୯।୦୯।୨୦୨୫ । ଚକ୍ରଧରପୁର ଡିଭିଜନରେ ପୁରୁଣା ଏୟାର କଣ୍ଡିସନରଗୁଡ଼ିକୁ ୫ ଷ୍ଟାର୍ ମାନ୍ୟତାପ୍ରାପ୍ତ ଶକ୍ତିଦକ୍ଷ ଏୟାର କଣ୍ଡିସନର ଦ୍ୱାରା ପ୍ରତିବଦଳ କରିବା ଏବଂ ନୂଆ ଏସି ଯୋଗାଇବା ସଂକ୍ରାନ୍ତରେ ବୈଦ୍ୟୁତିକ (ଜି) କାର୍ଯ୍ୟ (୨ୟ ଆହ୍ୱାନ)। ଟେଣ୍ଡର ମୂଲ୍ୟ: ₹୩୦,୧୨,୮୭୯.୨୨। ଇଏମ୍‌ଡି: ₹୬୦,୩୦୦/- । ୪. ୪୮-ଇଏଲ୍-ଡବ୍ଲ୍ୟୁଟି-୨୦୨୫-୨୬, ତାରିଖ: ୦୯।୦୯।୨୦୨୫ । ଏଡିଇଏନ୍/ଡାଙ୍ଗୋଆପୋଷିଙ୍କ କ୍ଷେତ୍ରାଧିକାର ଅଧୀନରେ ଆରୟୁବିର ନିର୍ମାଣ ଦ୍ୱାରା ୦୨ ଗୋଟି ମ୍ୟାନ୍‌ଡ ଲେଭଲ କ୍ରସିଂ (ଏଲସି ନଂ. ଆର୍‌ବିକେ-୬୩ ଓ ଆର୍‌ବିକେ-୫୧)ର ଅପସାରଣ ସଂକ୍ରାନ୍ତରେ ବୈଦ୍ୟୁତିକ (ଜି) କାର୍ଯ୍ୟ । ଟେଣ୍ଡର ମୂଲ୍ୟ: ₹୨୫,୮୧,୬୭୪.୮୬ । ଇଏମ୍‌ଡି: ₹୫୧,୬୦୦/-। ୫. ୫୦-ଇଏଲ୍-ଡବ୍ଲ୍ୟୁଟି-୨୦୨୫-୨୬, ତାରିଖ: ୦୯।୦୯।୨୦୨୫। ଚକ୍ରଧରପୁର ମଣ୍ଡଳରେ କୌଣସି ସ୍ଥାନୀୟ ଯୋଗାଣ ଉପଲବ୍ଧତା ବିନା ୫୮ ଗୋଟି ଏଲସି ଗେଟ୍‌ଗୁଡ଼ିକରେ ଭରସାଯୋଗ୍ୟ ଶକ୍ତି ଯୋଗାଣ, ଆଲୋକୀକରଣ ଓ ୱାୟାରିଂ । ଟେଣ୍ଡର ମୂଲ୍ୟ: ₹୨,୭୧,୬୫,୧୧୯.୧୪ । ଇଏମ୍‌ଡି: ₹୨,୮୫,୮୦୦/-। ଟେଣ୍ଡର ଦସ୍ତାବିଜ ମୂଲ୍ୟ: ପ୍ରତ୍ୟେକ ପାଇଁ ଶୂନ୍ୟ । ବନ୍ଦ ହେବା/ଖୋଲାଯିବା ତାରିଖ: କ୍ର.ସଂ. ୧, ୨ ଓ ୩ ପାଇଁ ତା୦୭।୧୦।୨୦୨୫ରିଖ ୧୫.୦୦ ଘଟିକା ଏବଂ ୪ ଓ ୫ ପାଇଁ ତା୧୩।୧୦।୨୦୨୫ରିଖ ୧୫.୦୦ ଘଟିକା । ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.in ରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-।।। ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆର୍‌ଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ବନ୍ଧିତ କାଗଜପତ୍ର ଅପଲୋଡ୍ କରାଯିବ ଜରୁରୀ। (PR-612)



**JHARKHAND URJA SANCHARAN NIGAM LIMITED**
(CIN No.:U40108JH2013SGC001704)
Regd. Office: 2nd Floor, JUSNL (SLDC) Building Kusai Colony, Doranda, Ranchi - 834002
(E-mail: cetjusnl@gmail.com)

**e-TENDER NOTICE**
**NIT No. – 390/PR/ JUSNL/ 2025-26**

E-tender in two parts i.e. Technical (Part-I) and Financial (Part – II) is invited from reputed, capable, experienced and financially sound firm for the following works :-

| | |
|---|---|
| Name of work | Design, Engineering, Supply of Materials/ Equipments, Erection, Testing and Commissioning of 132/33 KV, 2 x 80 MVA Grid sub -station including construction of Control Room Building & approach road as well as other civil works at Sindri (Hurl) on turnkey basis |
| Estimated cost (Rs.) | Rs. 72,77,80,287.00 (including GST) |
| Earnest Money Deposit | Rs. 1,45,55,610.00 On line mode |
| Completion Period | 18 Months |
| e-Tender fee | Rs. 20,000.00 + 18% GST On line mode. |
| Start Date & Time of Download the Tender Documents | 15.09.2025 at 11:00 AM |
| Start Date and time of upload of BID | 15.09.2025 at 11:00 AM |
| End date and time of upload of BID | 08.10.2025 upto 04:00 PM |
| BID Opening date for technical part | 09.10.2025 at 04:00 PM |
| BID Opening date for price part | Will be communicated |
| Procurement Officer and address for communication | General Manager, C&M (NWBP), 2nd Floor, JUSNL (SLDC) Building, Kusai Colony, Doranda, Ranchi – 834002 |

1. e-Tender document and BOQ including terms & conditions, tender specification can be downloaded from website https://jharkhandtenders.gov.in. Any details required in this regard can also be had from the office of the undersigned **(6202162568)** during office hours.
2. The bids will be received through electronic tendering mode only.
3. No claim shall be entertained on account of disruption of internet services being used by bidders. Bidders are advised to upload their bids well in advance to avoid last minute technical snag.

स्वहित एवं राष्ट्रहित में ऊर्जा बचावें। कृपया अपनी शिकयतों को 18003456570 (कॉल सेन्टर) पर दर्ज करायें।

Sd/-
General Manager
C&M (NWBP)

PR 361530 Jharkhand Urja Sancharan Nigam Ltd (25-26)_D



**ୟୁକୋ ବ୍ୟାଙ୍କ**
ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଙ୍ଗ, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯
**ସୁନା ନିଲାମ ବିଜ୍ଞପ୍ତି**

ନିମ୍ନଲିଖିତ ବ୍ୟକ୍ତିମାନେ **ୟୁକୋ ବ୍ୟାଙ୍କର ସମ୍ପୃକ୍ତ ଶାଖା**ରେ ସୁନା ଅଳଙ୍କାର ବନ୍ଧକ ରଖି ଋଣ ନେଇଛନ୍ତି ଏବଂ ଆମର ଡିମାଣ୍ଡ ନୋଟିସ୍ ଜାରି ସତ୍ତ୍ୱେ ଋଣ ରାଶି ପରିଶୋଧ କରିନାହାଁନ୍ତି। ତେଣୁ ଏହି ନୋଟିସ୍ ଦ୍ୱାରା ଜଣାଇ ଦିଆଯାଉଅଛି ଯେ ଯଦି ସେମାନେ **ତା.୨୫.୦୯.୨୦୨୫ରିଖ** ସୁଦ୍ଧା ସେମାନଙ୍କର ମୂଳଧନ, ସୁଧ ଓ ଅନ୍ୟାନ୍ୟ ଦେୟ ପୈଠ ନ କରନ୍ତି, ତେବେ ବନ୍ଧକ ଥିବା ଅଳଙ୍କାରଗୁଡିକ **ତା.୨୬.୦୯.୨୦୨୫ରିଖ ମଧ୍ୟାହ୍ନ ୧୨.୦୦ଘଟିକା** ସମୟରେ **ସମ୍ପୃକ୍ତ ଶାଖା** ପରିସରରେ ସର୍ବସାଧାରଣରେ ନିଲାମ କରାଯିବ। କୌଣସି କାରଣ ନ ଦର୍ଶାଇ ବ୍ୟାଙ୍କ ନିଲାମ ପ୍ରକ୍ରିୟାକୁ ଅନ୍ୟ କୌଣସି ସୁବିଧାଜନକ ତାରିଖକୁ ରଦ୍ଦ/ସ୍ଥଗିତ ରଖିବାର ଅଧିକାର ସଂରକ୍ଷିତ ରଖିଅଛି ।

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା / ଆକାଉଣ୍ଟ ନଂ. | ବକେୟା ପରିମାଣ | ଓଜନ (ଗ୍ରାମ୍‌ରେ) |
|---|---|---|---|
| | **ଶୁକଳ ଶାଖା, ସା: ଆଲିଶ, ପୋ: ଶୁକଳ, ଭାୟା: ସାକ୍ଷୀଗୋପାଳ, ଜିଲ୍ଲା: ପୁରୀ, ଶାଖା ପ୍ରବନ୍ଧକଙ୍କ ନାମ: ଅଙ୍କିତା ଜେନା, ମୋ.: ୮୨୭୦୩୩୩୧୧୬** | | |
| ୧. | **ମମତା ପରିଡା,** ସା: ଆଲିଶ ପାଟଣା, ପୋ: ଶୁକଳ, ଥାନା: ସତ୍ୟବାଦୀ, ଜିଲ୍ଲା: ପୁରୀ / ୩୦୩୧୦୬୧୦୦୩୮୭୮୯ | ଟ.୨୮,୦୦୦/- + ସୁଧ ଏବଂ ଦେୟ | ୧୫.୭୩ |
| ୨. | **ନନ୍ଦ କିଶୋର ବେହେରା,** ସା: ଆଲିଶ ପାଟଣା, ପୋ: ଶୁକଳ, ଥାନା: ସତ୍ୟବାଦୀ, ଜିଲ୍ଲା: ପୁରୀ / ୩୦୩୧୦୬୧୦୦୩୯୫୫୭ | ଟ.୧,୧୫,୦୦୦/- + ସୁଧ ଏବଂ ଦେୟ | ୨୯.୩୦ |
| ୩. | **ବନ୍ଧୁ ପତି,** ସା: ଆଲିଶ ପାଟଣା, ପୋ: ଶୁକଳ, ଥାନା: ସତ୍ୟବାଦୀ, ଜିଲ୍ଲା: ପୁରୀ / ୩୦୩୧୦୬୧୦୦୪୨୦୭୬ | ଟ.୫୧,୦୦୦/- + ସୁଧ ଏବଂ ଦେୟ | ୧୮.୧୦ |
| | **ସାତପାଟଣା ଶାଖା, ସା/ପୋ: ସାତପାଟଣା, ଦଶପଲ୍ଲା, ଜିଲ୍ଲା: ନୟାଗଡ, ଶାଖା ପ୍ରବନ୍ଧକଙ୍କ ନାମ: ପବିତ୍ର ମାଝୀ, ମୋ.: ୭୭୩୫୧୪୮୭୪୦** | | |
| ୧. | **ସୁଷମା ରଣା,** ସା: ଖମାର ସାହି, ଦଶପଲ୍ଲା, ଜିଲ୍ଲା: ନୟାଗଡ / ୦୪୦୦୦୬୧୦୦୩୩୫୪୮ | ଟ.୪୧,୦୦୦/- + ସୁଧ ଏବଂ ଦେୟ | ୧୯.୩୦ |
| ୨. | **କିଶୋର ରଣା,** ସା: ପୁରୁଣା ଦଶପଲ୍ଲା, ପୋ: ସୁବଳୟା, ଜିଲ୍ଲା: ନୟାଗଡ / ୦୪୦୦୦୬୧୦୦୩୩୭୯୧ | ଟ.୨୦,୦୦୦/- + ସୁଧ ଏବଂ ଦେୟ | ୧୧.୦୦ |
| | **ମୈତ୍ରୀ ବିହାର ଶାଖା, ମୈତ୍ରୀ ବିହାର, ଭୁବନେଶ୍ୱର, ଶାଖା ପ୍ରବନ୍ଧକଙ୍କ ନାମ: ଉମେଶ ଚନ୍ଦ୍ର ନାୟକ, ମୋ.: ୬୩୭୧୦୦୬୯୫୮** | | |
| ୧. | **ଲକ୍ଷ୍ମୀଧର ସାହୁ,** ସା: ଦାଢ଼ା ପାଟଣା, ବାରଙ୍ଗ, ଜିଲ୍ଲା: କଟକ / ୧୮୩୯୦୬୧୦୦୧୬୯୫୪ | ଟ.୮୯,୦୦୦/- + ସୁଧ ଏବଂ ଦେୟ | ୨୧.୦୦ |
| ୨. | **ଲକ୍ଷ୍ମୀଧର ସାହୁ,** ସା: ଦାଢ଼ା ପାଟଣା, ବାରଙ୍ଗ, ଜିଲ୍ଲା: କଟକ / ୧୮୩୯୦୬୧୦୦୧୬୮୩୧ | ଟ.୩୨,୦୦୦/- + ସୁଧ ଏବଂ ଦେୟ | ୯.୨୭ |
| ୩. | **ଲକ୍ଷ୍ମୀଧର ସାହୁ,** ସା: ଦାଢ଼ା ପାଟଣା, ବାରଙ୍ଗ, ଜିଲ୍ଲା: କଟକ / ୧୮୩୯୦୬୧୦୦୧୮୦୧୯ | ଟ.୧,୪୦,୦୦୦/- + ସୁଧ ଏବଂ ଦେୟ | ୨୮.୮୦ |
| ୪. | **ଲକ୍ଷ୍ମୀଧର ସାହୁ,** ସା: ଦାଢ଼ା ପାଟଣା, ବାରଙ୍ଗ, ଜିଲ୍ଲା: କଟକ / ୧୮୩୯୦୬୧୦୦୧୮୪୩୯ | ଟ.୪୫,୦୦୦/- + ସୁଧ ଏବଂ ଦେୟ | ୨୩.୬୦ |
| | **ମିରଗାନ୍‌ଗୁଡା ଶାଖା, ନବରଙ୍ଗପୁର କଲେଜ ବିପରୀତ, ମିରଗାନ୍‌ଗୁଡା, ଶାଖା ପ୍ରବନ୍ଧକଙ୍କ ନାମ: ସଂଗ୍ରାମ କେଶରୀ ପାତ୍ର, ମୋ.: ୭୯୦୪୯୮୪୧୦୭** | | |
| ୧. | **ଭାସ୍କର ମାଳି,** ସା: ଏକମ୍ବା, ପୋ: ନନ୍ଦାହାଣ୍ଡି, ନବରଙ୍ଗପୁର / ୨୮୪୯୦୬୧୦୦୧୪୭୫୨ | ଟ.୪୨,୦୦୦/- + ସୁଧ ଏବଂ ଦେୟ | ୧୧.୭୦ |
| ୨. | **ଧରଣୀଧର ଶବର,** ୟୁନିଟ୍-୧୩ (ଓ) ବିଏନ୍ ଏନ୍‌ସିସି, ନବରଙ୍ଗପୁର / ୨୮୪୯୦୬୧୦୦୧୫୭୮୦ | ଟ.୪୫,୦୦୦/- + ସୁଧ ଏବଂ ଦେୟ | ୧୭.୯୦ |

**ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମ ଗୁଡିକ ପାଳନ କରି ନିଲାମରେ ଅଂଶଗ୍ରହଣ କରିପାରନ୍ତି:**
୧.ବ୍ୟାଙ୍କ ଅଳଙ୍କାର/କଏନ୍‌ରେ ସୁନାର ଭାଗ, ଓଜନ କିମ୍ବା ଶୁଦ୍ଧତାର ଗ୍ୟାରେଣ୍ଟି ଦିଏ ନାହିଁ ।
୨.ଇଚ୍ଛୁକ ନିଲାମଧାରୀମାନେ ବ୍ୟାଙ୍କର କୌଣସି କାର୍ଯ୍ୟ ଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ ଅଳଙ୍କାରର ଯାଞ୍ଚ କରିପାରିବେ ।
୩.ଇଚ୍ଛୁକ ନିଲାମଧାରୀମାନଙ୍କୁ ପ୍ରତ୍ୟେକ ଆକାଉଣ୍ଟର ସଂରକ୍ଷିତ ମୂଲ୍ୟ ନିମନ୍ତେ ସମ୍ପୃକ୍ତ ଶାଖା ମୁଖ୍ୟଙ୍କ ସହିତ ଯୋଗାଯୋଗ କରିବାକୁ ପଡିବ।
୪.ଇଚ୍ଛୁକ କ୍ରେତା ସଂରକ୍ଷିତ ରାଶି(ବକେୟା ରାଶି ଅନୁଯାୟୀ ଆକଳନ କରାଯିବ)ର ୨୫% ଅମାନତ ରାଶି ରୂପେ ଜମା କରିବେ।
୫.ସର୍ବୋଚ୍ଚ ନିଲାମଧାରୀ ଅବଶିଷ୍ଟ ନିଲାମ ରାଶି **୨୪ ଘଣ୍ଟା** ମଧ୍ୟରେ କିମ୍ବା ବ୍ୟାଙ୍କର ପରବର୍ତ୍ତୀ କାର୍ଯ୍ୟଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ ପଇଠ କରିବା ପରେ ଅଳଙ୍କାରଗୁଡିକ ପ୍ରଦାନ କରାଯିବ ।
୬.ଯଦି ସଫଳ ନିଲାମଧାରୀ ରାଶି ପୈଠ କରିବାରେ ବିଫଳ ହୁଅନ୍ତି ନିଲାମଧାରୀଙ୍କ ଅମାନତ ଅର୍ଥ ବାଜ୍ୟାପ୍ତି ହେବ ଏବଂ ନିଲାମ ତାରିଖଠାରୁ **୩୦ ଦିନ** ମଧ୍ୟରେ ଅଳଙ୍କାର ପୁନଃ ବିକ୍ରୟ କରାଯିବ।
୭.ନିଲାମ ସମାପ୍ତ ହେଲାପରେ ଅସଫଳ ନିଲାମଧାରୀ ସଙ୍ଗେ ସଙ୍ଗେ ଅମାନତ ରାଶି ଫେରସ୍ତ ପାଇପାରିବେ ।
୮.କୌଣସି କାରଣ ନଦର୍ଶାଇ ଯେକୌଣସି ସମୟରେ ନିଲାମକୁ ବନ୍ଦ କରିବାର ଆଇନଗତ ଅଧିକାର ବ୍ୟାଙ୍କର ରହିଛି, ଏହି ପରିପ୍ରେକ୍ଷୀରେ ଅମାନତ ରାଶି ଜମା କରିଥିବା ବ୍ୟକ୍ତିଙ୍କୁ ଅମାନତ ରାଶି ଫେରସ୍ତ କରାଯିବ ।

ବି.ଦ୍ର: ସବିଶେଷ ବିବରଣୀ ନିମନ୍ତେ ଆଞ୍ଚଳିକ କାର୍ଯ୍ୟାଳୟ କୋ-ଅର୍ଡିନେଟର, ମୋ: ୭୮୭୩୦୧୬୮୨୧ଙ୍କ ସହ ଯୋଗାଯୋଗ କରନ୍ତୁ।

ସ୍ଥାନ: ଭୁବନେଶ୍ୱର
ତାରିଖ: ୧୦.୦୯.୨୦୨୫
କ୍ଷମତାପ୍ରାପ୍ତ ଅଧିକାରୀ
ୟୁକୋ ବ୍ୟାଙ୍କ

# ଆନ୍ତଃ ଜିଲା ବାଇକ୍ ଚୋରି ଗ୍ୟାଙ୍ଗର ପର୍ଦ୍ଦାଫାଶ

**ଖୁଣ୍ଟୁଣୀ,୧୦।୯(ସଚ୍ଚିଦାନନ୍ଦ ପଣ୍ଡା)**

କଟକ ଜିଲା ଖୁଣ୍ଟୁଣୀ ପୋଲିସ ଏକ ଆନ୍ତଃ ଜିଲା ବାଇକ୍ ଚୋର ଗ୍ୟାଙ୍ଗର ପର୍ଦ୍ଦାଫାଶ କରିଛି। ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତଙ୍କ ସହ ୪ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ କଟକ ଜିଲା ବାରଙ୍ଗ ଥାନା ବିଦ୍ୟାଧରପୁର ଗ୍ରାମର ମୁଖ୍ୟ ଅଭିଯୁକ୍ତ ରାଜା ଓରଫ ଲୁଲୁ ମହନ୍ତ, ଖୁଣ୍ଟୁଣୀ ଥାନା ଡାଲୁଆ ଗ୍ରାମର ମନ ଓରଫ ମନୋଜ ଦେହୁରୀ, ଖୁଣ୍ଟୁଣୀ ଥାନା ମାଣିତ୍ରୀ ଗ୍ରାମର ବିଜୁ ଦେହୁରୀ, ଗୁରୁଡ଼ିଝାଟିଆ ଥାନା କୁଷ୍ପଙ୍ଗି ଗ୍ରାମର ସତ୍ୟନାରାୟଣ ବେହେରା। ସମସ୍ତଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଥିବା ଅପରାହ୍ନରେ ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଚୌଦ୍ୱାର ଏସ୍‌ଡିପିଓ ଉମାକାନ୍ତ ନାୟକ



ଗିରଫ ଅଭିଯୁକ୍ତ ଓ ଜବତ ଚୋରି ବାଇକ୍।

ଓ ଖୁଣ୍ଟୁଣୀ ଥାନା ଆଇଆଇସି ରଞ୍ଜନ କୁମାର ପ୍ରଧାନ ସୂଚନା ଦେଇଛନ୍ତି। ଉପରୋକ୍ତ ଅଭିଯୁକ୍ତମାନେ ଜିଲାର ବିଭିନ୍ନ ସ୍ଥାନରୁ ବାଇକ୍ ଚୋରି କରି ଆଣି ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ଡାଲୁଆ ଓ କୁଷ୍ପଙ୍ଗିଠାରେ ରଖିଥିଲେ। ଗତ ୭ ତାରିଖରେ ଖୁଣ୍ଟୁଣୀ ଥାନା ସାବିତ୍ରୀପୁର ଗ୍ରାମର କାଳନ୍ଦୀ ବେହେରାଙ୍କ ଏକ ବାଇକ୍ ଚୋରି ହୋଇଥିବା ଖୁଣ୍ଟୁଣୀ ଥାନାରେ ସେ ଅଭିଯୋଗ କରିଥିଲେ। ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ପ୍ରିୟଦର୍ଶନ ସେଠୀ ଓ ଆଇଆଇସି ରଞ୍ଜନ

**■ ମୁଖ୍ୟ ଅଭିଯୁକ୍ତଙ୍କ ସହ ୪ ଗିରଫ**

**■ ବିଭିନ୍ନ ସ୍ଥାନରୁ ଚୋରି ୧୩ ବାଇକ୍ ଜବତ**

କୁମାର ପ୍ରଧାନ ଘଟଣାର ତଦନ୍ତ କରି ଡ଼ାଲୁଆ ଗ୍ରାମର ମନୋଜଙ୍କଠାରୁ ବାଇକ୍ ଜବତ କରିଥିଲା। ପରେ ମନୋଜଙ୍କ ବୟାନକୁ ଭିତ୍ତିକରି ପୋଲିସ ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ଲୁଲୁଙ୍କୁ ପଚରାଉଚରା କରିଥିଲା। ସେମାନେ ବାଇକ୍ ଚୋରି କରି ଖୁଣ୍ଟୁଣୀ ଷ୍ଟେଶନ ରୋଡ ବିଜୁ ଦେହୁରୀଙ୍କ ବାଇକ୍ ଦୋକାନରେ ନମ୍ବର ପ୍ଲେଟ ଆଦି ଅଦଳବଦଳ କରି ଏହାକୁ ବିଭିନ୍ନ ସ୍ଥାନରେ ବିକ୍ରି କରୁଥିଲେ। ଏହି ଡକାୟତ ଗ୍ୟାଙ୍ଗକୁ ଧରିବା ପାଇଁ ଚୌଦ୍ୱାର ଏସ୍‌ଡିପିଓ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଓ ଆଇଆଇସି ପ୍ରଧାନଙ୍କ ନେତୃତ୍ୱରେ ଏସ୍‌ଆଇ ପ୍ରିୟଦର୍ଶନ ସେଠୀ, ଏସ୍‌ଆଇ ପ୍ରୀତି ରାୟ ଓ ୨ କନଷ୍ଟେବଲଙ୍କ ସହିତ ଏକ ଟିମ୍ ଗଠିତ ହୋଇଥିଲା। ଉପରୋକ୍ତ ଅଭିଯୁକ୍ତମାନଙ୍କ ବୟାନକୁ ଭିତ୍ତିକରି ବିଭିନ୍ନ ସ୍ଥାନରୁ ଅନ୍ୟ ୨ ଅଭିଯୁକ୍ତଙ୍କୁ ଗିରଫ କରି ସେମାନଙ୍କଠାରୁ ୧୩ଟି ବାଇକ୍ ପୋଲିସ୍ ଜବତ କରିଥିଲା। ଏହି ଘଟଣାରେ ଆହୁରି ଅନେକଙ୍କ ସମ୍ପୃକ୍ତି ଥିବା ଓ ଅଧିକ ଚୋରା ବାଇକ୍ ଜବତ ହେବା ସମ୍ଭାବନା ଥିବାରୁ ପୋଲିସ ଅଧିକ କିଛି କହିବାକୁ ମନା କରିଥିଲା। ଏ ନେଇ ଖୁଣ୍ଟୁଣୀ ଥାନାରେ ଏକ ମାମଲା (ନଂ.୧୮୪/୨୫) ରୁଜୁ ହୋଇଥିବା ତଦନ୍ତକାରୀ ଅଧିକାରୀ ସେଠୀ ସୂଚନା ଦେଇଛନ୍ତି।

# ସାର କଳାବଜାର: କିର୍ମିରା ପାକ୍ସ ସମ୍ପାଦକ ଗିରଫ



ଗିରଫ ଅଭିଯୁକ୍ତ ଓ ଜବତ ସାର।

**ଝାରସୁଗୁଡ଼ା, ୧୦।୯(ଆଶିଷ ରଞ୍ଜନ ଦାଶ)**

ସାର ଅଭାବ ଯୋଗୁ ରାଜ୍ୟର ବିଭିନ୍ନ ସ୍ଥାନରେ ଚାଷୀମାନେ ଧାରଣା ସହ ରାସ୍ତାରୋକା କରୁଛନ୍ତି। ହେଲେ ସାର କଳାବଜାର ବଢ଼ିବାରେ ଲାଗିଛି। ସାର କଳାବଜାର ଅଭିଯୋଗରେ ଝାରସୁଗୁଡ଼ା ଜିଲା କିର୍ମିରା ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ) ସମ୍ପାଦକ ବୁଦ୍ଧଦେବ ସାହୁଙ୍କୁ ଲଇକେରା ପୋଲିସ ଗିରଫ କରିଛି। ମଙ୍ଗଳବାର ରାତିରେ ଉକ୍ତ ସମିତିରୁ ସାର କଳାବଜାର କରାଯିବା ସହ ୨୬ ବସ୍ତା ସାର ଏକ ପିକ୍‌ଅପ୍ ଭ୍ୟାନ୍‌ରେ ଲୋଡିଂ କରାଯାଇଥିଲା। ଖବରପାଇ ଗ୍ରାମବାସୀ ସେଠାରେ ପହଞ୍ଚି ଉକ୍ତ ଗାଡ଼ି ଜବତ କରିଥିଲେ। ଜିଲା କୃଷି ଅଧିକାରୀ ପ୍ରଦୀପ ନନ୍ଦ, ଲଇକେରା ତହସିଲଦାର ସଞ୍ଜୀବ କୁଲୁ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ୍ କରିଥିଲେ। ଏହି ସାର କଳାବଜାରରେ ପାକ୍ସ ସମ୍ପାଦକ ବୁଦ୍ଧଦେବଙ୍କ ସମ୍ପୃକ୍ତି ଥିବା ଜଣାପଡ଼ିବା ପରେ ତହସିଲଦାରଙ୍କ ଉପସ୍ଥିତିରେ ତାଙ୍କ ବିରୋଧରେ ଲଇକେରା ଥାନାରେ ଏତଲା ଦିଆଯାଇଥିଲା। ଏନେଇ ପୋଲିସ ଏକ ମାମଲା(ନଂ.୩୦୩/୨୫) ରୁଜୁ କରିବା ସହ ବୁଦ୍ଧଦେବଙ୍କୁ ଗିରଫ କରିଥିଲା।

# ନାବାଳିକା ଅପହରଣ ବେଳେ ଅଭିଯୁକ୍ତଙ୍କୁ ଗୋଡ଼ାଇ ଧରିଲେ ଲୋକେ

**ଭଞ୍ଜନଗର,୧୦।୯(ବାବୁଲା ପ୍ରଧାନ)**

ଗଞ୍ଜାମ ଜିଲା ତାରସିଂ ଥାନା ଅନ୍ତର୍ଗତ ନୂଆଁପଲ୍ଲୀ ଅଞ୍ଚଳରୁ ମଙ୍ଗଳବାର ଜଣେ ନାବାଳିକା (୧୦)ଙ୍କୁ ରାଇକିଆ ଥାନା ଅନ୍ତର୍ଗତ ସୁବଲାବାଡି ଗ୍ରାମର ଜଣେ ବ୍ୟକ୍ତି (୫୫) ନିଜ ସ୍କୁଟିରେ ଅପହରଣ କରି ନେଉଥିଲେ। ନାବାଳିକା ଜଣଙ୍କ କାନ୍ଦୁଥିବା ଦେଖି ଗାଲେରିଠାରେ ଅଞ୍ଚଳବାସୀ ଅଭିଯୁକ୍ତଙ୍କୁ ସନ୍ଦେହ କରି ଗୋଡ଼ାଇ ଗୋଡ଼ାଇ ଧରିଥିଲେ। ପରେ ଲୋକେ ତାରସିଂ ପୋଲିସକୁ ଡାକି ଅଭିଯୁକ୍ତଙ୍କୁ ହସ୍ତାନ୍ତର କରିଥିଲେ। ପୋଲିସ ତଦନ୍ତ ପରେ ଅଭିଯୁକ୍ତ ଜଣକ ବେଆଇନ କାର୍ଯ୍ୟରେ ଜଡ଼ିତ ଥିବା ଜଣାପଡିଥିଲା। ସେ ସମ୍ପୃକ୍ତା ନାବାଳିକାଙ୍କୁ ଯୌନ ନିର୍ଯାତନା ଦେବା କିମ୍ବା ଅନ୍ୟତ୍ର ଚାଲାଣ ପାଇଁ ଯୋଜନା କରିଥିବା ସନ୍ଦେହ କରାଯାଉଛି। ପୋଲିସ ନାବାଳିକାଙ୍କ ମା'ଙ୍କ ଏତଲାକୁ ଭିତ୍ତିକରି ଅଭିଯୁକ୍ତଙ୍କୁ ବୁଧବାର ଗିରଫ କରି କୋର୍ଟ ଚାଲାଣ କରିଛି।

ଖବରରୁ ଜଣାପଡିଛି, ନୂଆଁପଲ୍ଲୀର ୩ ଭଉଣୀଭାଇ ମଙ୍ଗଳବାର ଗ୍ରାମ ରାସ୍ତାରେ ଖେଳୁଥିଲେ। ସେମାନଙ୍କ ମା' ଜମିକୁ କାମ କରିବାକୁ ଯାଇଥିଲେ। ଏହି ସମୟରେ ଅଭିଯୁକ୍ତ ଜଣଙ୍କ ଏକ ସ୍କୁଟିରେ ଗ୍ରାମରେ ପହଞ୍ଚି ଖେଳୁଥିବା ୩ ଭଉଣୀଭାଇଙ୍କ ମଧ୍ୟରୁ ବଡ଼ଭଉଣୀକୁ ଅପହରଣ କରିନେଇଥିଲେ। ନାବାଳିକାଙ୍କ ମା' ଜମିରୁ ଫେରି ଘରେ ବଡଝିଅ ନ ଥିବା ଦେଖି ସାନଝିଅ ଓ ପୁଅଙ୍କୁ ପଚାରିଥିଲେ। କିଏ ଜଣେ ଆସି ଗାଡିରେ ବଡ ଭଉଣୀକୁ ଗାଲେରି ରାସ୍ତାରେ ନେଇଯାଇଥିବା ସେମାନେ କହିଥିଲେ। ପରେ ନାବାଳିକାଙ୍କ ମା' ଗାଲେରି ଆଡ଼େ ଝିଅକୁ ଖୋଜିବାକୁ ଆସିଥିବା ବେଳେ ଲୋକେ ତାଙ୍କ ଝିଅକୁ ଉଦ୍ଧାର କରିଥିବା ଜାଣିବାକୁ ପାଇଥିଲେ। ପୋଲିସ ଉପସ୍ଥିତିରେ ମା' ଝିଅଙ୍କୁ ଫେରି ପାଇଛନ୍ତି। ଏନେଇ ନଂ. ୩୩୮/୨୫ରେ ଏକ ମାମଲା ରୁଜୁ କରି ପୋଲିସ ଘଟଣାର ଅଧିକ ତଦନ୍ତ ଜାରି ରଖିଛି। ସୂଚନାଯୋଗ୍ୟ, ଏହି ତିନି ଭଉଣୀଭାଇଙ୍କ ବାପା ବେଙ୍ଗାଲୁରୁରେ କାମ କରନ୍ତି।

# ପେନ୍‌ସନ କରାଇଦେବାକୁ ୩୦ ହଜାର ନେଉଥିଲେ

**ଭିଜିଲାନ୍ସ ଜାଲରେ ବନ ବିଦ୍ୟାଳୟ କିରାଣି**

**ଚମ୍ପୁଆ/କେନ୍ଦୁଝର,୧୦।୯(ମହେଶ୍ୱର ଦାସ/ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ୍ ମୁଖ୍ୟାଳୟରେ ଥିବା ନିକଲସନ ଫରେଷ୍ଟ ଟ୍ରେନିଂ ସ୍କୁଲ(ବନ ବିଦ୍ୟାଳୟ)ର ଜଣେ କନିଷ୍ଠ କିରାଣି ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। କିରାଣି ରୂପଚାନ୍ଦ ନାଏକ ଜଣେ ଅବସରପ୍ରାପ୍ତ ପିଅନଙ୍କ ପେନ୍‌ସନ ପେପର ଓ ଅନ୍ୟାନ୍ୟ କାମ କରାଇଦେବାକୁ ଲାଞ୍ଚ ନେଉଥିଲେ। କିରାଣି ନାଏକ ଫରେଷ୍ଟ ଟ୍ରେନିଂ ସ୍କୁଲରେ ୨୦୨୪ ମସିହାରୁ କାର୍ଯ୍ୟ କରି ଆସୁଛନ୍ତି।

ପ୍ରକାଶ ଯେ, ୩୧ ଜୁଲାଇ ୨୦୨୪ରେ ଜଣେ ପିଅନ ସ୍ୱେଚ୍ଛାକୃତ ଭାବେ ଅବସର ନେଇଥିଲେ। ସେ ତାଙ୍କ ସର୍ଭିସ୍ ବୁକ୍, ପେନ୍‌ସନ୍ ପେପର ଆଦି କରିବାକୁ ବନ ବିଦ୍ୟାଳୟକୁ ଆସୁଥିଲେ।







ନିକଲସନ ବନ ବିଦ୍ୟାଳୟ ଓ କିରାଣି ରୂପଚାନ୍ଦ ନାଏକ।

ମାତ୍ର ବରିଷ୍ଠ କିରାଣି ରୂପଚାନ୍ଦ ନାଏକ ତାଙ୍କର ଏଚ୍‌ଆର୍‌ଏମ୍‌ଏସ୍‌ରେ ସର୍ଭିସ୍ ବହି ଏବଂ ଅନ୍ୟାନ୍ୟ କାଗଜପତ୍ର ଅପ୍‌ଲୋଡ୍ କରିବା ପାଇଁ ୩୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ମାତ୍ର ସେ ଟଙ୍କା ଦେବାକୁ ଅକ୍ଷମତା ପ୍ରକାଶ କରିଥିଲେ। ତେଣୁ ବାରମ୍ବାର ହଇରାଣ କରୁଥିଲେ। ଶେଷରେ ସେ ଭିଜିଲାନ୍ସ ବିଭାଗ ନିକଟରେ ଅଭିଯୋଗ କରିଥିଲେ। ବୁଧବାର ପୂର୍ବ ଯୋଜନା ଅନୁଯାୟୀ ଉକ୍ତ ଲାଞ୍ଚ ଟଙ୍କା ପ୍ରଦାନ ସମୟରେ ଭିଜିଲାନ୍ସ ଟିମ୍ ମାଡ଼ି ବସିଥିଲା। ପରେ ଭିଜିଲାନ୍ସ ଟିମ୍ ଏକକାଳୀନ ତାଙ୍କ କାର୍ଯ୍ୟାଳୟ ଓ ସରକାରୀ ବାସଭବନରେ ମଧ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ କେନ୍ଦୁଝର ଭିଜିଲାନ୍ସ ଡିଏସ୍‌ପି ସୁଧାଂଶୁ ଶେଖର ପୂଜାରୀ, ଇନ୍ସପେକ୍ଟର ଉଲପି ବେହେରା, ସବ୍‌ଇନ୍ସପେକ୍ଟର ସୁଶାନ୍ତ କୁମାର ସେଠୀ, ଷ୍ଟେନୋ ଧ୍ରୁବେନ୍ଦ୍ର କୁମାର ପାତ୍ର, କନଷ୍ଟେବଲ ସର୍ବେଶ୍ୱର ସାହୁ, ମଳୟ କୁମାର ବାରିକ ଏବଂ ବାଲେଶ୍ୱର ଭିଜିଲାନ୍ସ ଡିଭିଜନର କର୍ମଚାରୀମାନେ ସାମିଲ ଥିଲେ। ଏ ନେଇ ତାଙ୍କ ନାଁରେ ଏକ ମାମଲା(ନଂ. ୯/୨୫)ରୁଜୁ କରାଯାଇ କୋର୍ଟଚାଲାଣ କରାଯିବ ବୋଲି ଡିଏସ୍‌ପି ପୂଜାରୀ ସୂଚନା ଦେଇଛନ୍ତି।

# ଦିବ୍ୟାଙ୍ଗ ଯୁବତୀଙ୍କୁ ବଳାତ୍କାର ଅଭିଯୋଗ

**ଛେଣ୍ଡିପଦା,୧୦।୯ (ଅଜିତ ଧଳ)**

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ଅଞ୍ଚଳର ଜଣେ ବୃଦ୍ଧ ଜନୈକା ମୂକ, ବଧିର ଯୁବତୀଙ୍କୁ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଯୁବତୀ ଜଣକ ଏବେ ୮ ମାସର ଗର୍ଭବତୀ ଅଛନ୍ତି। ଅଭିଯୋଗ ଅନୁଯାୟୀ, ନାକିଚିଦେଉଳ ଥାନା ଅଞ୍ଚଳର ସମ୍ପୃକ୍ତା ଯୁବତୀ ଛେଣ୍ଡିପଦା ଥାନା ଅଞ୍ଚଳର ସମ୍ପର୍କୀୟଙ୍କ ଘରେ ୫ବର୍ଷ ହେବ ରହୁଛନ୍ତି। ସେ ଜଙ୍ଗଲକୁ ଛେଳି ଚରାଇବାକୁ ଯାଇଥିବାବେଳେ ଅଭିଯୁକ୍ତ ବୃଦ୍ଧ ଜଣଙ୍କ ତାଙ୍କୁ ବଳାତ୍କାର କରିଥିଲେ। ମୂକ, ବଧିର ହୋଇଥିବାରୁ ଯୁବତୀ ଜଣଙ୍କ ଘଟଣା ସମ୍ପର୍କରେ କାହାକୁ ଜଣାଇପାରି ନ ଥିଲେ। ହେଲେ ସେ ୮ ମାସର ଗର୍ଭବତୀ ହେବା ପରେ ସମ୍ପର୍କୀୟମାନଙ୍କ ନଜରକୁ ଘଟଣା ଆସିଥିଲା। ଏହାପରେ ଯୁବତୀଙ୍କ ମା' ଛେଣ୍ଡିପଦା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ନଂ. ୪୪୫/୨୫ରେ ମାମାଲା ରୁଜୁ କରିବା ସହ ଯୁବତୀଙ୍କ ଭାଷା ବୁଝି ପାରୁଥିବା ଏକ୍ସପର୍ଟଙ୍କ ଦ୍ୱାରା ବୟାନ ରେକର୍ଡ କରିଛି। ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତ କରାଯାଉଛି। ଅଭିଯୁକ୍ତଙ୍କୁ ଅଟକ ରଖି ପଚରାଉଚରା କରାଯାଉଥିବା ପୋଲିସ ସୂଚନା ଦେଇଛି।

## BUSINESS

# ଲକ୍ଷ୍ୟଠାରୁ ୨୪.୩୬% ଅଧିକ ଟଙ୍କା ହାସଲ କରିଛନ୍ତି ବ୍ୟାଙ୍କ

**୧୮୦ତମ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ ସମିତି ବୈଠକ**

**ଭୁବନେଶ୍ୱର,୧୦।୯(ଅନୁରାଧା ମହାରଣା)**





୧୮୦ତମ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ ସମିତି ବୈଠକ ଭୁବନେଶ୍ୱରସ୍ଥିତ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ୟୁକୋ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଏସ୍‌ଏଲ୍‌ବିସି ଓଡ଼ିଶାର ଅଧକ୍ଷ ଅଶ୍ୱିନୀ କୁମାର ସୂଚନା ଦେଇ କହିଛନ୍ତି , ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଏସିପି ଅଧୀନରେ ବାର୍ଷିକ ଲକ୍ଷ୍ୟ ୨,୫୨,୦୯୫.୬୬ କୋଟି ଟଙ୍କା ରଖାଯାଇଥିବାବେଳେ ସମସ୍ତ ବ୍ୟାଙ୍କଗୁଡିକ ୨୦୨୫ ଜୁନ୍ ଶେଷ ସୁଦ୍ଧା ୬୧,୪୧୨.୭୬ କୋଟି ଟଙ୍କା ହାସଲ କରିଛନ୍ତି। ଏହା ଲକ୍ଷ୍ୟର ୨୪.୩୬ ପ୍ରତିଶତ । ରାଜ୍ୟର ବ୍ୟାଙ୍କଗୁଡିକ କୃଷି କ୍ଷେତ୍ରରେ ୨୦.୯୩% ଏବଂ ଏମ୍‌ଏସ୍‌ଏମ୍‌ଇ ଲକ୍ଷ୍ୟ ଅନୁଯାୟୀ ୩୦.୪୧% ହାସଲ କରିଛନ୍ତି। ରାଜ୍ୟର ଆର୍ଥିକ ଅଭିବୃଦ୍ଧି ଅଭିବୃଦ୍ଧି ପାଇଁ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଏସିପି ସଫଳତା ଓ ରାଜ୍ୟର ଜିଏସ୍‌ଡିପି ଅନୁପାତକୁ ଋଣ ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ। ଅର୍ଥ ବିଭାଗର ପ୍ରମୁଖ ସଚିବ ସଞ୍ଜୀବ କୁମାର ମିଶ୍ର ବ୍ୟାଙ୍କଗୁଡିକୁ ଜିଏସ୍‌ଡିପି ଅନୁପାତରେ ବୃଦ୍ଧି ହୋଇଥିବା ଋଣ, ଶିକ୍ଷା ଋଣ ଅଧିନରେ ସବ୍‌ଭେନ୍‌ସନ ଯୋଜନା ସମ୍ପର୍କରେ ସୂଚନା ଦେଇଛନ୍ତି। ଆର୍‌ବିଆଇର କ୍ଷେତ୍ରୀୟ ନିର୍ଦ୍ଦେଶକ ଡ. ସାରଦା ପ୍ରସନ୍ନ ମହାନ୍ତି ଏଫ୍‌ଆଇ ସାଚୁରେଶନ କ୍ୟାମ୍ପରେ ରି-କେୱାଇସି କରିବାରେ ଓଡ଼ିଶା ଦେଶରେ ପ୍ରଥମ ହୋଇଥିବା କହିଥିଲେ। କୃଷି ଏବଂ କୃଷକ ସଶକ୍ତୀକରଣ ପ୍ରମୁଖ ସଚିବ ଅରବିନ୍ଦ କୁମାର ପାଢ଼ୀ କୃଷି ଉଦ୍ୟୋଗୀଙ୍କ ପ୍ରୋତ୍ସାହନ, କୃଷି ଭିତ୍ତିଭୂମି ଓ ଏମ୍‌ଆଇଡିଏଚ୍ ଆଦି ଯୋଜନା ଉପରେ କହିଥିଲେ। ବାଣିଜ୍ୟ ଓ ପରିବହନ ବିଭାଗର ମୁଖ୍ୟ ଉଷା ପାଢ଼ୀ ସାମଗ୍ରିକ ବିକାଶ ଓ କଲ୍ୟାଣ ପାଇଁ ଉଦ୍ଦିଷ୍ଟ ପିଏମ୍ ସ୍ୱନିଧି, ଆମ ସୁବାହାକ ଯୋଜନାର ଶୁଭାରମ୍ଭ ବିଷୟରେ ସୂଚନା ଦେଇଥିଲେ। ମିଶନ ଶକ୍ତି ବିଭାଗର କମିଶନର ତଥା ସଚିବ ଶାଳିନୀ ପଣ୍ଡିତ ମହିଳା ଏସ୍‌ଏଚ୍‌ଜିଙ୍କୁ ଅଧିକ ଋଣ ପ୍ରଦାନ କରିବା, ଋଣ ଟିକେଟ ପରିମାଣ ବଢ଼ାଇବା ସମ୍ପର୍କରେ କହିଥିଲେ। ଏମ୍‌ଏସ୍‌ଏମ୍‌ଇ ବିଭାଗର କମିଶନର ତଥା ସଚିବ ପ୍ରଶାନ୍ତ କୁମାର ରେଡ୍ଡୀ ବିଭିନ୍ନ ଯୋଜନା ପାଇଁ ସଂଶୋଧିତ ମାନଦଣ୍ଡ ଅନୁଯାୟୀ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରକୁ ଆର୍ଥିକ ସହାୟତା ପ୍ରଦାନ କରିବା ଉପରେ ଧ୍ୟାନଦେବାକୁ କହିଥିଲେ। ୟୁକୋ ବ୍ୟାଙ୍କର ମୁଖ୍ୟ ମହାପ୍ରବନ୍ଧକ ଏବଂ ଏସ୍‌ଏଲ୍‌ବିସି ଓଡ଼ିଶାର ସଂଯୋଜକ ଗୌତମ ପାତ୍ର ୨୦୨୫ ଜୁନ୍‌ରେ ଶେଷ ହୋଇଥିବା ତ୍ରୈମାସିକ ପାଇଁ ସମସ୍ତ ବ୍ୟାଙ୍କର ଆଚିଭମେଣ୍ଟ ବିଷୟରେ ଆଲୋଚନା କରିଥିଲେ। ଏସ୍‌ବିଆଇ, ପିଏନ୍‌ବି, ୟୁବିଆଇ, ୟୁକୋ, ବିଓଆଇ ଏବଂ ବିଓବିର ପ୍ରତିନିଧି ଯୋଗଦେଇଥିଲେ। ଶେଷରେ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟିର ଓଡ଼ିଶା ପ୍ରଭାରୀ ଲିଙ୍ଗରାଜ ନାୟକ ଧନ୍ୟବାଦ ଦେଇଥିଲେ।

# ଥମୁନି ସୁନା ଦର ବୃଦ୍ଧି

**ଭୁବନେଶ୍ୱର,୧୦।୯**

ପାର୍ବଣ ଋତୁ ଓ ବିବାହ ଋତୁରେ ଅଳଙ୍କାର କିଣିବାକୁ ଗ୍ରାହକ ପସନ୍ଦ କରୁଥିବାବେଳେ ନିୟମିତ ଭାବେ ସୁନା ଦର ବଢ଼ିଚାଲିଛି। ମଙ୍ଗଳବାର ୨୨ କ୍ୟାରେଟ ସୁନା ଦାମ ୧ ଲକ୍ଷ ଟଙ୍କା ଅତିକ୍ରମ କରିଥିବା ବେଳେ ବୁଧବାର ପୁଣି ଦର ବଢ଼ିଛି ଯାହାକି ଗ୍ରାହକଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ୨୪ କ୍ୟାରେଟ୍ ୧୦ ଗ୍ରାମ ସୁନା ଦାମ ୧,୧୦,୫୦୯ ଟଙ୍କାରେ ପହଞ୍ଚିଛି। ମଙ୍ଗଳବାର ଏହା ୧,୧୦,୨୯୦ ଟଙ୍କା ଥିଲା । ଏଥିରେ ୨୧୯ ଟଙ୍କା ବୃଦ୍ଧି ହୋଇଛି । ସେହିପରି ୨୨ କ୍ୟାରେଟ୍ ୧୦ ଗ୍ରାମ ସୁନା ଦର ୧,୦୧,୩୦୦ ଟଙ୍କା ରହିଛି । ମଙ୍ଗଳବାର ୧,୦୧,୧୦୦ ଟଙ୍କା ଥିଲା । ଏଥିରେ ୨୦୦ ଟଙ୍କା ବୃଦ୍ଧି ହୋଇଛି। ୧୮ କ୍ୟାରେଟ୍ ୧୦ ଗ୍ରାମ ସୁନା ଦର ୮୨,୭୨୦ ଟଙ୍କାରୁ ୧୬୦ ଟଙ୍କା ବଢ଼ି ୮୨,୮୮୦ ଟଙ୍କା ରହିଛି । ତେବେ ରୁପା ଦରରେ ୨ଦିନ କୌଣସି ପରିବର୍ତ୍ତନ ହୋଇ ନାହିଁ । ୧୦୦ ଗ୍ରାମ ରୁପା ଦାମ୍ ୧୪,୦୦୦ ଟଙ୍କା ରହିଛି ।

# ଗ୍ରାମୀଣ ଅର୍ଥନୀତିକୁ ଶକ୍ତିଶାଳୀ କରିବ ପରିବର୍ତ୍ତିତ ଜିଏସ୍‌ଟି

**ଭୁବନେଶ୍ୱର,୧୦।୯**

ଜେସିବି ଇଣ୍ଡିଆ ଲିମିଟେଡ୍‌ର ସିଇଓ ତଥା ପରିଚାଳନା ନିର୍ଦ୍ଦେଶକ ଦୀପକ ସେଟ୍ଟୀ, ପରିବର୍ତ୍ତିତ ଜିଏସ୍‌ଟି ଉପରେ ନିଜର ମତ ଦେଇଛନ୍ତି। ପାର୍ବଣ ଋତୁ ପୂର୍ବରୁ ଟ୍ରାକ୍ଟର, କୃଷି ଯନ୍ତ୍ରପାତି ଏବଂ ଜଳସେଚନ ବ୍ୟବସ୍ଥା ଭଳି କୃଷି ଉପକରଣ ଉପରେ କମ୍ ଜିଏସ୍‌ଟି ଖର୍ଚ୍ଚ ହ୍ରାସକରି ଗ୍ରାମୀଣ ଗ୍ରାହକଙ୍କୁ ଉପକୃତ କରିବ ଏବଂ ଗ୍ରାମୀଣ ଅର୍ଥନୀତିକୁ ଶକ୍ତିଶାଳୀ କରିବ ବୋଲି ସେ କହିଛନ୍ତି। ଏହି ସଂସ୍କାରଗୁଡ଼ିକ ଗ୍ରାମୀଣ ଅର୍ଥନୀତିରେ ଭିତ୍ତିଭୂମି ବିକାଶ ଏବଂ ଅଭିବୃଦ୍ଧି ଉପରେ ଭାରତ ସରକାରଙ୍କ ଗୁରୁତ୍ୱ ସହ ସମନ୍ୱିତ। ଉଭୟ କ୍ଷେତ୍ରରେ ଜେସିବି ମେଶିନର ବହୁ ଅବଦାନ ରହିଛି।

# ବାରିପଦାରେ ହାଇଟେକ୍‌ର ୩ ଦିନିଆ ସ୍ୱାସ୍ଥ୍ୟ ଶିବିର






**ଭୁବନେଶ୍ୱର,୯।୯(ଅନୁରାଧା ମହାରଣା)**

ମୟୂରଭଞ୍ଜ ଜିଲା ବାରିପଦାଠାରେ ଭାରତୀୟ ସେନା ବାଲେଶ୍ୱର ମୁଖ୍ୟାଳୟ ଓ ଜିଲା ପ୍ରଶାସନ ବାରିପଦା ସହଯୋଗରେ ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲ ପକ୍ଷରୁ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ଚିକିତ୍ସା ଓ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। କନ୍‌ଭେଣ୍ଟ ରୋଡ୍, ଷ୍ଟେଶନ ବଜାର ଆଶୀର୍ବାଦ ଛକ ନିକଟସ୍ଥ ବିବାହ ମଣ୍ଡପଠାରେ ୩ ଦିନ ଧରି ଆୟୋଜିତ ହୋଇଛି। ଏହି ଶିବିରରେ ବିଭିନ୍ନ ବିଭାଗର ସୁଦକ୍ଷ ଚିକିତ୍ସକଙ୍କ ଦ୍ୱାରା ସ୍ୱାସ୍ଥ୍ୟସେବା ସହ ସ୍ୱତନ୍ତ୍ର ଭାବେ ଚକ୍ଷୁ ଓ ଦନ୍ତ ପରୀକ୍ଷା ନିମନ୍ତେ ମୋବାଇଲ ଭ୍ୟାନ୍‌ର ବ୍ୟବସ୍ଥା କରାଯାଇଥିଲା। ଶିବିରକୁ ମୁଖ୍ୟ ଅତିଥି ମୟୂରଭଞ୍ଜର ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ମହାରାଣୀ ରଶ୍ମୀ ରାଜଲକ୍ଷ୍ମୀ ଭଞ୍ଜଦେଓ ଏବଂ ହାଇଟେକ୍ ଗ୍ରୁପ୍‌ର ସିଇଓ ତଥା ମ୍ୟାନେଜିଂ ଟ୍ରଷ୍ଟି ସୁରେଶ କୁମାର ପାଣିଗ୍ରାହୀ ଉଦ୍‌ଘାଟନ କରିଥିବା ବେଳେ ଗୃହ ନିର୍ମାଣ ଓ ସହରାଞ୍ଚଳ ବିକାଶ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଶିବିର ପରିଦର୍ଶନ କରିଥିଲେ। ଏହି ଶିବିରରେ ୫୫୦୦ରୁ ଊର୍ଦ୍ଧ୍ୱ ଲୋକ ନିଜର ଚିକିତ୍ସା କରାଇଛନ୍ତି। ସ୍ୱତନ୍ତ୍ର ଅତିଥି ଲ୍ୟୁଟ୍‌ନାଣ୍ଟ ଜେନେରାଲ ପି.ଏସ୍. ଶେଖାୱତଙ୍କ ସମେତ ବିଭିନ୍ନ ପଦାଧିକାରୀ ଉପସ୍ଥିତ ଥିଲାବେଳେ ଶତାଧିକ ସେନା ଅଧିକାରୀ ଓ ସେମାନଙ୍କ ପରିବାରରେ ସ୍ୱାସ୍ଥ୍ୟ ଚିକିତ୍ସା କରାଇଥିଲେ। ପରବର୍ତ୍ତୀ ସମୟରେ ଆଶାୟୀ ରୋଗୀମାନଙ୍କର ହାଇଟେକ୍ ମେଡିକାଲରେ ନିଃଶୁଳ୍କ ସ୍ୱାସ୍ଥ୍ୟ ଚିକିତ୍ସା ସେବା ଯୋଗାଇଦେବେ ବୋଲି ପ୍ରତିଷ୍ଠାତା ଅଧକ୍ଷ ଡ. ତିରୁପତି ପାଣିଗ୍ରାହୀ ଓ ସିଇଓ ସୁରେଶ କୁମାର ପାଣିଗ୍ରାହୀ ପ୍ରତିଶ୍ରୁତି ଦେଇଛନ୍ତି।

# ବଜାରରେ ହିରୋ ଗ୍ଲାମର ଏକ୍ସ ୧୨୫



କଟକ କନିକା ଛକସ୍ଥିତ ସନି ମୋଟର୍ସ ପରିଚାଳନା ନିର୍ଦ୍ଦେଶକ ଉମରଜିତ ସିଂହ ଗ୍ଲାମର ଏକ୍ସ ୧୨୫ର ଉନ୍ମୋଚନ କରୁଛନ୍ତି।





ସୁପ୍ରିମ ହିରୋ ପକ୍ଷରୁ ଜୟପୁରରେ ନୂଆ ହିରୋ ଗ୍ଲାମର ଏକ୍ସ ୧୨୫ ବଜାର ପ୍ରବେଶ ଅବସରରେ ରାଇ ସିନେମାର କଳାକାରଙ୍କ ସହ ମାଲିକ ଅମନ ଖୁରାନା ଓ ପ୍ରହଲ୍ଲାଦ ପରିଡ଼ା ଉପସ୍ଥିତ ଥିଲେ।

**ଭୁବନେଶ୍ୱର,୯।୯**

ସ୍କୁଟର କମ୍ପାନୀ ହିରୋ ମୋଟରକର୍ପ ପକ୍ଷରୁ ନୂଆ ଗ୍ଲାମର ଏକ୍ସ ୧୨୫ ଉନ୍ମୋଚନ କରାଯାଇଛି। ଏହା ଭାରତରୁ ସବୁଠାରୁ ଅତ୍ୟାଧୁନିକ ୧୨୫ ସିସି ମୋଟରସାଇକେଲ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଆକର୍ଷଣୀୟ ଡିଜାଇନ, ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା, ଅତୁଳନୀୟ ପରଫରମାନ୍ସ ଏବଂ ସ୍ୱତନ୍ତ୍ର ବୈଶିଷ୍ଟ୍ୟ ସହ ପ୍ରସ୍ତୁତ ଏହି ବାଇକ୍ ଦୁଇଟି ଭାରିଆଣ୍ଟରେ ଉପଲବ୍ଧ ହେଉଛି। ଡ୍ରମର ମୂଲ୍ୟ ୮୯,୯୯୯ ଟଙ୍କା ରହିଥିବାବେଳେ ଡିସ୍କର ମୂଲ୍ୟ ୯୯,୯୯୯(ଏକ୍ସ ଶୋ' ରୁମ୍) ମୂଲ୍ୟ ରହିଛି। ଏହାର ସିଗ୍ନେଚର 'ଏଚ୍' ଫୁଲ୍ ଏଲ୍‌ଇଡି ଲାଇଟିଂ ପ୍ୟାକେଜ ମଧ୍ୟରେ ହାଇ ଡେନ୍‌ସିଟି ହେଡ୍ ଲ୍ୟାମ୍ପ, ଇଣ୍ଟିଗ୍ରେଟେଡ୍ ପୋଜିସନ ଲାଇଟ୍ସ ଓ ଷ୍ଟାଇଲିଶ ଏଲ୍‌ଇଡି ଟେଲ୍ ଲ୍ୟାମ୍ପ ରହିଛି। ଏହା ସହ ବ୍ଲୁ ଟୁଥ୍ କନେକ୍ଟିଭିଟି, ଟର୍ନ ବାଇ ଟର୍ନ ନେଭିଗେଶନ, ଡିଷ୍ଟାନ୍ସ ଟୁ ଏମ୍ପଟି ଗିୟର ପୋଜିସନ ଆଡଭାଇଜରି ଓ ଆମ୍ବିଏଣ୍ଟ ଲାଇଟ୍ ସେନ୍ସର ସହ ଆଡଭାନ୍ସଡ୍ ମଲ୍ଟି କଲର ଏଲ୍‌ସିଡି ଇନ୍‌ଷ୍ଟ୍ରୁମେଣ୍ଟ ଆଦି ବୈଶିଷ୍ଟ୍ୟ ରହିଛି। ଗ୍ଲାମର ଏକ୍ସରେ ଅତ୍ୟାଧୁନିକ ସ୍ମାର୍ଟ-ଇବିଟି ଇଞ୍ଜିନ୍ ରହିଛି। କମ୍ପାନୀ ଦାବି କରିଛି, ଏହା ବିଶ୍ୱର ପ୍ରଥମ ୧୨୫ ସିସି ମୋଟର ସାଇକେଲ ଯେଉଁଥିରେ ଲୋ ବ୍ୟାଟେରି କିକ୍ ଷ୍ଟାର୍ଟ ଅଛି। ଆକର୍ଷଣୀୟ ଲୁକ୍ ସହ ସମ୍ପୂର୍ଣ୍ଣ ନୂତନ ଟେକଟାଇଲ ସୁଇଚ୍ ଗିୟର ଅଛି। ଏଥିରେ ୪ଟି ସ୍ୱତନ୍ତ୍ର ବୈଶିଷ୍ଟ୍ୟ ମଧ୍ୟ ରହିଛି। ହାଇୱେରେ ଚଳାଇବା ପାଇଁ କ୍ରୁଜ୍ କଣ୍ଟ୍ରୋଲ ବ୍ୟବସ୍ଥା ରହିଥିବାବେଳେ ଭିନ୍ନ ଭିନ୍ନ ଧରଣର ରାସ୍ତା ଓ ପାଣିପାଗରେ ଚଳାଇବା ପାଇଁ ଇକୋ, ରୋଡ୍ ଏବଂ ପାୱାର ଭଳି ୩ଟି ମୋଡ୍ ରହିଛି।

# ବାଘାଯତୀନ୍ ଥିଲେ ସ୍ୱାଧୀନତା ସଂଗ୍ରାମର ପ୍ରମୁଖ କର୍ଣ୍ଣଧାର

## ଶହୀଦଙ୍କ ୧୧୦ତମ ସ୍ମୃତି ଦିବସ

ବାଲେଶ୍ୱର, ୧୦।୯ (ବାଞ୍ଛାନିଧି ଦେ)

ବାଲେଶ୍ୱରସ୍ଥିତ ବାରବାଟି ବାଳିକା ହାଇସ୍କୁଲ ପରିସରରେ ବାଘାଯତୀନ ଉନ୍ନୟନ କମିଟି ଆନୁକୂଲ୍ୟରେ ଶହୀଦ ବାଘାଯତୀନଙ୍କ ୧୧୦ତ ସ୍ମୃତି ଦିବସ ବୁଧବାର ପାଳିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ସୁଧାକର ନାୟକ ଏହି ଉତ୍ସବରେ ପୌରୋହିତ୍ୟ କରି ଶହୀଦଙ୍କ ଅମର ଗାଥା ସ୍ମୃତିଚାରଣ କରିଥିଲେ। ମୁଖ୍ୟଅତିଥି ସଦର ବିଧାୟକ ମାନସ କୁମାର ଦତ୍ତ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ଶହୀଦ ବାଘାଯତୀନଙ୍କ ଅଦମ୍ୟ ସାହସିକତା, ବଳିଷ୍ଠ ନେତୃତ୍ୱ ଏବଂ ବ୍ରିଟିଶ ଶାସନ ବିରୋଧରେ ସଂଗ୍ରାମ ଅବିସ୍ମରଣୀୟ। ତାଙ୍କର ବଳିଦାନ ଓ ଦେଶପ୍ରେମ ଇତିହାସରେ ବିରଳ। ସଶସ୍ତ୍ର ସ୍ୱାଧୀନତା ସଂଗ୍ରାମର ସେ ଜଣେ ପ୍ରମୁଖ କର୍ଣ୍ଣଧାର ଥିଲେ ବୋଲି ବକ୍ତବ୍ୟରେ କହିଥିଲେ।


ସ୍ମୃତିସଭାରେ ବିଧାୟକଙ୍କ ସହ ଅତିଥିଗଣ।

କମିଟିର କାର୍ଯ୍ୟକାରୀ ସଭାପତି ସୁଜିତ୍ କୁମାର ଦେବ ସ୍ୱାଗତ ବକ୍ତବ୍ୟ ଓ କମିଟିର ସମ୍ପାଦକ ହରେନ୍ ଚନ୍ଦ୍ର ରଣା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବାଲେଶ୍ୱର ଜାତୀୟ ରାଜପଥ ଡାକ ବଙ୍ଗଳାରେ 'ରକ୍ତତୀର୍ଥ' ଯାତ୍ରୀ ଦଳଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ସହରରେ ଥିବା ଉତ୍କଳମଣି ଗୋପବନ୍ଧୁ, ଫକୀର ମୋହନ ସେନାପତି, ବିଜୁ ପଟ୍ଟନାୟକ, ନେତାଜୀ ସୁବାଷ ଚନ୍ଦ୍ର ବୋଷ, ରାଜା ବୈକୁଣ୍ଠ ଦେବ, ମହାତ୍ମା ଗାନ୍ଧୀ ଓ ବାଘାଯତୀନ କ୍ଲବ ଠାରେ ଥିବା ବାଘାଯତୀନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଆୟୋଜିତ ରକ୍ତଦାନ ଶିବିରକୁ ବିଧାୟକ ଦତ୍ତ ଉଦ୍‌ଘାଟନ କରିଥିଲେ। ବାଘାଯତୀନ ହାଇସ୍କୁଲ, ଚଷାଖଣ୍ଡ ଦେଶୁଆ ପୋଖରୀସ୍ଥିତ 'ରକ୍ତ ତୀର୍ଥ', ଜିଲା କାରାଗାରରେ ଥିବା ଫାଶୀ ମଞ୍ଚ ଓ ସ୍ମୃତି ମଣ୍ଡପରେ ଶହୀଦମାନଙ୍କ ଉଦ୍ଦେଶ୍ୟରେ ମାଲ୍ୟାର୍ପଣ କରାଯାଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ମାନପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ।

# ମାଓବାଦୀଙ୍କ ଅସ୍ତ୍ରଶସ୍ତ୍ର ସାମଗ୍ରୀ ଜବତ

ମାଲକାନଗିରି, ୧୦।୯ (ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ ବିଜାପୁର ଜିଲାରେ ମାଓବାଦୀଙ୍କ ଦ୍ୱାରା ଲୁଚାଇ ରଖାଯାଇଥିବା ବିଭିନ୍ନ ଅସ୍ତ୍ରଶସ୍ତ୍ର ତିଆରି ସାମଗ୍ରୀ ସହ ଅନ୍ୟାନ୍ୟ ସରଞ୍ଜାମକୁ ଯବାନମାନେ ସର୍ଚ୍ଚ ସମୟରେ ବୁଧବାର ଜବତ କରିଛନ୍ତି। ସିଆରପିଏଫ ଯବାନମାନେ ବିଜାପୁର ଜିଲା ଏଲାରମାଡଗୁ ଜଙ୍ଗଲରେ କୋମ୍ବିଂ କରୁଥିବା ବେଳେ ଗୋଟିଏ ସ୍ଥାନରେ ଡମ୍ପ ଦେଖିବାକୁ ପାଇଥିଲେ। ଏହାକୁ ଖୋଳିବା ପରେ ସେଥିରୁ ୪୨ ଲୁହା ରଡ୍, ୭୧ କାଠରେ ତିଆରି ସ୍ପାଇକ୍ ସହ ପ୍ରିଣ୍ଟର୍, ଜେନେରେଟର ସହ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି।


ଯବାନଙ୍କ ଦ୍ୱାରା ଜବତ ହୋଇଥିବା ବିଭିନ୍ନ ମାଓବାଦୀ ସାମଗ୍ରୀ।

# ମଦ ପିଇ ନିଲମ୍ବନ ହେଲେ ପ୍ରଧାନଶିକ୍ଷକ

## ଶିମିଳିସାହି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

ନୂଆଗାଁ, ୧୦।୯ (ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଶିକ୍ଷା ବିଭାଗ ଅଧୀନ ଜାକେଡ଼ା ପଞ୍ଚାୟତ ଶିମିଳିସାହି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ମଦ ପିଇ କାର୍ଯ୍ୟରେ ଅବହେଳା କରିଥିବା କାରଣରୁ ବୁଧବାର ବିଇଓ ଚିଠି ନଂ. ୨୦୧୯/୦୧୦୯୨୫ରେ ନିଲମ୍ବନ ନିର୍ଦ୍ଦେଶ ଦେଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ବିଦ୍ୟାଳୟର ପ୍ରଧାନଶିକ୍ଷକ ଅର୍ଜ୍ଜୁନ ମଲ୍ଲିକ ନିଜ କାର୍ଯ୍ୟରେ ଅବହେଳା କରିବା ସହ ଅନେକ ସମୟରେ ବିଦ୍ୟାଳୟରେ ଅନୁପସ୍ଥିତ ରହୁଥିଲେ। ଏଥିସହ ବିଦ୍ୟାଳୟକୁ ପ୍ରତିଦିନ ନିଶା ସେବନ କରି ଆସୁଥିବା ନେଇ ଅଭିଯୋଗ ହେଉଥିଲା। ବୁଧବାର ପ୍ରଧାନଶିକ୍ଷକ ମଲ୍ଲିକ ମଦ୍ୟପାନ କରି ବିଦ୍ୟାଳୟକୁ ଆସିଥିଲେ। ଛାତ୍ରଛାତ୍ରୀମାନଙ୍କୁ ପାଠ ପଢ଼ାଇବା ବଦଳରେ ବିଦ୍ୟାଳୟ ଚଟାଣରେ ଶୋଇ ରହିଥିଲେ। ତାଙ୍କୁ ଉଠାଇବା ପାଇଁ ଚେଷ୍ଟା କରାଯାଇଥିଲେ ବି ସେ ଉଠି ନ ଥିଲେ। ଏ ନେଇ ଅଭିଯୋଗ ହେବା ପରେ ବିଦ୍ୟାଳୟରେ ନୂଆଗାଁ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜ୍ୟୋସ୍ନାରାଣୀ ସେଠୀ ଏବଂ ଜାକେଡ଼ା କ୍ଲଷ୍ଟରର ସିଆର୍‌ସିସି ପ୍ରସନ୍ନ କୁମାର ବେହେରା ପହଞ୍ଚି ଥିଲେ। ପ୍ରଧାନଶିକ୍ଷକ ଚଟାଣରେ ଶୋଇ ରହିଥିବା ଦେଖିବା ପରେ ତାଙ୍କୁ ଉଠାଇବା ପାଇଁ ଚେଷ୍ଟା କରାଯାଇଥିଲା। କିନ୍ତୁ ସେ ଉଠି ନ ଥିଲେ। ଏ ନେଇ ଏକ ରିପୋର୍ଟ ବ୍ଲକ ଶିକ୍ଷାଧିକାରୀଙ୍କୁ ପ୍ରଦାନ କରାଯିବାରେ ପରେ ପ୍ରଧାନଶିକ୍ଷକ ମଲ୍ଲିକଙ୍କୁ ନୂଆଗାଁ ବିଇଓ ଭକ୍ତ ବିନୋଦ ସଲ ନିଲମ୍ବନ କରିଥିବା ସୂଚନା ମିଳିଛି। ନିଲମ୍ବନ ପରେ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ସମ୍ପୃକ୍ତ ସ୍କୁଲର ବରିଷ୍ଠ ଶିକ୍ଷକ ପ୍ରଧାନ ଶିକ୍ଷକଙ୍କ କାର୍ଯ୍ୟ ତୁଲାଇବା ପାଇଁ ବ୍ଲକ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।


ନିଶାସକ୍ତ ଅବସ୍ଥାରେ ପ୍ରଧାନଶିକ୍ଷକ ସ୍କୁଲରେ ଶୋଇଛନ୍ତି।

# ଝିଅକୁ ଦେଖିବାକୁ ଆସୁଥିବା ବେଳେ ଦୁର୍ଘଟଣାରେ ବାପାଙ୍କ ମୃତ୍ୟୁ

କେନ୍ଦୁଝର, ୧୦।୯ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସଦର ଥାନା ବୁଲାଣି ନିକଟରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସଦର ଥାନା ଅନ୍ତର୍ଗତ ନୂଆଗାଁ ପଞ୍ଚାୟତ ନରସିଂହପୁର ଗ୍ରାମର ପ୍ରଭାଷ ମୁଣ୍ଡା(୩୧)। କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ପ୍ରଭାଷ ସ୍ତ୍ରୀ ମିନତୀ ଏକ ଶିଶୁକନ୍ୟା ଜନ୍ମ ଦେଇଥିଲେ। ପ୍ରଭାଷ ବାଇକ (ନଂ. ଓଡି-୦୯-ଏଫ୍-୪୮୫୪) ଯୋଗେ ଝିଅକୁ ଦେଖିବାକୁ କେନ୍ଦୁଝର ଅଭିମୁଖେ ଯାଉଥିଲେ। ବିଳମ୍ବିତ ରାତି ପ୍ରାୟ ୧୨ଟାରେ ୨୦ନମ୍ବର ଜାତୀୟ ରାଜପଥର ସଦର ଥାନା ବୁଲାଣି ନିକଟରେ ଏକ ଅଜଣା ଗାଡ଼ି ବାଇକକୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଗାଡ଼ି ଚକ ତାଙ୍କ ଉପରେ ଚଢ଼ିଯିବା ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା। ସଦର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ପୋଲିସ ଏକ ମାମଲା(ନଂ. ୫୨୬/୨୫)। ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଜିଲା ପ୍ରଶାସନ ପକ୍ଷରୁ ପରିବାରଙ୍କୁ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।


GOVERNMENT OF ODISHA

## HIGHER EDUCATION DEPARTMENT

### (SUBMISSION OF ONLINE APPLICATION FOR AWARD OF SCHOLARSHIP FOR THE ADMISSION YEAR 2025-26)

No. N-162: The Higher Education Department, Government of Odisha invites online application for award of Scholarship under **Mukhyamantri Medhabi Chhatra Protsahan Yojana - Higher Education** scheme for the year 2025-26 from eligible Students of Odisha, who are pursuing general courses, i.e. UG (+3) Courses, PG Courses and Technical & Professional Courses in SAMS and Non-SAMS Institutions (i.e. UGC/AICTE/MCI affiliated Universities/Management, Engineering, Medical & other Technical Institutions) inside and outside Odisha.

**Students can apply for Scholarships under URL: www.scholarship.odisha.gov.in.** The different categories of merit, number, rate, amount to be paid and courses applicable for the scholarship are given in a tabular form:

| Sl. No. | Category of Merit | Rate of Scholarship per year | Remarks |
|---|---|---|---|
| 1 | e-Medhabruti Scholarship | | |
| a. | UG Merit | Rs.10,000/- | |
| b. | PG Merit | Rs.15,000/- | |
| c. | Technical & Professional Merit | Rs.20,000/- | The number of Scholarships under a particular category may be increased by the Government depending on the number of eligible students applied and validated in other categories in an academic year |
| 2. | Gopabandhu Sikhya Sahayata Yojana | Rs.20,000/- per year | Eligible students will get GSSY scholarship irrespective of getting any other scholarship |
| 3. | Vyasakabi Fakir Mohan Bhasabruti | UG Course: Rs.20,000 (One-Time in 1st year) PG Course: Rs.30,000 (One-Time in 1st year) | Eligible students will get VFMB scholarship irrespective of getting any other scholarship |

**N.B.:** (1) Aadhaar is made mandatory for availing scholarship. Please provide correct Aadhaar number of self in the Online application form. In case it is found that Aadhaar number provided by the student is wrong or is not his/her, the application is liable to be rejected.

(2) Aadhaar seeding with Bank account is mandatory to receive scholarship under all MMCPY schemes.

From 2025-26 onwards, disburesement will be done only through Aadhaar Payment Bridge System (APBS).

Ensure your Aadhaar is linked to your active Bank account to avoid payment issues.

**Schedule Timeline for Online Application**

| | | |
|---|---|---|
| 01 | Opening date of Online application for students<br>Last date of Online application for students | 10.09.2025<br>09.10.2025 |
| 02 | Validation of students record by Principal/Head of the Institution | 10.09.2025 to 23.10.2025 |
| 03 | Validation of students record by DWO (Only for GSSY) | 23.10.2025 to 31.10.2025 |

**NO FURTHER EXTENSION OF DATELINE WILL BE MADE BY THE HIGHER EDUCATION DEPARTMENT.**

In case of any problem faced by the students at the time of filling up the application online, they may refer to FAQs available on the home page of the website or take the help of **helpline, Higher Education Department - 0674 (2396550), 0674 (2323401), 0674 (2323402), 0674 (2323404)** (on all working days from 10.30 A.M. to 5.30 P.M.) or e-mail on **scholarshiphed@gmail.com**.

OIPR-11001/11/0106/2526 **Sd./- Joint Secretary to Government**

ODISHA HYDRO POWER CORPORATION LTD.,
O/o Sr. GENERAL MANAGER, HIRAKUD HYDRO ELECTRIC PROJECT,
POST BOX. NO. 5, BURLA – 768017, DISTRICT: SAMBALPUR (ODISHA),
PHONE: 0663-2950721(O), 2950765(R), E-Mail: srgmhps_burla@yahoo.co.in
CIN : U40101OR1995SGC003963
No. CAD-1705

**No. HHEP/Tech-W-152(Vol-1)/6094** **Date : 09.09.2025**

**e-TENDER CALL NOTICE NO. HHEP-50/2025**

Unit Head, HHEP, Burla invites percentage rate e-tender in double cover system from firm / agency / eligible class of contractor registered with the Govt. of Odisha and contractor of equivalent grade / class registered with Central Govt./ MES / Railway to be received **online mode only** for the following work in the portal **https://tendersodisha.gov.in**

| Name of work | Approx. tender value of work (in Rs.) excluding GST, EPF & ESI | Cost of tender paper (Non-Refundable) | EMD in shape of DD/BC |
|---|---|---|---|
| Operation and maintenance of water supply system of Residential and Non-Residential buildings of HHEP, Burla for two years | 37,24,019/- | Rs. 7080/- (Rs. 6000 /- + GST 18%) | 37300/- |

- Sale of tender paper: 12.09.2025(11.00AM) to 23.09.2025 upto 03.00PM
- Receipt of tender paper: 23.09.2025 upto 03.00PM
- Date & time of opening of tender: 23.09.2025 at 04.00PM
- Further details can be seen from the e-procurement portal **https://tendersodisha.gov.in / www.ohpcltd.com**

Sd/-
**Unit Head, HHEP, Burla**
OIPR-04007/11/0069/2526

**DEPUTY DIRECTOR**
**NANDANKANAN ZOOLOGICAL PARK**
**P.O-BARANG, DIST-KHURDA, PIN-754005**
**PHONE/FA No-0674-2466075, 9437022023(M)**
Email: deputydirector.kanan@gmail.com
NANDANKANAN CONSERVE | EDUCATE | INSPIRE
Web:www.nandankanan.org

**No.MM-185** **e-PROCUREMENT NOTICE**

**e-Tender No.DD-NKN-04/PMU/NKZP-2025-26, Dt.09.09.2025**

| | | | |
|---|---|---|---|
| 1 | Name of the Work | : | Re-Tender for Expression of interest-cum-request for proposal (RFP) for engagement of an agency for sourcing, handling crating, Transportation and documentation of animals from India or Abroad to Nandankanan Zoological Park, Odisha, Bhubaneswar through patrons of Nandankanan. |
| 2 | No. of Works | : | 1 (One) No. |
| 3 | Date of availability of bid document in the portal | : | 09.09.2025 |
| 4 | Last date for receipt of bids in the portal | : | 23.09.2025 upto 5.00 P.M. |
| 5 | Date of Opening of Technical Bid (Cover-I) | : | 24.09.2025 at 3.30 P.M. |
| 6 | Name & Address of Officer Inviting Tender (OIT) | : | Deputy Director, Nandankanan Zoological Park, P.O-Barang, Dist- Khordha, Pin-754005 |

Further details can be seen from the e-Procurement portal https/www.tendersodisha.gov.in.

**Sd./- Deputy Director**
**Nandankanan Zoological Park**
OIPR-08070/11/0106/2526

**"e" PROCUREMENT NOTICE**

## JAJPUR MUNICIPALITY, JAJPUR

**Tender Call Notice No. 3018** **Date: 08.09.2025**

No. C-1029: Bid documents consisting of the schedule of quantities and the set of terms & conditions of contract and other necessary documents can be seen in the Government Website i.e. **www.tendersodisha.gov.in**.

1. Name of work : Building works, Electrical Works
2. No. of works : 4 (Four) Nos.
3. Bid Value : Rs.847457/- to 3437178/-
4. Bid Id : JM-06/2025-26
5. Tender Id : 2025_ORULB_117798_01 & 2025_ORULB_117798_4
6. Period of Completion : 60 Day to 120 Days
7. Date of availability of Bid documents in the portal : From 11.00 A.M. of Dt.09.09.2025 to 19.09.2025 upto 5.00 P.M.
8. Last date for receipt of bids in the portal : Dt.19.09.2025 upto 5.00 P.M.
9. Bids received online shall be opened on : Dt.23.09.2025 at 11.00 A.M.
10. Name & address of the Officer Inviting Bid : Executive Officer, Jajpur Municipality

All other terms and conditions are available in the DTCN & BOQ uploaded in the above website.

**Sd./- Executive Officer, Jajpur Municipality**
**OIPR-13171/11/0034/2526**

## OFFICE OF THE SUPERINTENDING ENGINEER CUTTACK (R&B) DIVISION NO. II, CUTTACK

No. B-505
**E-Mail ID: eepwdcuttack2@gmail.com, Tel./Fax No.: (0671) 2973399**

**GOVERNMENT OF ODISHA "e" Procurement Notice**

**e-Procurement Notice for Road Works**

**Bid Identification No. S.E. CTC (R&B)-II-12 of 2025-26**

1. Name of the work : 01 No. of Road Work
2. Estimated Cost : Rs.25,23,945/-
3. Period of Completion : 01 (One) Calendar Month
4. Date & time of sale & receipt of bid document : From 11.09.2025 to 5 P.M. of 20.09.2025
5. Last date/time of receipt of bids : 5 P.M. of 20.09.2025
6. Date & time of Opening of Bids: 11 A.M. of 22.09.2025
7. Name and address of the Officer Inviting Bid : Superintending Engineer, Cuttack (R&B) Division-II, Cuttack

Further details can be seen from the e-procurement portal **http://www.tendersorissa.gov.in**.

Any addendum/corrigendum/cancellation of tender can also be seen in the said website.

**Sd./- Superintending Engineer**
**Cuttack (R&B) Division No. II**
**OIPR-34137/11/0022/2526**

ODISHA HYDRO POWER CORPORATION LTD.,
O/o Sr. GENERAL MANAGER, HIRAKUD HYDRO ELECTRIC PROJECT,
POST BOX. NO. 5, BURLA – 768017, DISTRICT: SAMBALPUR (ODISHA),
PHONE: 0663-2950721(O), 2950765(R), E-Mail: srgmhps_burla@yahoo.co.in
CIN : U40101OR1995SGC003963
No. CAD-1709

**No. HHEP/Tech-W-56/21/6107** **Date :09.09.2025**

**e-TENDER CALL NOTICE NO. HHEP-51/2025**

Unit Head, HHEP, Burla invites percentage rate e-tender in double cover system (Cover-I Technical Bid and Cover-II Price bid) from the eligible class of contractor registered with the Govt. of Odisha and contractor of equivalent grade / class registered with Central Govt./ MES / Railway to be received **online mode only** for the following work in the portal **https://tendersodisha.gov.in**

| Name of work | Approx. tender value of work (in Rs.) excluding GST, EPF & ESI | Cost of tender paper (Non-Refundable) | EMD in Rs. | Class of contractor |
|---|---|---|---|---|
| Renovation of sewerage system at SD-3 block and construction of storm water drains at SD-3 & SD-5 blocks of HHEP, Burla | 957129/- | Rs. 4720/- (Rs. 4000 /- + GST 18%) | 9575/- | 'D & C' |

- Sale of tender paper : **12.09.2025 (11.00AM) to 24.09.2025 upto 03.00PM**
- Receipt of tender paper: **24.09.2025 upto 03.00PM**
- Date & time of opening of tender: **24.09.2025 at 04.00PM**
- Further details can be seen from the e-procurement portal **https://tendersodisha.gov.in / www.ohpcltd.com**

Sd/-
**Unit Head, HHEP, Burla**
OIPR-04007/11/0070/2526

## PANCHAYAT SAMITI, GUMMA

**DIST.: GAJAPATI (ODISHA), PIN - 761207**

**Adv. No. 05/2025-26** **Dt.: 08.09.2025**

**TENDER CALL NOTICE**

No. i-300: Sealed tenders (Percentage rate) are invited for 03 Nos. of works from the interested "D"/ "C"/ "B" Class contractors registered with the Govt. for execution of civil works under Panchayat Samiti, Gumma, Dist.: Gajapti. The details notification is available at official website: **www.Gajapati.odisha.gov.in**. Interested bidders fulfilling the eligibility criteria may submit their proposal(s) to the Panchayat Samiti, Gumma. Gajapati, Proposal(s) complete in all respect should reach the undersigned on or before 3.00 P.M. of 23.09.2025 through Regd./Speed Post and the same will be opened on 03.00 P.M. of 24.09.2025. The undersinged reserves the right to reject any or all the tender(s) without assigning any reason thereof.

**Sd./- Block Development Officer**
**Gumma, Gajapati**
**OIPR-19347/11/0007/2526**

## OFFICE OF THE SUPERINTENDING ENGINEER, M.I. DIVISION, CUTTACK

**Nayabazar, Cuttack - 04**
**email Id: eemidcuttack@yahoo.co.in**

**Letter No. 3949** **Date: 08.09.2025**

**1st Corrigendum to Tender Call Notice No. 09/2025-26**

No. A-603: It is to notify that the **TENDER CALL NOTICE No. 09/2025-26** of M.I. Division, Cuttack through online has been **CANCELLED due to Administrative Ground**.

**Sd./- Superintending Engineer**
**M.I. Division, Cuttack**
**OIPR-32121/11/0043/2526**

## ODISHA UNIVERSITY OF AGRICULTURE & TECHNOLOGY, BHUBANESWAR-3

**Letter No.ACD-I-ADM-0013/2022/16305/UAT** **Dt.8th, September, 2025**

**UNDER GRADUATE SPOT COUNSELING & ADMISSION NOTICE-2025-26**

No.KK-221: Vacant seats in different UG Course programme under different categories are available for spot counseling and admission in OUAT as per clause 7.3.2 of UG prospectus 2025-26. All the seats for spot admission are cost sharing ones. **The seats are likely to increase as the seats vacated by cancellation of admission till 22.09.2025 (5.00 PM) will be included for spot counseling & admission.**

The candidates who have been awarded rank in OUAT UG Admission-2025 are eligible to apply. Candidates interested to participate in spot counseling & admission must register online by logging in using their registered email id and mobile number through OUAT website **www.ouat.ac.in (Academic section>admission section)/ https://ouat-lokaseba-odisha.in/** paying a registration fees of Rs.500/- **(mandatory)**. The spot counseling and admission programme is given below.

| Sl. No. | Programme | Date |
|---|---|---|
| 1 | Online Registration | 08.09.2025 to 15.09.2025 |
| 2 | Availability of Intimation-cum-Rank Card | 17.09.2025 |
| 3 | Spot Counselling and Admission | 23.09.2025 & 24.09.2025 |

**Candidates must visit OUAT website: www.ouat.ac.in for**

i) Vacant seat position available for UG spot counseling and admission-2025.
ii) Guideline for UG spot counseling and admission -2025.

OIPR-01533/11/0017/2526 **Sd./- REGISTRAR**

ଓଡ଼ିଶା ସରକାର
ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ
ଆଖୁଆପଦା ଜଳସେଚନ ବିଭାଜନ
ଇମେଲ–akp.irrigationdivision@gmail.com
No.A-

**'e'- Procurement Notice No.09/2025-26**

1. କାର୍ଯ୍ୟର ନାମ : ନଦୀ ବନ୍ଧ ମରାମତି କାର୍ଯ୍ୟ
2. ମୋଟ କାର୍ଯ୍ୟ ସଂଖ୍ୟା : ୦୪ ଗୋଟି କାର୍ଯ୍ୟ
3. ଅଟକଳ ମୂଲ୍ୟ : ୩୫.୨୨ ଲକ୍ଷରୁ ୮୩.୦୦ ଲକ୍ଷ
4. ଇ.ଏମ.ଡି (Bid Security) ଓ ବିଡ୍ ମୂଲ୍ୟର ଦେୟ ପ୍ରଣାଳୀ : The bidder shall transfer the required amount of EMD (Bid Security) and cost of Bid by Online through electronic payment as per Govt. of Odisha WDOM No.17254/WE Dated 05.12.2017 as Mentioned in DTCN.
5. କାର୍ଯ୍ୟ ସମାପ୍ତି ସମୟ : ୬ ମାସ
6. ନିମ୍ନଲିଖିତ ଭାବରେ ଅନ୍ୟାନ୍ୟ ବିବରଣୀ :

I. Procurement Officer : ଅଧୀକ୍ଷଣ ଯନ୍ତ୍ରୀ, ଆଖୁଆପଦା ଜଳସେଚନ ବିଭାଜନ,ଆଖୁଆପଦା
II. ଅନଲାଇନ Biddingର ସମୟସୀମା: ତା.୧୦.୦୯.୨୦୨୫ ଦିବା ୧୦ ଘଟିକାରୁ ତା.୧୯.୦୯.୨୦୨୫ ସନ୍ଧ୍ୟା ୫ ଘଟିକା ପର୍ଯ୍ୟନ୍ତ
III. Technical ଏବଂ Financial bid ଖୋଲାଯିବାର ତାରିଖ ଓ ସମୟ: ଅଧୀକ୍ଷଣ ଯନ୍ତ୍ରୀ, ଆଖୁଆପଦା ଜଳସେଚନ ବିଭାଜନଙ୍କ କାର୍ଯ୍ୟାଳୟରେ ତା.୨୦.୦୯.୨୦୨୫ ଦିବା ୧୧.୩୦
IV. Transparent Lotteryର ତାରିଖ ଓ ସମୟ : ଅଧୀକ୍ଷଣ ଯନ୍ତ୍ରୀ, ଆଖୁଆପଦା ଜଳସେଚନ ବିଭାଜନଙ୍କ କାର୍ଯ୍ୟାଳୟରେ ତା.୨୬.୦୯.୨୦୨୫ ଦିବା ୧୧.୦୦ ଘଟିକା ସମୟରେ ।

ଅନ୍‌ଲାଇନ ତଥ୍ୟ ଏହି ୱେବସାଇଟରେ ପ୍ରଦାନ କରାଯାଇଛି www.tendersorissa.gov.in

ସ୍ୱା./– ଅଧୀକ୍ଷଣ ଯନ୍ତ୍ରୀ
ଆଖୁଆପଦା ଜଳସେଚନ ବିଭାଜନ, ଆଖୁଆପଦା
OIPR-32548/11/0010/2526

## OFFICE OF THE PANCHAYAT SAMITI, NILGIRI, BALASORE

**Email id: (ori-nilgiri@nic.in), Phone No.: 06782-233236**

**TENDER NOTICE**

No. i-304: A tender notice of "Bid Identification No. KGBV/2025-26/Nilgiri/004" for "Construction of New KGBV Hostel Building at Chhatrapur (Rs.83,77,074/-)" has been published on website. For further details information applicants are advised to visit **www.tendersorissa.gov.in & https://balasore.odisha.gov.in**.

**Sd./- Block Development Officer, Nilgiri**
**OIPR-19177/11/0003/2526**

## THE ODISHA STATE POLICE HOUSING & WELFARE CORPORATION LTD.

**(A Government of Odisha Undertaking)**
**Janpath, Bhoinagar, Bhubaneswar - 22**
**Ph.: 0674-2541545, 2542921**
**E-mail: ophwc.od@od.nic.in, Website: www.ophwc.com**
**e-Procurement Notice No. 12/OPHWC/2025-26**

**INVITATION FOR BIDS (IFB)**

No. CAD-1704: The Chief Engineer (OSPH&WC), Odisha, Bhubaneswar invites percentage rate bid in Double Cover System in ONLINE MODE only, for the works as detailed below:

| | | |
|---|---|---|
| 1 | Nature of Work | Building Works |
| 2 | No. of Works | 29 Nos. |
| 3 | Value of Tender | Rs.51.19 Lakh to Rs.465.78 Lakh |
| 4 | Class of Contrator | 'B' Class to 'A' Class |
| 5 | Cost of Bid document (to be paid online) | Rs.11,800.00 |
| 6 | Availability of Bid documents in the website | Dt.12.09.2025 to Dt.04.10.2025 upto 5.00 P.M. |
| 7 | Last date/time of receipt of Bids in the portal | Dt.04.10.2025 upto 5.00 P.M. |
| 8 | Date of Opening Bid | Dt.06.10.2025 at 10.30 A.M. |
| 9 | Date of Technical Presentation (among qualified bidders only) | Date & time will be notified after opening of the Technical Bid |
| 10 | * The Bidders have to participate in ONLINE bidding only. Further details can aslo be seen from the website: **https://tendersodisha.gov.in**. Any addendum/corrigendum/cancellation of tender shall not be published in Newspaper and can only be seen in the said website. * The authority reserves the right to reject any or all bids and terminate the tender process without asigning any reason thereof. | |

**Sd./- Chief Engineer (OSPH&WC)**

**N.B.:** The quoted rate should be all inclusive but excluding G.S.T. as applicable under works contract.

**OIPR-12025/11/0047/2526**

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ............................


ରିସାନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଜନଶୁଣାଣିକୁ ସ୍ୱାସ୍ଥ୍ୟ ବିଭାଗର ଅଣଦେଖା

ଭୁବନେଶ୍ୱର,୧୦।୯(ରବିନାରାୟଣ ଜେନା)

■ ପ୍ରଦର୍ଶନ ସର୍ବନିମ୍ନ ୫୨%, ମିଶନ ଶକ୍ତିର ସର୍ବାଧିକ ୯୩%

■ ଆଜି ବିଭାଗୀୟ ସମୀକ୍ଷା ନେବେ ସରକାର

ରାଜ୍ୟବାସୀଙ୍କୁ ସୁଶାସନ ଦେବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଅଗଷ୍ଟ ୨୬ରେ 'ଆମ ଶାସନ' ବ୍ୟବସ୍ଥା ଆପଣାଯାଇଛି। ଆଭିମୁଖ୍ୟ ରହିଛି, ସରକାରଙ୍କ ପ୍ରତ୍ୟେକ ଯୋଜନା ଯେପରି ସମସ୍ତ ହିତାଧିକାରୀଙ୍କ ନିକଟରେ ନିର୍ଦ୍ଦିଷ୍ଟ ସମୟ ଭିତରେ ପହଞ୍ଚିବ।

ଏଥିପାଇଁ ପର୍ଯ୍ୟାୟକ୍ରମେ ବିଭାଗୀୟ ଅଧିକାରୀଙ୍କଠାରୁ ଜିଲାପାଳଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ବାରମ୍ବାର ତାଗିଦ୍ କରାଯାଉଛି। ହେଲେ ସ୍ୱାସ୍ଥ୍ୟ ବିଭାଗ ଭଳି କେତେକ ବିଭାଗ ଏହାକୁ ଗୁରୁତ୍ୱ ଦେଉ ନ ଥିବା ପରିଲକ୍ଷିତ ହେଉଛି। କେତେକ ବିଭାଗ ୯୩ ପ୍ରତିଶତ ଲୋକଙ୍କ ଅଭିଯୋଗର ସମାଧାନ କରୁଥିବାବେଳେ ସ୍ୱାସ୍ଥ୍ୟ ବିଭାଗ ମାତ୍ର ୫୨ ପ୍ରତିଶତରେ ରହିଛି। ବିଭାଗର ସର୍ବନିମ୍ନ ପ୍ରଦର୍ଶନକୁ ନେଇ ଗୁରୁବାର ବିଭାଗୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହେବାକୁ ରହିଛି।

ସବୁଠାରୁ ବଡ଼କଥା ହେଲା, ଯେଉଁ ଗରିବ ହିତାଧିକାରୀମାନେ ସରକାରୀ ଯୋଜନାର ସୁଫଳ ପାଉନାହାନ୍ତି, ସେମାନଙ୍କ କଥା ଶୁଣିବା ପାଇଁ ସରକାରଙ୍କ ପକ୍ଷରୁ ଜନଶୁଣାଣି ପୋର୍ଟାଲ କାର୍ଯ୍ୟକ୍ଷମ ହେବା ସହିତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଜେ ଉପସ୍ଥିତ ରହି ଅଭିଯୋଗ ଶୁଣୁଛନ୍ତି। ପ୍ରତ୍ୟେକ ମୁହୂର୍ତ୍ତରେ ଲୋକଙ୍କ ଅଭିଯୋଗର ତ୍ୱରିତ ସମାଧାନ ଲାଗି ସଂପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦେଉଛନ୍ତି। ଏହାସତ୍ତ୍ୱେ ଅଧିକାଂଶ ବିଭାଗ ଲୋକଙ୍କ ସମସ୍ୟା ଶୁଣିବାରେ ଶତପ୍ରତିଶତ ପ୍ରଦର୍ଶନ କରିପାରୁନାହାନ୍ତି। ଏହାକୁ ନେଇ ଗୁରୁବାର ସବୁ ବିଭାଗ ମଧ୍ୟରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହେବ। ଏନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ସଚିବ ସୁକାନ୍ତ କୁମାର ବେହେରା ସବୁ ବିଭାଗର କ୍ଷେତ୍ରୀୟ ଅଧିକାରୀଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି। କାହିଁକି ଦୀର୍ଘଦିନ ଧରି ଲୋକଙ୍କ ଅଭିଯୋଗର ଶୁଣାଣି ହେଉନାହିଁ ସେନେଇ ଚିହ୍ନିକି ସମୀକ୍ଷା କରାଯିବ। ଏନେଇ ସ୍ୱତନ୍ତ୍ର ସଚିବ ଚଳିତମାସ ୪ରେ ଏକ ପତ୍ର ଲେଖିଥିବାବେଳେ ପୁଣିଥରେ ୬ ତାରିଖରେ ପତ୍ର ଲେଖି ଅବଗତ କରାଇଛନ୍ତି।

ସେ ଉକ୍ତ ପତ୍ରରେ ଦର୍ଶାଇଛନ୍ତି, ପ୍ରତ୍ୟେକ ସୋମବାର ଜନଶୁଣାଣି ପୋର୍ଟାଲ ଜରିଆରେ ଆସୁଥିବା ଅଭିଯୋଗଗୁଡ଼ିକୁ ନିୟମିତ ପ୍ରକ୍ରିୟା ଭିତରେ ଶୁଣିବାକୁ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ ରହିଛି। ଏହାସତ୍ତ୍ୱେ ଅଧିକାଂଶ ବିଭାଗ ଜନଶୁଣାଣି ଅଭିଯୋଗ ତଥା ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠର ନିର୍ଦ୍ଦେଶକୁ ଗୁରୁତ୍ୱ ଦେଉ ନ ଥିବା ପରିଲକ୍ଷିତ ହୋଇଛି। ଏହାକୁ ନେଇ ଗୁରୁବାର ଏକ ବୈଠକ ଅନୁଷ୍ଠିତ ହେବ। ତେବେ ବିଭାଗୀୟ ତଥ୍ୟ ଅନୁଯାୟୀ, ସ୍ୱାସ୍ଥ୍ୟ ବିଭାଗକୁ ସମସ୍ତ ପ୍ରକାର ଶୁଣାଣି ବ୍ୟବସ୍ଥା ଜରିଆରେ ୩,୪୦୪ଟି ଅଭିଯୋଗ ଆସିଛି। ସେଥିମଧ୍ୟରୁ ୧୭୬୮ଟିରେ ସମାଧାନ ହୋଇଛି। ବାକି ୧୬୩୬ଟି ଅଭିଯୋଗ ଏବେ ବି ବିଭାଗରେ ଗଡୁଛି। ବିଭାଗରେ ଜନଶୁଣାଣି କାର୍ଯ୍ୟକାରିତା ହାର ୫୨% ରହିଛି, ଯାହାକି ସର୍ବନିମ୍ନ। ସେହିପରି ବିଜ୍ଞାନ ଓ କାରିଗରି ବିଭାଗକୁ ମାତ୍ର ୨୫ଟି ଅଭିଯୋଗ ଆସିଥିଲା, ସେଥିରୁ ୧୫ଟିର ଶୁଣାଣି ହୋଇଛି। ଏଥିରେ ବିଭାଗର ପ୍ରଦର୍ଶନ ହାର ୬୦ପ୍ରତିଶତ ରହିଥିବାବେଳେ ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗର ୬୧ ପ୍ରତିଶତ ଏବଂ ବୈଦ୍ୟୁତିକ ଓ ସୂଚନା ପ୍ରଯୁକ୍ତି ବିଭାଗର ପ୍ରଦର୍ଶନ ହାର ୬୨ ପ୍ରତିଶତ ରହିଛି। ଅନ୍ୟପକ୍ଷେ ମିଶନ ଶକ୍ତି ବିଭାଗର ପ୍ରଦର୍ଶନ ହାର ୯୩ ପ୍ରତିଶତ ରହିଥିବାବେଳେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ପ୍ରଦର୍ଶନ ହାର ୯୨ପ୍ରତିଶତ ରହିଛି। ଏହି ପରିପ୍ରେକ୍ଷୀରେ କେବଳ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି କ୍ଷେତ୍ରରେ ବୈଦ୍ୟୁତିକ ଓ ସୂଚନା ପ୍ରଯୁକ୍ତି ବିଭାଗର ପ୍ରଦର୍ଶନ ହାର ସର୍ବନିମ୍ନ ୬୨ ପ୍ରତିଶତ ରହିଥିବାବେଳେ ସୂଚନା ଓ ଲୋକସମ୍ପର୍କ, ସଂସଦୀୟ ବ୍ୟାପାର ଏବଂ ବିଜ୍ଞାନ ଓ କାରିଗରି ବିଭାଗର ପ୍ରଦର୍ଶନ ହାର ଶତପ୍ରତିଶତ ରହିଥିବା ସ୍ୱତନ୍ତ୍ର ସଚିବଙ୍କ ତଥ୍ୟରୁ ଜଣାପଡ଼ିଛି।

# ନୂଆ ଭାବେ ଗଢ଼ିଉଠିବ ବିଜେଡି: ଅମର

ଭୁବନେଶ୍ୱର, ୧୦।୯(ସୁନିତ୍ ମିଶ୍ର)

ନୂଆ ନାମ,ରୂପ ଓ ଆକାରରେ ବିଜେଡି ଆସିବା ସମ୍ଭାବନା ରହିଛି। ବିଜେଡି ନୂଆ ଭାବେ ଗଢ଼ି ଉଠିବ। ସେହି ଦଳର ଲୋକମାନେ ହିଁ ନୂଆ ବିଜେଡି ଗଠନ କରିବେ। ଲୋକ ଓ କର୍ମୀଙ୍କଠାରୁ ବର୍ତ୍ତମାନ ବିଜେଡି ଦୂରେଇଯାଉଛି ବୋଲି ଦଳର ବରିଷ୍ଠ ନେତା ଅମର ପ୍ରସାଦ ଶତପଥୀ କହିଛନ୍ତି । ଏବେ ବିଜେଡିରେ ଯାହା ଘଟୁଛି, ନିର୍ଦ୍ଦିଷ୍ଟ ନୀତି ଓ ବିଚାରଧାରାରେ ଦଳ ନ ଚାଲିଲେ ଆଗକୁ ଆହୁରି ନେତା ଓ କର୍ମୀ ଦୂରେଇଯିବେ। ବିଜେଡିରେ ଏକନାଥ ସିନ୍ଦେ କିଏ ହେବେ ବୋଲି ଗଣମାଧ୍ୟମ ପକ୍ଷରୁ ତାଙ୍କୁ ପ୍ରଶ୍ନ କରାଯାଇଥିବା ବେଳେ ସେ କହିଛନ୍ତି, ସେ ଗୋପରେ ବଢ଼ୁଛି କି ମଥୁରାକୁ ଆସିଗଲେଣି ତାହା ପରବର୍ତ୍ତୀ କଥା। ଭାଷର ରାଉଙ୍କ ଭଳି ଜଣେ ଟାଣୁଆ ନେତା ଯେଉଁ ନିଷ୍ପତ୍ତି ନେଇଛନ୍ତି ତାଙ୍କୁ ଦଳର ଜଣେ ପୂର୍ବତନ ଏମ୍‌ପି ଶୁଭେଚ୍ଛା ଜଣାଇବା ସହ ବିଜେଡିରେ ଆଭ୍ୟନ୍ତରୀଣ ସଂଘର୍ଷ ବଢ଼ିବାର ଆଶଙ୍କା ଭବିଷ୍ୟତରେ ଥିବା ସେ କହିଛନ୍ତି।

ବରିଷ୍ଠ କଂଗ୍ରେସ ନେତା ପଞ୍ଚାନନ କାନୁନ୍‌ଗୋ କହିଛନ୍ତି, ନବୀନ ପଟ୍ଟନାୟକ ଗତ କିଛିଦିନ ଧରି ଭାଜପା ପାଖରେ ଆତ୍ମସମର୍ପଣ କରିଦେଇଛନ୍ତି। ଗତ ଉପରାଷ୍ଟ୍ରପତି ନିର୍ବାଚନରେ ଏହା ସ୍ପଷ୍ଟ ବି ହୋଇଗଲା। ବିଜେଡିର କେତେଜଣ ଯୁବକ ଆସିଥିଲେ,ସେମାନେ ମୋ ଠାରୁ ବିଜେଡିର ସନ୍ଧାନର ଜେରକୁ କପି ନେଇକି ଯାଇଛନ୍ତି। ସେମାନେ ନୂଆ ଆଞ୍ଚଳିକ ଦଳ ଗଢ଼ିବା ସମ୍ଭାବନା ରହିଛି। ତେବେ ଏହି ନୂଆ ଦଳ ଗଠନ ହେଲେ କଂଗ୍ରେସକୁ କୌଣସି ପ୍ରଭାବ ପଡ଼ିବ ନାହିଁ ବରଂ ଭାଜପା ଓ ବିଜେଡି ଅଧିକ କ୍ଷତିଗ୍ରସ୍ତ ହେବେ ବୋଲି କାନୁନ୍‌ଗୋ କହିଛନ୍ତି।

# ସେମିକଣ୍ଡକ୍ଟର ସୁଯୋଗକୁ ଉପଯୋଗ କର: ମୁଖ୍ୟ ଶାସନ ସଚିବ

ଭୁବନେଶ୍ୱର,୧୦।୯ (ରବିନାରାୟଣ ଜେନା)

ସେମିକଣ୍ଡକ୍ଟର କ୍ଷେତ୍ରରେ ଓଡ଼ିଶାରେ ବିପୁଳ ସମ୍ଭାବନା ରହିଛି। ଏହାର ସୁଯୋଗ ନେବା ସହିତ ଗ୍ରୀନ୍ ହାଇଡ୍ରୋଜେନ୍ ଉତ୍ପାଦନକୁ ବୃଦ୍ଧିକରି ସ୍ୱଚ୍ଛ ଉର୍ଜାକୁ ପ୍ରୋତ୍ସାହନ ଦେବା, ପିଏମ୍ ସୂର୍ଯ୍ୟଘର ଯୋଜନା କାର୍ଯ୍ୟକାରିତାକୁ ପ୍ରୋତ୍ସାହିତ କରିବା ଲାଗି ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି।

ଲୋକସେବା ଭବନରେ ବୁଧବାର ଅନୁଷ୍ଠିତ ସଚିବସ୍ତରୀୟ ବୈଠକରେ ମୁଖ୍ୟ ଶାସନ ସଚିବ କହିଥିଲେ, ଓଡ଼ିଶାର ଅଣୁ, କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗ(ଏମ୍ଏସ୍ଏମ୍ଇ) ବିଭାଗର ଗୁରୁତ୍ୱ କିପରି ଜାତୀୟସ୍ତରରେ ପ୍ରତିପାଦିତ ହେବ, ସେଥିପ୍ରତି ଦୃଷ୍ଟିଦେବାକୁ ପଡ଼ିବ। ଏମ୍ଏସ୍ଏମ୍ଇ ଉତ୍ପାଦ ପାଇଁ ସ୍ୱତନ୍ତ୍ର ଭାବେ ବଜାର ସୃଷ୍ଟି ହେବା ନିହାତି ଆବଶ୍ୟକ। ଏଥିପାଇଁ ସମ୍ପୃକ୍ତ ବିଭାଗ ସହ ଆବଶ୍ୟକ ସମନ୍ୱୟ ରକ୍ଷାକରି ଏମ୍ଏସ୍ଏମ୍ଇ ଉତ୍ପାଦର ଗୁଣାତ୍ମକତା ବୃଦ୍ଧି କରିବା ସହିତ ଏମ୍ଏସ୍ଏମ୍ଇ ଉଦ୍ୟୋଗୀଙ୍କୁ ପ୍ରୋତ୍ସାହନ ଦେବା ଏବଂ ରିହାତି ସୁବିଧା ଯୋଗାଇବାକୁ ସେ ପରାମର୍ଶ ଦେଇଥିଲେ।

ସେ ପୁଣି କହିଥିଲେ, ସରକାରୀ ଯୋଜନା ଓ କାର୍ଯ୍ୟକ୍ରମଗୁଡ଼ିକର କାର୍ଯ୍ୟାନ୍ୱୟନର ରିୟଲ ଟାଇମ(ସଦ୍ୟତମ) ସ୍ଥିତି ମୁଖ୍ୟମନ୍ତ୍ରୀଙ୍କ ଡ୍ୟାସ୍ ବୋର୍ଡ ଜରିଆରେ ଜଣାପଡ଼ିବ। ସେଣୁ ଏଥିରେ ଦରକାର ହେଉଥିବା ଓଡ଼ିଶା ଲୋକସେବା ଅଧିକାର ଅଧିନିୟମ (ଓଆର୍‌ଟିପିଏସ୍), ଶିଳ୍ପ ପ୍ରକଳ୍ପ, ଭିତ୍ତିଭୂମି ପ୍ରକଳ୍ପ, ବିକଶିତ ଓଡ଼ିଶା-୨୦୩୬ ଓ ବିକଶିତ ଭାରତ-୨୦୪୭ କାର୍ଯ୍ୟ କେତେଦୂର କାର୍ଯ୍ୟକ୍ଷମ ହୋଇଛି, ସେନେଇ ବିଭାଗୀୟ ଅଧିକାରୀଙ୍କ ସହିତ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଏହାସହ ଚଳିତମାସ ୧୮ ତାରିଖରେ ବିଧାନସଭା ଅଧିବେଶନ ଆରମ୍ଭ ହେବାକୁ ଥିବାରୁ ଗୃହରେ ଉପସ୍ଥାପନ ହେବାକୁଥିବା ବିଭିନ୍ନ ବିଭାଗର ବିଲ୍ ନିମନ୍ତେ ଆବଶ୍ୟକ ପ୍ରସ୍ତୁତି ରହିବା,୨୦୨୫-୨୬ ବର୍ଷରେ ବଜେଟ୍ ଅନୁମୋଦନ ହିସାବରେ କାର୍ଯ୍ୟ ଅଗ୍ରଗତି ଓ ଖର୍ଚ୍ଚ ସ୍ଥିତି ସମୀକ୍ଷା କରିବା, ଖାଲିଥିବା ଗ୍ରୁପ୍-ସି ପଦବୀ ପୂରଣ ଆଦି ସମ୍ପର୍କରେ ମୁଖ୍ୟ ଶାସନ ସଚିବ ଆହୁଜା ଗୁରୁତ୍ୱ ଦେଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉନ୍ନୟନ କମିଶନର ଅନୁ ଗର୍ଗ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ସୂଚନା ଆୟୁକ୍ତଙ୍କ ବହିଷ୍କାର ଦାବିକଲା 'ଓସା'

ଭୁବନେଶ୍ୱର,୧୦।୯ (ରବିନାରାୟଣ ଜେନା)

ଓଡ଼ିଶା ସୂଚନା କମିଶନଙ୍କ ପକ୍ଷରୁ କେସ୍ ଶୁଣାଣିରେ ଅବହେଳା ଅଭିଯୋଗ କରି ଓଡ଼ିଶା ସୂଚନା ଅଧିକାର ଅଭିଯାନ(ଓସା) ପକ୍ଷରୁ ବୁଧବାର ରାଜ୍ୟ ସୂଚନା କମିଶନଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି।

ଓସାର ରାଜ୍ୟ ଆବାହକ ପ୍ରଦୀପ ପ୍ରଧାନଙ୍କ ନେତୃତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଯୁଗ୍ମ ଆବାହକ ଶ୍ରୀକାନ୍ତ ପାକଳ କହିଥିଲେ, ରାଜ୍ୟ ସୂଚନା କମିଶନଙ୍କ ଦ୍ୱାରା ସୂଚନା ଅଧିକାର ଆଇନକୁ ପଙ୍ଗୁ ଓ ହତ୍ୟା କରିବା ପାଇଁ ଷଡ଼ଯନ୍ତ୍ର କରାଯାଉଛି। ନୂତନ ନିଯୁକ୍ତି ପାଇଥିବା ମୁଖ୍ୟ ସୂଚନା କମିଶନର ଓ ସଦସ୍ୟମାନଙ୍କ ଗତ ଚାରିମାସର କାର୍ଯ୍ୟକଳାପ ଅତ୍ୟନ୍ତ ଭୟଙ୍କର। ସୂଚନା କମିଶନରମାନେ ଆଇନ ସମ୍ପର୍କରେ କିଛି ଜାଣୁନାହାନ୍ତି। ସେମାନଙ୍କପାଖରେ ଅଭିଜ୍ଞତାର ଅଭାବ ସାଙ୍ଗକୁ ଆଇନକୁ ବୁଝିବାରେ ଅକ୍ଷମତା, କେସ୍ ପ୍ରୋସିଡିଙ୍ଗ ଲେଖିବାରେ ଚରମ ଅଜ୍ଞତା ରହିଛି। ଦିନକୁ ମାତ୍ର ୧୦ଟି କେସ୍‌ର ଶୁଣାଣି ହେଉଛି। କେସ୍‌ଗୁଡ଼ିକୁ ଯେନତେନ ପ୍ରକାରେ ଶୁଣି ବନ୍ଦ କରାଯାଉଛି। ଇମିଧ୍ୟରେ ୮୦୦ କେସ୍ ଖାରଜ ହୋଇଥିବାବେଳେ ୬୦୦୦ କେସ୍‌କୁ ବନ୍ଦ କରିବା ପାଇଁ ଆବେଦନକାରୀଙ୍କୁ ଚିଠି ଲେଖାଯାଇଛି, ଯାହାକି ସୂଚନା ଅଧିକାର ଆଇନ ଓ ଓଡ଼ିଶା ସୂଚନା କମିଶନ(ଏଣ୍ଟ୍ରି ଶୁଣାଣି ପ୍ରକ୍ରିୟା) ନିୟମାବଳୀର ବିରୁଦ୍ଧାଚରଣ କରୁଛି। ସେଣୁ ଓଡ଼ିଶା ସୂଚନା କମିଶନରମାନଙ୍କୁ ତୁରନ୍ତ ବହିଷ୍କାର କରିବା ଲାଗି ଶ୍ରୀକାନ୍ତ ଦାବି କରିଛନ୍ତି। ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ସୂଚନା କର୍ମୀ ପ୍ରକାଶ ଦାସ ପ୍ରମୁଖ ସାମିଲ ଥିଲେ।



ସୂଚନା ଆୟୋଗଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଓଡ଼ିଶା ସୂଚନା ଅଧିକାର ଅଭିଯାନ(ଓସା) ପକ୍ଷରୁ ବିକ୍ଷୋଭ ଓ ପ୍ରତିବାଦ ସଭା।


## ପ୍ରଥମ ଜନ୍ମଦିନର ଶୁଭେଚ୍ଛା


Rishan Das
(Bhubaneswar)

ଆଜି ତୁମର ପ୍ରଥମ ଜନ୍ମଦିନରେ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ତୁମର ଜୀବନପଥ କୁସୁମିତ କରନ୍ତୁ।
ଶୁଭେଚ୍ଛୁକ:
ମା, ବାବା, ମାମା, ବିବି, ବଡ଼ବାପା, ବଡ଼ବୋଉ
ଧ-୭୫୪୯୩

VIKRAMA SIMHAPURI UNIVERSITY, Andra Pradesh
YOGI VEMANA UNIVERSITY, Andra Pradesh
Equivalent to Utkal & FM University
B.Ed. Regular (2025-27)
₹80,000/-
Total Course Fee
Counselling Centre - Odisha
Khan Nagar, Badambadi, Cuttack-12
7749063161
9439857522

# Classified Everyday
0674-2580101, 9692975378


REAL ESTATE SALE

ଭୁବନେଶ୍ୱର ପଟିଆ ନିକଟବର୍ତ୍ତୀ New ODM Global School-2 ଏବଂ KIIT କଲେଜକୁ ଅଳ୍ପ ଦୂରତାରେ ବାସୋପଯୋଗୀ ଏବଂ investment ପ୍ଲଟ୍ କିଣି ଗୃହ ନିର୍ମାଣ କରନ୍ତୁ। 9692276835, 7077632085. D-1698

ଭୁବନେଶ୍ୱର ଫୁଲନଖରାଛକ, ଉତ୍ତରାଛକ, କଟକ, ମହାନଦୀ ବିହାରରେ ଘରବାଡ଼ି ପ୍ଲଟ୍, 2BHK/3BHK Flat/ Duplex ଅଛି। 8327785834. D-1781

ସିଦ୍ଧିଆ High School ନିକଟ ଆଙ୍ଗୁଳରେ Farmhouse, Cultivation, Business ପାଇଁ ଉପଯୁକ୍ତ land ସୁଲଭ ମୂଲ୍ୟରେ ଉପଲବ୍ଧ, ଯାହା ବାଲେଶ୍ୱର Railway Station ଠାରୁ 10 K.M. Direct owner. Contact- 7978551614, 9439049194. D-1873

2047sqft. commercial (NH-57) boundarywall land sale at Pitapalli, Bhubaneswar- 7008634668. D-1877

ଉତ୍ତରା ନିକଟ ଗୁଡ଼ିଆପୋଖରୀ ଛକ ଠାରୁ 1.5KM ଓ 2.5.KM ଦୂରତାରେ 1750sqft. ବାଉଣ୍ଡାରୀ ଘେରା ଘରବାଡ଼ି plot ବିକ୍ରୟ ହେବ। 1460/- ଓ 1660/-. 7978551614. D-1872

ଭୁବନେଶ୍ୱର ନଖରାଛକରୁ 9 K.M. ଦୂରରେ ଘରବାଡ଼ି ପ୍ଲଟ୍ 8,40,000/- ରେ ମିଳୁଛି। 8093465134. D-1923

ଭୁବନେଶ୍ୱର NISER, IIT ଜଟଣୀ ପାଖରେ ପ୍ରସ୍ତାବିତ BDA 200ft ରୋଡ୍‌କୁ ଲାଗି investment ପ୍ଲଟ୍ ପୋଜେସନ ଥାଇ Sqft.- 650/-, 850/- ବିକ୍ରି ହେଉଛି– 9337166296. D-1942




Newly open health benefits spa by experts therapist con 8658088274. D-1866

The massage felt totally professional! & comfortable at all times- 7978109255. D-76492

## LOST

ମୁଁ , ଶ୍ରୀମତୀ ଶକୁନ୍ତଳା ପ୍ରଧାନ, ସ୍ୱାମୀ– ଉପେନ୍ଦ୍ରନାଥ ପ୍ରଧାନ, ଲେଙ୍କୁଡ଼ିପଡା, ନୟାଗଡ଼ର ବାସିନ୍ଦା, ଏତଦ୍ୱାରା ଶପଥପୂର୍ବକ ସହିତ ଘୋଷଣା କରୁଛି ଯେ: ଆଶାମଣି ସ୍ୱାଇଁଙ୍କଠାରୁ କ୍ରୟ କରାଯାଇଥିଲା, ଏକର ୦.୨୩ଡିସିମିଲ ସମ୍ପତ୍ତିର ମୂଳ ବିକ୍ରି କବଲା ନଂ.- ୯୪, ତା. ୦୧।୦୮।୧୯୯୮ ଏହା ୨୫।୦୮।୨୦୨୫ ତାରିଖରେ ମୋ ପୈତୃକ ଗ୍ରାମରୁ ଷ୍ଟେଟ୍ ବ୍ୟାଙ୍କ ଅଫ ଇଣ୍ଡିଆ, ନୟାଗଡ଼ ଯିବା ସମୟରେ ହଜିଯାଇଥିଲେ। ଆମେ କ୍ରୟ କବଲାର ସହି ନକଲ ଜରିଆରେ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ନୟାଗଡ଼ ମୁଖ୍ୟ ଶାଖାରେ ଋଣ ପାଇଁ ଆବେଦନ କରିଛୁ। ଯଦି କାହାରିକୁ ମୂଳ କବଲା ମିଳେ ତେବେ ଦୟାକରି ଶାଖା ପରିଚାଳକ, ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ମୁଖ୍ୟ ଶାଖା, ନୟାଗଡ଼ଙ୍କ ସହ ଯୋଗାଯୋଗ କରନ୍ତୁ। D-1944

Original RSD No.11091800301 Dtd. 18.05.2018, RSD No.11091101638 Dtd. 19.10.2011, RSD No.11091100462 Dtd.21.03.2011, RSD No.321 Dtd. 13.03.2007, RSD No. 11091200028 Dtd.04.01.2012 relating to our properties at Mouza- Badalasasan, Tahasil/SRO/P.S.- Balipatana, District.- Khurda bearing Plot No.2661, 2661/5118, 2664/4897, 2665, 2658, 2664 are missing/lost. Any person/s dealing with property with the missing original title deeds shall be at his/ her/their own risk and responsibility. We intend to mortgage with Indian Bank for availing loan. Any person having claim to the said property may file objection to the Indian Bank, Lingipur Branch, Bhubaneswar- 751002 (Phone- 9090071901) within seven days.
Bindusagar Pradhan
D-1937

## AFFIDAVIT

By virtue of an affidavit sworn before the Notary Public, Barbil Vide Sl. No.- 3436, Dt 26.8.2025, I Kali Charan Swain, Son of Balakrushna Swain, of Village Badawaubarai, P.O- Govindpur, P.S.- Govindpur, Dist.- Cuttack, Odisha, 758003, declares my correct middle name "Charan" instead of "Charna" for all official purpose. D-1945

By virtue of an affidavit sworn before the Executive Magistrate, Bhubaneswar, dated-10.09.2025, I, Surendra Nath Pattnayak, Address:-At.-FR-46/10, Shailashree Vihar, P.O.- Sailashree Vihar, P.S.- Chandrasekharpur, Bhubaneswar, Dist.- Khordha, Odisha, PIN-751021, declare that, I have changed my name from Surendra Pattnayak to Surendra Nath Pattnayak. Henceforth, I shall be known as Surendra Nath Pattnayak for all purposes.
Surendra Nath Pattnayak
D-1935

I, Manasi Patro, D/o- Ganesh Chandra Patro, Wife of Sri Santosh Kumar Samal, Resident of Qr. No.- LA-613, HAL Township, P.O.- Sunabeda- 02, P.S.- Sunabeda, Dist.- Koraput, Odisha, 763002 have changed my name by virtue of Marriage Certificate and shall be hereafter known as Manasi Samal and my date of birth has wrongly recorded as 19.07.1991 in my Aadhaar Card and to record as 09.07.1993 as per my birth Certificate and 10th Board Certificate as I sworn affidavit before the Notary Public, Sunabeda on dated- 12.08.2025. That, Manasi Patro and Manasi Samal both the name are same and one only. D-1940

By virtue of an affidavit sworn before the Executive, Boudh, No.1064, date 24.07.25, I Buluri Sethy, W/o. Dhrub Sethy, R/o. Village- Kamalpur, P.O.- Telibandh, P.S./Dist. Boudh, Odisha, PIN-762014 declare that I have changed my name from Buluri Jhankara to Buluri Sethy. Henceforth I shall be known as Buluri Sethy for all purposes.
Buluri Sethy
D-1943

By virtue of an Affidavit sworn before the Executive Magistrate, Sambalpur No.- 546 date.- 12.08.25, I, Swayam Prava Parida, W/o- Chitta Ranjan Parida, R/o- Dhuriapada, P.O.- A.Katapali, P.S.- Burla, Dist.- Sambalpur-768006 declare that my name has been wrongly mentioned in Aadhaar Card as Swayaprabha Parida, In order to correct my Aadhaar Card. Henceforth, I shall be known as Swayam Prava Parida for all purposes.
Swayam Prava Parida
D-1938

## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

୩୨ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସୁଧାଂଶୁ ମୋହନ ରାଉତରାୟ
କବି ତଥା ପ୍ରଶାସକ
ପ୍ଲଟ୍ ନଂ-୧୫୨, ସହିଦନଗର, ଭୁବନେଶ୍ୱର
ଆବିର୍ଭାବ : ୧୪.୧୨.୧୯୩୨
ତିରୋଧାନ : ୨୯.୦୯.୧୯୯୧
ଆପଣଙ୍କର ବନ୍ଧୁ ଓ ପରିବାରବର୍ଗ
ଧ-1936

## ଏକାଦଶାହ ଉପଲକ୍ଷେ



ସ୍ୱ.ବାଳାମଣି ଭୋଳ
ତଳମୁଣ୍ଡା ସାହି, ପୁରୀ
ଆବିର୍ଭାବ:୦୧।୦୧।୧୯୩୭
ତିରୋଧାନ: ୦୧।୦୯।୨୦୨୫
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ


# ଓଡ଼ିଶାରେ ଉଚ୍ଚଶିକ୍ଷା ନାମଲେଖା ସ୍ଥିତି ନୈରାଶ୍ୟଜନକ

## ବିଶ୍ୱସ୍ତରୀୟ ଭିତ୍ତିଭୂମି ନିର୍ମାଣ ପାଇଁ ପରାମର୍ଶ ଦେଲେ ବିଶେଷଜ୍ଞ

ଭୁବନେଶ୍ୱର,୧୦।୯(ଅନୁରାଧା ମହାରଣା)

ପ୍ରାଥମିକ ଶିକ୍ଷା ତୁଳନାରେ ଓଡ଼ିଶାରେ ଉଚ୍ଚଶିକ୍ଷା ନାମଲେଖା ଅନୁପାତ ଅତି ନୈରାଶ୍ୟଜନକ ରହିଛି। ଆବଶ୍ୟକ ଭିତ୍ତିଭୂମି ଓ ଅନ୍ୟାନ୍ୟ ସୁବିଧା ନ ଥିବାରୁ ଛାତ୍ରଛାତ୍ରୀ ବାହାର ରାଜ୍ୟ ତଥା ବିଦେଶକୁ ଚାଲିଯାଉଛନ୍ତି। ୨୦୨୫ ସୁଦ୍ଧା ଓଡ଼ିଶାରୁ ୫ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ଉଚ୍ଚଶିକ୍ଷା ପାଇଁ ବିଦେଶକୁ ଯିବାର ଆକଳନ କରାଯାଇଛି। ଶିକ୍ଷାସଂସ୍ଥାନ ଏବଂ ବେଡାର ନାୟକ ପ୍ରତିଷ୍ଠାନ ଅଫ୍ ଡେଭଲପମେଣ୍ଟ ଷ୍ଟଡିଜ୍ ପକ୍ଷରୁ ଜେଏନ୍‌ୟୁ ଓଡ଼ିଶା ଆଲୁମ୍ନି ଆସୋସିଏସନ ସହଯୋଗରେ ପ୍ରକାଶିତ ରିପୋର୍ଟରେ ଏଭଳି ତଥ୍ୟ ଏକ୍ସପୋଜ କରାଯାଇଛି। ରାଜ୍ୟ ସରକାର ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ ଉଚ୍ଚଶିକ୍ଷା ଭିତ୍ତିଭୂମି ନିର୍ମାଣ ପାଇଁ ତୁରନ୍ତ ପଦକ୍ଷେପ ନ ନେଲେ ଏହି ଧାରା ଏକ ବଡ଼ ଆର୍ଥିକ ଏବଂ ବୌଦ୍ଧିକ କ୍ଷତି ଘଟାଇପାରେ ବୋଲି ବିଶେଷଜ୍ଞମାନେ ମତ ପ୍ରକାଶ କରିବା ଅବସରରେ ସତର୍କ କରାଇଥିଲେ।

ବୁଧବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ସମ୍ମିଳନୀରେ ଶିକ୍ଷାସଂସ୍ଥାନ ଅଧକ୍ଷ ପ୍ରଫେସର ଜଟାଦ୍ର ନାଏକ କହିଲେ, ଏକ ଦୃଢ଼ ଶିକ୍ଷା ଭିତ୍ତିଭୂମି ନିଶ୍ଚିତ ଭାବରେ ଓଡ଼ିଶାକୁ ଆର୍ଥିକ ଏବଂ ସାମାଜିକ ଅଭିବୃଦ୍ଧି ଆଡ଼କୁ ପ୍ରେରଣା ଦେବା ପାଇଁ ମେରୁଦଣ୍ଡ ଭାବରେ କାର୍ଯ୍ୟ କରିବ। ପ୍ରାଥମିକ ଶିକ୍ଷାରେ ଉନ୍ନତି ସତ୍ତ୍ୱେ ଉଚ୍ଚଶିକ୍ଷାରେ ଓଡ଼ିଶାର ନାମଲେଖା ଅନୁପାତ (ଜିଇଆର) ମାତ୍ର ୨୨.୯% ରହିଛି, ଯାହା ଜାତୀୟ ହାର ୨୮.୪% ଠାରୁ ବହୁତ କମ୍। ତେବେ ଚଣ୍ଡିଗଡ଼ରେ ଏହା ୬୪.୮%, ପୁଡୁଚେରୀରେ ୬୧.୫%, ଦିଲ୍ଲୀରେ ୪୯%, ତାମିଲନାଡୁରେ ୪୭%, କେରଳରେ ୪୧.୩%, ରାଜସ୍ଥାନରେ ୨୮%, ମଧ୍ୟପ୍ରଦେଶରେ ୨୮% ରହିଛି। ଏହି ଅବସରରେ ପ୍ରକାଶିତ ଏକ ଶ୍ୱେତପତ୍ରରେ ଦର୍ଶାଯାଇଛି, ରାଜ୍ୟରେ ପ୍ରସ୍ତାବିତ ବେଦାନ୍ତ ୱାର୍ଲ୍ଡକ୍ଲାସ୍ ଶିକ୍ଷା ନଗରୀକୁ ଏକ ରଣନୈତିକ ସମାଧାନ ଭାବରେ ଉଲ୍ଲେଖ କରିଛି।



ପରିଣୀତି

# ସାତ୍ ଖୁନ୍ ମାଫ୍ ଦେଖି ନ ଥିଲେ...

ପରିଣୀତି ଚୋପ୍ରା କାହିଁକି ଶେଷରେ ଅଭିନୟକୁ କ୍ୟାରିୟର କରିବାକୁ ସ୍ଥିର କଲେ। ଯେତେବେଳେ ସେ ପାଠ ପଢୁଥିଲେ ସେତେବେଳେ ପ୍ରିୟଙ୍କା ଚୋପ୍ରାଙ୍କ ଅଭିନୀତ ସିନେମା ଦେଖୁଥିଲେ। ଏକଦା 'ସାତ୍ ଖୁନ୍ ମାଫ୍' ଦେଖିବା ପରେ ଚିତ୍ରଟି ତାଙ୍କୁ ବେଶ୍ ପ୍ରଭାବିତ କରିଥିଲା। ଆଉ ଏହା ପରେ କ'ଣ ଘଟିଲା ସେ ବିଷୟରେ ପରିଣୀତି କହନ୍ତି, 'ପ୍ରଥମେ ମୋର ଅଭିନୟ ପ୍ରତି ଆଦୌ ରୁଚି ନ ଥିଲା। ବଲିଉଡ୍‌ର ନାମୀ ବ୍ୟାନର ଯଶରାଜ ଫିଲ୍ମସରେ ମୁଁ କିଛି ଦିନ ପିଆରଓ ଭାବରେ କାମ କରିଥିଲି। କିନ୍ତୁ 'ସାତ୍ ଖୁନ୍ ମାଫ୍' ଦେଖିବା ପରେ ମୋ ମନକୁ ଏକ ନୂଆ କଥା ଆସିଲା। ମୁଁ ଅଭିନୟ କଲେ କେମିତି ହୁଅନ୍ତା ! ବାସ୍ କିଛି ଦିନ ଚିନ୍ତା କରିବା ପରେ ମାଇଣ୍ଡ ମେକ୍‌ଅପ୍ କଲି ଯେ ମୁଁ ଭବିଷ୍ୟତରେ କେବଳ ଆକ୍ଟିଂକୁ ହିଁ କ୍ୟାରିୟର କରିବି। ପୁଣି ଏପରି ସଂଯୋଗ ଯଶରାଜ ଫିଲ୍ମସ ବ୍ୟାନରରେ ଏବଂ ଆଦିତ୍ୟ ଚୋପ୍ରାଙ୍କ ପ୍ରଯୋଜନାରେ ନିର୍ମିତ ଫିଲ୍ମ 'ଲେଡିଜ ଭର୍ସେସ ରିକି ବହଲ'ରେ ମୋତେ ପ୍ରଥମେ ବ୍ରେକ୍ ମିଳିଥିଲା। '' ନିଜର ପ୍ରଥମ ସିନେମା ପାଇଁ ପରିଣୀତିଙ୍କୁ ଶ୍ରେଷ୍ଠ ନବାଗତା ଅଭିନେତ୍ରୀ ଭାବରେ ଫିଲ୍ମ ଫେୟାର ପୁରସ୍କାର ମିଳିଥିଲା। କେବଳ ସେତିକି ନୁହେଁ, 'ଇସକ୍‌ଜ୍ୟାଦେ' ପାଇଁ ତାଙ୍କୁ ଜାତୀୟ ଚଳଚ୍ଚିତ୍ର ପୁରସ୍କାରରେ ସ୍ପେଶାଲ ଜୁରୀ ଆୱାର୍ଡରେ ସମ୍ମାନିତ କରାଯାଇଥିଲା।

# ଏପଟେ ଖୁସି ସେପଟେ ଟେନ୍‌ସନ୍

ନୋରା ଫତେହି ଏବେ ଲଙ୍ଗ ଭ୍ୟାକେଶନରେ ଯାଇଛନ୍ତି। ଏଥିପାଇଁ ସେ ଏବେ ପ୍ୟାରିସରେ ଡେରା ପକାଇଛନ୍ତି। ଅନ୍ୟପକ୍ଷରେ ସେ ଏକ ଅନଟାଇଟଲ୍‌ଡ ସିନେମାରେ ଅଭିନୟ କରିବାକୁ ଯାଉଛନ୍ତି ଏହି ଅଭିନେତ୍ରୀ । ଏଥିରେ ତାଙ୍କୁ ମିଳିଥିବା ଭୂମିକାଟି ଛୋଟ, ହେଲେ ଚିତ୍ରଟିରେ ସଂଯୋଜିତ ଏକ ଆଇଟମ୍ ନମ୍ବରରେ ସେ ମଧ ଡ୍ୟାନ୍ସ କରିବେ। ହେଲେ ଏଥିରେ ଆଉ ଏକ ଦୃଶ୍ୟ ସଂଯୋଜିତ ହେବାକୁ ଯାଉଛି ଯାହାକୁ ନେଇ ନୋରାଙ୍କର ଟେନ୍‌ସନ ବଢ଼ିଯାଇଛି। ତାହା କ'ଣ ଜାଣନ୍ତି ? ଏହି ଫିଲ୍ମର ଏକ ଦୃଶ୍ୟରେ ସେ ବିକିନି ପିନ୍ଧି ସୁଇମିଂ ପୁଲ୍‌ରେ ପହଁରୁଥିବାର ଶଟ୍ ନିଆଯିବ। ଆଉ ଏହାକୁ ନେଇ ନୋରା ଅଡୁଆରେ ପଡିଛନ୍ତି। ''ଯେତେବେଳେ ପ୍ରଯୋଜକ ମୋ ସହ କଥା ହେଲେ ସେତେବେଳେ ଏକଥା କିଛି କହି ନ ଥିଲେ। ହେଲେ ଏବେ ଏଥିରେ ବିକିନି ଶଟ୍ ଯୋଡା ଯାଇଛି। ତେବେ ଏ ନେଇ ଶେଷ ନିଷ୍ପତ୍ତି ନେବାକୁ ପ୍ରଯୋଜକ ମୋତେ ଅବଶ୍ୟ ଦୁଇ ସପ୍ତାହ ସମୟ ଦେଇଛନ୍ତି। ଏହି ବିଷୟରେ ଭଲ ଭାବରେ ଚିନ୍ତା କରିବା ପରେ ଯାହା ନିଷ୍ପତ୍ତି ନେବି। ''



ନୋରା

## ପରଦାରେ...

# ହୀର୍ ଏକ୍ସପ୍ରେସ୍

ଚଳିତ ମାସ ୧୨ ତାରିଖରେ ପରଦା ଉପରକୁ ଆସୁଛି ଏକ ଭିନ୍ନ ଧରଣର ହିନ୍ଦୀ ସିନେମା 'ହୀର୍ ଏକ୍ସପ୍ରେସ୍'। କାହାଣୀ ଅନୁସାରେ ହୀର୍ ୱାଲିୟା ପଞ୍ଜାବର ଜଣେ ଯୁବତୀ। ନିଜ ମା'ଙ୍କ ମୃତ୍ୟୁ ପରେ ସେ ଇଂଲଣ୍ଡ ଚାଲିଯାଆନ୍ତି। ସେଠାରେ ସେ ନିଜ ପରିବାର ଚଳାଇବାକୁ ସାହସର ସହ ଆଗକୁ ପାଦ ବଢ଼ାନ୍ତି। ବାଧାବିଘ୍ନର ସମ୍ମୁଖୀନ ହୋଇ ମଧ ସେ ନିଜ ଲକ୍ଷ୍ୟ ପଥରୁ ବିଚ୍ୟୁତ ହୁଅନ୍ତି ନାହିଁ। ତେବେ ଏଥିରେ ସେ କେତେ ସଫଳ ହୁଅନ୍ତି, ନିଜ ପରିବାରକୁ ସେ ସେଠାରେ ସୁରୁଖୁରୁରେ ଚଳାଇ ପାରନ୍ତି ତ ?

ଏଭଳି ଅନେକ ପ୍ରଶ୍ନର ଉତ୍ତର ରହିଛି ଏହି ସିନେମାରେ। ଏହାର ମୁଖ୍ୟ ଚରିତ୍ର ହୀର୍ ଭୂମିକାରେ ଡିଭିତା ଜୁନେଜା ଅଭିନୟ କରିଛନ୍ତି।

ତାଙ୍କ ବ୍ୟତୀତ ଏହାର କାଷ୍ଟିଂରେ ଆଶୁତୋଷ ରାଣା, ସଞ୍ଜୟ ମିଶ୍ର, ଗୁଲସନ୍ ଗ୍ରୋଭର, ପ୍ରୀତ କମାନି ଏବଂ ମେଘନା ମଲ୍ଲିକ ପ୍ରମୁଖ କଳାକାର ଅଭିନୟ କରିଛନ୍ତି।

ଫିଲ୍ମଟିର ପ୍ରଯୋଜନା କରିଛନ୍ତି ଉମେଶ ଶୁକ୍ଲା, ସଞ୍ଜୟ ଗ୍ରୋଭର, ଆଶିଷ ୱାଘ ଏବଂ ମୋହିତ। ସଞ୍ଜୟ ଗ୍ରୋଭର ଏହାର କାହାଣୀ ରଚନା କରିଛନ୍ତି।

ସମୀର ଆର୍ଯ୍ୟ ଚିତ୍ରଟିର ସିନେମାଟୋଗ୍ରାଫି ଦାୟିତ୍ୱ ତୁଲାଇଛନ୍ତି। ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ଉମେଶ ଶୁକ୍ଲା। କେବଳ ହିନ୍ଦୀ ଭାଷାରେ ନିର୍ମିତ ଏହି ଫିଲ୍ମର ଅବଧି ରହିଛି ୧୪୨ ମିନିଟ୍। ତେବେ ଏହି ଫିଲ୍ମରେ ନିଜ ଭୂମିକାର ସଫଳତାକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି ଡିଭିତା।



'ହୀର୍ ଏକ୍ସପ୍ରେସ୍' ଫିଲ୍ମରେ ଡିଭିତା ଜୁନେଜା

# ଥ୍ୟାଙ୍କ୍‌ସ ସଲମାନ

'ଦବଙ୍ଗ ଗର୍ଲ' ସୋନାକ୍ଷୀ ସିହ୍ନା ନିଜ ଅଭିନୟ ଜୀବନରେ ଏକ ସ୍ମୃତିକୁ ଏପର୍ଯ୍ୟନ୍ତ ମନେ ପକାଉଛନ୍ତି। ପୁଣି ଏପରି ଘଟଣା ସବୁଦିନ ପାଇଁ ତାଙ୍କ ହୃଦୟରେ ଜେରକ୍ସ ଭଳି ରହିଥିବ ବୋଲି କହି ବୁଲୁଛନ୍ତି। ହେଲେ ତାହା ଏମିତି କ'ଣ ଯେ, ଯାହାକୁ ବାରମ୍ବାର ମନେ ପକାଉଛନ୍ତି ଏହି ଅଭିନେତ୍ରୀ ? ଅସଲ କଥା ହେଲା, ଯେତେବେଳେ ତାଙ୍କୁ ବଲିଉଡ୍‌ରେ ଡେବ୍ୟୁ କରିବାର ସୁଯୋଗ ମିଳିଲା ସେତେବେଳେ ଗୋଟିଏ କଥା ତାଙ୍କ ପାଇଁ ଏକ ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଥିଲା। ତାହା ଥିଲା ତାଙ୍କ ଓଜନ। ପ୍ରଥମ ସିନେମା 'ଦବଙ୍ଗ'ରେ ସାଇନ୍ କରିବା ସମୟରେ ସୋନାକ୍ଷୀଙ୍କ ଓଜନ କେତେ ଥିଲା ଜାଣନ୍ତି ? ୯୦ କିଗ୍ରା। ତେଣୁ ଏହାକୁ ଯେତେଶୀଘ୍ର କମାଇବାକୁ ତାଙ୍କୁ ପରାମର୍ଶ ଦିଆଯାଇଥିଲା। ଏପରି କି ଫିଲ୍ମର ଶୁଟିଂକୁ ମଧ ସେହି ଅନୁସାରେ ଫିକ୍ସ କରାଯାଇଥିଲା। ଆଉ ତା'ପରେ ଏଥିପାଇଁ ଦିନରାତି ଲାଗିପଡ଼ିଥିଲେ ସୋନାକ୍ଷୀ। ଦୁଇ ବର୍ଷ ପରିଶ୍ରମ କରିବା ପରେ ସେ ନିଜର ଓଜନ ୯୦ରୁ ୬୦ କିଗ୍ରାକୁ କମାଇବାରେ ସକ୍ଷମ ହୋଇଥିଲେ। ''ଏହି ଦୁଇ ବର୍ଷ ମୁଁ ଯେଉଁ ପରିଶ୍ରମ କରିଛି ତାହାକୁ କଦାପି ଭୁଲିପାରିବି ନାହିଁ। ସେତେବେଳେ ସଲ୍ଲୁଜୀ (ସଲମାନ୍ ଖାନ୍) ଯେଉଁ ଟିପ୍ସ ଦେଇଥିଲେ ତାହାକୁ ଗୋଟି ଗୋଟି ଅନୁସରଣ କରିବା ଯୋଗୁ ମୋର ଏହି ମିଶନ ସଫଳ ହୋଇଥିଲା। ଏ ନେଇ ତାଙ୍କୁ ଯେତେ ଧନ୍ୟବାଦ ଦେବି ତାହା ସେତେ କମ୍ ହେବ ବୋଲି କହନ୍ତି ସୋନାକ୍ଷୀ।'' ମଡେଲିଂରୁ ଅଭିନୟ ଜଗତରେ ପ୍ରବେଶ କରିଥିଲେ ସେ।



ସୋନାକ୍ଷୀ

## ଅତୀତରୁ

❖କେ.ଏଚ.ଡି. ରାଓଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ହୋଇଥିଲା ଓଡ଼ିଆ ସିନେମା 'ପରିବାର'। ଏହାର ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ ଉପେନ୍ଦ୍ର କୁମାର। ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ ଚକ୍ରପାଣି, ଅନୀତା ଦାସ, ଅଭୟ, ନରେନ୍ଦ୍ର, ଭୋଳାନାଥ ପ୍ରମୁଖ କଳାକାର।

❖ସତ୍ୟସାଇ ମୁଭିଟୋନ୍, ବ୍ରହ୍ମପୁର ବ୍ୟାନରରେ ପ୍ରସ୍ତୁତ ଓଡ଼ିଆ ଚିତ୍ର 'କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ'ର ନିର୍ଦ୍ଦେଶନା ଦେଇଥିଲେ ଏନ. ଗୋପାଳ। ଏହି ଫିଲ୍ମର ନାୟିକା ସାଜିଥିଲେ ରୋଜାରମଣି ଏବଂ ତାଙ୍କ ସହ ସ୍କ୍ରିନ୍ ଶେୟାର କରିଥିଲେ ଚକ୍ରପାଣି।

❖ଡି.କେ. ପ୍ରଡକ୍ସନ, କଟକ ବ୍ୟାନରରେ ନିର୍ମିତ ହୋଇଥିବା ଓଡ଼ିଆ ସିନେମା 'ଗୌରୀ'ର ଟାଇଟଲ ଭୂମିକାରେ ଅଭିନୟ କରିଥିଲେ ମହାଶ୍ୱେତା ରାୟ। ଧୀର ବିଶ୍ୱାଳଙ୍କ ପ୍ରଯୋଜିତ ଏବଂ ନିର୍ଦ୍ଦେଶିତ ଏହି ଫିଲ୍ମର ନାୟକ ସାଜିଥିଲେ ପ୍ରଶାନ୍ତ ନନ୍ଦ। ଗୀତଗୁଡିକୁ ସ୍ୱର ଦେଇଥିଲେ ପ୍ରଫୁଲ୍ଲ କର।

❖ଓଡ଼ିଆ ସିନେମା 'ସଉତୁଣୀ'ର ନିର୍ଦ୍ଦେଶନା ଭାର ସମ୍ଭାଳିଥିଲେ ଅକ୍ଷୟ ମହାନ୍ତି (କାଶ୍ୟପ)। ବାସୁଦେବ ରଥଙ୍କ ସ୍ୱର ସଂଯୋଜନାରେ ଏଥିରେ ସଂଯୋଜିତ ଗୀତଗୁଡ଼ିକ ଦର୍ଶକଙ୍କୁ ପ୍ରଭାବିତ କରିବାରେ ସକ୍ଷମ ହୋଇଥିଲା। ତନ୍ଦ୍ରା ରାୟ, ଡ. ସଚ୍ଚି ମିଶ୍ର, ଅନୀତା ଦାସ ଏବଂ ବିଜୟ ମହାନ୍ତି ପ୍ରମୁଖ କଳାକାର ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ।

❖ଦୁର୍ଗାଶଙ୍କର ପଟ୍ଟନାୟକଙ୍କ ପ୍ରଯୋଜିତ ଏବଂ ବିଶ୍ୱଜିତ ଦାସଙ୍କ ନିର୍ଦ୍ଦେଶିତ 'ନିଝୁମ ରାତିର ସାଥୀ'ର ମୁଖ୍ୟ ଭୂମିକାରେ ଉତ୍ତମ ମହାନ୍ତି ଏବଂ ମହାଶ୍ୱେତା ରାୟଙ୍କୁ ଦେଖିବାକୁ ମିଳିଥିଲା। ଗୀତଗୁଡ଼ିକର ସ୍ୱର ସଂଯୋଜନା କରିଥିଲେ ଅକ୍ଷୟ ମହାନ୍ତି।

# ଅପେକ୍ଷା କରିଛନ୍ତି ଅର୍ଦ୍ଧେନ୍ଦୁ

ଅର୍ଦ୍ଧେନ୍ଦୁ ସାହୁ ବେଶ୍ ଉତ୍ସୁକତାର ସହ ଅପେକ୍ଷା କରିଛନ୍ତି। ସେପଟେ ଏହି ଶୁଭ ଦିନ ଯେତିକି ପାଖେଇ ଆସୁଛି ମନ ଭିତରେ ଆଗ୍ରହ ସେତେ ବଢ଼ି ବଢ଼ି ଚାଲିଛି। ହେଲେ ସେ ଏମିତି କେଉଁ ଜିନିଷକୁ ଅପେକ୍ଷା କରିଛନ୍ତି ? କେତେକ ତ ଏ ନେଇ ପୂର୍ବାନୁମାନ କରିସାରିବେନି। ହେଲେ ତାହା ଜଣାଇ ଦେବା ହିଁ ଠିକ୍ ହେବ। ହଁ, କଥା କ'ଣ କି ଅର୍ଦ୍ଧେନ୍ଦୁଙ୍କ ଅଭିନୀତ ନୂଆ ଓଡ଼ିଆ ସିନେମା 'ଚ୍ୟାଲେଞ୍ଜ' ଏଥର ଦଶହରାରେ ମୁକ୍ତିଲାଭ କରିବାକୁ ଯାଉଛି। ଆଉ ଏଭଳି ଏକ ଆକ୍ସନଭିତ୍ତିକ ଫିଲ୍ମର ସଫଳତାକୁ ନେଇ ଢେର ଆଶା ରଖିଛନ୍ତି ଏହି ଅଭିନେତା। ସବୁଠାରୁ ଖାସ୍ କଥା ହେଲା, ଏହି ଫିଲ୍ମରେ ଅନ୍ୟତମ ଲୋକପ୍ରିୟ ପୌରାଣିକ ଧାରାବାହିକ 'ମହାଭାରତ'ର ଦୁର୍ଯ୍ୟୋଧନ ଚରିତ୍ରରେ ଅଭିନୟ କରିଥିବା ପୁନୀତ ଇସାର ଏଥିରେ ନିଜର ଓଲିଉଡ୍ ଡେବ୍ୟୁ କରିବାକୁ ଯାଉଛନ୍ତି। ଉକ୍ତ ସିନେମାରେ ଅର୍ଦ୍ଧେନ୍ଦୁଙ୍କ ନାୟିକା ସାଜିଛନ୍ତି ଏଲିନା ସାମନ୍ତରାୟ। ତା'ସହ ପୁପିନ୍ଦର ଏବଂ ଲିପିଙ୍କୁ ମଧ ଗୁରୁତ୍ୱପୂର୍ଣ୍ଣ ଚରିତ୍ରରେ ଦର୍ଶକ ଦେଖିବାକୁ ପାଇବେ। ଏଥିରେ ସଂଯୋଜିତ 'ଭାଙ୍ଗ' ଗୀତ ମାତ୍ର ଦିନ କେଇଟାରେ ସୋସିଆଲ ମିଡିଆରେ ଲକ୍ଷାଧିକ ଦର୍ଶକଙ୍କ ପ୍ରଶଂସା ସାଉଁଟି ପାରିଛି ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଆଦିକନ୍ଦ ଏଣ୍ଟରଟେନମେଣ୍ଟ ବ୍ୟାନରରେ ତଥା ଆଦିକନ୍ଦ ସାହୁଙ୍କ ପ୍ରଯୋଜନାରେ ଏବଂ ଜୀ ସାର୍ଥକର ସହଭାଗିତାରେ ଏହାକୁ ପ୍ରସ୍ତୁତ କରାଯାଇଛି। ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି ସାଇ କିରଣ ମଙ୍ଗରାଜ। କାହାଣୀ ଓ ଚିତ୍ରନାଟ୍ୟ ମାନସ ପଡ଼ିଆରୀ ରଚନା କରିଛନ୍ତି। ଚିତ୍ର ଉତ୍ତୋଳନ କରିଛନ୍ତି ପ୍ରତାପ ରାଉତ। ଗୀତଗୁଡିକ ସ୍ୱର ଦେଇଛନ୍ତି ଗୌରବ ଆନନ୍ଦ। ପ୍ରଚାର ଓ ପ୍ରସାର ଦାୟିତ୍ୱରେ ଅଛନ୍ତି ମିଡ଼ିଆ ପ୍ଲାନର କ୍ରିଏଟିଭ ହେଡ ପ୍ରଣୟ ଜେଠୀ।



'ଚ୍ୟାଲେଞ୍ଜ' ଫିଲ୍ମରେ ଅର୍ଦ୍ଧେନ୍ଦୁ

# ଆତ୍ମବିଶ୍ଳେଷଣର ସମୟ ଆସିଛି..

ଆମ ଓଡ଼ିଆ ସିନେମା ଏବେ ଏକ ନୂଆ ଧାରା ଧରିଛି। ଗତ କିଛି ବର୍ଷ ହେବ କେତୋଟି ଭଲ ଭଲ ସିନେମା ପ୍ରସ୍ତୁତ ହୋଇ ଦର୍ଶକଙ୍କ ମନ ଜିଣିବାରେ ସକ୍ଷମ ହୋଇଛି। ଏଥର ରଜରେ 'ବୋଉ ବୁଟୁ ଭୂତ' ଯେଉଁଭଳି ଆଶାତୀତ ସଫଳତା ହାସଲ କଲା ଆଉ ରେକର୍ଡ ବିଜନେସ କରିବାରେ ସକ୍ଷମ ହେଲା–ଏହାଦ୍ୱାରା ଅନ୍ୟ ପ୍ରଯୋଜକମାନେ ନିଶ୍ଚୟ ଅନୁପ୍ରାଣିତ ହୋଇଥିବେ। ଭଲ କାହାଣୀଟିଏ ଚୟନ କଲେ ଆଉ ତାହାକୁ ଠିକ୍ ଭାବରେ ଉପସ୍ଥାପନ କରାଯାଇପାରିଲେ ସିନେମାଟି ନିଶ୍ଚୟ ଦର୍ଶକାଦୃତ ହେବ। ତେଣୁ ଏବେ ଆମ ଓଡ଼ିଆ ସିନେମା ଜଗତ ସହ ଜଡ଼ିତ ବ୍ୟକ୍ତିବିଶେଷଙ୍କର ଆତ୍ମବିଶ୍ଳେଷଣର ସମୟ ଆସିଛି କହିଲେ ଭୁଲ୍ ହେବ ନାହିଁ।

ଆମ ରାଜ୍ୟରେ ଭଲ ଶୁଟିଂ ଲୋକେଶନ ରହିଛି। ଏପରି ସ୍ଥାନ ଗୁଡ଼ିକରେ ବଲିଉଡ ଚଳଚ୍ଚିତ୍ର ମଧ ଶୁଟିଂ ହୋଇପାରିବ। ତେଣୁ ଏଭଳି ସ୍ଥାନକୁ ଦୃଷ୍ଟି ଦିଆଯିବା ନିହାତି ଦରକାର।

ଓଡ଼ିଆ ସିନେମାର ସଂଖ୍ୟା ବଢୁଛି–ଏଥିରେ ଦ୍ୱିମତ ହେବାର ନାହିଁ। ହେଲେ ଭଲ ସିନେମାଟିଏ ନିର୍ମାଣ କଲେ ଆଉ ତାହା ଯଦି ଭଲ ବିଜନେସ୍ କଲା ତେବେ ସମ୍ପୃକ୍ତ ପ୍ରଯୋଜକ ଆଉ ଏକ ସିନେମା ନିର୍ମାଣ କରିବାକୁ ନିଶ୍ଚୟ ମନ ବଳାଇବେ। କେବଳ ସଂଖ୍ୟା ବଢ଼ିଲେ ହେବ ନାହିଁ, ଦର୍ଶକଙ୍କ ମନକୁ ପ୍ରଭାବିତ କରିବା ଭଳି ସିନେମା ପ୍ରସ୍ତୁତ ହେବା ଆବଶ୍ୟକ। ଏଭଳି କେତେକ ସିନେମା ତିଆରି ହେଉଛି ଯାହା ରିଲିଜ ହେବାର ଦିନ କେଇଟା ଭିତରେ ପ୍ରେକ୍ଷାଳୟରୁ ଓହ୍ଲାଇ ଯାଉଛି। ସିନେମାର ପ୍ରଚାର ପ୍ରସାର ଦିଗରେ ମଧ ଅଧିକ ଗୁରୁତ୍ୱ ଦିଆଯିବା ଆବଶ୍ୟକ।

ଚଳିତ ବର୍ଷ ଏପର୍ଯ୍ୟନ୍ତ ୩୦ଟି ଚଳଚ୍ଚିତ୍ର ରିଲିଜ ହୋଇଛି। ହେଲେ କେତୋଟି ସିନେମାକୁ ବ୍ୟବସାୟିକ ସଫଳତା ମିଳିଛି କହିଲେ ? ବାସ୍, ହାତଗଣତି କିଛି ସିନେମା ହିଁ ଏହାର ତାଲିକାଭୁକ୍ତ ହେବେ। ଚଳଚ୍ଚିତ୍ରଟିଏ



ନିର୍ମାଣ କରିବା ପୂର୍ବରୁ ଅନେକ ଦିଗ ପ୍ରତି ଦୃଷ୍ଟି ଦିଆଯିବା ଦରକାର। ଏବେ ଅଧିକାଂଶ ସିନେମାକୁ ଅନ୍ୟ ପ୍ରାନ୍ତୀୟ ଭାଷା ଫିଲ୍ମରୁ କପି କରାଯାଉଛି। ଆମ ନିଜସ୍ୱ କାହାଣୀକୁ ଆଧାର କରି ଭଲ ଚିତ୍ର ତିଆରି ହୋଇପାରିବ, ଯାହାର ଅନେକ ଉଦାହରଣ ଅତୀତରେ ରହିଛି।

ବର୍ତ୍ତମାନ କେତେକ ପ୍ରେକ୍ଷାଳୟ ବନ୍ଦ ହୋଇଯାଇଥିବା ବେଳେ ଆଉ କେତେକକୁ ନବୀକରଣ କରାଯାଇଛି। ଅନ୍ୟପକ୍ଷରେ ମଲ୍ଟିପ୍ଲେକ୍ସର ଡିମାଣ୍ଡ କାହିଁରେ କେତେ। ବିଶେଷଭାବରେ ଯୁବପିଢ଼ି ଏଠାରେ ସିନେମା ଦେଖିବାକୁ ପସନ୍ଦ କରୁଛନ୍ତି। ତେବେ ପ୍ରେକ୍ଷାଳୟ ସଂଖ୍ୟା ବଢ଼ିଲେ ତାହା ନିଶ୍ଚୟ ସିନେମା ବ୍ୟବସାୟକୁ ଆହୁରି ସହାୟ ହେବ।

ଆଉ ଏକ କଥା ହେଲା ଓଡ଼ିଆ ସିନେମା ଦେଖିବାକୁ ଦର୍ଶକଙ୍କ ଆଗ୍ରହ। ଦିନ ଥିଲା ଓଡ଼ିଆ ସିନେମାଟିଏ ମୁକ୍ତିଲାଭ କଲେ ପ୍ରେକ୍ଷାଳୟ ସାମନାରେ ପ୍ରବଳ ଭିଡ଼ ପରିଲକ୍ଷିତ ହେଉଥିଲା। କିନ୍ତୁ ଯଦି ଆମେ ଗତ କିଛି ବର୍ଷର ଦର୍ଶକଙ୍କ ସଂଖ୍ୟା ଉପରେ ଦୃଷ୍ଟି ନିକ୍ଷେପ କରିବା ତେବେ ତାହା କେତେ ହେବ ପ୍ରାୟ ସମସ୍ତେ ଜାଣନ୍ତି। ତେବେ ଏଇ କିଛି ବର୍ଷ ହେବ, 'ଦମନ୍', 'କର୍ମ', 'ମାଲ୍ୟଗିରି', 'ପ୍ରତୀକ୍ଷା' ଆଦି କେତେକ ସିନେମା ଦର୍ଶକଙ୍କ ହୃଦୟ ଜିଣିବାରେ ସକ୍ଷମ ହୋଇଛି। ତେଣୁ ସିନେମାଟିଏ ନିର୍ମାଣ କରିବା ସମୟରେ ଦର୍ଶକଙ୍କର ମାନସିକତାକୁ ଅଗ୍ରାଧିକାର ଦେବା ଦରକାର।

ବର୍ତ୍ତମାନ ଆମ ଓଡ଼ିଆ ସିନେମା ପାଇଁ ଏକ ଭଲ ସମୟ ଆସିଛି। କେବଳ ସେତିକି ନୁହେଁ, ଜାତୀୟ ଚଳଚ୍ଚିତ୍ର ପୁରସ୍କାର ତାଲିକାରେ ଆମ ଓଡ଼ିଆ ଚଳଚ୍ଚିତ୍ର ଏବେ ଲଗାତର ସ୍ଥାନ ପାଉଛି। ତେବେ ଭଲ ସିନେମା ନିର୍ମାଣ ହେଲେ ତାହା ନିଶ୍ଚୟ ଦର୍ଶକାଦୃତ ହେବ ଏବଂ ଭଲ ବିଜନେସ୍ ମଧ କରିବ। ତା'ସହ ଆମ ଓଡ଼ିଆ ସିନେମାର ହଜି ଯାଇଥିବା ସୁନେଲି ଦିନ ପୁଣି ଥରେ ନିଶ୍ଚୟ ଫେରି ଆସିବ–ଏଥିରେ ତିଳେ ହେଲେ ସନ୍ଦେହ ନାହିଁ।

–ଶୁଭ୍ର ମହାପାତ୍ର

ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com | ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଗୁରୁବାର, ସେପ୍ଟେମ୍ବର ୧୧/୨୦୨୫ Bhubaneswar, Thursday, September 11/ 2025

## କେଭିଏଲ୍‌ରେ ଭାଗନେବେ ୭୬ ଦଳ

**ଭୁବନେଶ୍ୱର, ୧୦।୯(ତପନ ସ୍ୱାଇଁ)**

କଳିଙ୍ଗ ଭଲିବଲ୍ ଲିଗ୍(କେଭିଏଲ୍) ପାଇଁ ପଞ୍ଜୀକରଣ ପ୍ରକ୍ରିୟା ଶେଷ ହୋଇଛି। ଏଥିରେ ରାଜ୍ୟର ମୋଟ୍ ୭୬ଟି ଦଳ ଭାଗନେଉଥିବା ଜଣାପଡ଼ିଛି। ୧୬ ବର୍ଷରୁ କମ୍ ବୟସ ବର୍ଗର ଖେଳାଳିଙ୍କୁ ନେଇ ଲିଗ୍ ଆୟୋଜନ କରାଯିବ। ୪ଟି ଜୋନ୍‌ରେ ଲିଗ୍ ଖେଳାଯିବା ପରେ କଟକରେ ଫାଇନାଲ ଅନୁଷ୍ଠିତ ହେବ। ଏଥିରେ ଚାମ୍ପିୟନ ଦଳ ଜାତୀୟ ପ୍ରତିଯୋଗିତାରେ ଭାଗନେବା ଲାଗି ଆସାମ ଯାତ୍ରା କରିବ। କଟକ ବାରବାଟୀ ଷ୍ଟାଡିୟମ ପରିସରସ୍ଥିତ ଗେଷ୍ଟହାଉସ୍‌ରେ ଅନୁଷ୍ଠିତ କଳିଙ୍ଗ ଭଲିବଲ ବିକାଶ ପରିଷଦ(କେଭିଡିସି)ର ସାଧାରଣ ପରିଷଦ ବୈଠକରେ ଏହି ସୂଚନା ଦିଆଯାଇଛି। କେଭିଡିସି ସମ୍ପାଦକ ସଂଗ୍ରାମ ଓଝାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ରାଜ୍ୟରେ ଭଲିବଲ୍ କ୍ରୀଡ଼ାର ସାମଗ୍ରିକ ବିକାଶ ଦିଗରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। କେଭିଏଲ୍‌ର ପ୍ରଥମ ପର୍ଯ୍ୟାୟ ଲିଗ୍ କଟକ ଜିଲାର ନାରଙ୍ଗବସ୍ତରେ ଆୟୋଜନ ହେବ। ପରେ ଯାଜପୁର, ଅନୁଗୋଳ ଏବଂ ଭୁବନେଶ୍ୱରରେ ଲିଗ୍‌ର ଅବଶିଷ୍ଟ ମ୍ୟାଚ୍ ଖେଳାଯିବ। ବୈଠକରେ କେଭିଡିସି ସଭାପତି ଅଭିଲାଷ ଦାସ, ଉପସଭାପତି ରମାକାନ୍ତ ପଟ୍ଟନାୟକ, ଶିବରଞ୍ଜିତ ଜେନା, କାର୍ଯ୍ୟନିର୍ବାହୀ ସଦସ୍ୟ କୁମାରଶ୍ରୀ ସାହୁ, ଦୀପ୍ତିରଞ୍ଜନ ମହାନ୍ତି, ଆଦର୍ଶ ଆନନ୍ଦଡିଗଲ ପ୍ରମୁଖ ଉପସ୍ଥିତ ଥିଲେ।

# ଭାରତର ସହଜ ବିଜୟ

**ଦୁବାଇ,୧୦।୯**

ଚଳିତ ଏସିଆ କପ୍ ଟି୨୦ ଟୁର୍ନାମେଣ୍ଟରେ ବୁଧବାର ଖେଳାଯାଇଥିବା ଲିଗ୍ ମ୍ୟାଚ୍‌ରେ ଡିଫେଣ୍ଡିଂ ଚାମ୍ପିୟନ ଭାରତ ଅତି ସହଜରେ ଆୟୋଜକ ୟୁନାଇଟେଡ୍ ଆରବ ଏମିରେଟ୍ସ(ୟୁଏଇ)କୁ ୯ ଉଇକେଟରେ ପରାସ୍ତ କରିଦେଇଛି। ପ୍ରଥମେ ବ୍ୟାଟିଂ କରିଥିବା ୟୁଏଇ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ମାତ୍ର

**ଏସିଆ କପ୍ କ୍ରିକେଟ**
**(ଆଜିର ମ୍ୟାଚ୍)**
**ବାଂଲାଦେଶ ବନାମ ହଂକଂ**
ଭେନ୍ୟୁ: ଆବୁଧାବି
ସମୟ: ରାତି ୮ଟା
**ପ୍ରସାରଣ: ସୋନୀ ସ୍ପୋର୍ଟ୍ସ ନେଟୱର୍କ**

୧୩.୧ ଓଭରରେ ୫୭ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା। ୫୮ ରନ୍‌ର ଛୋଟିଆ ଟାର୍ଗେଟ୍‌କୁ ଭାରତ ମାତ୍ର ୪.୩ ଓଭରରେ ୧ ଉଇକେଟ କ୍ଷତିରେ ହାସଲକରି ନେଇଥିଲା। ଭାରତ ତା'ର ପରବର୍ତ୍ତୀ ମ୍ୟାଚ୍‌ରେ ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଭେଟିବ। ପ୍ରଥମେ ବ୍ୟାଟିଂ କରିଥିବା ୟୁଏଇ ୧୩.୧ ଓଭରରେ ୫୭ ରନରେ ଅଲଆଉଟ୍ ହୋଇଯାଇଥିଲା। ଏହା ଏସିଆ କପ୍ ଟି୨୦ ଟୁର୍ନାମେଣ୍ଟ ଇତିହାସର ଦ୍ୱିତୀୟ ସର୍ବନିମ୍ନ ଦଳଗତ ସ୍କୋର। ଘରୋଇ ଦଳ ପାଇଁ ଦୁଇ ଓପନର ଆଲିଶାନ ଶାରାଫୁ ୨୨ ଓ ଅଧିନାୟକ ମହମ୍ମଦ ୱସିମ ୧୯ ରନ କରିଥିଲେ। ଏମାନଙ୍କୁ ଛାଡ଼ି ଦେଲେ ଅନ୍ୟ କୌଣସି ବ୍ୟାଟର ଦୁଇ ଅଙ୍କ ସ୍କୋର ଛୁଇଁପାରିନଥିଲେ। ଭାରତ ପାଇଁ କୁଲଦୀପ ଯାଦବ ୪ ଓ ଶିବମ ଦୁବେ ୩ ଉଇକେଟ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରୁଣ ଚକ୍ରବର୍ତ୍ତୀ, ଅକ୍ଷର ପଟେଲ ଓ ଯଶପ୍ରୀତ ବୁମରା ଗୋଟିଏ ଲେଖାଏ ଉଇକେଟ ହାତେଇଥିଲେ। ଜବାବରେ ଭାରତକୁ ଅଭିଷେକ ଶର୍ମା ଓ ଶୁବମନ ଗିଲ ବିସ୍ଫୋରକ ଆରମ୍ଭ ପ୍ରଦାନ କରିଥିଲେ। ଦୁହେଁ ୩.୫ ଓଭରରେ ୪୮ ରନ କରିଥିଲେ। ଏକମାତ୍ର ବ୍ୟାଟର ଭାବେ ଅଭିଷେକ ୧୬ ବଲରେ ୨ ଚୌକା ଓ ୩ ଛକା ସହିତ ୩୦ ରନ କରି ପାଭିଲିଅନ କରିଥିଲେ। ତାଙ୍କ ବଲରେ କ୍ରିଜ୍‌କୁ ଓହ୍ଲାଇଥିବା ଅଧିନାୟକ ସୂର୍ଯ୍ୟକୁମାର ୭ ଓ ଗିଲ୍ ୨୦ (୨ ଚୌକା ଓ ୧ ଛକା) ରନ କରି ମ୍ୟାଚ୍ ଫିନିଶ୍ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ୟୁଏଇ: ୧୩.୧ ଓଭରରେ ୫୭/ଅଲଆଉଟ୍ (ଆଲିଶାନ ଶାରଫୁ-୨୨, ମହମ୍ମଦ ୱସିମ-୧୯, କୁଲଦୀପ ଯାଦବ-୪/୭, ଶିବମ ଦୁବେ-୩/୪, ବରୁଣ ଚକ୍ରବର୍ତ୍ତୀ-୪/୧) । ଭାରତ: ୪.୩ ଓଭରରେ ୬୦/୧ (ଅଭିଷେକ ଶର୍ମା-୩୦, ଶୁବମନ ଗିଲ୍-୨୦*, ସୂର୍ଯ୍ୟକୁମାର ଯାଦବ-୭*, ଜୁନେଦ ସିଦ୍ଦିକି-୧/୧୬)।


ଉଇକେଟ ନେବା ପରେ କୁଲଦୀପ ଯାଦବଙ୍କୁ ସାଥୀ ଖେଳାଳିଙ୍କ ବଧେଇ।

# ଭାରତ ପାଇଁ ପଦକ ନିଶ୍ଚିତ କଲେ ନୂପୁର

**ଲିଭରପୁଲ୍, ୧୦।୯(ପି.ଟି.)**

**ବିଶ୍ୱ ବକ୍ସିଂ ଚାମ୍ପିୟନଶିପ୍**

ଏଠାରେ ଅନୁଷ୍ଠିତ ବିଶ୍ୱ ବକ୍ସିଂ ଚାମ୍ପିୟନଶିପ୍‌ରେ ଭାରତ ପାଇଁ ପ୍ରଥମ ପଦକ ନିଶ୍ଚିତ କରିଛନ୍ତି ହେଭିୱେଟ୍ ବକ୍ସର ନୂପୁର ଶେଓରାନ୍। ବୁଧବାର ଅନୁଷ୍ଠିତ ୮୦+ କେଜି ମହିଳା ବର୍ଗର କ୍ୱାର୍ଟର ଫାଇନାଲ ଲଢ଼େଇରେ ସେ ଉଜ୍‌ବେକିସ୍ତାନର ଓଲ୍ଟିନୟ ସୋଟିମବୋୟେଭାଙ୍କୁ ପରାସ୍ତ କରିଛନ୍ତି। କିମ୍ବଦନ୍ତୀ ବକ୍ସର ହାୱା ସିଂଙ୍କ ୩୬ ବର୍ଷୀୟା ନାତୁଣୀ ନୂପୁର ସିଧାସଳଖ କ୍ୱାର୍ଟର ଫାଇନାଲ ଖେଳିବାକୁ ସୁଯୋଗ ପାଇଥିଲେ। ଏହି ମୁକାବିଲାରେ ସେ ଉଜ୍‌ବେକ୍ ପ୍ରତିଦ୍ୱନ୍ଦ୍ୱୀଙ୍କୁ ୪-୧ରେ ହରାଇ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଫଳରେ ସେ ଅତିକମ୍‌ରେ ଗୋଟିଏ ବ୍ରୋଞ୍ଜ ପଦକ ପାଇବା ନିଶ୍ଚିତ ହୋଇଛି। ୮୦+ କେଜି ଏକ ଅଣ ଅଲିମ୍ପିକ୍ସ ବର୍ଗ ହୋଇଥିବାରୁ ମାତ୍ର ୧୦ ବକ୍ସର ଭାଗ ନେଇଛନ୍ତି। ପୂରା ଲଢ଼େଇରେ ନୂପୁର ପ୍ରଭାବୀ ପ୍ରଦର୍ଶନ କରିଥିଲେ। ଅନ୍ତିମ ପର୍ଯ୍ୟାୟରେ କ୍ଲିନର ପଞ୍ଚ୍ ମାରି ସେ ମୂଲ୍ୟବାନ୍ ପଏଣ୍ଟ ହାସଲ କରିନେଇଥିଲେ। ମଙ୍ଗଳବାର ରାତିରେ ଯଦୁମଣି ସିଂ (୪୮ କେଜି) ଓ ଅବିନାଶ ଜମୱାଲ (୬୫ କେଜି) ବିଜୟ ସହ ପୁରୁଷ ବର୍ଗର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ତେବେ ଜୁଗ୍‌ନୁ ଆଲାୱତ୍ (୮୫ କେଜି)ଙ୍କ ଅଭିଯାନ ପ୍ରଥମ ରାଉଣ୍ଡରୁ ଶେଷ ହୋଇଛି। ଦୁଇଥର ବିଶ୍ୱ ଚାମ୍ପିୟନ ନିଖତ୍ ଜରିନ, ରାଜ୍ୟଗୋଷ୍ଠୀ କ୍ରୀଡ଼ା ବ୍ରୋଞ୍ଜ୍ ମେଡାଲିଷ୍ଟ ଯସ୍ମିନ୍ ଲାମ୍ବୋରିଆ, ପୂଜାରାଣୀ ଓ ଜମୱାଲ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି।


ନୂପୁର ଶେଓରାନ୍

**ପ୍ରୋ କବାଡ଼ି ଲିଗ୍**

## ତେଲୁଗୁ ଟାଇଟନ୍ସ, ପୁନେରୀ ପଲ୍‌ଟନ ବିଜୟୀ

**ଭାଇଜାଗ୍, ୧୦।୯**

ପ୍ରୋ କବାଡ଼ି ଲିଗ୍‌ର ବୁଧବାର ଅନୁଷ୍ଠିତ ମ୍ୟାଚରେ ତେଲୁଗୁ ଟାଇଟନ୍ସ ୪୫-୩୭ ପଏଣ୍ଟରେ ୟୁ ମୁମ୍ବାକୁ ପରାସ୍ତ କରିଛି। ଏଥିସହ ଲିଗ୍‌ର ଭାଇଜାଗ୍ ପର୍ଯ୍ୟାୟ ଶେଷ ହୋଇଛି। ଭରତ ହୁଡା ୧୩, ଚେତନ ସାହୁ ୬ ଓ ଅଧିନାୟକ ବିଜୟ ମଲିକ ୫ ପଏଣ୍ଟ ହାସଲ କରି ଟାଇଟନ୍ସକୁ କ୍ରମାଗତ ତୃତୀୟ ବିଜୟ ଭେଟି ଦେଇଥିଲେ। ମ୍ୟାଚରେ ଭରତଙ୍କ ପ୍ରଦର୍ଶନ ଚମତ୍କାର ରହିଥିଲା। କ୍ରମାଗତ ୨ ପରାଜୟ ପରେ ୩ ବିଜୟ ହାସଲ କରିଥିବାରୁ ଟାଇଟନ୍ସ ୬ ପଏଣ୍ଟରେ ପହଞ୍ଚି ଯାଇଛି। ଅନ୍ୟପକ୍ଷରେ ପ୍ରଦର୍ଶନରେ ସ୍ଥିରତା ବଜାୟ ରଖି ନ ପାରିବାରୁ ୟୁ ମୁମ୍ବା ୬ ପଏଣ୍ଟରେ ଅପରିବର୍ତ୍ତିତ ରହିଛି। ଅନ୍ୟ ଏକ ମ୍ୟାଚ୍‌ରେ ପୁନେରୀ ପଲ୍‌ଟନ ୪୩-୩୨ ପଏଣ୍ଟରେ ୟୁପି ଯୋଦ୍ଧାସକୁ ପରାସ୍ତ କରିଛି। ପଲଟନ୍ ପକ୍ଷରୁ ଆଦିତ୍ୟ ସିନ୍ଦେ ସର୍ବାଧିକ ୧୨, ପଙ୍କଜ ମୋହିତେ ୧୦, ଗୌରବ ଖତ୍ରୀ ୫ ପଏଣ୍ଟ ହାସଲ କରିଥିଲେ। ପଲ୍‌ଟନ ୮ ପଏଣ୍ଟ ସହ ଟେବୁଲର ଶୀର୍ଷକୁ ଉନ୍ନିତ ହୋଇଛି।

# କୋରିଆକୁ ୪-୨ରେ ହରାଇଲା ଭାରତ

**ହାଙ୍ଗଝୋ, ୧୦।୯**

**ଏସିଆ କପ୍ ମହିଳା ହକି ସୁପର-୪**

ଏଠାରେ ଚାଲିଥିବା ଏସିଆ କପ୍ ମହିଳା ହକିର ସୁପର-୪ ପର୍ଯ୍ୟାୟ ବୁଧବାର ଆରମ୍ଭ ହୋଇଛି। ପ୍ରଥମ ଦିନ ମ୍ୟାଚରେ ଭାରତ ୪-୨ ଗୋଲରେ ଦକ୍ଷିଣ କୋରିଆକୁ ହରାଇ ଅଭିଯାନ ଆରମ୍ଭ କରିଛି। ଫଳରେ ଭାରତକୁ ୩ ପଏଣ୍ଟ ମିଳିଛି। ଆରମ୍ଭରୁ ଆକ୍ରମଣାତ୍ମକ ଖେଳିଥିବା ଭାରତ ୨ୟ ମିନିଟ୍‌ରେ ପେନାଲ୍ଟି କର୍ନର ସୁଯୋଗ ସୃଷ୍ଟି କରିଥିଲା। ବୈଷ୍ଣବୀ ଭିଥାଲ ଫାଲ୍‌କେ ଏହାକୁ ଗୋଲରେ ପରିଣତ କରି ଦଳକୁ ଅଗ୍ରଣୀ କରିଥିଲେ। ପ୍ରଥମାର୍ଦ୍ଧ ପର୍ଯ୍ୟନ୍ତ ଭାରତ ଏହି ଏକମାତ୍ର ଗୋଲରେ ଅଗ୍ରଣୀ ରହିଥିଲା। ତୃତୀୟ କ୍ୱାର୍ଟର ଆରମ୍ଭରେ ଅର୍ଥାତ୍ ୩୩ତମ ମିନିଟ୍‌ରେ ସଙ୍ଗୀତା କୁମାରୀ ଏକ ଫିଲ୍ଡ ଗୋଲ ଦେଇ ଭାରତର ଅଗ୍ରଣୀ ବ୍ୟବଧାନକୁ ବୃଦ୍ଧି କରିଥିବାବେଳେ ଏହାର ଅଳ୍ପ କିଛି ସେକେଣ୍ଡ ମଧ୍ୟରେ କୋରିଆ ଏକ ପେନାଲ୍ଟି କର୍ନର ସୁଯୋଗ ସୃଷ୍ଟି କରିଥିଲା। ଏଥିରୁ ଗୋଟିଏ ଗୋଲ ପରିଶୋଧ କରିଥିଲେ କିମ୍ ୟୁଜିନ। ତେବେ ୪୦ତମ ମିନିଟ୍‌ରେ ଲାଲ୍‌ରେମସିଆମି ଏକ ଫିଲ୍ଡ ଗୋଲ ମାଧ୍ୟମରେ ଭାରତର ଅଗ୍ରଣୀ ବ୍ୟବଧାନକୁ ୩-୧ରେ ପହଞ୍ଚାଇ ଦେଇଥିଲେ। ୪ର୍ଥ ତଥା ଅନ୍ତିମ କ୍ୱାର୍ଟରରେ ଉଭୟ ଦଳ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ୫୩ତମ ମିନିଟରେ କିମ୍ ୟୁଜିନ ପେନାଲ୍ଟି କର୍ନରରୁ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ସ୍କୋର କରିଥିବାବେଳେ ୫୯ତମ ମିନିଟ୍‌ରେ ଭାରତର ଋତୁଜା ଦାଦାସୋ ପିସାଲ ସେହି ପେନାଲ୍ଟି କର୍ନରରୁ ଏକ ଗୋଲ ଦେଇ ଭାରତର ବିଜୟକୁ ନିଶ୍ଚିତ କରିଦେଇଥିଲେ। ୫ମରୁ ୮ମ ସ୍ଥାନ ପାଇଁ ଅନୁଷ୍ଠିତ ୨ଟି କ୍ଲାସିଫିକେଶନ ମ୍ୟାଚ୍‌ରେ ମାଲେସିଆ ୫-୧ରେ ସିଙ୍ଗାପୁର ଏବଂ ଥାଇଲାଣ୍ଡ ୨-୧ରେ ଚାଇନିଜ୍ ତାଇପେକୁ ପରାସ୍ତ କରିଛି।


ଭାରତ-ଦକ୍ଷିଣ କୋରିଆ ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

# ଏସ୍‌ଆର୍ ଅଲ୍ ଓଡ଼ିଶା ଓପନ୍ ଫିଡେ ରେଟିଂ ଚେସ୍ ୨୭ରୁ

**ଭୁବନେଶ୍ୱର, ୧୦।୯(ତପନ ସ୍ୱାଇଁ)**

■ **୨,୦୦,୧୦୦ ଅର୍ଥ ପୁରସ୍କାର ସହ ୮୯ ଟ୍ରଫି ଓ ୫୪ ପଦକ ପ୍ରଦାନ କରାଯିବ**

ଚଳିତ ମାସ ୨୭ରୁ ୩୦ ପର୍ଯ୍ୟନ୍ତ ଫୁଲନଖରାସ୍ଥିତ କୁରାଙ୍ଗ ଶାସନ ଆମ୍ରପଲ୍ଲୀ ରିସର୍ଟରେ ପ୍ରଥମ ଏସ୍‌ଆର୍ ଅଲ୍ ଓଡ଼ିଶା ଓପନ୍ ଫିଡେ ରେଟିଂ ଚେସ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ରାଜ୍ୟର ପ୍ରତିଷ୍ଠିତ ଚେସ୍ ପ୍ରଶିକ୍ଷଣ କେନ୍ଦ୍ର ଏସ୍‌ଆର୍ ଚେସ୍ ସେଣ୍ଟର ଆନୁକୂଲ୍ୟରେ ହେବାକୁ ଯାଉଥିବା ଏହି ପ୍ରତିଯୋଗିତା ଭାଗ୍ୟଶ୍ରୀ ମେମୋରିଆଲ୍ ନାମରେ ପରିଚିତ ହେବ। ବିଶ୍ୱ ଚେସ୍ ସଂଘ, ସର୍ବଭାରତୀୟ ଚେସ୍ ମହାସଂଘ ଓ ରାଜ୍ୟ ଚେସ୍ ସଂଘର ସ୍ୱୀକୃତିପ୍ରାପ୍ତ ଏହି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ୨,୦୦,୧୦୦ ଟଙ୍କାର ଅର୍ଥ ପୁରସ୍କାର ସହ ୮୯ଟି ଆକର୍ଷଣୀୟ ଟ୍ରଫି ଏବଂ ୫୪ଟି ପଦକ ପୁରସ୍କାର ଆକାରରେ ପ୍ରଦାନ କରାଯିବ। ଏହାଛଡ଼ା ଚାମ୍ପିୟନ ଖେଳାଳିଙ୍କୁ ସ୍ୱତନ୍ତ୍ର ଚେସ୍ ଟ୍ରଫି, ପଦକ ଓ ମୁକୁଟ ସହ ୩୦,୦୦୦ ଟଙ୍କା ଦିଆଯାଇ ପୁରସ୍କୃତ କରାଯିବ। ରନରଅପ୍‌ଙ୍କୁ ୨୦,୦୦୦ ଏବଂ ୩ୟ ସ୍ଥାନର ଖେଳାଳିଙ୍କୁ ୧୫,୦୦୦ ଟଙ୍କା ସହ ଟ୍ରଫି ଓ ପଦକ ଦିଆଯିବ। ଏହା ବ୍ୟତୀତ ବିଭିନ୍ନ ବୟସବର୍ଗର କୃତୀ ପ୍ରତିଯୋଗୀଙ୍କ ପାଇଁ ଆକର୍ଷଣୀୟ ପୁରସ୍କାର ମାନ ରହିଛି। ସେହିପରି ରେଟିଂ ବର୍ଗରେ ପ୍ରଥମ ୩ ସ୍ଥାନ ଅଧିକାର କରିବା ଖେଳାଳିଙ୍କୁ ଯଥାକ୍ରମେ ୨୫୦୦, ୧୫୦୦ ଓ ୧୧୦୦ ଟଙ୍କା ଏବଂ ପଦକ ପ୍ରଦାନ କରାଯିବ ବୋଲି ଏସ୍‌ଆର୍ ଚେସ୍ ସେଣ୍ଟରର ସଭାପତି ଶୁଭାଶିଷ ପଟ୍ଟନାୟକ ପ୍ରକାଶ କରିଛନ୍ତି। ରାଜ୍ୟର ଯେ କୌଣସି ଖେଳାଳି ୧୦୦୦ ଟଙ୍କାର ଏଣ୍ଟ୍ରି ଫି' ଦେଇ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ। ୮ ରାଉଣ୍ଡ ଭିତ୍ତିକ ପ୍ରତିଯୋଗିତା ଅବସରରେ ସ୍ପୋର୍ଟ୍ସ ଜର୍ନାଲିଷ୍ଟ ବେଣୁଧର ଦାଶ, ଅଜୟ କୁମାର ଦାସ ଏବଂ କିଟ୍ ଓ କିସ୍‌ର କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶଙ୍କୁ ସ୍ୱତନ୍ତ୍ର ଭାବେ ଏସ୍‌ଆର୍ ଚେସ୍ ସମ୍ମାନରେ ସମ୍ବର୍ଦ୍ଧିତ କରାଯିବ ବୋଲି ସେଣ୍ଟରର ସମ୍ପାଦକ ସତ୍ୟରଞ୍ଜନ ପଟ୍ଟନାୟକ ପ୍ରକାଶ କରିଛନ୍ତି।

# ଖେଲୋ ଇଣ୍ଡିଆ ମହିଳା ଭାରୋତ୍ତୋଳନ ସିଟି ଲିଗ୍


କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

**ଭୁବନେଶ୍ୱର, ୧୦।୯(ତପନ ସ୍ୱାଇଁ)**

ଖେଲୋ ଇଣ୍ଡିଆ ଅସ୍ମିତା ମହିଳା ଭାରୋତ୍ତୋଳନ ସିଟି ଲିଗ୍-୨୦୨୫-୨୬ର କଟକ ସଂସ୍କରଣ କଟକସ୍ଥିତ କଳିଙ୍ଗ ଜିମ୍ନାସିୟମ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଖେଲୋ ଇଣ୍ଡିଆ ଦ୍ୱାରା ଦେଶର ମହିଳା କ୍ରୀଡ଼ାବିତ୍‌ଙ୍କର ଉତ୍ସାହ ଓ ଅଭିଜ୍ଞତା ବଢ଼ାଇବା ନିମନ୍ତେ ଏହି ପ୍ରତିଯୋଗିତା ଆୟୋଜନ କରାଯାଉଛି। କଟକ ଜିଲା ଭାରୋତ୍ତୋଳନ ସଂଘ ଦ୍ୱାରା ଆୟୋଜିତ ଏହି ପ୍ରତିଯୋଗିତାରେ ୩୫ ବାଳିକା ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଜିଲା କ୍ରୀଡ଼ା ଅଧିକାରୀ ଅଜୟ କୁମାର ବେହେରା, ପୂର୍ବତନ ଏସ୍‌ପି ଭକ୍ତ ବତ୍ସଳ ଦାସ, ରାଜ୍ୟ ଭାରୋତ୍ତୋଳନ ସଂଘ ସଭାପତି ଚିତ୍ତରଞ୍ଜନ ସ୍ୱାଇଁ, ସମ୍ପାଦକ ଗୋପାଳକୃଷ୍ଣ ଦାସ, ଜିଲା ସଂଘ ସଭାପତି ରାଜକିଶୋର ଦାସ, ସମ୍ପାଦକ ବିରଜା ପ୍ରସାଦ ଦାସ ଓ ଅଲିମ୍ପିଆନ୍ କେ. ରବି କୁମାର ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ କଟକ ମହାନଗର ନିଗମ ମେୟର ସୁବାସ ଚନ୍ଦ୍ର ସିଂ ଅତିଥିଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

## ବଡ଼ ବିଜୟ ସତ୍ତ୍ୱେ ଭାରତର ବିଦାୟ

**ଦୋହା,୧୦।୯(ପି.ଟି.):** ୨୩ ବର୍ଷରୁ କମ୍ ଭାରତୀୟ ପୁରୁଷ ଫୁଟ୍‌ବଲ ଦଳ ବୁଧବାର ବ୍ରୁନେଇ ଦାରୁସଲାମକୁ ୬-୦ ଗୋଲରେ ହରାଇବା ସତ୍ତ୍ୱେ ଏଏଫ୍‌ସି ଅଣ୍ଡର-୨୩ ଏସିଆନ କପ୍ କ୍ୱାଲିଫାୟର୍ସରୁ ବିଦାୟ ନେଇଛି। ୩ ମ୍ୟାଚ୍‌ରୁ ୨ ବିଜୟ ଓ ୬ ପଏଣ୍ଟ ସହ ଗ୍ରୁପ୍ ପର୍ଯ୍ୟାୟ ଅଭିଯାନ ଶେଷ କରିଥିବା ଭାରତୀୟ ଦଳକୁ କାତାର ଓ ବାହାରିନ୍ ମଧ୍ୟରେ ଅବଦୁଲା ବିନ୍ ଖଲିଫା ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚ୍‌ର ଫଳାଫଳକୁ ଅପେକ୍ଷା କରିବାକୁ ପଡ଼ିଥିଲା। ଏହି ମ୍ୟାଚ୍‌କୁ କାତାର ୨-୧ ଗୋଲରେ ଜିତିବା ସହ ଗ୍ରୁପ୍-ଏଚ୍'ର ଶୀର୍ଷରେ ରହିଥିବା ବେଳେ ଭାରତ ଦ୍ୱିତୀୟ ସ୍ଥାନରେ ରହିଥିଲା। ସମସ୍ତ ୧୧ ଗ୍ରୁପ୍‌ର ଟପ୍ ଦଳ ସହିତ ଦ୍ୱିତୀୟ ସ୍ଥାନରେ ରହି ଅଭିଯାନ ଶେଷ କରିଥିବା ୪ ଶ୍ରେଷ୍ଠ ଦଳ ପରବର୍ତ୍ତୀ ରାଉଣ୍ଡରେ ପ୍ରବେଶ କରିଥିଲେ। କିନ୍ତୁ ଭାରତ ପଞ୍ଚମ ସ୍ଥାନରେ ରହିଯାଇଥିଲା।

# ଓଡ଼ିଶାକୁ ୧ ସ୍ୱର୍ଣ୍ଣ ସହ ୯ ପଦକ

**ଭୁବନେଶ୍ୱର, ୧୦।୯ (ତପନ ସ୍ୱାଇଁ)**

**ଜାତୀୟ ଜୁନିୟର ପାରା ବ୍ୟାଡ୍‌ମିଣ୍ଟନ**

ଉତ୍ତର ପ୍ରଦେଶର ଲକ୍ଷ୍ନୌଠାରେ ୨ୟ ଜାତୀୟ ଜୁନିୟର ଏବଂ ୟୁଥ୍ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ବୁଧବାର ଶେଷ ହୋଇଛି। ଏଥିରେ ଓଡ଼ିଶା ପ୍ରତିଯୋଗୀମାନେ ୧ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୫ ବ୍ରୋଞ୍ଜ ଏହିପରି ମୋଟ ୧୦ଟି ପଦକ ହାସଲ କରିଛନ୍ତି। ସୌମ୍ୟରଞ୍ଜନ ମହାକୁଲ ୧୭ ବର୍ଷରୁ କମ୍ ଏସଏଲ୍-୩ରେ ରୌପ୍ୟ ଏବଂ ୧୯ ବର୍ଷରୁ କମ୍ ଏସଏଲ୍-୩ରେ ବ୍ରୋଞ୍ଜ ପଦକ ଜିତିଛନ୍ତି। ବିଭାସିନ୍ଧୁ ବାରିକ ୧୯ ବର୍ଷରୁ କମ୍ ଏସଏଲ୍-୩ ସିଙ୍ଗଲ୍ସରେ ରୌପ୍ୟ ଏବଂ ହରିୟାଣାର କାର୍ତ୍ତିକ ସୁହାଗଙ୍କୁ ସାଥିକରୀ ଡବଲ୍ସରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେହିପରି ବିଭାସିନ୍ଧୁ ୟୁଥ୍ ଡବଲ୍ସରେ ମଧ୍ୟ ବ୍ରୋଞ୍ଜ ପଦକ ପାଇଛନ୍ତି। ଆକାଶ ରଞ୍ଜନ ମୁଣ୍ଡ ୟୁଥ୍ ଏସଏଲ୍-୩ରେ ବ୍ରୋଞ୍ଜ, ଅଜୟ କୁମାର ପ୍ରଧାନ ୧୯ ବର୍ଷରୁ କମ୍ ଏସ୍‌ୟୁ-୫ ଡବଲ୍ସରେ ବ୍ରୋଞ୍ଜ ଏବଂ ରାଣୀ ଗାର୍ଡିଆ ୧୯ ବର୍ଷରୁ କମ୍ ବାଳିକା ଏସଏଲ୍-୪ ଏବଂ ଏସୟୁ-୫ ସିଙ୍ଗଲ୍ସରେ ରୌପ୍ୟ ଏବଂ ୟୁଥ୍ ବର୍ଗରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ପାରା ସ୍ପୋର୍ଟ୍ସ ଆସୋସିଏଶନ ପକ୍ଷରୁ ପଦକ ବିଜୟୀ ଖେଳାଳିଙ୍କ ସହ କୋଚ୍ ଅମରେନ୍ଦ୍ର ବେହେରା ଓ ପ୍ରତୀକ ବେହେରାଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।


କୋଚ୍‌ଙ୍କ ସହ ପଦକ ବିଜୟୀ ଓଡ଼ିଶା ପାରା ବ୍ୟାଡ୍‌ମିଣ୍ଟନ ଖେଳାଳି।







Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ